

ଦୁଇଟି ପାର୍ଟରେ ଆସିବ ଧୁରନ୍ଧର

ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-145 ♦FRIDAY ♦21 NOVEMBER 2025 ♦PAGE-12 ♦₹ 6.00

PANIKOILI

♦ବର୍ଷ-୪୩ ♦ସଂଖ୍ୟା-୧୪୫ ♦ଶୁକ୍ରବାର ♦୨୧ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


### ବିଲ୍ ଅନୁମୋଦନ ମାମଲାରେ ରାଷ୍ଟ୍ରପତିଙ୍କୁ ମତାମତ ଦେଲେ ସୁପ୍ରିମକୋର୍ଟ

# ରାଷ୍ଟ୍ରପତି, ରାଜ୍ୟପାଳଙ୍କ ପାଇଁ ସମୟସୀମା ଧାର୍ଯ୍ୟ କରାଯାଇପାରିବ ନାହିଁ



**ଅହେତୁକ ବିଳମ୍ବ ହେଲେ ହସ୍ତକ୍ଷେପ କରିପାରିବେ କୋର୍ଟ**

■ ନୂଆଦିଲ୍ଲୀ, ୨୦।୧୧ (ଏଜେନ୍ସି): ରାଜ୍ୟ ବିଧାନସଭା ଦ୍ୱାରା ଗୃହୀତ ବିଲ ଉପରେ ନିଷ୍ପତ୍ତି ନେବାଲାଗି ରାଷ୍ଟ୍ରପତି କିମ୍ବା ରାଜ୍ୟପାଳଙ୍କ ପାଇଁ ସମୟ ସୀମା ଧାର୍ଯ୍ୟ କରାଯାଇପାରିବ ନାହିଁ। ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ କୋର୍ଟ ସେମାନଙ୍କୁ ଏଥିଲାଗି ବାଧ୍ୟ କରିପାରିବେ ନାହିଁ। ତେବେ ବିନା କାରଣରେ ଏହି ବିଲ୍ ଉପରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ବସିପାରିବେ ନାହିଁ ରାଜ୍ୟପାଳ। ଏଭଳି ପରିସ୍ଥିତି ସୃଷ୍ଟି ହେଲେ ଅଦାଲତ ହସ୍ତକ୍ଷେପ କରିପାରିବେ ଏବଂ ଯୁକ୍ତିଯୁକ୍ତ ସମୟ ମଧ୍ୟରେ ବିଲ୍ ଉପରେ ନିଷ୍ପତ୍ତି ନେବାଲାଗି ରାଜ୍ୟପାଳଙ୍କୁ ନିର୍ଦ୍ଦେଶ ଦେଇପାରିବେ। ରାଷ୍ଟ୍ରପତିଙ୍କ ପ୍ରେସିଡେନସିଆଲ ରେଫେରେନ୍ସର ଉତ୍ତର ଦେବାକୁ ଯାଇ ସୁପ୍ରିମ କୋର୍ଟ ଆଜି ଏଭଳି ମତାମତ ଦେଇଛନ୍ତି।

ରାଜ୍ୟ ବିଧାନସଭା ଦ୍ୱାରା ଅନୁମୋଦିତ ବିଲ ଉପରେ ନିଷ୍ପତ୍ତି ନେବା ଲାଗି କୋର୍ଟ ରାଷ୍ଟ୍ରପତି କିମ୍ବା ରାଜ୍ୟପାଳଙ୍କ କ୍ଷେତ୍ରରେ ସମୟସୀମା ଧାର୍ଯ୍ୟ କରିପାରିବେ କି? ପ୍ରେସିଡେନସିଆଲ ରେଫେରେନ୍ସ ଜରିଆରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ପ୍ରଶ୍ନକୁ ନେଇ ଲୋଡ଼ିଥିବା ମତାମତ ଉପରେ ପ୍ରଧାନ ବିଚାରପତି ଜଷ୍ଟିସ ବିଆର ଗଭାଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସମ୍ବିଧାନ ବେଞ୍ଚ ଆଜି ଉପରୋକ୍ତ ମତ ଦେଇଛନ୍ତି। ଜଷ୍ଟିସ ଗଭାଇ କହିଲେ ଯେ ବିଧାନସଭା ବିଲ୍ ପଠାଇଲେ ଏହା ଉପରେ ରାଜ୍ୟପାଳ ଅନିର୍ଦ୍ଦିଷ୍ଟ କାଳ ପାଇଁ ବସିପାରିବେ ନାହିଁ। ତାଙ୍କ ପାଖରେ ତିନିଟି ବିକଳ୍ପ ରହିଛି। ବିଲ ଉପରେ ମୋହର ମାରିବେ, ଅନୁଧ୍ୟାନ ପାଇଁ ରାଷ୍ଟ୍ରପତିଙ୍କ ପାଖକୁ ପଠାଇବେ ନଚେତ ବିଲ୍ ଫେରାଇଦେବେ। ▶ପୃଷ୍ଠା-୭

# ହିତାଧିକାରୀଙ୍କୁ ରାସନ କାର୍ଡ ଛନକା

## ରାସନ କାର୍ଡ କାଟିବାକୁ ଘରଘର ବୁଲୁଛନ୍ତି ସରକାରୀ ଅଧିକାରୀ

■ ଭୁବନେଶ୍ୱର, ୨୦।୧୧ (ସମିସ): ସାରା ରାଜ୍ୟରେ ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ଘାରିଛି ରାସନ କାର୍ଡ ଛନକା। କେୱାଇସି ଯାଞ୍ଚ କରିବା ଓ ସରକାରୀ ନଥିପତ୍ରରେ ଅଯୋଗ୍ୟ ମନେ ହେଉଥିବା ପ୍ରାୟ ୧୦ ଲକ୍ଷ ହିତାଧିକାରୀଙ୍କୁ କାଟିବା ପାଇଁ ସରକାରୀ ଅଧିକାରୀମାନେ ଘରଘର ବୁଲିବା ଆରମ୍ଭ କରିଛନ୍ତି ବୋଲି କୁହାଯାଉଛି। କେନ୍ଦ୍ର ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ରାଜ୍ୟର ୯୨.୮୯ ଲକ୍ଷ ହିତାଧିକାରୀ ସାମିଲ ଥିବାବେଳେ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ୯.୭୬ ଲକ୍ଷ ହିତାଧିକାରୀଙ୍କୁ ମାଗଣା ଚାଉଳ ଯୋଗାଇ ଦିଆଯାଉଛି। ତେବେ ମାସିକ ୧୦ ହଜାର ଟଙ୍କାରୁ ଅଧିକ ରୋଜଗାର, ୨ରୁ ବଖରାରୁ ଅଧିକ ପକ୍କା ଘର, ୩ ଚକିଆ ଗାଡ଼ି, ମୋଟର ଚାଳିତ ଡଙ୍ଗା ଓ କୃଷି ଯନ୍ତ୍ରପାତି ଆଦି ରହିଥିଲେ ରାସନ କାର୍ଡ କଟିବ ବୋଲି ଏବେ ପ୍ରଚାର ହେଉଛି। ସେହିପରି ଅଢେଇ ଏକର



**ସାରା ରାଜ୍ୟରୁ ବାଦ ପଡ଼ିବେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀ**

ଜମି ଥିବା ହିତାଧିକାରୀମାନେ ମଧ୍ୟ ରାସନ କାର୍ଡରୁ ବାଦ ପଡ଼ିବେ ବୋଲି ସରକାରୀ ଅଧିକାରୀମାନେ କହୁଛନ୍ତି। ଯାହାକୁ ନେଇ ହିତାଧିକାରୀଙ୍କ ମନରେ ଛନକା ସୃଷ୍ଟି କରିଛି।

ସୂଚନା ଅନୁଯାୟୀ କେନ୍ଦ୍ର ସରକାର ସାରା ଦେଶ ପାଇଁ ଏକ ସନ୍ଦିଗ୍ଧ ତାଲିକା ପ୍ରସ୍ତୁତ କରିଛନ୍ତି। ଏହି ତାଲିକାରେ ଦେଶର ୧ କୋଟି ୧୭ ଲକ୍ଷ ହିତାଧିକାରୀଙ୍କ ନାମ ରହିଛି। ଏହି ସନ୍ଦିଗ୍ଧ ତାଲିକାରେ ଥିବା ହିତାଧିକାରୀମାନେ ରାସନ ପାଇବା ପାଇଁ ଯୋଗ୍ୟ ନ ଥିବା କେନ୍ଦ୍ର ସରକାର ଅନୁଭବ କରୁଛନ୍ତି। ଅର୍ଥାତ ଏହି ତାଲିକାରେ ଥିବା ହିତାଧିକାରୀମାନେ ଅଯୋଗ୍ୟ ହୋଇ ମଧ୍ୟ ରାସନ ସାମଗ୍ରୀ ନେଉଥିବା ନେଇ କେନ୍ଦ୍ର କହିଛି। ଏଥିପାଇଁ ରାଜ୍ୟଗୁଡ଼ିକୁ ଏହି ତାଲିକା ପ୍ରଦାନ କରିବା ସହ ତାଲିକାରେ ଥିବା ହିତାଧିକାରୀଙ୍କ ସ୍ଥିତି ଯାଞ୍ଚ କରି ସେମାନଙ୍କୁ ତାଲିକାରୁ ହଟାଇବାକୁ ନିର୍ଦ୍ଦେଶ ଥିବା ଜଣାପଡ଼ିଛି। ଆୟକର ବିଭାଗ, ପରିବହନ ବିଭାଗ ଓ କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ ଆଦି ବିଭାଗଗୁଡ଼ିକର ତଥ୍ୟକୁ ଆଧାର କରି ଏହି ତାଲିକା ପ୍ରସ୍ତୁତ କରାଯାଇଛି। କେନ୍ଦ୍ର ସରକାରଙ୍କ ଏହି ନିର୍ଦ୍ଦେଶନାମା ପରେ ଓଡ଼ିଶାରେ ସରକାରୀ ସ୍ତରରେ ଧରପଗଡ଼ ଆରମ୍ଭ ହୋଇଛି। ସାରା ରାଜ୍ୟରେ ଅନ୍ୟୂନ ୧୦ ଲକ୍ଷ ହିତାଧିକାରୀଙ୍କ ନାମ ଏହି ସୂଚୀରୁ ବାଦ ଦେବାକୁ ଲକ୍ଷ୍ୟ ଯାଇଥିବା ଅସମର୍ଥିତ ସୂତ୍ରରୁ ସୂଚନା ମିଳିଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଭୁବନେଶ୍ୱର ବିଏମ୍‌ସି ▶ପୃଷ୍ଠା-୭

# ବିହାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ନୀତୀଶ



**୨୬ ମନ୍ତ୍ରୀ ମଧ୍ୟ ନେଲେ ଶପଥ**

**ବିଜେପିର ୧୪, ଜେଡିୟୁର ୮, ଚିରାଗଙ୍କ ୨ମନ୍ତ୍ରୀ ସାମିଲ**

**ମନ୍ତ୍ରିମଣ୍ଡଳରେ ୩ ମହିଳା, ଜଣେ ମୁସଲମାନ**

■ ପାଟନା, ୨୦।୧୧ (ଏଜେନ୍ସି): ନୀତୀଶ କୁମାର ରେକର୍ଡ କରିଛନ୍ତି। ବିଧାନସଭା ନିର୍ବାଚନରେ ବଡ଼ ବିଜୟ ପରେ ପାଟନାର ଗାନ୍ଧୀ ମୈଦାନରେ ଆୟୋଜିତ ଏକ ଭବ୍ୟ କାର୍ଯ୍ୟକ୍ରମରେ ସେ ଗୁରୁବାର ୧୦ମ ଥର ପାଇଁ ବିହାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ଏଥିସହିତ ନୀତୀଶ ଦୀର୍ଘଦିନ ପର୍ଯ୍ୟନ୍ତ କ୍ଷମତାରେ ଥିବା ଦେଶର ଅଷ୍ଟମ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଯଦି ଏହି କାର୍ଯ୍ୟକାଳ ସମ୍ପୂର୍ଣ୍ଣ କରନ୍ତି ତେବେ ସେ ଦୀର୍ଘ ସମୟ ପର୍ଯ୍ୟନ୍ତ କ୍ଷମତାରେ ଥିବା ଭାରତର ପ୍ରଥମ ମୁଖ୍ୟମନ୍ତ୍ରୀ ପାଲଟିବେ। ପୂର୍ବରୁ ଏହି ରେକର୍ଡ ସିକିମ ନେତା ପବନ ଚାମଲିଙ୍ଗଙ୍କ ନାମରେ ରହିଛି। ଏହି ଅବସରରେ ଏନ୍‌ଡିଏ ଶକ୍ତି ପ୍ରଦର୍ଶନ ମଧ୍ୟ କରିଛି। ଏହି ମଞ୍ଚରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ବିଜେପି ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ସମେତ ଅନେକ ବଡ଼ ନେତା ସାମିଲ ହୋଇଥିଲେ। ବିଜେପି ଏବଂ ମେଣ୍ଟ ସହଯୋଗୀଙ୍କ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ମଧ୍ୟ ଏଠାରେ ଉପସ୍ଥିତ ଥିଲେ।

ଆଜି ନୀତୀଶଙ୍କ ସହିତ ୨୬ ମନ୍ତ୍ରୀ ମଧ୍ୟ ଶପଥ ନେଇଛନ୍ତି। ଏମାନଙ୍କ ମଧ୍ୟରେ ବିଜେପି କୋଟାରୁ ୧୪ ଜଣ, ଜେଡିୟୁରୁ ୮, ଚିରାଗ ପାଶ୍ୱାନଙ୍କ ଏଲଜେପିଆରରୁ ୨ ଜଣ, ଜିତନ ରାମ ମାନ୍‌ଝୀଙ୍କ ହାମ୍ ଏବଂ ଉପେନ୍ଦ୍ର କୁଶ୍ୱାହଙ୍କ ଦଳରୁ ଜଣେ ଲେଖାଏଁ ମନ୍ତ୍ରୀ ହୋଇଛନ୍ତି। ଏହି ମନ୍ତ୍ରିମଣ୍ଡଳରେ ତିନି ମହିଳା ଏବଂ ଜଣେ ମୁସଲିମ ▶ପୃଷ୍ଠା-୭

### ସପ୍ତାହେ ପରେ ଶୀତ ଅଧିବେଶନ

# ସରକାରଙ୍କୁ ଘେରିବାକୁ ବିରୋଧୀଙ୍କ ପାଗଭିଡ଼ା

**ଯେଉଁ ପ୍ରସଙ୍ଗକୁ ଛୁଇଁବ, ସେଥିରେ ସରକାର ବିଫଳ: ବିଜେଡି**

**ରାଜ୍ୟବାସୀଙ୍କ ସ୍ୱାର୍ଥ ପ୍ରସଙ୍ଗରେ ଦଳ ବିତର୍କ କରିବ: କଂଗ୍ରେସ**

■ ଭୁବନେଶ୍ୱର, ୨୦।୧୧ (ସମିସ): ଆଉ ସପ୍ତାହେ ପରେ ଅର୍ଥାତ୍ ୨୭ ତାରିଖରୁ ଓଡ଼ିଶା ବିଧାନସଭାର ପଞ୍ଚମ(ଶୀତକାଳୀନ) ଅଧିବେଶନ ଆରମ୍ଭ ହେବ। ବିଭିନ୍ନ ପ୍ରସଙ୍ଗ ଯୋଗୁଁ ଏହି ଅଧିବେଶନଟି ଚର୍ଚ୍ଚାରେ ରହିବାକୁ ଯାଉଥିବା ବେଳେ ସରକାରଙ୍କୁ ଘେରିବାକୁ ବିରୋଧୀ ଏବେଠାରୁ ପାଗ ଭିଡ଼ା ଆରମ୍ଭ କଲେଣି। ଅଧିବେଶନ ପ୍ରାରମ୍ଭରୁ ଗୃହରେ ବିରୋଧୀ ସକ୍ରିୟ ରହିବା ନେଇ ବିରୋଧୀ ବିଜେଡି ଓ କଂଗ୍ରେସ ସୂତ୍ରରୁ ସୂଚନା ମିଳିଛି। ଅପରପକ୍ଷେ ନୂଆପଡ଼ା ଉପନିର୍ବାଚନରେ ବିଶାଳ ବିଜୟକୁ ଶାସକ ଦଳ ବିଜେପି ଉତ୍ସାହିତ ଥିବାବେଳେ ବିରୋଧୀଙ୍କ ସବୁ ଆକ୍ରମଣର ପ୍ରତ୍ୟୁତ୍ତର ଦିଆଯିବ ବୋଲି ଦଳ ଦୃଢ଼ୋକ୍ତି ପ୍ରକାଶ କରିଛି। ଅପରପକ୍ଷେ ଓଡ଼ିଶା ବିଧାନସଭା ଇତିହାସରେ ରାଷ୍ଟ୍ରପତି ପ୍ରଥମଥର ପାଇଁ ଉଦବୋଧନ ଦେବେ ଓ ଅଧିବେଶନରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ବିଲ୍ ଆସିବା ନେଇ ସୂଚନା ମିଳିଛି।

ସୂଚନାଯୋଗ୍ୟ ଯେ ଗତ ମୌସୁମୀ ଅଧିବେଶନ ମାତ୍ର ୭ ଦିନ ଚାଲିଥିବା ବେଳେ ବିରୋଧୀ କଂଗ୍ରେସ ଏବଂ ▶ପୃଷ୍ଠା-୭






### ସୃଷ୍ଟି ହେଲା ଘୂର୍ଣ୍ଣିବଳୟ

# ୨୨ରେ ଲଘୁଚାପ, ୨୪ରେ ଅବପାତ

**୨୮ରୁ ଡିସେମ୍ବର ୪ ମଧ୍ୟରେ ଅଧିକ ବର୍ଷା**

**ଉଠିଲା ପାରଦ; କମିଲା ଶୀତର ପ୍ରଭାବ**

■ ଭୁବନେଶ୍ୱର, ୨୦।୧୧ (ସମିସ): ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ଲଘୁଚାପ ପୂର୍ବରୁ ଗୁରୁବାର ସୃଷ୍ଟି ହୋଇଛି ଏକ ଘୂର୍ଣ୍ଣିବଳୟ। 'ଷ୍ଟ୍ରିଟ୍ ଅଫ୍ ମାଲାକା' ମଧ୍ୟ ଅଂଶରେ ସୃଷ୍ଟି ହୋଇଥିବା ଏହି ଘୂର୍ଣ୍ଣିବଳୟ ଧୀରେ ଧୀରେ ଏହା ବଙ୍ଗୋପସାଗର ମୁହାଁ ହେବ ଏବଂ ଏହାର ପ୍ରଭାବରେ ୨୨ ତାରିଖ ବେଳକୁ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଗୋଟିଏ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ ବୋଲି ପାଣିପାଗ ବିଜ୍ଞାନୀମାନେ ଆକଳନ କରିଛନ୍ତି। ଏହି ଲଘୁଚାପପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରି ୨୪ ତାରିଖ ବେଳକୁ ଆହୁରି ଘନୀଭୂତ ହୋଇ ଦକ୍ଷିଣ ବଙ୍ଗୋପସାଗରର ମଧ୍ୟ ଭାଗରେ ଅବପାତରେ ପରିଣତ ହେବ। ପରବର୍ତ୍ତୀ ୪୮ ଘଣ୍ଟା ମଧ୍ୟରେ ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଅଗ୍ରସର ହୋଇ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଆହୁରି ଅଧିକ ଘନୀଭୂତ ହେବ। ଏହି ଲଘୁଚାପ ସୃଷ୍ଟି ପରେ ଅଧିକ ଘନୀଭୂତ ହେବା ପାଇଁ ସବୁ ପ୍ରକାର ପାଣିପାଗ ସ୍ଥିତି ସୁହାଉ ଥିବାରୁ ଏହା ବାତ୍ୟାରେ ପରିଣତ ହୋଇପାରେ ବୋଲି ମଧ୍ୟ ପ୍ରାଥମିକ ଭାବେ ଆକଳନ କରାଯାଉଛି। ଏହାର ପ୍ରଭାବରେ ଉଭୟ ଆନ୍ଧ୍ର ଓ ଓଡ଼ିଶାର ଅନେକ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ ବିଜ୍ଞାନୀମାନେ ପୂର୍ବାନୁମାନ କରିଛନ୍ତି। ପୁନଶ୍ଚ ଏହା ଯଦି ▶ପୃଷ୍ଠା-୭

### ପୁଲିସ ଚାକିରି ବେପାର

# ଶଙ୍କର, ସୁରେଶ, ସାଗରଙ୍କ ଜାମିନ ଆବେଦନ ଖାରଜ

■ ବ୍ରହ୍ମପୁର, ୨୦।୧୧ (ସମିସ): ବହୁଚର୍ଚ୍ଚିତ ପୁଲିସ ଏସ୍‌ଆଇ କେଳେଙ୍କାରୀ ମାମଲାର ତଦନ୍ତଭାର ସିବିଆଇକୁ ଦେବା ନିମନ୍ତେ ବ୍ରହ୍ମପୁର ଜେଏମଏଫସି କୋର୍ଟରେ ପିଟିସନ ଦାଖଲ କଲା କ୍ରାଇମବ୍ରାଞ୍ଚ। ସେପଟେ ମାମଲାର ତଦନ୍ତ ପାଇଁ ବ୍ରହ୍ମପୁରରେ ପହଞ୍ଚିଛି ସିବିଆଇ ଟିମ୍। ଜଣେ ଓକିଲଙ୍କ ସମେତ ସିବିଆଇର ୪ଜଣିଆ ଟିମ ପ୍ରଥମେ ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ପହଞ୍ଚିଥିଲେ। କୋର୍ଟରେ ସିବିଆଇ ପକ୍ଷରୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଜ୍ଞପ୍ତି ପତ୍ରକୁ ଦାଖଲ କରାଯାଇଥିଲା। ପରେ ଏସଆଇ ପରୀକ୍ଷା କେଳେଙ୍କାରୀର ମାଷ୍ଟରମାଇଣ୍ଡ ଶଙ୍କର ପ୍ରୁଷ୍ଟି, ସିଲିକନ ଟେକ ପ୍ରାଇଭେଟ ଲିମିଟେଡ ମାଲିକ ସୁରେଶଚନ୍ଦ୍ର ନାୟକ, ଦଲାଲ ଅରବିନ୍ଦ ଦାସ ଓ ଏଜେଣ୍ଟ ସାଗର ଗୌଡଙ୍କ ଜାମିନ ଆବେଦନର ଶୁଣାଣି ବେଳେ ସିବିଆଇ ଓକିଲ ଜାମିନ ଆବଦେନକୁ ବିରୋଧ କରିଥିଲେ। ଉଭୟ ପକ୍ଷର ଓକିଲଙ୍କ ଠାରୁ ଶୁଣିବା ପରେ ଭିଜିଲାନ୍ସ ଜଜ୍ ▶ପୃଷ୍ଠା-୭

### ୩୦.୫୦ କୋଟି କ୍ଷତିଭରଣା ନ ଦେବା ମହଙ୍ଗା ପଡ଼ିଲା

# ବାଲି ପଟ୍ଟାଦାରଙ୍କ ଘରେ ଇଡି ଚଢ଼ଉ



■ ବାରିପଦା/ବେତନଟୀ, ୨୦।୧୧ (ସମିସ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ମେରଦା ପଞ୍ଚାୟତ ଡାହିସାହି ଗ୍ରାମର ପୂର୍ବତନ ବାଲିସୈରାତ ଲିଜଧାରୀ ପ୍ରଦୀପ ବିନ୍ଧାଣି ଓରଫ୍ ଭାଲୁଙ୍କ ଘର ଓ ବ୍ୟବସାୟ ପ୍ରତିଷ୍ଠାନରେ ଆଜି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଚଢ଼ଉ କରିଛି। ସଶସ୍ତ୍ର ପୁଲିସ ସହ ୨୦ ଜଣିଆ ଇଡି ତଦନ୍ତକାରୀ ଦଳ ଛାନଭିନ୍ ଜାରି ରଖିଛନ୍ତି। ଗତ ୨୦୨୨ରେ ବୁଢ଼ାବଳଙ୍ଗ ନଦୀରୁ ବେଆଇନ ବାଲି ଉତ୍ତୋଳନକୁ ନେଇ ନ୍ୟାସନାଲ ଗ୍ରୀନ ଟ୍ରିବ୍ୟୁନାଲ (ଏନଜିଟି) ପକ୍ଷରୁ ୩୦.୫୦ କୋଟି ଟଙ୍କାର ଜରିମାନା ରାଶି ପୈଠ ନ କରିବା ତଥା ଇଡି ତରଫରୁ ନୋଟିସ୍ ସତ୍ତ୍ୱେ ହାଜର ନ ହେବାରୁ ଏହି ଚଢ଼ଉ କରାଯାଉଥିବା ଜଣାଯାଇଛି। ଇଡି ଅଧିକାରୀମାନେ ତାଙ୍କ ଖାନତଲାସି କରିବା ସହ ପ୍ରଦୀପ ଓ ତାଙ୍କ ପରିବାର ସଦସ୍ୟଙ୍କୁ ପଚରାଉଚରା କରୁଥିବା ଜଣାଯାଇଛି। ତେବେ ଏ ସଂପର୍କରେ ଇଡି ପକ୍ଷରୁ ଗଣମାଧ୍ୟମକୁ କୌଣସି ସୂଚନା ଦିଆଯାଇନାହିଁ।

ସୂଚନାଯୋଗ୍ୟ, ବଡସାହି ତହସିଲ ଅଧୀନ ବୁଢ଼ାବଳଙ୍ଗ ନଦୀର ଆରପଟ୍ଟା ଓ ଡିଙ୍ଗିରା ବାଲି ସୈରାତରୁ ବେଆଇନ ବାଲି ▶ପୃଷ୍ଠା-୭




ସକାଳ
THE SAKALA
www.sakalaepaper.com

## ୬ ମାସ ମଧ୍ୟରେ ଟ୍ରମ୍ପଙ୍କ ଶିବିରକୁ ଫେରିଲେ ମସ୍କ

ୱାସିଂଟନ, ୨୦।୧୧(ଏଜେନ୍ସି): ଟେସ୍‌ଲା ମୁଖ୍ୟ କାର୍ଯ୍ୟନିର୍ବାହୀ ଏଲନ ମସ୍କ ପୁଣିଥରେ ଆମେରିକା ରାଜନୀତିର କେନ୍ଦ୍ରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ବିବାଦ ଓ ମୁକାବିଲାମୂଳକ ସ୍ଥିତି ପରେ ସେ ରାଜଧାନୀ ୱାସିଂଟନରେ ସାର୍ବଜନୀନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ସାଉଦି ରାଜକୁମାର ମହମ୍ମଦ ବିନ୍ ସଲମାନଙ୍କ ସମ୍ମାନରେ ଆୟୋଜିତ ଟ୍ରମ୍ପଙ୍କ ନୈଶ୍ୟଭୋଜିରେ ମସ୍କ ସାମିଲ ହୋଇଥିଲେ। ମସ୍କ ଏଥିସହ ନିଜର ନୂଆ ପାର୍ଟି ଗଠିବା ଯୋଜନାକୁ ମଧ୍ୟ ରଦ୍ଦ କରିଛନ୍ତି। ୨୦୨୬ରେ ଆୟୋଜନ ହେବାକୁ ଥିବା ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟିର ପ୍ରାର୍ଥୀଙ୍କୁ ସମର୍ଥନ କରିବେ ଓ ଏଥିପାଇଁ ପାଣ୍ଠି ପ୍ରଦାନ କରିବେ ବୋଲି କହିଛନ୍ତି। ଟ୍ରମ୍ପଙ୍କ ସହ ସେ ଆଉ ବିବାଦ ନୁହେଁ ଏବେ ବନ୍ଧୁତ୍ୱ ସ୍ଥାପନ କରିବାକୁ ଇଚ୍ଛୁକ ବୋଲି କହିଛନ୍ତି। ୬ ମାସ ତଳେ ମସ୍କ ଓ ଟ୍ରମ୍ପ ମୁହାଁମୁହିଁ ହୋଇଥିଲେ। ସେତେବେଳେ ଟ୍ରମ୍ପ ପ୍ରଶାସନର ବ୍ୟୁଟିଫୁଲ ବିଲ୍ ଓ ନିଜର ନକଟତର ଜେରେଡ ଆଇଜ୍ୟାକମ୍ୟାନଙ୍କୁ ନାସା ପ୍ରମୁଖ ଭାବେ ଉପସ୍ଥାପନ ନ କରିବାରୁ ମସ୍କ ଅସନ୍ତୁଷ୍ଟ ଥିଲେ ଓ ଦୁହିଁଙ୍କ ମଧ୍ୟରେ ମୁକାବିଲାମୂଳକ ସ୍ଥିତି ଉପଜୁଥିଲା। କେବଳ ସେତିକି ନୁହେଁ, ଟ୍ରମ୍ପ ଯୌନ ଅପରାଧୀ ଜେଫ୍ରି ଏପଷ୍ଟିନ୍‌ଙ୍କ ସମ୍ପର୍କରେ ଥିଲେ ବୋଲି ସେ ଅଭିଯୋଗ କରିଥିଲେ। ଫଳରେ ଦୁହିଁଙ୍କ ସମ୍ପର୍କ ଆହୁରି ଖରାପ ହୋଇଥିଲା। ଏପଷ୍ଟିନଙ୍କ ସହ ଜଡିତ କାଗଜପତ୍ର ଟ୍ରମ୍ପ ଜାରି ଏଥିପାଇଁ କରନାହାନ୍ତି, କାରଣ ସେ ମଧ୍ୟ ଜଡିତ ଅଛନ୍ତି ବୋଲି ମସ୍କ କହି ବିବାଦକୁ ଆହୁରି ଘନୀଭୂତ କରିଥିଲେ।

## ୨୫୨ କୋଟିର ଡ୍ରଗ୍ସ କେସ୍‌ରେ ଓରିଙ୍କୁ ସମନ

ମୁମ୍ବଇ, ୨୦।୧୧ (ଏଜେନ୍ସି): ଇନ୍‌ଫ୍ଲୁଏନ୍ସର ଓରହାନ ଅବତ୍ରମଣି ଓରଫ ଓରିଙ୍କୁ ବୁଧବାର ଆଣ୍ଟି ନାର୍କୋଟିକ୍ସ ସେଲ୍ (ଏଏନସି) ସମନ ଜାରି କରିଛି। ୨୫୨ କୋଟି ଟଙ୍କାର ଡ୍ରଗ୍ସ ମାମଲାରେ ଯାଞ୍ଚ ପରିସରରେ ତାଙ୍କୁ ନିଆଯାଇଛି। ଜେରା ପାଇଁ ଗୁରୁବାର ସକାଳ ୧୦ଟା ସୁଦ୍ଧା ଏଏନସିର ଘାଟକୋପର ସ୍ଥିତ କାର୍ଯ୍ୟାଳୟରେ ହାଜର ହେବାକୁ ଓରିଙ୍କୁ କୁହାଯାଇଥିଲା। ତେବେ ସେ ହଜାର ନ ହୋଇ ଏଥିପାଇଁ ଏଜେନ୍ସିକୁ ଅଧିକ ସମୟ ମାଗିଛନ୍ତି। ୨୫ ତାରିଖ ପରେ ସମୟ ଦେବାକୁ ଅନୁରୋଧ କରିଛନ୍ତି। ରିପୋର୍ଟ ଅନୁଯାୟୀ, ଏଏନସି ଗତ ଅଗଷ୍ଟରେ ଅଣ୍ଡର ୱାର୍ଲ୍ଡ ଡନ୍ ଦାଉଦ ଇବ୍ରାହିମ ସହ କାମ କରୁଥିବା ନିଶା ଦ୍ରବ୍ୟ ଚାଲାଣକାରୀ ସଲିମ ଡୋଲାର ପୁଅ ତାହିର ଡୋଲାକୁ ପ୍ରତ୍ୟର୍ପଣ କରି ଦୁବାଇ ଆଣିଥିଲା। ଜେରା ସମୟରେ ଡୋଲା କହିଥିଲା ଯେ ଭାରତ ଏବଂ ବିଦେଶରେ ଆୟୋଜିତ ଡ୍ରଗ୍ସ ପାର୍ଟିରେ ବଲିଉଡ ଅଭିନେତା, ମଡେଲ୍‌ସ, ର୍‌ୟାପର୍ସ, ଚଳଚ୍ଚିତ୍ର ନିର୍ମାତା ଏବଂ ଦାଉଦର ସହଯୋଗୀ ମଧ୍ୟ ସାମିଲ ହୁଅନ୍ତି। ଏହି ପାର୍ଟିରେ ନିଶାଦ୍ରବ୍ୟ ମେଫେଡ୍ରୋନ ଯୋଗାଣ କରାଯାଇଥାଏ। ଏହି ପାର୍ଟିରେ ସାମିଲ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରେ ଶ୍ରଦ୍ଧା କପୁର, ତାଙ୍କ ଭାଇ ସିଦ୍ଧାର୍ଥ କପୁର, ଅଲିଶା ପାରକର (ହସିନା ପାରକରର ଝିଅ), ନୋରା ଫତେହି, ଓରି, ଚଳଚ୍ଚିତ୍ର ନିର୍ମାତା ଅବ୍ବାସ-ମସ୍ତାନ, ର୍‌ୟାପର ଲୋକା ଏବଂ ବାବା ସିଦ୍ଦିକି ପୁଅ ଜିଶାନ ସିଦ୍ଦିକ ସାମିଲ ହୋଇଥିଲା। ସୂଚନାଯୋଗ୍ୟ ଯେ ୨୦୧୭ ରେ ମୁକ୍ତିଲାଭ କରିଥିବା ଦାଉଦର ଭଉଣୀ ହସିନା ପାରକରରେ ଶ୍ରଦ୍ଧା ହସିନା ଭୂମିକାରେ ଅଭିନୟ କରିଥିଲେ। ତାଙ୍କ ଭାଇ ଦାଉଦ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ। ତେବେ ନୋରା ଏଭଳି କୌଣସି ପାର୍ଟିରେ ଯୋଗ ଦେଇଥିବାର ଖବରକୁ ଖଣ୍ଡନ କରିଦେଇଥିଲେ।

## ଭାରତରୁ ପ୍ରତିଦିନ ୧୫୦ ବେଆଇନ ବାଂଲାଦେଶୀ ଫେରୁଛନ୍ତି: ବିଏସ୍‌ଏଫ୍

ନୂଆଦିଲ୍ଲୀ/କୋଲକାତା, ୨୦।୧୧(ଏଜେନ୍ସି): ପଶ୍ଚିମବଙ୍ଗରେ ଭାରତ ଓ ବାଂଲାଦେଶ ସୀମାରେ ନିୟୋଜିତ ଥିବା ବର୍ଡର ସିକ୍ୟୁରିଟି ଫୋର୍ସ (ବିଏସ୍‌ଏଫ୍) ଏକ ଭିନ୍ନ ପ୍ରକାର ଦାବି କରିଛି। ରାଜ୍ୟରେ ସ୍ପେଶାଲ ଇଣ୍ଟେନସିଭ ରିଭିଜନ (ଏସ୍‌ଆଇଆର) ଚାଲିଥିବାରୁ ଭାରତରେ ରହୁଥିବା ବହୁ ସଂଖ୍ୟାରେ ଅବୈଧ ବାଂଲାଦେଶ ନାଗରିକ ନିଜ ଦେଶକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ଉତ୍ତର ୨୪ ପ୍ରଗଣା, ମୁର୍ସିଦାବାଦ୍ ଓ ମାଲଦା ଜିଲ୍ଲାର ବିନା ବାଡ଼ ଥିବା ଅଞ୍ଚଳ ଦେଇ ଏମାନେ ପ୍ରତ୍ୟାବର୍ତ୍ତନ କରୁଛନ୍ତି ବୋଲି ବିଏସ୍‌ଏଫ୍ ତରଫରୁ କୁହାଯାଇଛି। ଏବେ ପ୍ରତିଦିନ ୧୫୦ ବାଂଲାଦେଶୀ ନଜ ଘରକୁ ଫେରୁଛନ୍ତି। ଚେକ୍ ପୋଷ୍ଟରେ ଛୋଟ ବ୍ୟାଗରେ ନିଜ ଜିନିଷଧରି ଲାଇନ୍‌ରେ ଠିଆ ହେଉଛନ୍ତି ବୋଲି ବିଏସ୍‌ଏଫ୍‌ର ଯବାନମାନେ କହିଛନ୍ତି। ଏମାନେ ଖାଲାଖୋଲି ଭାବେ ନିଜକୁ ବାଂଲାଦେଶୀ ଓ ବହୁ ବର୍ଷ ତଳେ ବେଆଇନ୍ ଭାବେ ଭାରତ ଆସିଥିବା କଥା ସ୍ୱୀକାର କରୁଛନ୍ତି। ସୀମାରେ ଏହି ଅବୈଧ ବାଂଲାଦେଶୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ବିଏସ୍‌ଏଫ୍ ଓ ପଶ୍ଚିମବଙ୍ଗ ପୁଲିସ ଉପରେ ଚାପ ବୃଦ୍ଧି ପାଇଛି। ଏମାନଙ୍କୁ ଦୁଇପଟେ ଧରାଯାଉଥିବା ବ୍ୟକ୍ତିଙ୍କର ବାୟୋମେଟ୍ରିକ ଭେରିଫିକେଶନ, ପଚରାଉଚରା ଓ ଆପରାଧିକ ପୃଷ୍ଠଭୂମି ନେଇ ଯାଞ୍ଚ କରିବାକୁ ପଡୁଛି। ନିର୍ବାଚନ କମିଶନ ୯ ରାଜ୍ୟ, ୩ କେନ୍ଦ୍ର ଶାସିତ ପ୍ରଦେଶର ପାଖାପାଖି ୫୧ କୋଟି ଭୋଟରଙ୍କୁ ନେଇ ଏସ୍‌ଆଇଆର ପ୍ରକ୍ରିୟା ଜାରି ରଖିଛନ୍ତି।

## ଏଟିଏମ୍ ଭ୍ୟାନ୍‌ରୁ ୭ କୋଟି ଲୁଟ୍

ବେଙ୍ଗାଲୁରୁ, ୨୦।୧୧(ଏଜେନ୍ସି): ବେଙ୍ଗାଲୁରୁରେ ଚିଳଚ୍ଚିତ୍ର ଶୈଳୀରେ ଏକ ବଡ଼ଧରଣର ଲୁଟ୍ ହୋଇଛି। ଏକ ଏଟିଏମ୍ କ୍ୟାସ ଭ୍ୟାନରୁ ଲୁଟେରାମାନେ ୭ କୋଟି ଟଙ୍କା ଲୁଟ୍ କରିଛନ୍ତି। ବୁଧବାର ଅପରାହ୍ଣ ୧୨.୩୦ରେ ଏହି ଘଟଣା ଘଟିଛି। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ) ଅଧିକାରୀ ବୋଲି ପରିଚୟ ଦେବା ସହ ଲୁଟେରାମାନେ କ୍ୟାସ୍ ଭ୍ୟାନ୍‌କୁ ରାସ୍ତାରେ ଅଟକାଇ ଟଙ୍କା ନେଇ ପଳାଇଯାଇଥିଲେ। ଏହାପରେ ପୁଲିସ ଏହି ଭ୍ୟାନକୁ ଜୟଦେବ ସର୍କଲ ଫ୍ଲାଏଓଭର ପୋଲ ନିକଟରେ ଠାବ କରିଥିଲା। ପୁଲିସ ଭ୍ୟାନର ଡ୍ରାଇଭର, ଦୁଇଜଣ ସୁରକ୍ଷାକର୍ମୀ ଓ ଜଣେ କ୍ୟାସ୍ ଡିପୋଜିଟରଙ୍କୁ ପଚରାଉଚରା ପାଇଁ ଅଟକ ରଖିଛି। କ୍ୟାଶ୍ ମ୍ୟାନେଜମେଣ୍ଟ କମ୍ପାନୀ (ସିଏମ୍‌ଏସ୍)ର ହିଁ ଏହି କ୍ୟାଶ ଭ୍ୟାନ ବୋଲି କୁହାଯାଇଛି। ଏହି ଘଟଣାରେ ଏସ୍‌ଏମ୍‌ଏସ୍‌ର କିଛି କର୍ମଚାରୀଙ୍କ ଭୂମିକା ସନ୍ଦେହ ପରିସରକୁ ଆସିଛି ।

### ୧୦୦ଥର ବସ୍‌ଉଠ କରାଇଥିବା ଶିକ୍ଷୟିତ୍ରୀ ଗିରଫ

## ଅସୁସ୍ଥ ଅନୁଭବ କରିବା ପରେ ମୃତ୍ୟୁବରଣ କରିଥିଲେ ଛାତ୍ରୀ



ପାଲ୍‌ଘର, ୨୦।୧୧(ଏଜେନ୍ସି): ମହାରାଷ୍ଟ୍ରର ପାଲଘରରେ ଜଣେ ଶିକ୍ଷୟିତ୍ରୀ ତାଙ୍କର ଜଣେ ଛାତ୍ରୀଙ୍କୁ ବିଳମ୍ବରେ ସ୍କୁଲକୁ ଆସିବା କାରଣରୁ ୧୦୦ ଥର ବସ୍‌ଉଠ୍ ହେବାର ଦଣ୍ଡ ପ୍ରଦାନ କରିଥିଲେ। ଏହାପରେ ଅସୁସ୍ଥ ଅନୁଭବ କରିବାରେ ପରେ ୧୨ ବର୍ଷର ଏହି ଛାତ୍ରୀ ମୃତ୍ୟୁବରଣ କରିଥିଲେ। ଗୁରୁବାର ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ପୁଲିସ ଗିରଫ କରିଛି। ତାଙ୍କ ବିରୋଧରେ ଉଦ୍ଦେଶ୍ୟମୂଳକ ହତ୍ୟା ଅଭିଯୋଗରେ ମାମାଲା ରୁଜୁ କରାଯାଇଛି। ଏହି ଘଟଣା ନଭେମ୍ବର ୮ରେ ଘଟିଥିଲା। ଛାତ୍ରୀଜଣଙ୍କ ଅସୁସ୍ଥ ଅନୁଭବ କରିବାପରେ ତାଙ୍କ ଚିକିତ୍ସା କରାଯାଇଥିଲା। କିନ୍ତୁ ୭ ଦିନ ପରେ ନଭେମ୍ବର ୧୩ରେ ଛାତ୍ରୀଜଣକ ମୃତ୍ୟୁବରଣ କରିଥିଲେ। ଏହି ଶିକ୍ଷୟିତ୍ରୀଙ୍କ ନାମ ହେଉଛି ମମତା। ତାଙ୍କୁ ବସଇ ଅଞ୍ଚଳରେ ଥିବା ସତୀବାଲିର ଘରୋଇ ସ୍କୁଲ୍‌ରୁ ପ୍ରଥମରୁ ହଟାଇ ଦିଆଯାଇଛି। ଏହା ପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ମମତାଙ୍କୁ ଗରିଫ କରିବା ପରେ ମାମଲା ରୁଜୁ କରିଛି। ଏହି ଘଟଣା ନେଇ ବମ୍ବେ ହାଇକୋର୍ଟରେ ଏକ ଆବେଦନ ଦାଏର କରାଯାଇଥିଲା। ହାଇକୋର୍ଟ ନିଜେ ଏ ମାମଲାରେ କର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଏସ୍‌ଆଇଟି ଯାଞ୍ଚ୍ କରିବାକୁ ଓ ସ୍କୁଲ ଓ ଶିକ୍ଷୟିତ୍ରୀଙ୍କ ବିରୋଧରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ।

### ଦିଲ୍ଲୀ ଛାତ୍ର ଆତ୍ମହତ୍ୟା ମାମଲା

## ସର୍ବସାଧାରଣରେ ଶିକ୍ଷକ ଅପମାନିତ କରିଥିବା ଅଭିଯୋଗ



ନୂଆଦିଲ୍ଲୀ, ୨୦।୧୧(ଏଜେନ୍ସି): ଦିଲ୍ଲୀର ସେଣ୍ଟ କଲମ୍ବିଆ ସ୍କୁଲ୍‌ର ଛାତ୍ର ସୌର୍ଯ୍ୟଙ୍କ ଆତ୍ମହତ୍ୟା ମାମଲା ଏକ ନୂଆ ତଥ୍ୟ ସାମ୍ନାକୁ ଆସିଛି। ସ୍କୁଲର ଶିକ୍ଷକ ସର୍ବସାଧାରଣରେ ଛାତ୍ରଙ୍କୁ ଅପମାନିତ କରିଛନ୍ତି ବୋଲି ତାଙ୍କ ପିତାମାତା ଅଭିଯୋଗ କରିଛନ୍ତି। ସୌର୍ଯ୍ୟଙ୍କୁ ଅପମାନିତ କରାଯାଇଥିଲା ବୋଲି ତା'ର ସହପାଠୀ କହିଥିବା କଥା ତାଙ୍କ ପିତା ପ୍ରଦୀପ ପାଟିଲ କହିଛନ୍ତି। ନଭେମ୍ବର ୧୮ ରେ ଏକ ନୃତ୍ୟ ଅଭ୍ୟାସରେ ଗୋଡ଼ ଖସିଯିବା କାରଣରୁ ସୌର୍ଯ୍ୟ ତଳେ ପଡ଼ିଯାଇଥିଲେ। ଫଳରେ ଜଣେ ଶିକ୍ଷକ ତାଙ୍କୁ ଗାଳି କରିଥିଲେ। ସେ ଯେତେବେଳେ କାନ୍ଦିଥିଲା, ଶିକ୍ଷକ କହିଥିଲେ ଯେ, କାନ୍ଦେ ଯେତେ କାନ୍ଦିବୁ, ମୋ ଉପରେ କୌଣସି ଫରକ ପଡ଼ିବ ନାହିଁ। ଏତିକି ବେଳେ ସ୍କୁଲ୍‌ର ପ୍ରିନସିପାଲ ମଧ୍ୟ ଉପସ୍ଥିତ ଥିଲେ। କିନ୍ତୁ କେହି ତାଙ୍କୁ ସମବେଦନା ଜଣାଇ ନଥିଲେ। ଫଳରେ ନଭେମ୍ବର ୧୮ ରେ ୧୬ ବର୍ଷୀୟ ସୌର୍ଯ୍ୟ ରାଜେନ୍ଦ୍ର ନଗର ମେଟ୍ରୋ ଷ୍ଟେସନ ଉପରୁ ତଳକୁ ଡେଇଁ ଆତ୍ମହତ୍ୟା କରିଥିଲେ। ବୁଧବାର ପ୍ରଦୀପ ପ୍ରିନ୍‌ସପାଲ, କୋର୍ଡିନେଟର ଓ ଶିକ୍ଷକମାନଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ। ପୁଅ ଉପରେ ସ୍କୁଲ ତରଫରୁ ଲାଗାତର ମାନସିକ ଚାପ ପ୍ରୟୋଗ କରାଯାଉଥିଲା। ତାଙ୍କ ପତ୍ନୀ ତଥା ସୌର୍ଯ୍ୟଙ୍କ ମା ଏ ନେଇ ପୂର୍ବରୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା ବୋଲି ପ୍ରଦୀପ କହିଛନ୍ତି।

# ଦିଲ୍ଲୀ ବିସ୍ଫୋରଣ: ଷଡ଼ଯନ୍ତ୍ରକାରୀ ସମେତ ୫ ଗିରଫ

ନୂଆଦିଲ୍ଲୀ, ୨୦।୧୧ (ଏଜେନ୍ସି): ଦିଲ୍ଲୀ ବିସ୍ଫୋରଣର ତଦନ୍ତ କରୁଥିବା ଏନ୍‌ଆଇଏକୁ ବଡ଼ ସଫଳତା ମିଳିଛି। ଏହି ମାମଲାରେ ୫ ଜଣ ପ୍ରମୁଖ ଷଡ଼ଯନ୍ତ୍ରକାରୀଙ୍କୁ ଏଜେନ୍ସି ଗିରଫ କରିଛି। ଏ ପର୍ଯ୍ୟନ୍ତ ଏହି ମାମଲାରେ ଏନଆଇଏ ୭ ଜଣଙ୍କୁ ଗିରଫ କଲାଣି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଅନନ୍ତନାଗ କାଜିଗୁଣ୍ଡର ବାସିନ୍ଦା ତଥା ସକ୍ରିୟ ଷଡ଼ଯନ୍ତ୍ରକାରୀ ଜସିର ବିଲାଲ ୱାନୀ ଓରଫ ଦାନିଶ ସାମିଲ ରହିଛି। ତାକୁ ଶ୍ରୀନଗରରୁ ଧରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପୁଲୱାମାର ଡ. ମଜାମିଲ ସକିଲ ଗନି, ଅନନ୍ତନାଗର ଡ. ଅଦିଲ ଅହମ୍ମଦ ରାଥର, ସୋପିଆନର ମୁଫ୍‌ତି ଇର୍ଫାନ ଅହମ୍ମଦ ଏବଂ ଲକ୍ଷ୍ନୌର ଡ. ସାହିନ ସୈୟିଦ ସାମିଲ ରହିଛି। ଏହି ଚାରି ଜଣଙ୍କୁ ପଟିଆଲା ହାଉସ କୋର୍ଟରେ ହାଜର କରାଯାଇଛି। କୋର୍ଟ ଆଜି ଏହି ଚାରି ଅଭିଯୁକ୍ତଙ୍କୁ ୧୦ ଦିନ ପାଇଁ ଏନ୍‌ଆଇଏ ହେପାଜତକୁ ପଠାଇ ଦେଇଛନ୍ତି। ପୂର୍ବରୁ ଏହି ଅଭିଯୁକ୍ତ ଜମ୍ମୁ-କଶ୍ମୀର ସହିତ ଅନ୍ୟ ରାଜ୍ୟର ପୁଲିସ ହେପାଜତରେ ଥିଲେ। ଏନଆଇଏ ଏବେ ଅଭିଯୁକ୍ତଙ୍କୁ ଗିରଫ କରି ନିଜ ହେପାଜତକୁ ନେଇଛି। ଏନଆଇଏର ସୂଚନା ଅନୁଯାୟୀ, ଜସିର ଆତ୍ମଘାତୀ ଉମର ଉନ ନବିର ଘନିଷ୍ଠ ସହଯୋଗୀ ଥିଲା। ସେ ଡ୍ରୋନ ଏବଂ ରକେଟ ମାଧ୍ୟମରେ ଆତଙ୍କବାଦୀ ଆକ୍ରମଣ ପାଇଁ ସେ ଯାନ୍ତ୍ରିକ ସହାୟତା ଦେଉଥିଲା। ରକେଟ ନିର୍ମାଣରେ ମଧ୍ୟ ସହାୟତା କରିଥିଲା। ଦିଲ୍ଲୀ ବିସ୍ଫୋରଣ ପାଇଁ ସେ ନବି ସହ ମିଶି କାମ କରିଥିଲା। ସେହିପରି ଅନ୍ୟ ଚାରି ଜଣ ଡାକ୍ତର ଏହି ବିସ୍ଫୋରଣେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି କୁହାଯାଇଛି।

ଅନ୍ୟପକ୍ଷରେ ଜମ୍ମୁ-କଶ୍ମୀର ପୁଲିସର ଷ୍ଟେଟ୍ ଇନଭେଷ୍ଟିଗେସନ ଏଜେନ୍ସି (ଏସଆଇଏ) ଗୁରୁବାର 'କଶ୍ମୀର ଟାଇମ୍ସ' ଖବରକାଗଜ ଅଫିସରେ ଚଢ଼ଉ କରିଛି।

- 'କଶ୍ମୀର ଟାଇମ୍ସ' ଅଫିସରେ ଏନ୍‌ଆଇଏ ଚଢ଼ଉ
- ଅଲ-ଫଲାହରୁ ପାସ୍ ହୋଇଥିବା ୨୦୦ ବ୍ୟକ୍ତିଙ୍କ ତାଲିକା ନେଲା ଏଜେନ୍ସି
- ବିଦେଶ ଯିବାକୁ ବାହାରି ଥିଲେ ଅଲ-ଫଲାହ ଅଧ୍ୟକ୍ଷ ସିଦ୍ଦିକୀ

ଏଠାରୁ ଏକେ-୪୭ ରାଇଫଲର କ୍ୟାଟ୍ରିଜ, ପିସ୍ତଲ ରାଉଣ୍ଡ ଏବଂ ହ୍ୟାଣ୍ଡ ଗ୍ରେନେଡ଼ ଜବତ କରାଯାଇଛି। ଏହି ପ୍ରକାଶନ ସଂସ୍ଥା ଭାରତ ବିରୋଧୀ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ ହୋଇଥିଲା।

ଫରିଦାବାଦର ଅଲ-ଫଲାହ ୟୁନିଭର୍ସିଟିରୁ ପରିଚାଳିତ ଆତଙ୍କବାଦୀ ମଡ୍ୟୁଲୋରେ ସାମିଲ ଡାକ୍ତରଙ୍କ କାର୍ଯ୍ୟ ଧାର୍ଯ୍ୟ କରାଯାଇଥିଲା। ଆତଙ୍କବାଦୀ ନେଟୱାର୍କ ପ୍ରସ୍ତୁତ କରିବା ପାଇଁ ଡ.ମୁଜାମିଲ ସକିଲଙ୍କୁ ନିଯୁକ୍ତି ଦାୟିତ୍ୱ ଦିଆଯାଇଥିଲା। ନୂଆ ନିଯୁକ୍ତି ପରେ ଡ. ସାଇନ ସୈୟିଦ ଏବଂ ଡ. ଉମର ନବି ତାଙ୍କୁ ଆର୍ଥିକ ସହାୟତା ଦେଇ ବ୍ରେନୱାସ କରାଉ ଥିଲେ। ରୋଗୀ ଏବଂ ହସ୍ପିଟାଲ କର୍ମଚାରୀଙ୍କ ଘରକୁ ସହାୟତା ଦେବା ନାମରେ ଯାଇ ମୁଜାମିଲ ଏହି କାମ କରୁଥିଲା। ଏହି ନେଟୱର୍କରେ ସାମିଲ ଥିବା କର୍ମଚାରୀଙ୍କ ପରିବାର ସଦସ୍ୟ ଏହି ସୂଚନା ଦେଉଛନ୍ତି। ଏଠାରେ ମୁଜାମିଲ ସର୍ଜନ ଭାବେ କାର୍ଯ୍ୟ କରୁଥିଲେ ବି ପରଦା ପଛରେ ରହି ଆତଙ୍କବାଦୀ ସୃଷ୍ଟି କରୁଥିଲା। ଚିକିତ୍ସା ପାଇଁ ଆସୁଥିବା ରୋଗୀ ଏବଂ କର୍ମଚାରୀଙ୍କ ଉପରେ ସେ ନଜର ରଖୁଥିଲା। ଅନ୍ୟପକ୍ଷରେ ଏନ୍‌ଆଇଏ ଏହି ୟୁନିଭର୍ସିଟିରୁ ପାସ୍ କରି ବିଭିନ୍ନ ସ୍ଥାନରେ ଚାକିରି କରୁଥିବା ୨୦୦ ବ୍ୟକ୍ତିଙ୍କ ତାଲିକା ସଂଗ୍ରହ କରିଛି। ଏମାନେ ଆତଙ୍କବାଦୀଙ୍କୁ ସହାୟତା ଏବଂ ଆତଙ୍କବାଦୀ କାର୍ଯ୍ୟକଳାପରେ ଲିପ୍ତ ଥିବା କୁହାଯାଉଛି। କିଛି ବ୍ୟକ୍ତି ବଂଲାଦେଶ ଏବଂ ଆଫଗାନିସ୍ତାନ ଯାଇଥିବା ମଧ୍ୟ ସନ୍ଦେହ କରାଯାଉଛି। ଏବେ ସେମାନଙ୍କୁ ଧରିବା ପାଇଁ ଏନଆଇଏ ପ୍ରୟାସ ଆରମ୍ଭ କରିଛି।

ଦିଲ୍ଲୀ ବିସ୍ଫୋରଣ ମାମଲାକୁ ନେଇ ଅଲ-ଫଲାହ ବିଶ୍ୱବିଦ୍ୟାଳୟ ଯାଞ୍ଚ ଏଜେନ୍ସିର ରାଡାରରେ ରହିଛି। ଆତଙ୍କବାଦୀଙ୍କ ଶିକ୍ଷାକେନ୍ଦ୍ର ପାଲଟି ଥିବା ଏହି ବିଶ୍ୱବିଦ୍ୟାଳୟର ଅନେକ ଗୁମର ଖୋଲିବାରେ ଲାଗିଛି। ଏହାର ଅଧ୍ୟକ୍ଷ ଜବାଦ ଅହମ୍ମଦ ସିଦ୍ଦିକିକୁ ଗିରଫ କରି ଇଡି ରିମାଣ୍ଡକୁ ନେଇଛି। ତାକୁ କୋର୍ଟ ୧୩ ଦିନ ପାଇଁ ଇଡି ହେପାଜତକୁ ପଠା ଦେଇଛନ୍ତି। ତେବେ ସେ ବିଦେଶ ପଳାଇବାକୁ ଯୋଜନା କରିଥିଲା ବୋଲି ଯାଞ୍ଚ ଏଜେନ୍ସି ପକ୍ଷରୁ କୁହାଯାଇଛି। ସିଦ୍ଦିକି ଏପରି ଏକ ଦେଶକୁ ଯିବାକୁ ଚାହୁଁଥିଲା, ଯେଉଁଠି ପ୍ରବେଶ କରିବା ପରେ ଭାରତୀୟଙ୍କୁ ଭିସା ମିଳୁଥିଲା। ତା'ର ଯାତ୍ରା ସମ୍ବନ୍ଧିତ କିଛି ଏୟାର ଟିକେଟ ଏବଂ ବୁକିଂ ସୂଚନା ଇଡି ହାତରେ ଲାଗିଛି। କୋର୍ଟରେ ଇଡି ପକ୍ଷରୁ ଉପସ୍ଥାନପ କରାଯାଇଥିବା ରିମାଣ୍ଡ କାଗଜପତ୍ରେ ମଧ୍ୟ ଏହି ସୂଚନା ଦିଆଯାଇଛି। ସିଦ୍ଦିକିର ଘନିଷ୍ଠ ସହଯୋଗୀ ମଧ୍ୟ ଉପସାଗରୀୟ ଦେଶରେ ରହିଛନ୍ତି। ସେମାନଙ୍କ ମାଧ୍ୟମରେ ଅଲ-ଫଲାହର ଅଧ୍ୟକ୍ଷ ବିଦେଶ ଯିବାକୁ ଚାହୁଁଥିଲା। ସେହିପରି ଜବାଦର ମହୁ ସ୍ଥିତ କୋଠାକୁ ବେଆଇନ ଘୋଷଣା କରାଯାଇଛି। ଏହାକୁ ହଟାଇବା ପାଇଁ ତିନି ଦିନିଆ କଣ୍ଟ ଦିଆଯାଇଛି। ତଦନ୍ତରୁ ଇଡି ଜାଣିବାକୁ ପାଇଛି ଯେ ଏହି ୟୁନିଭର୍ସିଟି ୨୦୧୮ ରୁ ୨୫ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କଠାରୁ ୪୧୫ କୋଟିରୁ ଅଧିକ ଟଙ୍କା ନେଇଥିଲା। ଭୁଲ୍ ଦାବି କରି ଏହି ଅର୍ଥ ଆଦାୟ କରାଯାଇଥିଲା। ଅଧିକାଂଶ ରାଶିକୁ ସିଦ୍ଦିକିର ପରିବାର ସଦସ୍ୟଙ୍କ ସମ୍ବନ୍ଧିତ କମ୍ପାନୀକୁ ଟ୍ରାନ୍ସଫର କରାଯାଇଥିଲା। ଆପରାଧିକ ଷଡ଼ଯନ୍ତ୍ର କରି ଅର୍ଥ ଲୁଟ୍ କରାଯାଉଥିଲା।

# ଭାରତ ଉପରେ ଚାପ ପାଇଁ ଟ୍ରମ୍ପଙ୍କ ନୂଆ ଚାଲ୍

ନୂଆଦିଲ୍ଲୀ, ୨୦।୧୧ (ଏଜେନ୍ସି): ଆମେରିକାର ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ପୁଣି ଭାରତ ବିରୋଧୀ ପଦକ୍ଷେପ ଗ୍ରହଣ କରିଛି। ଗତ ମେ'ରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ୪ ଦିନ ପର୍ଯ୍ୟନ୍ତ ହୋଇଥିବା ସଂଘର୍ଷ ତଥା 'ଅପରେସନ ସିନ୍ଦୂର'ରେ ପାକିସ୍ତାନଠାରୁ ଭାରତ ହାରି ଯାଇଥିଲା ବୋଲି ଦାବି କରାଯାଇଛି। ଆମେରିକାର ଏହି ରିପୋର୍ଟରେ ପହଲଗାମ ଆକ୍ରମଣକୁ ମଧ୍ୟ ଆତଙ୍କବାଦୀ ଘଟଣା କୁହାଯାଇ ନାହିଁ। ଏହାକୁ 'ବିଦ୍ରୋହୀଙ୍କ ଆକ୍ରମଣ' ଧରାଯାଇଛି। ୮୦୦ ପୃଷ୍ଠାର ଏହି ରିପୋର୍ଟକୁ ୟୁଏସ-ଚୀନ୍ ଇକୋନମିକ ଆଣ୍ଡ ସିକ୍ୟୁରିଟି ରିଭ୍ୟୁ କମିଶନ ତଥା ୟୁଏସସିସି ପକ୍ଷରୁ ଜାରି କରାଯାଇଛି। କଂଗ୍ରେସ ନେତା ଜୟରାମ ରମେଶ ଏହି ରିପୋର୍ଟକୁ ତୀବ୍ର ବିରୋଧ କରିଛନ୍ତି। ସେ ଏହାକୁ ନେଇ କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ପ୍ରଧାନମନ୍ତ୍ରୀ ଏବଂ ବିଦେଶ ମନ୍ତ୍ରୀ ଏହି ରିପୋର୍ଟକୁ ନେଇ ଆପତ୍ତି ଉଠାଇ ବିରୋଧ କରିବେ କି ବୋଲି ପଚାରିଛନ୍ତି। ଏହା ଭାରତର କୂଟନୀତି ପାଇଁ ବଡ଼ ଝଟ୍‌କା ବୋଲି ରମେଶ କହିଛନ୍ତି।



- 'ଅପରେସନ ସିନ୍ଦୂର'ରେ ପାକିସ୍ତାନଠୁ ହାରିଛି ଭାରତ: ଆମେରିକା ରିପୋର୍ଟ
- ପହଲଗାମ ଆକ୍ରମଣକୁ ଆତଙ୍କବାଦୀ ଆକ୍ରମଣ ମାନିଲାନି

ରିପୋର୍ଟରେ କୁହାଯାଇଛି ଯେ 'ଅପରେସନ ସିନ୍ଦୂର'ରେ ଭାରତର ୬ଟି ଲଢୁଆ ବିମାନକୁ ପାକିସ୍ତାନ ଖସାଇ ଥିବା ଦାବି କରିଥିଲା। ଏଥିରେ ରାଫେଲ ସାମିଲ ଥିବା ମଧ୍ୟ କୁହାଯାଇଛି। ତେବେ ପ୍ରକୃତରେ କେବଳ ତିନୋଟି ବିମାନ ଖସା ଯାଇଥିବା ସୂଚନା ମିଳିଥିବା ଉଲ୍ଲେଖ କରାଯାଇଛି। ଏହା ଦ୍ୱାରା ରାଫେଲର ଛବି ଖରାପ ହୋଇଛି। ୟୁଏସସିସି ପକ୍ଷରୁ କୁହାଯାଇଛି ଯେ ଭାରତ ଏବଂ ପାକିସ୍ତାନ ଏହି ଯୁଦ୍ଧକୁ ନିଜର ଆଧୁନିକ ଅସ୍ତ୍ରଶସ୍ତ୍ରକୁ ବିଶ୍ୱକୁ ଦେଖାଇବା ପାଇଁ ବ୍ୟବହାର କରିଥିଲେ। ସଂଘର୍ଷ ପରେ ଚୀନ୍ ଦୂତାବାସ ସାରା ବିଶ୍ୱରେ ନିଜ ଅସ୍ତ୍ରଶସ୍ତ୍ରର ପ୍ରଶଂସା କରିଥିଲା। ଭାରତୀୟ ଲଢୁଆ ବିମାନକୁ ଖସାଇବା ପାଇଁ ପାକିସ୍ତାନ ଏହାକୁ ବ୍ୟବହାର କରିଥିବା କୁହାଯାଇଥିଲା। ଭାରତ-ପାକିସ୍ତାନ ସଂଘର୍ଷର ୫ ମାସ ପରେ ଚୀନ୍ ଇଣ୍ଡୋନେସିଆକୁ ୪୨ଟି ଜେ-୧୦ସି ଲଢୁଆ ବିମାନ ବିକିବା ପାଇଁ ଚୁକ୍ତି କରିଥିଲା। ରିପୋର୍ଟ ଅନୁଯାୟୀ ପାକିସ୍ତାନ ଏହି ଲଢ଼େଇରେ ଚୀନ୍‌ର ଏଚ୍‌କ୍ୟୁ-୯ ଏୟାର ଡିଫେନ୍ସ ସିଷ୍ଟମ, ପିଏଲ-୧୫ କ୍ଷେପଣାସ୍ତ୍ର ଏବଂ ଜେ-୧୦ ଲଢୁଆ ବିମାନ ବ୍ୟବହାର କରିଥିଲା।

## ଆରବ ସାଗରରେ କୃତ୍ରିମ ଦୀପ ନିର୍ମାଣ କରିବ ପାକିସ୍ତାନ

ଇସ୍‌ଲାମାବାଦ୍, ୨୦।୧୧(ଏଜେନ୍ସି): ପାକିସ୍ତାନ ଆରବ ସାଗରରେ ଏବେ ଏକ କୃତ୍ରିମ ଦୀପ ସୃଷ୍ଟି କରିବାକୁ ନିଷ୍ପତ୍ତି ନେଇଛି। ସମୁଦ୍ରରେ ତୈଳ ଖୋଜିବା ପ୍ରକ୍ରିୟା ପାଇଁ ଏକ ସ୍ଥାୟୀ ପୃଷ୍ଠଭୂମି ଭଳବେ ଏହି ଦୀପକୁ ବ୍ୟବହାର କରାଯିବ ବୋଲି ପାକିସ୍ତାନ ସରକାର କହିଛନ୍ତି। ପାକିସ୍ତାନ ପେଟ୍ରୋଲିୟମ ଲିମିଟେଡ (ପିପିଏଲ) ଏହି ପ୍ରସ୍ତାବିତ ପ୍ରକଳ୍ପର ନେତୃତ୍ୱ ନେବ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥନ ମିଳିବା ପରେ ପାକିସ୍ତାନ ଏହି ନିଷ୍ପତ୍ତି ନେଇଛି। ଗତ ଜୁଲାଇରେ ଟ୍ରମ୍ପ ଘୋଷଣା କରିଥିଲେ ଯେ, ଆମେରିକା ଓ ପାକିସ୍ତାନ ମିଳିତ ଭାବେ ତୈଳ ଭଣ୍ଡାରର ବିକାଶ କରିବେ। ଯଦି ଏଥିରେ ତୈଳ ମିଳେ ଭାରତ ମଧ୍ୟ ପାକିସ୍ତାନଠୁ କ୍ରୟ କରିବ ବୋଲି ଟ୍ରମ୍ପ କହିଥିଲେ। ଏହି କୃତ୍ରିମ ଦୀପ ସାହଯ୍ୟରେ ପାକିସ୍ତାନ ୨୫ଟି ତୈଳକୂପ ଖୋଳିବାକୁ ଯୋଜନା ରଖିଛି। ସିନ୍ଧ ରାଜ୍ୟ ଉପକୂଳରୁ ୩୦କିମି ଦୂରରେ ଥିବା ସୁଜାବଲ ଅଞ୍ଚଳରେ ଏହି ଦୀପ ସୃଷ୍ଟି କରାଯିବ। ସୁଜାବଲ କରାଚୀଠାରୁ ପାଖାପାଖି ୧୩୦ କିମି ଦୂରରେ ଅବସ୍ଥିତ। ସୂଚନା ଯୋଗ୍ୟ ଯେ, ପାକିସ୍ତାନ ଆଶୋଧିତ ତୈଳ କ୍ରୟ କରିବାରେ ୫୦ତମ ସ୍ଥାନରେ ରହିଛି। ପାକିସ୍ତାନ ୮୦ ପ୍ରତିଶତରୁ ଅଧିକ ଆଶୋଧିତ ତୈଳ କ୍ରୟ କରୁଛି।

## ଶିକ୍ଷିତ ଆତଙ୍କବାଦୀ ସବୁଠୁ ବିପଜ୍ଜନକ: ଦିଲ୍ଲୀ ପୁଲିସ

ନୂଆଦିଲ୍ଲୀ, ୨୦।୧୧(ଏଜେନ୍ସି): ୨୦୨୦ ଦିଲ୍ଲୀ ଦଙ୍ଗା ମାମଲାରେ ଗୁରୁବାର ସୁପ୍ରିମକୋର୍ଟରେ ଚାଲିଥିବା ଶୁଣାଣିରେ ଦିଲ୍ଲୀ ପୁଲିସ୍ କେତୋଟି ଗୁରୁତ୍ୱପୂର୍ଣ୍ଣ କଥା କହିବା ସହ ତଥ୍ୟ ଉପସ୍ଥାପନ କରିଛି। ଶିକ୍ଷିତ ଲୋକେ ଯେତେବେଳେ, ଆତଙ୍କବାଦୀ ହୁଅନ୍ତି ତେବେ ସେମାନେ ସାଧାରଣ ଦଙ୍ଗାକାରୀଙ୍କଠାରୁ ଆହୁରି ବିପଜ୍ଜନକ ହୋଇଥାନ୍ତି ବୋଲି ପୁଲିସ ସୁପ୍ରିମକୋର୍ଟଙ୍କୁ କହିଛନ୍ତି। ଦେଶ ବିରୋଧୀ ଗତିବିଧି ସହ ଡାକ୍ତର ଓ ଇଞ୍ଜିନିୟରମାନେ ସାମିଲ ହେବା ଏବେ ଏକ ଟ୍ରେଣ୍ଡ୍‌ର ପରିଣତ ହୋଇଛି। ଏମାନେ ସରକାରଙ୍କ ଅର୍ଥରେ ପାଠପଢ଼ିଥାନ୍ତି ଓ ପରେ ଦେଶ ବିରୋଦରେ କାର୍ଯ୍ୟ କରିଥାନ୍ତି ବୋଲି ପୁଲିସ କହିଛି। ଦିଲ୍ଲୀ ପୁଲିସ ଏହି ଶୁଣାଣିରେ ଶରଜିଲ ଇମାମର ଉତ୍ତେଜକ ଭାଷଣର ଭିଡିଓ କୋର୍ଟରେ ଉପସ୍ଥାପନ କରିଥିଲା। ଏହି ଭିଡିଓରେ ଶରଜିଲ୍ ନାଗରିକତା ସଂଶୋଧନ ଆଇନ୍ (ସିଏଏ) ଓ ଏନ୍‌ଆରସି ବିରୋଧରେ ଏହି ଉତ୍ତେଜକ ଭାଷଣ ଦେଉଥିବାର ଦେଖାଯାଇଛି। ଏହି ଭାଷଣ ଦ୍ୱାରା ସ୍ଥିତି ବିଗିଡ଼ିଥିଲା ଓ ଜନତାଙ୍କୁ ଉସ୍‌କାଇବା ଭଳି କାର୍ଯ୍ୟ ହୋଇଥିଲା। ଏହା ମଧ୍ୟ ହିଂସା ସୃଷ୍ଟି କରିବାରେ ସହାୟ ହୋଇଥିଲା। ଶରଜିଲ ଜଣେ ଇଞ୍ଜିନିୟର ଗ୍ରାଜୁଏଟ୍। ଦିଲ୍ଲୀ ଦଙ୍ଗାକୁ ସାରା ଦେଶରେ ବିସ୍ତାର କରିବାର ଷଡ଼ଯନ୍ତ୍ର ହୋଇଥିଲା ଓ ଏହାକୁ ଅନ୍ତର୍ଜାତୀୟ ସମୁଦାୟର ଧ୍ୟାନ ଆକର୍ଷଣ କରିବାକୁ ଚେଷ୍ଟା କରାଯାଇଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଆସିବା ସମୟରେ ହିଁ ଦଙ୍ଗାସୃଷ୍ଟି କରିବାକୁ ଗଭୀର ଓ ସୁଚିନ୍ତିତ ଷଡଯନ୍ତ୍ର କରାଯାଇଥିଲା। ଏହି ଦଙ୍ଗାରେ ୫୩ ଜଣ ମୃତ୍ୟୁବରଣ କରିଥିଲେ। ଏଥିରେ ୩୮ ମୁସଲମାନ ଓ ୧୫ ହିନ୍ଦୁ ସାମିଲ ଥିଲେ। ୨୫୦ ଲୋକ ଆହତ ହୋଇଥିଲେ। ୫୦୦ରୁ ଊର୍ଦ୍ଧ୍ୱ ଘର ଜଳଯାଇଥିଲା। ପାଖାପାଖି ୮୦୦ ଦୋକାନ ମଧ୍ୟ ଜଳାଯାଇଥିଲା ଓ କୋଟି କୋଟି ଟଙ୍କାର ଧନସମ୍ପତ୍ତି ନଷ୍ଟ ହୋଇଥିଲା। ଦିଲ୍ଲୀରେ ଏହି ଦଙ୍ଗା ପାଇଁ ୭୫୩ ଏଫ୍‌ଆଇଆର ରୁଜୁ କରାଯାଇଥିଲା।

## ନେପାଳରେ ପୁଣି ଜେନ୍-ଜେଡ୍ ଆନ୍ଦୋଳନ

ସିମାରା, ୨୦।୧୧(ଏଜେନ୍ସି): ନେପାଳରେ ପୁଣି ଜେନ୍-ଜେଡ୍ ଆନ୍ଦୋଳନ ମୁଣ୍ଡ ଟେକିଛି। ମଧେଶ ରାଜ୍ୟର ବାଡ଼ାରେ ବୁଧବାର ଜେନ୍ ବିକ୍ଷୋଭକାରୀ ଓ ଶାସକ ସିପିଏନ୍- ୟୁଏମ୍‌ଏଲ୍‌ର କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ହିଂସା ଓ ସଂଘର୍ଷ ସୃଷ୍ଟି ହୋଇଥିଲା। ସ୍ଥିତି ନିୟନ୍ତ୍ରଣ ବାହରକୁ ଯିବା ପରେ ଅପରାହ୍ଣ ୧୨.୩୦ରୁ ରାତି ୮ ପର୍ଯ୍ୟନ୍ତ କର୍ଫ୍ୟୁ ଲାଗୁ କରାଯାଇଥିଲା। ଫଳରେ ସିମରା ବିମାନ ବନ୍ଦରର କାର୍ଯ୍ୟ କିଛି ସମୟ ପାଇଁ ବନ୍ଦ ରହିଥିଲା। ୟୁଏମ୍‌ଏଲ୍‌ର ଶୀର୍ଷ ନେତା ଶଙ୍କର ପୋଖରେଲ ଓ ମହୋଶ ବେସ୍ନେତ ବୁଧବାର ପାର୍ଟିର 'ଯୁବି ଜାଗରଣ ଅଭିଯାନ' କାର୍ଯ୍ୟକ୍ରମରେ ଯୋଗ ଦେବାକୁ ସିମରା ଆସିବାର ଥିଲା। କିନ୍ତୁ ଏହାକୁ ଜେନ୍-ଜେଡ୍ ବିରୋଧ କରିବାକୁ ଅପିଲ କରିଥିଲେ। ଏହାପରେ ସକାଳେ ଶହେରୁ ଦେଢ଼ଶହ ସିମରା ଛକରେ ଏକାଠି ହୋଇଥିଲେ ଓ ପାର୍ଟି କାର୍ଯ୍ୟକର୍ତ୍ତା ସହ ସେମାନଙ୍କର ମୁହାଁମୁହିଁ ସ୍ଥିତି ଉପୁଜିଥିଲା। ପଥର ଫୋପଡ଼ା ଫୋପଡ଼ି ହେବା ସହ ମାଡପିଟ୍ ମଧ୍ୟ ହୋଇଥିଲା। ଫଳରେ ବିମାନ ବନ୍ଦରର ମୁଖ୍ୟ ଦ୍ୱାର କ୍ଷତିଗ୍ରସ୍ତ ହୋଇଥିଲା। ଭିଡ଼କୁ ନିୟନ୍ତ୍ରଣ କରିବାକୁ ଲାଠିଚାର୍ଜ କରିଥିଲା। ଏବେ ଦୁଇ କକ୍ଷ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଜାରି ରହିଛି। ୟୁଏମ୍‌ଏଲ କାର୍ଯ୍ୟକର୍ତ୍ତା ବିରୋଧରେ ଜେନ୍-ଜେଡ୍ ଯୁବକମାନେ ପୁଲିସ ଥାନାରେ ଅଭିଯୋଗ କରିଛନ୍ତି।

## ଭାରତକୁ ୧୦୦ ଟ୍ୟାଙ୍କ କିଲର ମିସାଇଲ୍ ଦେବ ଆମେରିକା

ନୂଆଦିଲ୍ଲୀ, ୨୦।୧୧(ଏଜେନ୍ସି): ଆମେରିକା ଭାରତକୁ ୧୦୦ଟି ଜାଭେଲିନ୍ ମିସାଇଲ ସିଷ୍ଟମ (ଏଫ୍‌ଜିଏମ-୧୪୮) ଓ ୨୧୬ ଏକ୍ସକାଲିବୁର ପ୍ରୋଜେକ୍ଟାଇଲ ସ୍ମାର୍ଟ ଆର୍ଟିଲାରୀ ସେଲ୍‌ଫ (ଏମ୍‌୯୮୨ଏ୧) ଦେବ। ଏଥିପାଇଁ ଦୁଇ ଦେଶ ମଧ୍ୟରେ ୯୨.୮ ବିଲିଅନ ଡଲାର ଅର୍ଥାତ ୭୭୫ କୋଟି ଟଙ୍କାର ଚୁକ୍ତି ହୋଇଛି। ଏନେଇ ଆବଶ୍ୟକୀୟ ମଞ୍ଜୁରୀ ଓ ସବିଶେଷ ତଥ୍ୟ ଆମେରିକୀୟ ସଂସଦ କଂଗ୍ରେସକୁ ପଠାଯାଇଛି ବୋଲି ଆମେରିକା ପ୍ରତିରକ୍ଷା ସୁରକ୍ଷା ସହଯୋଗ ଏଜେନ୍ସି (ଏସ୍‌ଏସ୍‌ସିଏ) ବୁଧବାର ଘୋଷଣା କରିଛି। ଡିଏସ୍‌ସିଏ କହିଛି ଯେ, ଏହି ଅସ୍ତ୍ର ଭାରତକୁ ବର୍ତ୍ତମାନ ଓ ଭିବଷ୍ୟତରେ ବିପଦ ସହ ମୁକାବିଲା କରିବା ପାଇଁ ସାହାଯ୍ୟ କରିବ। ଏଫଜିଏମ୍-୧୪୮ ଜାଭେଲିନ୍ ଏକ ପୋର୍ଟେବଲ୍ ଆଣ୍ଟି- ଟ୍ୟାଙ୍କ ମିସାଇଲ। ଏହା ଦ୍ୱାରା ଟ୍ୟାଙ୍କ, ଅସ୍ତ୍ରଶସ୍ତ୍ର ଧାରଣ କରିଥିବା ଗାଡ଼ି ଓ ବଙ୍କରକୁ ଧ୍ୱଂସ କରିହେବ। ଗରମ ଅର୍ଥାତ ହିଟ୍ ସିଗ୍‌ନେଜରକୁ ପାଥେୟ କରି ଟାର୍ଗେଟ ଉପରେ ଆକ୍ରମଣ କରିବ। ଏହାର ରେଞ୍ଜ୍ ୨୫୦୦ମି ରହିଛି। ଧୂଳି, ଧୂଆଁ ଓ ଖରାପ ପାଗରେ ମଧ୍ୟ ଏହି ମିସାଇଲ ଲକ୍ଷ୍ୟସ୍ଥଳକୁ ଧ୍ୱଂସ କରିବ।

# ପୁଣି କର୍ଣ୍ଣାଟକରେ ମୁଖ୍ୟମନ୍ତ୍ରୀ ପଦ ପାଇଁ ଲଢ଼େଇ

ବେଙ୍ଗାଲୁରୁ, ୨୦।୧୧ (ଏଜେନ୍ସି): ମୁଖ୍ୟମନ୍ତ୍ରୀ ପଦ ପାଇଁ ଧାର୍ଯ୍ୟ ଅଢ଼େଇ ବର୍ଷର କଣ୍ଟ ସରିବା ପୂର୍ବରୁ ପୁଣି କର୍ଣ୍ଣାଟକ କଂଗ୍ରେସରେ କଳି ଆରମ୍ଭ ହୋଇଛି। ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଗୋଷ୍ଠୀର ବିଧାୟକମାନେ ଖୋଲାଖୋଲି ଭାବେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ବିରୋଧରେ ମୁହଁ ଖୋଲିଛନ୍ତି। ତାଙ୍କର କିଛି ସମର୍ଥକ ନୂଆଦିଲ୍ଲୀରେ ମଧ୍ୟ ପହଞ୍ଚି ଯାଇଛନ୍ତି। ଏଠାରେ ସେ କଂଗ୍ରେସ ନେତୃତ୍ୱଙ୍କୁ ଭେଟି ଶିବକୁମାରଙ୍କ ପାଇଁ ଲବି କରିବେ ବୋଲି କୁହାଯାଉଛି। ଡିକେ ଶିବକୁମାର ରାଜ୍ୟ କଂଗ୍ରେସ ଅଧ୍ୟକ୍ଷ ପଦ ଛାଡ଼ିବା ନେଇ କହିବାର କିଛି ଘଣ୍ଟା ପରେ ଏଭଳି ହୋଇଛି। ସେ ବୁଧବାର ଖୁବଶୀଘ୍ର ଅଧ୍ୟକ୍ଷ ପଦ ଛାଡିବେ ବୋଲି କହିଥିଲେ। ସେ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କହିଥିଲେ ଯେ ଏହି ପଦରେ ସବୁବେଳେ ରହିବେ ନାହିଁ। ଏବେ ଅନ୍ୟ ନେତାଙ୍କୁ ବି ସୁଯୋଗ ମିଳିବା ଉଚିତ। ତେବେ ନେତୃତ୍ୱରେ ନ ରହିଲେ ମଧ୍ୟ ସମ୍ମୁଖରେ ରହିବି। ଶିବକୁମାରଙ୍କ ଏହି ବୟାନ ମୁଖ୍ୟମନ୍ତ୍ରୀଙ୍କ ସହ ଚାଲିଥିବା ତାଙ୍କ ଟଣାଓଟରା ଚର୍ଚ୍ଚାକୁ ଖୋରାକ ଯୋଗାଇଛି। ଆଜି ରାଜ୍ୟରେ କଂଗ୍ରେସ ସରକାରକୁ ଅଢେଇ ବର୍ଷ ପୂରଣ ହେବାକୁ ଯାଉଥିବାବେଳେ ଅଧ୍ୟକ୍ଷ ବଦଳାଇବା ନେଇ ଚର୍ଚ୍ଚା ହେଉଛି।

ଏପରି ସମୟରେ ଦିଲ୍ଲୀରେ ପହଞ୍ଚିଥିବା କଂଗ୍ରେସ ନେତାଙ୍କ ମଧ୍ୟରେ ବିଧାୟକ ଇକବାଲ ହୁସେନ ସାମିଲ ଅଛନ୍ତି। ସେ ପୂର୍ବରୁ ଶହେରୁ ଅଧିକ ବିଧାୟକ ଶିବକୁମାରଙ୍କୁ ସମର୍ଥନ ଦେଉଥିବା କହିଥିଲେ। ଏହି ଗସ୍ତକୁ ନେତାମାନେ ବ୍ୟବସାୟିକ କହୁଥିବେଳେ ଭୋକାଲିଗା ସମ୍ପ୍ରଦାୟର ନେତା ସାମିଲ ଥିବାରୁ ଏହାକୁ ରାଜନୈତିକ ଭାବେ ଦେଖାଯାଉଛି। ଏମାନେ ଶିବକୁମାରଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଚାପ ପକାଇବାକୁ ଦିଲ୍ଲୀ ଯାଇଥିବା କୁହାଯାଉଛି।

# ଶପଥ ନେଲେ ଜୟ ଢୋଲକିଆ



ଭୁବନେଶ୍ୱର,୨୦।୧୧(ସମିସ): ନୂଆପଡ଼ାର ନବନିର୍ବାଚିତ ବିଧାୟକ ଜୟ ଢୋଲକିଆ ଆଜି ବିଧାନସଭାରେ ଶପଥ ଗ୍ରହଣ କରିଛନ୍ତି। ବାଚସ୍ପତି ସୁରମା ପାଢ଼ୀ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଏହି ଅବସରରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ବିଧାନସଭା ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସଦ୍ୟସମାପ୍ତ ନୂଆପଡ଼ା ଉପନିର୍ବାଚନରେ ଶ୍ରୀ ଢୋଲକିଆ ୮୩ ହଜାରରୁ ଅଧିକ ଭୋଟ୍‌ରେ ବିଜୟୀ ହୋଇଥିଲେ।

■ ଦେବ ଦୀପାବଳି ଉତ୍ସବ

# କୌଶଲ୍ୟା, ଦଶରଥଙ୍କୁ ଦୀପଦାନ

ପୁରୀ, ୨୦।୧୧(ସମିସ): ମାର୍ଗଶିର ଅମାବାସ୍ୟା ତିଥିରେ ମହାପ୍ରଭୁ ଶ୍ରୀଜଗନ୍ନାଥ ପିତୃପୁରୁଷ ଦଶରଥ ଓ କୌଶଲ୍ୟାଙ୍କୁ ଦୀପଦାନ କରିଛନ୍ତି। ଗୁରୁବାର ସନ୍ଧ୍ୟାଧୂପ ନୀତି ବଢ଼ିବା ପରେ ଦେବ ଦୀପାବଳି ନୀତି ଆରମ୍ଭ ହୋଇଥିଲା। ମାର୍ଗଶିର କୃଷ୍ଣ ଚତୁର୍ଦ୍ଦଶୀ ନୀତି ଭଳି ସମାନ ନୀତି କରାଯାଇଥିଲା। ଠାକୁର ଶ୍ରାଦ୍ଧ ବେଶରେ ବିଭୂଷିତ ହୋଇଥିଲେ। ଅପରପକ୍ଷେ, ମନ୍ଦିରରେ ଦୀପ ଲଗାଯାଇଥିଲା। ଶ୍ରୀମନ୍ଦିରରେ ତିନିଦିନ ଧରି ପାଳିତ ହେଉଥିବା ଦେବଦୀପାବଳି ଉତ୍ସବର ସୋମବାର ଶେଷ ଦିବସ। ଏହି ଶୁକ୍ଳ ପ୍ରତିପଦା ତିଥିରେ ଠାକୁର ବାସୁଦେବ ଓ ଦେବକୀ, ନନ୍ଦ ଓ ଯଶୋଦା, ଇନ୍ଦ୍ରଦ୍ୟୁମ୍ନ ଓ ଗୁଣ୍ଡିଚାଙ୍କୁ ଦୀପଦାନ କରିବେ।



ଲକ୍ଷେ ଦୀପରେ ଝଲସୁଛି ବଡ଼ଦାଣ

# ବାପା ଦଶାହରେ ଚାଲିଗଲା ପୁଅର ଜୀବନ

ଆସିକା, ୨୦।୧୧(ସମିସ): 'ଦୁଃଖ' ସାଙ୍ଗସାଥୀ, ଭାଇ-ବନ୍ଧୁ-କୁଟୁମ୍ବକୁ ସାଙ୍ଗରେ ଆଣି ଆସେ। ବାପା ମୃତ୍ୟୁକୁ ଦିନ ୧୦ଟା ନବିତୁଣୁ ପୁଅର ଜୀବନ ଚାଲିଯାଇଛି। ଗଞ୍ଜାମ ଜିଲ୍ଲା ଆସିକା ବ୍ଲକ୍ ଅତରଙ୍ଗ ଗ୍ରାମର ଉଦୟ ଗୌଡ଼ (୭୦)ଙ୍କ ପରିବାର ଉପରେ ଏବେ ଏମିତି ଦୁଃଖର ପାହାଡ଼ ଅଜାଡ଼ି ହୋଇପଡ଼ିଛି।

ସୂଚନାନୁଯାୟୀ, ଗତ ୧୧ ତାରିଖରେ ଉଦୟଙ୍କ ମୃତ୍ୟୁ ହୋଇଯାଇଥିଲା। ଆଜି ତାଙ୍କର ଦଶାହ କର୍ମ ଥିଲା। ଏଥିପାଇଁ ପୁଅ ରାଜେନ୍ଦ୍ର ଗୌଡ଼ ସବୁ ଯୋଗାଡ଼ଯନ୍ତ୍ର ସାରିଥିଲେ। କିନ୍ତୁ ଆଜି ହଠାତ୍ ସେ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ। ପରିବାରଲୋକେ ତାଙ୍କୁ ଆସିକା ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଖବର ପଦାକୁ ଆସିବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ରାଜେନ୍ଦ୍ରଙ୍କ ଶବ ପହଞ୍ଚିବା ପରେ କାନ୍ଦବୋବାଳିରେ ଗାଁ ଦାଣ୍ଡ ଫାଟି ପଡ଼ିଥିଲା। ରାଜେନ୍ଦ୍ର ତାଙ୍କ ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ଥିଲେ। ବାପାଙ୍କ ଅନ୍ତେ ସେ ଦୁଃଖରେ ଭାଙ୍ଗି ପଡ଼ିଥିଲେ। ବାପାଙ୍କୁ ଝୁରିଝୁରି ତାଙ୍କ ଜୀବନ ଯାଇଥିବା ନେଇ ଚର୍ଚ୍ଚା ହେଉଛି। ଅପରପକ୍ଷେ, ରାଜେନ୍ଦ୍ରଙ୍କ ମୃତ୍ୟୁ ପରେ ତାଙ୍କ ପୂରା ପରିବାର ବେସାହାରା ହୋଇଯାଇଛି। ଉଦୟଙ୍କ ଦଶାହ ଓ ରାଜେନ୍ଦ୍ରଙ୍କ ଅନ୍ତ୍ୟେଷ୍ଟିକ୍ରିୟା କେମିତି ସଂପନ୍ନ ହେବ, ତାକୁ ନେଇ ପରିବାରଲୋକ, ବନ୍ଧୁବାନ୍ଧବ ଚିନ୍ତାରେ ପଡ଼ିଛନ୍ତି। ତେଣୁ, ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ

ପୁରୀ, ୨୦।୧୧ (ସମିସ): ପ୍ରତି ଅମାବାସ୍ୟାରେ ଶ୍ରୀମନ୍ଦିରରୁ ଅମାବାସ୍ୟା ନାରାୟଣ ସାଗର ବିଜେ କରିଥାନ୍ତି। ଗୁରୁବାର ମାର୍ଗଶିର ଅମାବାସ୍ୟା ତିଥିରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସକାଳ ଧୂପ ପରେ ଅମାବାସ୍ୟା ନାରାୟଣ ସାଗର ବିଜେ କରିଥିଲେ। ମହାଜନ ସେବକ ଅମାବାସ୍ୟା ନାରାୟଣଙ୍କୁ ହାତରେ ଧରି ପାଲିଙ୍କିରେ ବିଜେ କରାଇଥିଲେ। ପାଲିଙ୍କି ସିଂହଦ୍ୱାର ଦେଇ ସ୍ୱର୍ଗଦ୍ୱାର ସମୁଦ୍ରକୂଳରେ ବିଜେ କରାଯାଇଥିଲା। ସେଠାରେ ସାଗର ବିଜେ ନୀତି ଅନୁଷ୍ଠିତ ହୋଇଥିଲା। ଗରାବଡୁ ସେବକ ରୁପା ପିଙ୍ଗଣରେ ସମୁଦ୍ର ଜଳ ଆଣି ପଣ୍ଡାଙ୍କୁ ଦେବା ପରେ ତାହାକୁ ସଂସ୍କାର କରାଯାଇ ଠାକୁରଙ୍କୁ ଲାଗି କରାଯାଇଥିଲା। ସାବତ ନିଯୋଗ ପକ୍ଷରୁ ପଣା ଭୋଗ, କର୍ପୂର ଆଳତି, ବନ୍ଦାପନା, ସଞ୍ଜ କାହାଳୀ ଆଳତି ପରେ ବିମାନବଡୁ ସେବକମାନେ ଠାକୁରଙ୍କୁ ପାଲିଙ୍କିରେ ନେଇ ଯମେଶ୍ୱର ମହାଦେବଙ୍କ ମନ୍ଦିର ଦେଇ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହାପରେ ଠାକୁରଙ୍କ ଅନ୍ୟାନ୍ୟ ନୀତି ବଢ଼ିଥିଲା।

ବସ୍ ଚାଳନା ବେଳେ ଚାଳକଙ୍କୁ ହୃଦ୍‌ଘାତ

# ମୃତ୍ୟୁ ପୂର୍ବରୁ ଯାତ୍ରୀଙ୍କ ଜୀବନ ବଞ୍ଚାଇଲେ

ସେମିଳିଗୁଡ଼ା, ୨୦।୧୧(ସମିସ): ବସ୍ ଚଳାଇବା ବେଳେ ଡ୍ରାଇଭରଙ୍କୁ ହୃଦ୍‌ଘାତ ହେଲା। କିଛି ଅଘଟଣ ପୂର୍ବରୁ ସେ ଗାଡ଼ିକୁ ଅଟକାଇ ଦେଇଥିଲେ। କିଛି ସମୟ ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଯଦି ସିଏ ଗାଡ଼ି ରଖି ନ ଥାନ୍ତେ, ତେବେ ବଡ଼ଧରଣ ଅଘଟଣ ଘଟିଥାନ୍ତା। ଗୁରୁବାର ସକାଳେ ସେମିଳିଗୁଡା ବ୍ଲକର କୁନ୍ଦିଲି ନିକଟରେ ଏଭଳି ଘଟଣା ଘଟିଛି। ସୂଚନା ଅନୁଯାୟୀ, ବିଜୟନଗରମରୁ ୨୫ ଯାତ୍ରୀଙ୍କୁ ଧରି ଓଏସ୍‌ଆରଟିସି ବସ ବୁଧବାର ରାତିରେ ମାଲକାନଗିରିକୁ ଯାଉଥିବା ବେଳେ କୁନ୍ଦିଲି ନିକଟ ପହଞ୍ଚିବା ସମୟରେ ଡ୍ରାଇଭର ପରୁଲ୍ଲି ସାଇକୃଷ୍ଣ କୁମାରଙ୍କୁ ହୃଦ୍‌ଘାତ ହୋଇଥିଲା। ଯନ୍ତ୍ରଣା ସତ୍ତ୍ୱେ ସେ ବସ୍‌କୁ ରାସ୍ତାକଡ଼ରେ ଅଟକାଇବାକୁ ସକ୍ଷମ ହୋଇଥିଲେ। ଅନ୍ୟ ଚାଳକଙ୍କୁ ନିଜ କଷ୍ଟ କହି ସେ ରେଷ୍ଟ ସିଟ୍‌ରେ



ଶୋଇପଡ଼ିଥିଲେ। ଅନ୍ୟ ଚାଳକ ବସ୍‌କୁ ମାଲକାନଗିରି ଅଭିମୁଖେ ନେଉଥିବା ବେଳେ ସୁନାବେଡ଼ା ପରେ ଡୁମୁରିପୁଟଠାରେ ଡ୍ରାଇଭର ସାଇ କୃଷ୍ଣଙ୍କୁ ପୁଣି ହୃଦଘାତ ହେବାରୁ ଆମ୍ବୁଲାନ ପାଇଁ ଯୋଗାଯୋଗ କରାଯାଇଥିଲା। କିନ୍ତୁ ଆମ୍ବୁଲାନ୍ସ ନ ମିଳିବାରୁ ଉକ୍ତ ବସ୍‌ରେ ହି ତାଙ୍କୁ କୋରାପୁଟ ବସଷ୍ଟାଣ୍ଡକୁ ନେଇ ସେଠାରୁ ଏକ ଅଟୋରେ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ନିଆଯାଇଥିଲା। ମେଡିକାଲ କଲେଜରେ ଚିକିତ୍ସିତ ହେଉଥିବାବେଳେ ସାଇକୃଷ୍ଣଙ୍କ ମୃତ୍ୟୁ ଘଟିଥିଲା। ପୋଷ୍ଟମର୍ଟମ୍ ପରେ ସାଇକୃଷ୍ଣଙ୍କ ମୃତ ଶରୀରକୁ ମାଲକାନଗିରି ସ୍ଥିତ ତାଙ୍କ ଘରକୁ ପଠାଇ ଦିଆଯାଇଛି। କୋରାପୁଟ ଡିଟିଏମ୍ ତାଙ୍କ ପରିବାରକୁ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ଦେବା ସହ ମୃତ ଶରୀରକୁ ଘରକୁ ପଠାଇବା ପାଇଁ ଆମ୍ବୁଲାନ୍ସ ବ୍ୟବସ୍ଥା କରିଥିବା ଜଣାପଡ଼ିଛି।

# ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌କୁ ଧକ୍କା ଦେଲା ଟ୍ରକ୍, ଡ୍ରାଇଭର ମୃତ

ଆନନ୍ଦପୁର, ୨୦।୧୧ (ସମିସ): ଆନନ୍ଦପୁର ଥାନା ୨୦ନଂ ଜାତୀୟ ରାଜପଥରେ ଭାରସାମ୍ୟ ହରାଇ ପୂର୍ବରୁ ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତାକଡ଼ରେ ପଡ଼ି ରହିଥିବା ଏକ ଟ୍ରକ୍‌କୁ ଏକ ଲୁହାପଥର ବୋଝେଇ ଟ୍ରକ୍ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ଜଣେ ଚାଳକଙ୍କ ମୃତ୍ୟୁ ଘଟିଛି। ବେଲବାହାଲି କୁଶେଇ ପୋଲ ନିକଟରେ ଆଜି ଏଭଳି ଏକ ଦୁର୍ଘଟଣା ଘଟିଛି। ଖବର ପାଇ ଘଷିପୁରା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଛି। ଦୁର୍ଘଟଣାର ଏତେ ଜୋର୍ ଥିଲା ଯେ ଟ୍ରକ କ୍ୟାବିନ୍‌ରେ ଚାପି ହୋଇ ଡ୍ରାଇଭର ଫସି ରହିଥିଲେ। ପରେ ଅଗ୍ନିଶମ ବିଭାଗ କର୍ମଚାରୀ ଗ୍ୟାସ୍ କଟର୍ ସହାୟତାରେ ଡ୍ରାଇଭରଙ୍କୁ ଉଦ୍ଧାର କରି ମେଡିକାଲରେ ପହଞ୍ଚାଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣ କରିଛନ୍ତି। ମୃତ ଡ୍ରାଇଭର ହରିଚନ୍ଦନପୁର ଥାନା ଭଗାମୁଣ୍ଡା ଗାଁର ରଞ୍ଜନ କୁମାର ମହାନ୍ତ ହୋଇଥିବା ଜଣାପଡ଼ିଛି। ପୁଲିସ୍ ଏହି ଘଟଣାରେ ଅଧିକ ତଦନ୍ତ କରି ମୃତଦେହକୁ ଆନନ୍ଦପୁର ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଛି। ଘଟଣାର ସବିଶେଷ ତଦନ୍ତ ଜାରି ରଖିଛି।

ଅପରେଶନ 'ଚକ୍ର'

# ୧୦ ଦୁର୍ଦ୍ଦାନ୍ତ ଅପରାଧୀ ଗିରଫ, ୩ ବନ୍ଧୁକ ଓ ୪ ଗୁଳି ଜବତ

ପୁରୀ, ୨୦।୧୧(ସମିସ): ପୁରୀ ପୁଲିସ୍ ପଞ୍ଝାରେ ୨ ଗ୍ୟାଙ୍ଗ୍‌ର ୧୦ଦୁର୍ଦ୍ଦାନ୍ତ ଅପରାଧୀ। ବଡ଼ଧରଣର ଅପରାଧ ଘଟାଇବା ପାଇଁ ବ୍ଲୁ-ପ୍ରିଣ୍ଟ ତିଆରି କରୁଥିବା ବେଳେ ଟାଉନ୍ ଥାନା ଓ ତାଳବଣିଆ ଥାନା ଏମାନଙ୍କୁ ପୃଥକ୍ ପୃଥକ୍ ଜାଗାରୁ ଧରିଛି। ଅଭିଯୁକ୍ତମାନେ ହେଲେ, ତଲୁଛ ସାହିର ଲୋକନାଥ ମିଶ୍ର, ବାସେଳିସାହି ଥାନା ମିଶ୍ର ସାହିର ସନ୍ତୋଷ କୁମାର ମିଶ୍ର, ସିଦ୍ଧମହାବୀର ବେହେରା ସାହିରେ ରହୁଥିବା ଛଇତନାର କାଳିଆ ପ୍ରଧାନ, ପୁରୀ ସଦର ଥାନା ଖଣ୍ଡିଆବନ୍ଧର ଦୁଃଶାସନ ସାହୁ, ସିପସରୁବାଲିରେ ରହୁଥିବା ଚନ୍ଦନପୁର ଗୋପୀନାଥପୁର ମାନସ କୁମାର ଭୋଇ। ତାଳବଣିଆ ଥାନା ପୁଲିସ ଭୂଦାନ ଜଙ୍ଗଲରୁ ଏମାନଙ୍କୁ ଗିରଫ କରିଛି। ସେହିପରି, ଟାଉନ୍ ଥାନା ପୁଲିସ ହାତରେ ଧରାପଡ଼ିଥିବା ଅଭିଯୁକ୍ତମାନେ ହେଲେ, ବାଲିକୁଦ ରାମଚଣ୍ଡୀ ସାହିର ଶବି ନାୟକ, ବାପିନା ନାୟକ, ବାଲିସାହି ବଡଲମଠ ଗଳିର ସତ୍ୟପ୍ରିୟ ପ୍ରତିହାରୀ, ଘୋଡ଼ାବଜାର ଅଞ୍ଚଳରେ ରହୁଥିବା ଗଞ୍ଜାମ ସୁରେଖାଦେଇପୁରର ପ୍ରଫୁଲ୍ଲ ସ୍ୱାଇଁ ଏବଂ ପାରାନୋଳିଆ ସାହି ବାରବାଟୀ ଜାଗାର ସୁକାନ୍ତ ନାୟକ। ଏମାନଙ୍କୁ ପୁଲିସ ଲୋକନାଥ ରୋଡ୍ କୁସୁନୁ ଖୁଣ୍ଟିଆରୁ ଗିରଫ କରିଛି। ଅଭିଯୁକ୍ତମାନଙ୍କଠାରୁ ୩ଟି ବନ୍ଧୁକ, ୪ଟି ଗୁଳି, ୩ଟି କଟୁରୀ, ଗୋଟିଏ ଲୁହାରଡ୍, ମୋବାଇଲ ଫୋନ ଏବଂ ୮୦୦ ଟଙ୍କା ଜବତ କରାଯାଇଛି। ଗୁରୁବାର ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ପ୍ରତୀକ ସିଂ ଏନେଇ ବିସ୍ତୃତ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହତ୍ୟା, ଚୋରି, ଡକାୟତି, ଛିନ୍‌ତାଇ, ରାହାଜାନି ଆଦି ଅପରାଧରେ ସଂପୃକ୍ତ ବୋଲି ଏସ୍‌ପି ଶ୍ରୀ ସିଂ କହିଛନ୍ତି। ଉଲ୍ଲେଖଯୋଗ୍ୟ, ପୁରୀ ସହରକୁ ଅପରାଧମୁକ୍ତ ଓ ନିଶାମୁକ୍ତ କରିବା ପାଇଁ ଏସ୍‌ପି ପ୍ରତୀକ୍ ସିଂଙ୍କ ତତ୍ତ୍ୱାବଧାନରେ 'ଅପରେଶନ ଚକ୍ର' ଜାରି ରହିଛି। ବିଭିନ୍ନ ଥାନାର ବରିଷ୍ଠ ପୁଲିସ ଅଧିକାରୀଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ସଞ୍ଜ ନଇଁଲେ ପ୍ରମୁଖ ସ୍ଥାନରେ ଚାଲିଛି ନାକାବନ୍ଦୀ। ଗାଡିମୋଟର ଯାଞ୍ଚ ସାଙ୍ଗକୁ ଅପରାଧୀଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛି ପୁଲିସ।

# ଶଙ୍ଖ ଭବନରେ ବିଜେଡିର ସାଂଗଠନିକ ବୈଠକ

■ ଭାଗନେଲେ ୩୩ଟି ସାଂଗଠନିକ ଜିଲ୍ଲାର ସଭାପତି

■ ଆଗାମୀ ଦିନର ସାଂଗଠନିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା

ଭୁବନେଶ୍ୱର,୨୦।୧୧(ସମିସ): ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଶଙ୍ଖ ଭବନରେ ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଦଳର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରତ୍ୟକ୍ଷ ଓ ଭିଡିଓ କନଫରେନ୍ସିଂ ମାଧ୍ୟମରେ ୩୩ଟି ସାଂଗଠନିକ ଜିଲ୍ଲାର ସଭାପତିମାନଙ୍କ ସହିତ ଆଗାମୀ ଦିନର ସାଂଗଠନିକ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିବା ଜଣାପଡ଼ିଛି।

ବୈଠକରେ ପ୍ରତ୍ୟେକ୍ଷ ଭାବରେ କନ୍ଧମାଳ ଜିଲ୍ଲାର ସାଂଗଠନିକ ସ୍ଥିତି ବିଷୟରେ ଆଲୋଚନା ହୋଇଥିଲା। ଏଥିରେ ଜିଲ୍ଲା ସଭାପତି ପଦ୍ମନାଭ ବେହେରା, ବିଧାୟକ ଚନ୍ଦ୍ରମଣୀ କହଁର, ପୂର୍ବତନ ବିଧାୟକ ସାଲୁଗା ପ୍ରଧାନ, ପୂର୍ବତନ ଜିଲ୍ଲା ସଭାପତି ସରୋଜ କର୍ଣ୍ଣ ଓ ଫୁଲବାଣୀ ବିଧାୟକ ପ୍ରାର୍ଥୀ ଜୟଶ୍ରୀ କହଁରଙ୍କ ଉପସ୍ଥିତିରେ ଆଗାମୀ ଦିନରେ କନ୍ଧମାଳ ଜିଲ୍ଲାରେ ଦଳୀୟ ସଂଗଠନକୁ ଅଧିକ ମଜଭୁତ ଓ କ୍ରିୟାଶୀଳ କରାଯିବା ଉପରେ ଆଲୋଚନା କରାଯାଇଥିଲା।

ସେହିଭଳି ବୌଦ୍ଧ ଜିଲ୍ଲାର ସଭାପତି ମହିଧର ରଣା ଓ ପୂର୍ବତନ ମନ୍ତ୍ରୀ ପ୍ରଦୀପ ଅମାତଙ୍କ ସହିତ ଶ୍ରୀ ମିଶ୍ର ପ୍ରତ୍ୟକ୍ଷ ଭାବରେ ଆଲୋଚନା କରିଥିଲେ। ଭିଡିଓ କନ୍‌ଫରେନ୍ସିଂ ଜରିଆରେ ବିଭିନ୍ନ ଜିଲ୍ଲାର ସଭାପତି ଅନୁଗୁଳର ବ୍ରଜ



କିଶୋର ପ୍ରଧାନ, ବରଗଡ଼ର ସୁଶାନ୍ତ କୁମାର ମହାପାତ୍ର, ଭଦ୍ରକର ଜଗନ୍ନାଥ ସ୍ୱାଇଁ, ବଲାଙ୍ଗିରର ସରୋଜ କୁମାର ମେହେର, କଟକର ପ୍ରଫୁଲ୍ଲ ସିଂ, ଦେବଗଡ଼ର ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଢେଙ୍କାନାଳର କାର୍ଯ୍ୟକାରୀ ସଭାପତି ସନ୍ଦୀପ ଷଡ଼ଙ୍ଗୀ, ଗଜପତିର ପ୍ରଦୀପ ନାୟକ, ଝାରସୁଗୁଡାର ହରିଶ ଗଣତ୍ରା, କଳାହାଣ୍ଡିର ପ୍ରଦୀପ କୁମାର ଦିଶାରୀ, କେନ୍ଦ୍ରାପଡ଼ାର ଶିବ ପ୍ରସାଦ ଭୋଇ, କେନ୍ଦୁଝରର ଆଶିଷ ଚକ୍ରବର୍ତ୍ତୀ, କୋରାପୁଟର କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ବିଡିକା ଓ ଦୁର୍ଗା ମିଶ୍ର, ମାଲକାନଗିରିର ମାନସ ମାଡକାମୀ, ମୟୂରଭଞ୍ଜ-୧ର ସୁଦାମ ମାରାଣ୍ଡି, ମୟୂରଭଞ୍ଜ-୨ର ଦେବାଶିଷ ମାରାଣ୍ଡି, ନବରଙ୍ଗପୁରର ମନୋହର ରନ୍ଧାରୀ, ନୟାଗ?ର ରମେଶ ବେହେରା, ନୂଆପଡାର ଅବନୀ ରଞ୍ଜନ ଯୋଶୀ, ରାଉରକେଲାର ପ୍ରଦ୍ୟୁମ୍ନ ତ୍ରିପାଠୀ, ସମ୍ବଲପୁରର ରୋହିତ ପୂଜାରୀ, ସୁବର୍ଣ୍ଣପୁରର ସରୋଜ କୁମାର କର୍ମ, ସୁନ୍ଦରଗଡର ଯୋଗେଶ ସିଂ, ରାୟଗଡାର ଜଗନ୍ନାଥ ସାରକାଙ୍କ ସହ ସାଙ୍ଗଠନିକ ବିଷୟରେ ଆଲୋଚନା କରାଯିବା ସହିତ ବାକି ଥିବା ଜିଲ୍ଲା କମିଟି ଓ ବିଏଲ୍‌ଓଙ୍କ ନାମ ଦଳର ମୁଖ୍ୟାଳୟ (ଶଙ୍ଖ ଭବନ)ରେ ତୁରନ୍ତ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ପ୍ରତ୍ୟେକ୍ଷ ଭାବରେ ଜଗତସିଂହପୁର ଜିଲ୍ଲା ସଭାପତି ପ୍ରଶାନ୍ତ ମୁଦୁଲିଙ୍କ ସହ ଦଳର ସାଧାରଣ ସମ୍ପାଦକ ଦେବେଶ ଆଚାର୍ଯ୍ୟ ଓ ବିଜୟ ନାୟକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

■ ଅଧା ରହିଗଲା ନାତୁଣୀର ଜନ୍ମଦିନ ପାଳନ

# ଦୁର୍ଘଟଣାରେ ଚାଲିଗଲା ଅଜାଙ୍କ ଜୀବନ

ଆନନ୍ଦପୁର, ୨୦।୧୧ (ସମିସ): ଅଧା ରହିଗଲା ନାତୁଣୀର ଜନ୍ମଦିନ ପାଳନ। ବାଟ ମଝିରେ ଟ୍ରକ୍ ଧକ୍କାରେ ଚାଲିଗଲା ଅଜାଙ୍କ ଜୀବନ। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ୨୦ ନଂ ଜାତୀୟ ରାଜପଥର କୋଳିମାଟି ଛକ ନିକଟରେ ଆଜି ଏପରି ଏକ ଦୁଃଖଦ ଘଟଣା ଘଟିଛି। ମୃତକ ହେଲେ, ମୟୂରଭଞ୍ଜ ଜଲ୍ଲା କରଞ୍ଜିଆ ଥାନା ଖାଲୁର୍ ଗାଁୟର ଶରତ ଚନ୍ଦ୍ର ନାୟକ। ଏହି ଦୁର୍ଘଟଣାରେ ଶରତଙ୍କ ପତ୍ନୀ ମମତା ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ଲାଗି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ, ନାତୁଣୀର ଜନ୍ମଦିନ ପାଳନ ପାଇଁ ଶରତ ଓ ମମତା ଏକ ବାଇକ୍‌ରେ ଯାଜପୁରରୋଡ୍‌ସ୍ଥିତ ନିଜ ଝିଅ ଘରକୁ ଯାଉଥିଲେ। କୋଳିମାଟି ଛକ ନିକଟରେ ଶରତ ଏକ ବସ୍‌କୁ ଓଭଟେକ୍ କରୁଥିବା ସମୟରେ ପଛପଟୁ ଆସୁଥିବା ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଘଷିପୁରା ପୁଲିସ୍ ଉଭୟଙ୍କୁ ଉଦ୍ଧାର କରି ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରାଇଥିଲା। ସେଠାରେ ଶତରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସେପଟେ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଅଟକ ରଖି ତଦନ୍ତ ଚଳାଇଛି ପୁଲିସ୍।

ମାଟ୍ରିକ୍ ପରୀକ୍ଷାକୁ ଆଉ ୨ ମାସ

# ଇଂରାଜୀ ବହିରେ ହାତ ମାରିନାହାନ୍ତି ସାର୍

ଉପଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କଲେ ଛାତ୍ରଛାତ୍ରୀ

ଉଦଳା, ୨୦।୧୧ (ସମିସ): ୨ ମାସ ପରେ ବୋର୍ଡ ପରୀକ୍ଷା। କିନ୍ତୁ ଏଯାଏ ଇଂରାଜୀ ବହିରେ ହାତ ମରା ହୋଇନି। ଅଭିଯୋଗ କରି କରି ଥକିଯିବା ପରେ ଶିକ୍ଷକ ଶୁଣୁନାହାନ୍ତି। ଏପରି ଅଭିଯୋଗ ନେଇ ଆଜି ୨୪ ଜଣ ଛାତ୍ରଛାତ୍ରୀ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ବଡ଼ଖମଣ ସରକାରୀ ହାଇସ୍କୁଲର ଏହି ଘଟଣା ଆଜି ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି।

ଅଭିଯୋଗ ଅନୁଯାୟୀ, ଦାୟିତ୍ୱରେ ଥିବା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନବମ ଏବଂ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଇଂରାଜୀ ପଢ଼ାଉ ନାହାନ୍ତି। ଏନେଇ ଛାତ୍ରଛାତ୍ରୀମାନେ ବାରମ୍ବାର ଗୁହାରି କରିବା ପରେ ମଧ୍ୟ ସେ ଶୁଣୁନାହାନ୍ତି। ଫଳରେ ନିଜ ଭବିଷ୍ୟତକୁ ନେଇ ଛାତ୍ରଛାତ୍ରୀମାନେ ଆଶଙ୍କାରେ ପଡ଼ିଛନ୍ତି। ଏହାର ପ୍ରତିବାଦରେ ଆଜି



ସକାଳେ ସ୍କୁଲର ୨୪ଜଣ ଛାତ୍ରଛାତ୍ରୀ ବସ୍‌ରେ ଉଦଳାରେ ପହଞ୍ଚି ଉପଜିଲ୍ଲାପାଳଙ୍କୁ ସାକ୍ଷାତ କରି ଇଂରାଜୀ ପଢ଼ା ହେଉନଥିବା କହିଛନ୍ତି। ଉପଜିଲ୍ଲାପାଳଙ୍କୁ ଭେଟି ନିଜର ଗୁହାରି ଜଣାଇବା ସହିତ ଇଂରାଜୀ ବିଷୟ ପଢ଼ାଇବା ଅନୁରୋଧ କରିଛନ୍ତି ଛାତ୍ରଛାତ୍ରୀ। ସେପଟେ, ଏଭଳି ସାଙ୍ଘାତିକ ଅଭିଯୋଗ ଆସିବା ପରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ସମ୍ପୃକ୍ତ ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ଡକାଇ ତାଗିଦ୍ କରିଛନ୍ତି। ଇଂରାଜୀ କ୍ଲାସ କରିବାକୁ ତାଗିଦ କରିଛନ୍ତି। ଏ ସଂପର୍କରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ କହିଛନ୍ତି ଯେ ଏହି ଘଟଣାର ତଦନ୍ତ କରାଯିବା ସହ କ୍ଲାସ୍ ନକରି ଶିକ୍ଷାରେ ବାଧା ସୃଷ୍ଟି କରିଥିଲେ, ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

ଜୋର୍ ଧରିଲା ବହଳଦା ବିଡିଓଙ୍କ ଦାବି

# ବ୍ଲକ୍ ଅଫିସ୍‌ରେ ତାଲା ପକାଇ ସରପଞ୍ଚଙ୍କ ସମୂହ ଧାରଣା

ବିନା ପିସିରେ ବିଲ୍ ପାସ କରୁ ନ ଥିବା ଅଭିଯୋଗ

ବହଳଦା, ୨୦।୧୧ (ସମିସ): ଅଭିଯୋଗ, ଚେତାବନୀ ପରେ ମଧ୍ୟ ବିଡିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ବ୍ଲକ୍ ଅଫିସ୍ ଆଗରେ ତାଲା ପକାଇ ସମୂହ ଧାରଣାରେ ବସିଲେ ୧୧ ପଞ୍ଚାୟତର ସରପଞ୍ଚ। ମୟୂରଭଞ୍ଜ ଜିଲ୍ଲା ବହଳଦା ବ୍ଲକ୍‌ରେ ଆଜି ଏପରି ଏକ ଅପ୍ରୀତିକର ପରିସ୍ଥିତି ଦେଖିବାକୁ ମିଳିଛି।

ମନରେଗା ଯୋଜନାଠାରୁ ଆରମ୍ଭ କରି ବହଳଦା ବ୍ଲକ୍‌ରେ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବିଡିଓ ଶରତ କୁମାର ମଲ୍ଲିକ ଆଖିବୁଜା ପିସି ଆଦାୟ କରୁଛନ୍ତି ବୋଲି ଗତ ୧୭ ତାରିଖରେ ଏକ ସାମ୍ବାଦିକ ସମ୍ମିଳନୀରେ ସରପଞ୍ଚମାନେ ଅଭିଯୋଗ କରିଥିଲେ। ତେଣୁ, ସଂପୃକ୍ତ ବିଡିଓଙ୍କୁ ତୁରନ୍ତ ବଦଳି କରିବାକୁ ପ୍ରଶାସନକୁ ଚେତାବନୀ ଦେଇଥିଲ। କିନ୍ତୁ, ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆନଯିବାରୁ ଏହାର ପ୍ରତିବାଦରେ ଆଜି ସରପଞ୍ଚମାନେ ଏକାଠି ହୋଇ ବ୍ଲକ୍ ଅଫିସ ଆଗରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦେଇଛନ୍ତି। ଏହାସହ ବ୍ଲକ୍ ଅଫିସ୍‌ରେ ମଧ୍ୟ ତାଲା ପକାଇ ଦେଇଛନ୍ତି।

ଅତିରିକ୍ତ ଉପଜିଲ୍ଲାପାଳ ବାସନ୍ତୀ ଲାକ୍ରା ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ସରପଞ୍ଚଙ୍କୁ ବୁଝାସୁଝା କରି ଧାରଣାରୁ ଓହରିବାକୁ ନିବେଦନ କରିଥିଲେ। ଏ ସଂପର୍କରେ ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ ସହ ଆସନ୍ତା ୨୪ ତାରିଖରେ ଆଲୋଚନା କରିବେ ବୋଲି ମଧ୍ୟ ପ୍ରସ୍ତାବ ଦେଇଥିଲେ। ହେଲେ ଏହି ପ୍ରସ୍ତାବରେ ସରପଞ୍ଚମାନେ ରାଜି ହୋଇ ନଥିଲେ। ବିଡିଓଙ୍କ ବଦଳି ନ ହେବା




ପର୍ଯ୍ୟନ୍ତ ତାଲାବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ସରପଞ୍ଚମାନେ ଅଡ଼ି ବସିଥିଲେ। ଅପରପକ୍ଷେ, ଏହି ଆନ୍ଦୋଳନ ଯୋଗୁଁ ବ୍ଲକ୍ ଅଫିସ୍‌ର ସମସ୍ତ କାର୍ଯ୍ୟ ଠପ୍ ହୋଇଯାଇଛି। ବ୍ଲକକୁ ବିଭିନ୍ନ କାମରେ ଆସୁଥିବା ଲୋକେ ନିରାଶରେ ଫେରିଛନ୍ତି।

ଏହି ଧାରଣାରେ ଗମ୍ଭାରିଆ ସରପଞ୍ଚ ବୈଦେହୀ ହାଁସଦା, ଗିଦିଘାଟୀ ସରପଞ୍ଚ ସାଲାଇ ବେଶ୍ରା, କାଙ୍କି ସରପଞ୍ଚ ସାରଥୀ ହାଁସଦା, ଶଶ ସରପଞ୍ଚ ସ୍ଥଳପଦ୍ମ ହାଁସଦା, ବଡପଳସା ସରପଞ୍ଚ ଗୀତାରାଣୀ ହେମ୍ବ୍ରମ, ଭିତରାମଦା ସରପଞ୍ଚ ଖାତ୍ରୀ କିସ୍କୁ, ବହଳଦା ସରପଞ୍ଚ ଲକ୍ଷ୍ମଣ ହାଁସଦା, ଅଁଳାଯୋଡି ସରପଞ୍ଚ ସଳମା ମାଝୀ, ଅସନା ସରପଞ୍ଚ ବାଲେଶ୍ୱର ମୁର୍ମୁ, ଯଶିପୁର ସରପଞ୍ଚ କାଶୁ ମାଝୀ ଏବଂ ବାସିଙ୍ଗି ସରପଞ୍ଚ ମାହି ମୁର୍ମୁ ପ୍ରମୁଖ ଯୋଗ ଦେଇଛନ୍ତି। ତେବେ ଝରାଡିହି ସରପଞ୍ଚ ରଞ୍ଜିତା ନାଏକ ଏହି ଆନ୍ଦଳନରୁ ବିରତ ରହିଥିବା ଜଣାପଡ଼ିଛି। ଧାରଣାସ୍ଥଳରେ ତହସିଲଦାର ଶିବପ୍ରସାଦ ମୁର୍ମୁ ଓ ବହଳଦା ଥାନା ଅଧିକାରୀ ଭାସ୍କର ପ୍ରଧାନଙ୍କ ସହ ପୁଲିସ ବଳ ଉପସ୍ଥିତ ଥିଲେ।

ଏ ସଂପର୍କରେ ବିଡିଓ ଶ୍ରୀ ମଲ୍ଲିକଙ୍କୁ ଯୋଗାଯୋଗ କରିବାରୁ ସେ ପିସି କାରବାରକୁ ଖଣ୍ଡନ କରିଛନ୍ତି। କୌଣସି ଲାଞ୍ଚ ନେଇନାହାନ୍ତି ବୋଲି ପ୍ରତିକ୍ରିୟାରେ କହିଛନ୍ତି। ଯଦି ଅଭିଯୋଗ ଅଛି କିମ୍ବା ମୋ ନାମ ନେଇ କୌଣସି ଅଧିକାରୀ ଲାଞ୍ଚ ନେଇଥା'ନ୍ତି, ତାହେଲେ ସେମାନେ ଦୁର୍ନୀତି ନିବାରଣ ବିଭାଗରେ ଅଭିଯୋଗ କରନ୍ତୁ ବୋଲି କହିଛନ୍ତି।

### ୬ ମାସ ହେଲା ଡ୍ରେନେଜ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପଦବୀ ଖାଲି

# ଆଗେଇ ପାରୁନି ଉନ୍ନୟନମୂଳକ ପ୍ରକଳ୍ପ କାମ

ଯାଜପୁର/କବାଟବନ୍ଧ, ୨୦।୧୧(ସମିସ)

ଜିଲ୍ଲାରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ବଡ଼ ବଡ଼ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲିପଡ଼ିବା କାରଣରୁ ଉନ୍ନୟନମୂଳକ କାର୍ଯ୍ୟ ତଥା ପ୍ରକଳ୍ପରେ ପ୍ରତିବନ୍ଧକ ଲାଗିଛି। ନୂତନ କାର୍ଯ୍ୟ ପାଇଁ କେମିତି ହେବ ଟେଣ୍ଡର ଓ ଏଗ୍ରିମେଣ୍ଟ। ଯାହାକୁ ନେଇ ସାଧାରଣ ଲୋକ ତଥା ଅନେକ ଲୋକାଭିମୁଖୀ ଯୋଜନା ଆଗକୁ ବଢ଼ିପାରୁନାହିଁ। ଗତ ୬ ମାସ ଧରି ଜଳ ନିଷ୍କାସନ (ଡ୍ରେନେଜ ବିଭାଗ)ର ଅଧୀକ୍ଷଣ ଯନ୍ତ୍ରୀ ପଦବୀ ଖାଲିପଡ଼ିଥିବା ଏହାର ସଦ୍ୟ ଉଦାହରଣ।

ଜିଲ୍ଲାରେ ଉକ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ମାୟାଧର ପରିଡ଼ା ଗତ ଜୁନ ମାସରେ ଅବସର ଗ୍ରହଣ କରିଛନ୍ତି। ଏହାପରେ ତାଙ୍କ ସ୍ଥାନରେ କାହାକୁ ନିଯୁକ୍ତି ଦିଆଯାଇନାହିଁ। ଯଦ୍ୱାରା ଅନେକ ପ୍ରକଳ୍ପ କାର୍ଯ୍ୟ ଅଧାରେ ଅଟକିଛି ଓ ଆଗକୁ ବଢ଼ିପାରୁନାହିଁ। ଡ୍ରେନେଜ ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ, ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଜିଲ୍ଲା ସ୍ତରରେ ଜଳ ନିଷ୍କାସନ (ଡ୍ରେନେଜ) ବିଭାଗ ଦ୍ୱାରା ଜଳବନ୍ଦୀ ପରିଚାଳନା ଓ କୃଷି ସହିତ ଗ୍ରାମୀଣ ସଂଯୋଗୀକରଣକୁ ଉନ୍ନତ କରିବା ପାଇଁ ଜଳ ନିଷ୍କାସନ ପ୍ରଣାଳୀର ଯୋଜନା ଓ ରକ୍ଷଣାବେକ୍ଷଣ ଉକ୍ତ ବିଭାଗ କରିଥାଏ। ଏହି ବିଭାଗ ପକ୍ଷରୁ ଚେକ୍-ଡ୍ୟାମ୍ ଓ ସ୍ଲୁଇସ୍ ଭଳି ନିର୍ମାଣ, ପ୍ରାକୃତିକ ଡ୍ରେନ୍ ନବୀକରଣ, କୃଷି ଜମିରୁ ପ୍ରାକୃତିକ ବର୍ଷା, ବନ୍ୟାଜଳ ନିଷ୍କାସନ, ଗ୍ରାମୀଣ ପ୍ରବେଶ ପାଇଁ ସେତୁ ନିର୍ମାଣ ଭଳି ଅତି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରାଯାଇଥାଏ। ବିଭାଗୀୟ ଅଧିକାରୀ ତଥା ଅଧୀକ୍ଷଣ ଯନ୍ତ୍ରୀ ନିଜେ ସର୍ଭେ, ବନ୍ୟା କ୍ଷୟକ୍ଷତି, ପୁନରୁଦ୍ଧାର, ପରିଚାଳନା ସହିତ ଅନେକ ଯୋଜନା ଯାହାକି ଉଭୟ ସରକାରଙ୍କ ଅଧୀନରେ ଥିବା ପ୍ରକଳ୍ପର ତଦାରଖ ମଧ୍ୟ କରନ୍ତି। ମାତ୍ର ଗତ ଜୁନ ମାସରୁ ଅଧୀକ୍ଷଣ ଯନ୍ତ୍ରୀ ଶ୍ରୀ ପରିଡ଼ାଙ୍କ ଅବସର ପରେ ଏଠାରେ କାହାକୁ ନିଯୁକ୍ତି ଦିଆଯାଇନାହିଁ। ଫଳରେ ଅନେକ ଫାଇଲ ଆଗକୁ ଯାଇପାରୁନାହିଁ। ଏମିତି ଅବସ୍ଥାରେ ଚାଲୁରହିଥିବା ବିଭିନ୍ନ କାର୍ଯ୍ୟ ତଥା ପ୍ରକଳ୍ପ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କେମିତି ସମାପ୍ତ ହେବ, ତାକୁ ନେଇ ଆଶଙ୍କା ଦେଖାଦେଇଛି। ଡ୍ରେନେଜ୍ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଡ୍ରେନେଜ୍ ଓ ଜଳ ପରିଚାଳନା ପ୍ରକଳ୍ପର ତଦାରଖ, ଡ୍ରେନେଜ୍ ପ୍ରଣାଳୀର ନିର୍ମାଣ ଓ ନବୀକରଣ, ବନ୍ୟା ନିୟନ୍ତ୍ରଣ ପଦକ୍ଷେପ, ଜଳ ଯୋଗାଣ ଭିତ୍ତିଭୂମିର ଯୋଜନା, ଡିଜାଇନ୍ ଓ ତଦାରଖ କରନ୍ତି। ଏଥିସହିତ ନୂତନ କାର୍ଯ୍ୟ ପାଇଁ ଟେଣ୍ଡର ପ୍ରକ୍ରିୟା ପରିଚାଳନା, ବିଡ଼ ସମୀକ୍ଷା ଓ ଏଗ୍ରିମେଣ୍ଟ ଆଦି ମୁଖ୍ୟ କାର୍ଯ୍ୟ ମଧ୍ୟ କରିଥା'ନ୍ତି। ବନ୍ୟା କ୍ଷତି, ପୁନରୁଦ୍ଧାର, ଦୁର୍ବଳ ସ୍ଥାନର ସମୀକ୍ଷା ମଧ୍ୟ ଅଧୀକ୍ଷଣ ଯନ୍ତ୍ରୀଙ୍କ କରିଥା'ନ୍ତି। ଏହି ପଦବୀ ଖାଲି ପଡ଼ିବା ଫଳରେ ଉକ୍ତ କାର୍ଯ୍ୟାଳୟ ଅଧୀନରେ ଥିବା ଅନ୍ୟ ଅଫିସର ଯାବତୀୟ କାର୍ଯ୍ୟ ଓ (ଆକାଉଣ୍ଟ) କାଗଜପତ୍ରର ତଦାରଖ ମଧ୍ୟ କେମିତି ହେଉଥିବ ତାହା ଅନ୍ୟଏକ ବଡ଼ ପ୍ରଶ୍ନ ସୃଷ୍ଟି କରିଛି। ଏହାସହିତ ଭିତ୍ତିଭୂମି ବିକାଶ ପାଇଁ ନୂତନ ପ୍ରକଳ୍ପ ଯୋଜନା, ଏହାର ସର୍ଭେ ନବୀକରଣ କରାଯାଇଥିବା ଡ୍ରେନର ରକ୍ଷଣାବେକ୍ଷଣ ଓ ମରାମତି କରିବା ସହିତ ଅନେକ ପ୍ରକଳ୍ପର ତଦନ୍ତ କରିବାରେ ବାଧା ସୃଷ୍ଟି ହୋଇଛି। ଯଦି ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପଦବୀ ତଥା ଅଧୀକ୍ଷଣ ଯନ୍ତ୍ରୀ ପଦବୀ ଦୀର୍ଘଦିନ ଧରି ଖାଲି ରହେ, ତେବେ ଉନ୍ନୟନମୂଳକ କାର୍ଯ୍ୟ ବନ୍ଦ ହେବା ସହିତ ଉକ୍ତ ବିଭାଗରେ ବିଭିନ୍ନ ଦୁର୍ନୀତି ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଯଥାଶୀଘ୍ର ଏହି ପଦବୀ ପୂରଣ କରାଗଲେ ଉକ୍ତ ବିଭାଗର ସମସ୍ତ କାର୍ଯ୍ୟ ପୂର୍ବଭଳି ଚାଲୁ ରହିବା ସହିତ ନୂତନ ପ୍ରକଳ୍ପ ମଧ୍ୟ ଆରମ୍ଭ ହୋଇପାରନ୍ତା।

## ଚୋରାମଦ କାରବାର ରୋକିବାକୁ ଅବକାରୀ ମନ୍ତ୍ରୀଙ୍କୁ ଦାବିପତ୍ର



ଯାଜପୁର, ୨୦।୧୧(ସମିସ): ରାଜ୍ୟ ସରକାର ସର୍ବଦା ଚୋରାମଦ ଓ ବିଭିନ୍ନ ମାଦକ ଦ୍ରବ୍ୟ କାରବାରକୁ ସମ୍ପୂର୍ଣ୍ଣ ବନ୍ଦ କରିବା ନିମନ୍ତେ ନିର୍ଦ୍ଦେଶ ଦେଉଥିବାବେଳେ ଏହି ନିର୍ଦ୍ଦେଶ ସଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ। ଯାଜପୁର ଜିଲ୍ଲାରେ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି ବେସରକାରୀ ଚୋରାମଦ, ଗଞ୍ଜେଇ, ବ୍ରାଉନସୁଗର ଭଳି ବିଭିନ୍ନ ମାରାତ୍ମକ ମାଦକ ଦ୍ରବ୍ୟ କାରବାର। ଏ ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ହେଁ କୌଣସି ଫଳପ୍ରଦ ହେଉନାହିଁ। ନିଶା କାରବାର ବ୍ୟାପକ ହେବାରୁ ଜିଲ୍ଲାରେ ଚୋରି, ଡକାୟତି, ରାହାଜାନୀ ଆଦି ବିଭିନ୍ନ ପ୍ରକାର ଅସାମାଜିକ କାର୍ଯ୍ୟ ବୃଦ୍ଧି ପାଉଛି। ଜିଲ୍ଲାର ମୁଖ୍ୟ ବଜାର ଓ ଗ୍ରାମାଞ୍ଚଳରେ ଚୋରାମଦ (କୋଚିଆ) ବ୍ୟବସାୟୀଙ୍କୁ ଅବକାରୀ ବିଭାଗର ଦୁର୍ନୀତିଗ୍ରସ୍ତ ଅଧିକାରୀ ସୁରକ୍ଷା ଦେଉଛନ୍ତି। ତେଣୁ ଯାଜପୁର ଜିଲ୍ଲାରେ ହେଉଥିବା ଚୋରାମଦ କାରବାର ରୋକିବା ପାଇଁ ଧର୍ମଶାଳା ଅଞ୍ଚଳର ସମାଜସେବୀ ସବ୍ୟସାଚୀ ସାହୁ, ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ତାଙ୍କ ସରକାରୀ ବାସଭବନରେ ଭେଟି କରି ବିସ୍ତୃତ ଆଲୋଚନା କରିଛନ୍ତି। ମନ୍ତ୍ରୀ ଏହାକୁ ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଶ୍ରୀ ସାହୁ କହିଛନ୍ତି।

## ସମସ୍ୟାରେ ଦଶରଥପୁର ଉପଡାକଘର

କର୍ଯ୍ୟାଁଗୋଲା, ୨୦।୧୧(ସମିସ): ଦଶରଥପୁର ବ୍ଲକଠାରୁ ମାତ୍ର ୧୦୦ ମିଟର ଦୂରରେ ଦଶରଥପୁର ଉପ-ଡାକଘର ଅବସ୍ଥିତ। କିନ୍ତୁ ଏହି ଉପ-ଡାକଘର ନାନାଦି ସମସ୍ୟା ମଧ୍ୟରେ ଗତି କରୁଛି। ମାସର ୧୫ ଦିନରୁ ଊର୍ଦ୍ଧ୍ୱ ଏହି ଉପ-ଡାକଘରେ ନେଟ୍ ସମସ୍ୟା ଲାଗି ରହିଥିବାରୁ ଗ୍ରାହକ ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହି ଉପ-ଡାକଘର ଅଧୀନରେ ୫ଟି ଗ୍ରାମାଞ୍ଚଳ ଡାକଘର କାର୍ଯ୍ୟ କରୁଥିବାବେଳେ ସେଥିମଧ୍ୟରୁ ଦୁଇଟି ଭଦ୍ରକ ଜିଲ୍ଲାର ହୋଇଥିବାବେଳେ ଅନ୍ୟ ତିନୋଟି ଯାଜପୁର ଜିଲ୍ଲାର କାର୍ଯ୍ୟ କରୁଛି। ସେଥିମଧ୍ୟରେ ଭଦ୍ରକ ଜିଲ୍ଲାର ମମଦୁଲ୍ଲା ଓ କଣ୍ଟାପାରି ଡାକଘର କାର୍ଯ୍ୟ କରୁଥିବାବେଳେ ଯାଜପୁର ଜିଲ୍ଲାର ତରାଙ୍ଗସାଗରପୁର, କାଟିଆ-ମେର୍ଦ୍ଦା ଓ ଗ୍ରାମନନ୍ଦିପୁର ଗ୍ରାମାଞ୍ଚଳ ଡାକଘର କାର୍ଯ୍ୟ କରୁଛି। ଏଥିସହ ଏହି ଉପ-ଡାକଘର ମୁଖ୍ୟାଳୟ କାର୍ଯ୍ୟ ମଧ୍ୟ ଏଠାରେ ଚାଲୁଛି। ଏହି ଉପ-ଡାକଘରେ ବହୁଳ କାର୍ଯ୍ୟ ଦୃଷ୍ଟିରୁ ପୂର୍ବରୁ ଏଠାରେ ତିନୋଟି ପି.ଏ (ପୋଷ୍ଟାଲ୍ ଆସିଷ୍ଟାଣ୍ଟ) ପଦବୀ ଥାଇ କାର୍ଯ୍ୟ ଚାଲୁଥିବାବେଳେ ଏବେ ସେଥିମଧ୍ୟରୁ ଗୋଟିଏ ପି.ଏ. ପଦକୁ ସମ୍ପୂର୍ଣ୍ଣ ଉଚ୍ଚ କର୍ତ୍ତୃପକ୍ଷ ଉଠାଇ ଦେଇଛନ୍ତି। ଫଳରେ ଏହି ଉପ-ଡାକଘରେ କାର୍ଯ୍ୟ ଠିକ୍ ଭାବେ ହୋଇପାରୁନାହିଁ। ପୂର୍ବରୁ ଏଠାରେ ଦୁଇଜଣ ପୋଷ୍ଟାଲ୍ କର୍ମଚାରୀ ଭାବେ ଡାକଘରକୁ ଆସୁଥିବା ଚିଠିପତ୍ର ବାଣ୍ଟୁଥିବାବେଳେ ଏବେ ସେଥିମଧ୍ୟରୁ ଜଣେ ଅବସର ନେବା ପରେ ଆଉ ନୂତନ କର୍ମଚାରୀ ନିଯୁକ୍ତି ହେଉ ନ ଥିବାରୁ ମାତ୍ର ଜଣେ ଆସୁଥିବା ଚିଠିପତ୍ର ଠିକ୍ ଭାବେ ବାଣ୍ଟି ପାରୁନାହାନ୍ତି। ଫଳରେ ଜନସାଧାରଣ ଠିକ୍ ସମୟରେ ସେମାନଙ୍କର ପୋଷ୍ଟାଲ୍‌ରେ ଆସୁଥିବା ଚିଠିପତ୍ର ପାଉନାହାନ୍ତି। ଏଥିସହ ସୁକନ୍ୟା, ଆରପିଏଲ୍ ଓ ସଞ୍ଚୟ ଏକାଉଣ୍ଟ ଏଠାରେ ଖୋଲିଥିବା ଗ୍ରାହକମାନେ କର୍ମଚାରୀ ଅଭାବରୁ ଏଠାରେ ଠିକ୍ ଭାବେ ସେବା ପାଇପାରୁ ନ ଥିବାବେଳେ ଉକ୍ତ ଡାକଘରେ ଲୋକଙ୍କ ଆବଶ୍ୟକ ପୋଷ୍ଟାଲ୍ ଅର୍ଡର ମିଳୁ ନ ଥିବା ଦେଖିବାକୁ ମିଳିଛି। ଫଳରେ ଡାକଘର ପ୍ରତି ଲୋକଙ୍କର ଆସ୍ଥା ଧୀରେ ଧୀରେ ତୁଟୁଥିବା ଦେଖାଦେଇଛି। ତୁରନ୍ତ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବା ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।



## ମା' ଦକ୍ଷିଣକାଳୀ ସାହିତ୍ୟ ସଂସଦର କବିତା ପାଠଚକ୍ର ଓ ସମ୍ବର୍ଦ୍ଧନା ସଭା

ପାଣିକୋଇଲି, ୨୦।୧୧(ସମିସ): ମା' ଦକ୍ଷିଣକାଳୀ ସାହିତ୍ୟ ସଂସଦ ପକ୍ଷରୁ ଭୂଇଁପୁର ପଞ୍ଚାୟତ ଅନ୍ତର୍ଗତ କତରାପୁର ମା' କାଳୀ ପୀଠରେ ଆଜି କବିତା ପାଠୋତ୍ସବ ଓ ଭକ୍ତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ସାହିତ୍ୟିକ ବେଣୁଧର ନାୟକ ଓ ମୁଖ୍ୟଅତିଥି ଭାବେ ଈଶ୍ୱରଚନ୍ଦ୍ର ଦ୍ୱିବେଦୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହାର ଉଦ୍‌ଘାଟନ କରିଥିଲେ। ପଣ୍ଡିତ ନୀଳମଣି ପଣ୍ଡା ଓ ନାରାୟଣ କର ବେଦପାଠ କରିଥିଲେ। ସାହିତ୍ୟିକା ଶ୍ରମତୀ ପ୍ରତିମା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ସୁଧାଂଶୁ ଭୂଷଣ ମିଶ୍ର, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ସୁବାସ ଧଳ, ନୃସିଂହ ମିଶ୍ର, ପ୍ରବୀର ନାୟକ, ପ୍ରଶାନ୍ତ କୁମାର ସ୍ୱାଇଁ, ଯୁଧିଷ୍ଠିର ସ୍ୱାଇଁ, ତନୁଜା କୁମାରୀ ସେଠୀ, ସମ୍ମାନିତ ବକ୍ତା ଭାବେ ଇନ୍ଦ୍ରମଣି ମହାକୁଡ, ଲକ୍ଷ୍ମୀଧର ପତି, ଅମୂଲ୍ୟ କୁମାର ବେହେରା, ନାରାୟଣ ଶତପଥୀ, ପ୍ରଭାତ ମଲ୍ଲିକ, ଜିତେନ୍ଦ୍ର କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ତାପସ ମଞ୍ଜରୀ ପତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମ୍ପାଦକ ନଟବର ସେଠୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏ ଅବସରରେ କବିତା ପାଠୋତ୍ସବ କରାଯାଇଥିଲା। ସଂଯୋଜିକା ଭାବେ ଉଷାରାଣୀ ବେହେରା ଓ ରେଖାରାଣୀ ବାରିକ ଯୋଗ ଦେଇଥିବାବେଳେ କୈଳାସ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ୫୦ରୁ ଊର୍ଦ୍ଧ୍ୱ କବି ଓ କବୟିତ୍ରୀ ଯୋଗଦେଇ କବିତା ପାଠ କରିଥିଲେ। ଏ ଅବସରରେ କାଳୀ କମିଟି ପକ୍ଷରୁ ବରିଷ୍ଠ ସାମ୍ବାଦିକ ସୁବାସ ଧଳ, ପ୍ରଦୀପ ଜେନା, ଦୀନବନ୍ଧୁ ବେହେରା, ଇଂ ନିତ୍ୟାନନ୍ଦ ରାଉତ, ଶ୍ରୀଧର ସାହୁ, ବ୍ରଜକିଶୋର କର, ଗୋପାଳ ଚନ୍ଦ୍ର ପ୍ରଧାନ, ରାମଚନ୍ଦ୍ର ପଣ୍ଡା, ପ୍ରଫୁଲ୍ଲ ସାହୁ, ଉପେନ୍ଦ୍ର ମହାପାତ୍ର, ନିତ୍ୟାନନ୍ଦ ସାହୁ, ବିଶ୍ୱମ୍ଭର ସାହୁ, ବଂଶୀଧର ରାଉତଙ୍କୁ ସ୍ୱତନ୍ତ୍ର ଭାବେ କାଳୀ କମିଟିର ମୁଖ୍ୟ ସମ୍ପାଦକ ମଦନ ମୋହନ ମଲ୍ଲିକ ସମ୍ବର୍ଦ୍ଧିତ କରିଥିଲେ।






## ଟ୍ରକ୍ ତଳେ ପଶିଗଲା ବାଇକ୍; ବର୍ତ୍ତିଲେ ଚାଳକ

ପାଣିକୋଇଲି, ୨୦।୧୧(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ବଜାର ଉପରେ ଆଜି ସକାଳ ୭.୩୦ ସମୟରେ ଏକ ଟ୍ରକ୍ ତଳେ ବାଇକ ପଶିଯାଇଥିବାବେଳେ ବାଇକ ଚାଳକ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଯାଜପୁର ରୋଡ୍ ପଟୁ ଏକ ୧୬ ଚକିଆ ଟ୍ରକ୍ ପାଣିକୋଇଲି ବଜାର ଅତିକ୍ରମ କରି ଭଦ୍ରକ ଅଭିମୁଖେ ଯାଉଥିବାବେଳେ ସର୍ଭିସ ରୋଡରୁ କଳିଙ୍ଗ ନଗରସ୍ଥ ଜିନ୍ଦଲ ପ୍ଲାଣ୍ଟର କର୍ମଚାରୀ ଯାଜପୁର ଥାନା ଅଡ଼ଙ୍ଗ ଗ୍ରାମର ଭରତ ସାହୁ ଡ୍ୟୁଟି ସାରି ବାଇକ୍‌ରେ ରାସ୍ତା ଅତିକ୍ରମ କରୁଥିବାବେଳେ ଟ୍ରକ ସହିତ ଧକ୍କା ହୋଇଥିଲା। ଫଳରେ ଟ୍ରକ୍ ବାଇକକୁ କିଛି ବାଟ ଘୋଷାଡ଼ି ନେଇଥିଲା। ସୌଭାଗ୍ୟ ବଶତଃ ଭରତ ଏକ ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତିଯାଇଥିବା ବେଳେ ବାଇକ୍‌ଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଖବର ପାଇ ପାଣିକୋଇଲି ପୁଲିସ ବାଇକ ଓ ଟ୍ରକ୍‌କୁ ଜବତ କରିଛି।



### ● ଭ୍ରାମ୍ୟମାଣ କାର୍ଯ୍ୟାଳୟ ପାଲଟିଛି ବିଞ୍ଝାରପୁର ଉଦ୍ୟାନ ବିଭାଗ

## ଓଳିତଳେ ଆଳୁ ବିହନ ବିକ୍ରି କରୁଛି ବିଭାଗ

ବିଞ୍ଝାରପୁର, ୨୦।୧୧ (ସମିସ): ବିଞ୍ଝାରପୁର ବ୍ଲକର ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ଖୋଜଖୋଜି ଚାଷୀ ହତାଶ ହେଉଥିବାବେଳେ ଏ ନେଇ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ବିଭିନ୍ନ ପଞ୍ଚାୟତରେ ଉଦ୍ୟାନ ସୃଷ୍ଟି କରିବା, ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ମାଧ୍ୟମରେ ବୃକ୍ଷ ରୋପଣ, କଦଳୀ ଚାଷ, ଆମ୍ବ ଗଛ, ନଡିଆ ଗଛ ବଗିଚା ସୃଷ୍ଟି ଭଳି କାର୍ଯ୍ୟ ଏହି ବିଭାଗ ଦ୍ୱାରା ହେଉଥିବାବେଳେ ବିଭାଗର ସ୍ଥାୟୀ କାର୍ଯ୍ୟାଳୟ ନ ଥିବାରୁ ବ୍ଲକର ଏକ ଅସ୍ଥାୟୀ କୋଠରୀରେ ଦୀର୍ଘଦିନ ଧରି ଚାଲିଆସୁଥିବାବେଳେ ଏବେ କିନ୍ତୁ ନାଅଛି ସେ ଅସ୍ଥାୟୀ କାର୍ଯ୍ୟାଳୟ ନା ମିଳୁଛି କର୍ମଚାରୀଙ୍କ ଦର୍ଶନ। କେବଳ ଚାଷୀ ଖୋଜି ଖୋଜି ନିରାଶ ହୋଇ ଘରକୁ ଫେରୁଛନ୍ତି। ସବୁଠାରୁ ବଡ଼ କଥା ହେଲା ଏହି ବିଭାଗରେ ସ୍ଥାୟୀ ଅଫିସର ଯାଜପୁର କାର୍ଯ୍ୟାଳୟ ପରିସରରେ ବସି ବସି ସରକାରଙ୍କଠାରୁ ଦରମା ନେଉଛନ୍ତି। ଫଳରେ ସମ୍ପୃକ୍ତ ଅଧିକାରୀ ବିଞ୍ଝାରପୁର ବ୍ଲକରେ କାର୍ଯ୍ୟ କରିବା ପାଇଁ ମନ ବଳାଇ ନାହାନ୍ତି। ଜିଲ୍ଲା ଉଦ୍ୟାନ ବିଭାଗ ପକ୍ଷରୁ ବିଞ୍ଝାରପୁରରେ କୌଣସି ସ୍ଥାନରେ ମଧ୍ୟ ସରକାରୀ ନର୍ସରୀ ନ ଥିବାବେଳେ କାମଚଳା ଢଙ୍ଗରେ ଚାଲିଛି ଏହି ବିଭାଗ। ବ୍ଲକ କାର୍ଯ୍ୟାଳୟ ପାଇଁ ଏହି ବିଭାଗରେ ୬ରୁ ଊର୍ଦ୍ଧ୍ୱ କର୍ମଚାରୀ ଆବଶ୍ୟକ ପଡୁଥିବାବେଳେ ବିଞ୍ଝାରପୁରରେ ଜଣେ ମାତ୍ର କର୍ମଚାରୀଙ୍କ ଦର୍ଶନ ପୂର୍ବରୁ ମିଳୁଥିବାବେଳେ ବର୍ତ୍ତମାନ ସେ କର୍ମଚାରୀ ନିଖୋଜ ହୋଇଯାଇଛନ୍ତି। ବିଞ୍ଝାରପୁର ଅଞ୍ଚଳରେ ବାବୁଙ୍କ ପାଦ ପଡୁନାହିଁ। ବ୍ଲକର ୨୯ଟି ପଞ୍ଚାୟତର ଚାଷୀ ଉଦ୍ୟାନ ବିଭାଗର ଦର୍ଶନ ପାଉନାହାନ୍ତି କି କାର୍ଯ୍ୟାଳୟ ଖୋଜି ପାଉନାହାନ୍ତି। ଫଳରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ସେମାନେ କହିଛନ୍ତି। ସ୍ଥାୟୀ କାର୍ଯ୍ୟାଳୟ ପାଇଁ ସରକାରଙ୍କ ପାଖରେ ଅର୍ଥର ଅଭାବ ନ ଥିବାବେଳେ ଏ ନେଇ ପ୍ରଶାସନର ଆନ୍ତରିକତା ନାହିଁ ବୋଲି ଜଣାପଡୁଛି। ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ଅବସ୍ଥିତି ସମ୍ପର୍କରେ ବ୍ଲକ ଉଦ୍ୟାନ କୃଷି ବିଭାଗର ସହକାରୀ ଅଧିକାରୀ ଶୁଭସ୍ମିତା ଦାସଙ୍କୁ ପଚାରିବାରୁ ସେ କହିଛନ୍ତି, ବିଞ୍ଝାରପୁର ବ୍ଲକରେ ଉଦ୍ୟାନ କୃଷି ବିଭାଗର ନିର୍ଦ୍ଦିଷ୍ଟ କୌଣସି କାର୍ଯ୍ୟାଳୟ ନାହିଁ। ତାହାସହିତ ବିଭାଗୀୟ କର୍ମଚାରୀ ଅଭାବରୁ ବିଞ୍ଝାରପୁର ବ୍ଲକର ଚାଷୀଙ୍କୁ ସହଯୋଗ କରିପାରୁନାହାଁନ୍ତି। ଅନ୍ୟପକ୍ଷେ ଉଦ୍ୟାନ ବିଭାଗର କର୍ମଚାରୀ ନିଜ ଭଡ଼ା ଘର ନିକଟ ଓଳି କଡରେ ଚାଷୀଙ୍କଠାରୁ ଆବଶ୍ୟକ କାଗଜ ପତ୍ର ଗହଣ କରିବା ସହ ଆଳୁ ବିହନ ବିକ୍ରି କରୁଥିବା ଦୃଶ୍ୟ ଦେଖିବାକୁ ମିଳିଛି।




## ଟ୍ରକ୍ ପଛରେ ଧକ୍କା ହେଲା ବାଇକ୍, ଦୁଇ ଆରୋହୀ ଗୁରୁତର

ପାଣିକୋଇଲି, ୨୦।୧୧(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଶର୍ମା ପେଟ୍ରୋଲ ପମ୍ପ ନିକଟରେ ଥିବା ଡାଇଭର୍ସନ ନିକଟରେ ଏକ ଟ୍ରକ୍ ପଛରେ ଧକ୍କା ହୋଇ ଦୁଇ ବାଇକ ଆରୋହୀ ଗୁରୁତର ଭାବେ ଆହତ ହୋଇଛନ୍ତି। ଭୁବନେଶ୍ୱରର ନୂଆପଲ୍ଲୀ ଥାନା ଅନ୍ତର୍ଗତ ସାଲିଆ ସାହିର ଦୁଇଜଣ ଯୁବକ ଅଲ୍ଲୀ ସିଂ ଓ ବାପୁଲି ସିଂ ଏକ ବାଇକ୍‌ରେ ପାଣିକୋଇଲି ଅଭିମୁଖେ ଆସୁଥବାବେଳେ ଉକ୍ତ ଡାଇଭର୍ସନ ନିକଟରେ ଥିବା ସର୍ଭିସ ରୋଡ଼ର ଡାଉଭର୍ସନ ନିକଟରେ ଏକ ଆଇଚର ଟ୍ରକ୍ ହଠାତ ବୁଲାଣୀ ବୁଲିଯିବାରୁ ବାଇକ ଆରୋହୀ ଦୁଇଜଣ ଭାରସାମ୍ୟ ହରାଇ ଟ୍ରକ୍ ପଛରେ ପିଟି ହୋଇଯିବା ସହିତ ଟ୍ରକ ଭିତରେ ପଶିଯାଇଥିଲେ। ଫଳରେ ଉଭୟେ ଗୁରୁତର ଭାବେ ଆହତ ହୋଇଥିଲେ। ସ୍ଥାନୀୟ ଲୋକ ଓ ସମାଜସେବା ସଙ୍ଗଠନର ସଦସ୍ୟ ଉଭୟଙ୍କୁ ଉଦ୍ଧାର କରି ସ୍ଥାନୀୟ ଏକ ବେସରକାରୀ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ। ପରେ ଜାତୀୟ ରାଜପଥ ଆମ୍ବୁଲାନ୍ସ ପହଞ୍ଚିବାରୁ ସେମାନଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ପୁଲିସ ବାଇକ ଓ ଟ୍ରକ୍‌କୁ ଜବତ କରିଛି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

## ପରିବା ଦର ଆକାଶଛୁଆଁ; ଖାଉଟି ହନ୍ତସନ୍ତ

ଧର୍ମଶାଳା, ୨୦।୧୧(ସମିସ): ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାରବାଟି ପରିବା ମାର୍କେଟ ରାଜ୍ୟରେ ଏକ ଜଣାଶୁଣା ପରିବା ବଜାର। ହେଲେ କାର୍ତ୍ତିକ ମାସ ପରେ ମଧ୍ୟ ପରିବା ମୂଲ୍ୟ ହ୍ରାସ ପାଉ ନଥିବା ଯୋଗୁଁ ଖାଉଟିମାନେ ଦହଗଞ୍ଜ ହେଉଛନ୍ତି। ବାରବାଟି ପରିବା ବଜାରରେ ପରିବ ଦର ୬୦ରୁ ୮୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି। ଯାହା ଫଳରେ ଖାଉଟିମାନଙ୍କ ପକେଟରେ ମାଡ଼ ହେଉଛି। କିଲେ ନେବା ଜାଗାରେ ଖାଉଟିମାନେ ଅଧକେଜି, ଅଢ଼େଇଶହ ଗ୍ରାମ ପରିବା ନେବାକୁ ବାଧ ହେଉଛନ୍ତି। ସେହିପରି ଏହି ବଜାରରୁ ପନିପରିବା ଆଣି ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ଅଧିକ ମୂଲ୍ୟରେ ପନିପରିବା ବିକ୍ରି କରିବାକୁ ବାଧ ହେଉଛନ୍ତି। ଜାରକା, ଧର୍ମଶାଳା, କାଏମା, ନାକପୋଲ, ନେଉଳପୁର ଆଦି ବଜାରରେ ବାଇଗଣ କିଲୋ ୮୦ ଟଙ୍କା, ଝୁଡଙ୍ଗ ୧୨୦, ପୋଟଳ ୧୨୦, ବିଲାତିବାଇଗଣ ୭୦, ଫୁଲକୋବି ଗୋଟା ୫୦ ଟଙ୍କାରେ ବିକ୍ରି ହେଉଛି। ଏହି ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ପ୍ରଚୁର ପରିମାଣର ପନିପରିବା ଚାଷ ହୋଇଥାଏ। ହେଲେ ଚଳିତ ବର୍ଷ ବର୍ଷା ଲାଗିରହିବାରୁ ପନିପରିବା ଚାଷ ବାଧାପ୍ରାପ୍ତ ହୋଇଥିଲା। ବର୍ଷା ଛାଡିବା ପରେ ଚାଷୀମାନେ ନିଜ ବିଲକୁ ପ୍ରସ୍ତୁତ କରି ପନିପରିବା ଚାଷ ଆରମ୍ଭ କରିଥିବା ବେଳେ ଅମଳ ସମୟ ହୋଇନଥିବାରୁ ଏ ଅଞ୍ଚଳରୁ ପନିପରିବା ମିଳିବା ସମ୍ଭବପର ହେଉ ନାହିଁ। ବଡ଼ବଡ଼ ବ୍ୟବସାୟୀମାନେ ରାଜ୍ୟର ବିଭିନ୍ନ ସ୍ଥାନରୁ ପନିପରିବା ଆଣି ବାରବାଟି ବଜାରରେ ଛୋଟ ଛୋଟ ବ୍ୟବସାହୀମାନଙ୍କୁ ଉଚ୍ଚା ମୁଲ୍ୟରେ ବିକ୍ରି କରିବା ଫଳରେ ପନିପରିବା ଦର ବୃଦ୍ଧି ପାଇଛି। ତେବେ ଆଉକିଛି ଦିନ ପର୍ଯ୍ୟନ୍ତ ପନିପରିବା ମୂଲ୍ୟ ଏଭଳି ଉଚ୍ଚା ରହିବ ସ୍ଥାନୀୟ ଉତ୍ପାଦନ ଆରମ୍ଭ ହୋଇଗଲେ ପନିପରିବା ମୂଲ୍ୟ ହ୍ରାସ ପାଇବ ବୋଲି ବ୍ୟବସାୟୀମାନେ କହିଛନ୍ତି।



## ପ୍ରେସ୍ କ୍ଲବ ଚଣ୍ଡିଖୋଲର ସାଧାରଣ ପରିଷଦ ବୈଠକ



ବଡ଼ଚଣା, ୨୦।୧୧(ସମିସ): ବଡ଼ଚଣା ବ୍ଲକର ସର୍ବପୁରାତନ ପ୍ରେସ୍ କ୍ଲବ ଭାବେ ପରିଚିତ ପ୍ରେସ୍ କ୍ଲବ ଚଣ୍ଡିଖୋଲର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସଭାଗୃହରେ ସଭାପତି ବେଣୁଧର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ସମ୍ପାଦକ ହେମେଶ କୁମାର ପ୍ରଥମେ ପୂର୍ବ ବୈଠକର ବିବରଣୀ ପାଠ କରିଥିବାବେଳେ ସମସ୍ତ କାର୍ଯ୍ୟକର୍ତ୍ତା ଓ ସଭ୍ୟଙ୍କୁ ସ୍ୱାଗତ କରାଯାଇଥିଲା। ପରେ ପ୍ରେସ କ୍ଲବ ପାଇଁ ବିଧାୟକ ଦେଇଥିବା ଅର୍ଥକୁ କାର୍ଯ୍ୟକାରୀ କରି ଉପର ମହଲାକୁ ଛାତ ପକାଇବା ଉପରେ ଆଲୋଚନା କରାଯାଇଥିଲା। ପ୍ରେସ୍ କ୍ଲବ ପକ୍ଷରୁ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏହାକୁ ସାଂସ୍କୃତିକ ସମ୍ପାଦକ ସୁରେନ୍ଦ୍ର ସାମଲଙ୍କୁ ଦାୟିତ୍ୱ ଦିଆଯାଇଛି। ଯେଉଁ ନୂତନ ସଭ୍ୟଙ୍କୁ ପ୍ରେସ କ୍ଲବରେ ଗ୍ରହଣ କରାଯିବ, ସେମାନେ କ୍ଲବର ନୀତି ନିୟମରେ ରହିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଗଲା। ବୈଠକରେ ଆବାହକ ସଞ୍ଜୟ କୁମାର ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ଦିଲ୍ଲୀପ ମହାନ୍ତି, କୋଷାଧ୍ୟକ୍ଷ ପ୍ରସନ୍ନ ବିଶ୍ୱାଳ, ବରିଷ୍ଠ ସାମ୍ବାଦିକ ଅଭିମନ୍ୟୁ ଧଳ, ନରେନ୍ଦ୍ର ରାଉତ, ଶିବରାମ ସାହୁ, ମୋହନ ଖୀଲାର, ସେକ ସାବିର, ମସିର ଆଲମ, ପ୍ରଶାନ୍ତ ଜେନା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକାରୀ ସଭ୍ୟ ପ୍ରତାପ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

### ନରେନ୍ଦ୍ର ପ୍ରସାଦ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# କେନ୍ଦୁଝରକୁ ହରାଇ ଭଦ୍ରକ ଟିମ୍ ଚାମ୍ପିଅନ୍

ମଙ୍ଗଳପୁର, ୨୦।୧୧(ସମିସ)



ଦଶରଥପୁର ବ୍ଲକ କସପା ପଞ୍ଚାୟତ ପଲ୍‌ହାସାଇସ୍ଥ କାଳୀ ପଡ଼ିଆରେ ନରେନ୍ଦ୍ର ପ୍ରସାଦ ମେମୋରିଆଲ ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ୩୦ତମ ଜିଲ୍ଲାସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ୟୁନିକ ଏକାଦଶ ଭଦ୍ରକ ଓ ଫେମସ କ୍ଲବ୍ କେନ୍ଦୁଝର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଭଦ୍ରକ କ୍ରିକେଟ ଟିମ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୨୯୨ ରନ ସଂଗ୍ରହ କରିଥିଲା। ଜବାବରେ କେନ୍ଦୁଝର କ୍ରିକେଟ ଟିମ ସମସ୍ତ ଓଭର ଖେଳି ୯ ୱିକେଟ ହରାଇ ୨୪୮ ରନ ସଂଗ୍ରହ କରି ଅଲଆଉଟ ହୋଇଯାଇଥିଲା। ଟୁର୍ଣ୍ଣାମେଣ୍ଟରେ ରୋହିତ ସାଗର ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ, ଆଶୁତୋଷ ସାହୁ ବେଷ୍ଟ ବ୍ୟାଟ୍ସମ୍ୟାନ, ପ୍ରକାଶ ପାଢ଼ୀ ବେଷ୍ଟ ବୋଲର ଭାବେ ଯୋଗ୍ୟ ବିବେଚିତ ହୋଇଥିଲେ। ପଦ୍ମଲୋଚନ ଜେନା ଓ ନିତ୍ୟାନନ୍ଦ ଦାସ ଅମ୍ପାୟାର ଦାୟିତ୍ୱ ତୁଲାଇ ଥିବାବେଳେ ସତ୍ୟରଞ୍ଜନ ସାହୁ ଓ ପୁଷ୍ପକ ସାହୁ ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ।

ଶିକ୍ଷାବିତ ଶରତ ଚନ୍ଦ୍ର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ମୁଖ୍ୟବକ୍ତା ଭାବେ ଯାଜପୁର ବିଧାୟିକା ସୁଜାତା ସାହୁ, ସମ୍ମାନିତ ଅତିଥି ଭାବେ ଯାଜପୁରର ବରିଷ୍ଠ ସମାଜସେବୀ କର୍ଣ୍ଣାଟକେଶରୀ ଦାସ, ଜିଲ୍ଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର, ସମାଜସେବୀ ମନୋଜ ରାଉତ, ବ୍ଲକ ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟା ମନସ୍ୱିନୀ ଦାସ, ମାମିନା ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ ଅତିଥିଙ୍କ ଦ୍ୱାରା ବିଜୟୀ ଦଳ ୟୁନିକ ଏକାଦଶ ଭଦ୍ରକ ଟିମକୁ ଟ୍ରଫି ସହ ନଗଦ ୨୫ ହଜାର ଟଙ୍କା ଓ ରନର୍ସଅପ ଦଳ ଫେମସ କ୍ଲବ କେନ୍ଦୁଝରକୁ ଟ୍ରଫି ସହ ନଗଦ ୧୫ ହଜାରେ ଟଙ୍କା ପ୍ରଦାନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟ ପରିଚାଳନାରେ କ୍ଲବର ସମସ୍ତ ସଭ୍ୟ ସୁଚାରୁରୂପେ ତୁଲାଇ ଥିଲେ।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ ॥"

ଏ ଲକ୍ଷ୍ମୀ ପୃଷ୍ଟି
ସ୍ୱା: ଏ ଅର୍ଜୁନ ପୃଷ୍ଟି
ଆବିର୍ଭାବ : ୨୪.୦୯.୧୯୪୦, ତିରୋଧାନ : ୦୮.୧୧.୨୦୨୫
ଆପଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
କନ୍ୟା-ମମତା, ଜ୍ୱାଇଁ- ରାମେଶ୍ୱର, ପୁତ୍ର- ପ୍ରମୋଦ, ବସନ୍ତ, ସୁମନ୍ତ, ପ୍ରଶାନ୍ତ, ପୁତ୍ରବଧୂ, କନ୍ୟାକୁମାରୀ, ମାମୁନି, ମୁନକୀରାଣୀ, ରୂପାସିକ୍ତା, ନାତି-ଓମ୍, ଗୋପାଳ, ସାଧୀନ, କାହ୍ନା, ନାତୁଣୀ ଜ୍ୱାଇଁ-ସାଧିନ, ନାତୁଣୀ- ମାମା, ସୋମା, ଶୁଭ, ବିପି, ଲିପି, ଲିଙ୍କି, ପିଙ୍କି, ରଣପୁର ଓ ଚାନ୍ଦପୁର କୋଣାର୍କ କୁଏଲାରୀ ପରିବାର ସମେତ ବନ୍ଧୁ ତଥା ଆତ୍ମୀୟ ସ୍ୱଜନଙ୍କ ଭକ୍ତିପୂତ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

# ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷଙ୍କ ଯାଜପୁର ଜିଲ୍ଲା ଗସ୍ତ



**ଯାଜପୁର, ୨୦।୧୧(ସମିସ)**

ଆଜି ପୂର୍ବାହ୍ନରେ ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଅବନୀକାନ୍ତ ସାହୁ ଦୁଇଦିନିଆ ଯାଜପୁର ଜିଲ୍ଲା ଗସ୍ତରେ ଆସି ଧର୍ମଶାଳା ବ୍ଲକ ଗସ୍ତ କରି ନେଉଳପୁର-୨ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରି ଝଲକ ପ୍ରକାଶ କରିଥିଲେ। ଅଙ୍ଗନବାଡିରେ ପିଲାଙ୍କୁ ଦିଆଯାଉଥିବା ଖାଦ୍ୟର ମାନ ଯାଞ୍ଚ କରିଥିଲେ। ଅଞ୍ଜିରା ଆଶ୍ରମ ସ୍କୁଲ ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କ ସୁବିଧା ଅସୁବିଧା ବିଷୟରେ ପଚାରି ବୁଝିଥିଲେ। ମଶାରୀ ଟାଙ୍ଗି ଶୋଇବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ପରେ ପବ୍ଲିକ ଡିଷ୍ଟ୍ରିବ୍ୟୁସନ୍ ସେଣ୍ଟର ବୁଲି ଦେଖିଥିଲେ। ରାସନ କାର୍ଡ ହିତାଧିକାରୀଙ୍କ ତାଲିକା କେନ୍ଦ୍ରରେ ପ୍ରଦର୍ଶନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଅପରାହ୍ନରେ ସର୍କିଟ ହାଉସରେ ଏକ ସମୀକ୍ଷା ବୈଠକରେ ଯୋଗଦେଇଥିଲେ।

ଏହି ବୈଠକରେ ଜିଲ୍ଲାପାଳ ଅମ୍ବର କୁମାର କର, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ ଓ ଅନ୍ୟ ବିଭାଗୀୟ ଅଧିକାରୀଙ୍କ ସହ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ବନ୍ଧରେ ଆଲୋଚନା କରିଥିଲେ। ଜିଲ୍ଲା ଯୋଗାଣ ବିଭାଗ ସହ ରାସନ କାର୍ଡ ସମ୍ବନ୍ଧରେ ଆଲୋଚନା କରିଥିଲେ। ଇ-କେୱାଇସି ଷ୍ଟାଟସ୍, ଅଯୋଗ୍ୟ ହିତାଧିକାରୀ, ମୃତ ବ୍ୟକ୍ତିଙ୍କୁ ବାଦ୍ ଦିଆଯାଇ ନୂତନ ଯୋଗ୍ୟ ହିତାଧିକାରୀଙ୍କୁ ରାସନ କାର୍ଡ ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ। ବ୍ଲକ ଏବଂ ମ୍ୟୁନିସିପାଲିଟିରେ ରାସନ କାର୍ଡ ପୋଜିସନ୍ ସମ୍ବନ୍ଧରେ ପଚାରି ବୁଝିଥିଲେ। ପବ୍ଲିକ ଡିଷ୍ଟ୍ରିବ୍ୟୁସନ୍ ସେଣ୍ଟର ସମ୍ବନ୍ଧରେ ଆଲୋଚନା କରିଥିଲେ। ଚାଷୀଙ୍କଠାରୁ ଧାନ ସଂଗ୍ରହ ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ସହ ଅଙ୍ଗନବାଡି କେନ୍ଦ୍ର କାର୍ଯ୍ୟକାରିତା, ଭିତିଭୂମି, ଖାଦ୍ୟର ମାନ ସମ୍ପର୍କରେ ଆଲୋଚନା କରିଥିଲେ। କଳିକା କେନ୍ଦ୍ର ଖୋଲାଯିବା ସମ୍ପର୍କରେ ଆଲୋଚନା କରିଥିଲେ। ସମସ୍ତ ଅଙ୍ଗନବାଡି କେନ୍ଦ୍ରକୁ ସ୍ୱଚ୍ଛ ପାନୀୟ ଜଳ ଓ ଟଏଲେଟ ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ। ଧର୍ମଶାଳାର ଅଞ୍ଜିରା ଆଶ୍ରମରେ ୯ମ, ୧୦ମ ଶ୍ରେଣୀର ପିଲାଙ୍କ ନିମନ୍ତେ ହଷ୍ଟେଲ ସୁବିଧା କରିବା ନିମନ୍ତେ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଉକ୍ତ ସମୀକ୍ଷା ବୈଠକରେ ଯୋଗଦେଇ ଜିଲ୍ଲାପାଳ ଶ୍ରୀ କର କହିଲେ, ଆଜି ଅଧ୍ୟକ୍ଷ ରାଜ୍ୟ ଫୁଡ୍ କମିଶନ ଅବନୀକାନ୍ତ ସାହୁ ଯାଜପୁର ଜିଲ୍ଲା ଗସ୍ତରେ ଆସି ଧର୍ମଶାଳା ବ୍ଲକ ଗସ୍ତକରି ସେଠାରେ ଥିବା ଅଙ୍ଗନୱାଡି, ଆଶ୍ରମ ସ୍କୁଲ ଓ ପବ୍ଲିକ ଡିଷ୍ଟ୍ରିବ୍ୟୁସନ୍ ପଏଣ୍ଟ ଗୁଡ଼ିକ ପରିଦର୍ଶନ କରିଥିଲେ। ସର୍କିଟ ହାଉସ ଯାଜପୁରରେ ଏକ ସମୀକ୍ଷା ବୈଠକ କରି ଜିଲ୍ଲାର ବିଭିନ୍ନ କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋଚନା କରିଥିଲେ। ଇ-କେୱାଇସି ସମ୍ପୂର୍ଣ୍ଣ କରିବାକୁ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଶିଶୁଙ୍କ ଆଧାର ଅପଡେସନ, ଜନ୍ମ ପ୍ରମାଣପତ୍ର ଉପରେ ଗୁରୁତ୍ୱ ଦେଇଥିଲେ। ଉକ୍ତ ସମୀକ୍ଷା ବଠକରେ ଜିଲ୍ଲା ଯୋଗାଣ ଅଧିକାରୀ, ସମସ୍ତ ବିଭାଗୀୟ ଅଧିକାରୀ, ରାଉତରାପୁର, ସାନସ୍ଥାର, ସୁଜନପୁର, ଭୁବନେଶ୍ୱର ସରପଞ୍ଚ ଓ ଉପର ବରୁଆଁ ସମିତି ସଭ୍ୟ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

## ବାଂଲାଦେଶୀ ସନ୍ଦେହରେ ୨୪ ଅଟକ



**ଯାଜପୁର, ୨୦।୧୧(ସମିସ):** ଏବେ ସାରା ରାଜ୍ୟରେ ବାଂଲାଦେଶୀଙ୍କୁ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ଯାଜପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ରହିଥିବା ଅନୁପ୍ରବେଶକାରୀ ବାଂଲାଦେଶୀଙ୍କ ଉପରେ ରାତି ଅଧରେ ଚଢ଼ଉ କରାଯାଇ ଥାନାରେ ଅଟକ ରଖି ପଚରାଉଚରା କରାଯାଉଥିବା ଖବର ଥାନା ପକ୍ଷରୁ ସୂଚନା ମିଳିଛି। ମଙ୍ଗଳବାର ରାତିରେ ଯାଜପୁର ସଦରର ବିଭିନ୍ନ ସ୍ଥାନରେ ନିର୍ମାଣାଧୀନ ପ୍ରକଳ୍ପରେ କାର୍ଯ୍ୟରତ ୫୨ ଜଣ ଶ୍ରମିକଙ୍କୁ ପୁଲିସ ସନ୍ଦେହରେ ଉଠାଇ ଆଣି ଥାନାରେ ଅଟକ ରଖି ସେମାନଙ୍କର ଆଧାର କାର୍ଡ, ଭୋଟର ପରିଚୟପତ୍ର ଯାଞ୍ଚ କରିବା ପରେ ସେମାନଙ୍କୁ ଛାଡ଼ିଥିବାବେଳେ ପୁନର୍ବାର ବୁଧବାର ରାତିରେ ୨୪ ଜଣ ସନ୍ଦିଗ୍ଧ ବାଂଲାଦେଶୀଙ୍କୁ ଉଠାଇ ଆଣିଥିଲେ। ଏହି ୨୪ ଜଣଙ୍କ ଆଧାର କାର୍ଡ, ଭୋଟର ପରିଚୟପତ୍ର, ପ୍ୟାନ କାର୍ଡକୁ ତୀକ୍ଷ୍ଣ ଭାବେ ଯାଞ୍ଚ କରାଯାଉଥିଲା। ଏହି ୨୪ଜଣ ସଦରର ବିଭିନ୍ନ ସ୍ଥାନରେ ରହି ଫେରିବାଲା କାମ କରୁଛନ୍ତି ବା ଆଉ କିଏ ଦିନ ମଜୁରିଆ କାମ କରୁଥିବା ଜଣାପଡ଼ିଛି। ମାତ୍ର ସେମାନେ ଭଡ଼ାରେ ରହୁଥିବା ଘରର ମାଲିକ ଏମାନେ କି କାମ କରନ୍ତି ତାହା ଘରର ମାଲିକଙ୍କୁ ଜଣାନାହିଁ। ଗୁରୁବାର ଦିନ ପୁଲିସ ଏହି ସନ୍ଦିଗ୍ଧ ବ୍ୟକ୍ତିଙ୍କ ମାଲିକଙ୍କୁ ଥାନାରେ ଡକାଇ ଭଡ଼ା ଦେବା ପୂର୍ବରୁ ଭଲ ଭାବେ ଯାଞ୍ଚ୍ କରି ଥାନାରେ ଅବଗତ ହେଲା ପରେ ଭଡ଼ା ଦେବେ ବୋଲି ପୁଲିସ ସୂଚନା ଦେଇଛି। ଏହି ସନ୍ଦିଗ୍ଧ ୨୪ ଜଣଙ୍କ ଯାଞ୍ଚ୍ କରିବା ପରେ ଏମାନେ ପଶ୍ଚିମବଙ୍ଗ ରାଜ୍ୟର ମେଦିନାପୁର ଅଞ୍ଚଳର ବୋଲି ଜଣାପଡ଼ିଛି। ପୁଲିସ ଏହି ୨୪ଜଣଙ୍କୁ ଥାନାରୁ ଛାଡ଼ିଥିବା ପୁଲିସ ସୂଚନା ଦେଇଛି।

## ବାଂଲାଦେଶୀ ସନ୍ଦେହରେ ଯାଞ୍ଚ

**ବ୍ରହ୍ମବରଦା, ୨୦।୧୧(ସମିସ):** ରସୁଲପୁର ବ୍ଲକ ବ୍ରହ୍ମବରଦା ଓ ଏହା ଆଖପାଖ ଅଞ୍ଚଳରେ ମାଳମାଳ ବାଂଲାଦେଶୀ ରହିଥିବାବେଳେ ଗତକାଲି ବ୍ରହ୍ମବରଦା ପୁଲିସ ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ଉ କରି ବିଳମ୍ବିତ ରାତିରେ ୮ ଜଣଙ୍କୁ ବାଂଲାଦେଶୀ ସନ୍ଦେହରେ ଅଟକ ରଖି ପଚରାଉଚରା କରିଥିବା ଜଣାପଡ଼ିଛି। ବ୍ରହ୍ମବରଦା ଥାନା ନିକଟସ୍ଥ ବ୍ରହ୍ମବରଦା ବସ୍ତିରୁ ୮ ଜଣ ବ୍ୟକ୍ତିଙ୍କୁ ଉଠାଇ ଆଣି ପଚରାଉଚରା କରୁଥିବାବେଳେ ଆଧାର ଯାଞ୍ଚ କରିଥିଲେ। ସେମାନେ ସବୁ ଝାଡ଼ଖଣ୍ଡ, ମୁର୍ସିଦାବାଦ ଅଞ୍ଚଳର ଲୋକ। ରାଜମିସ୍ତ୍ରୀ ଓ ମଜୁରି ଭାବେ କାର୍ଯ୍ୟ କରୁଥିବା ଥାନା ଅଧିକାରୀ ଜୟନ୍ତୀ ମଲ୍ଲିକ ସୂଚନା ଦେଇଛନ୍ତି। ତେବେ ବାହାର ରାଜ୍ୟରୁ ଆସି ବ୍ରହ୍ମବରଦା ଅଞ୍ଚଳରେ ଶତାଧିକ ବୁଲା ବିକାଳି ଓ ଅସ୍ଥାୟୀ ଦୋକାନ କରି ରହି ଆସୁଥିବା ଜାଣିବାକୁ ମିଳୁଥିବାବେଳେ ଏ ନେଇ ବ୍ରହ୍ମବରଦା ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ସେମାନଙ୍କର ପରିଚୟ ଯାଞ୍ଚ କରି ଉଚିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ମା’ ହେଲେ ୧୫ ବର୍ଷୀୟା ନାବାଳିକା

**ଯାଜପୁର, ୨୦।୧୧ (ସମିସ):** ମା’ ହେଲେ ଜଣେ ୧୫ ବର୍ଷୀୟା ନାବାଳିକା। ଯେଉଁ ବୟସରେ ଖାତା କଲମ ଧରି ପାଠ ପଢ଼ିବା କଥା ସେହି ବୟସରେ ସେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଛନ୍ତି। ଏଭଳି ଅଭାବନୀୟ ଓ ଲଜ୍ଜାଜନକ ଘଟଣା ଯାଜପୁର ଜିଲ୍ଲା କୁଆଖିଆ ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ଗତ ବୁଧବାର ରାତିରେ କୁଆଖିଆ ଥାନା ଅଞ୍ଚଳର ଅନୁସୂଚିତ ଜନଜାତିର ଜଣେ ୧୫ ବର୍ଷୀୟା ନାବାଳିକା ପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ଚିକିତ୍ସା ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ସେଠାରେ ନାବାଳିକା ଜଣକ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ଖବର ପାଇ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପହଞ୍ଚିବା ସହ ଘଟଣା ସମ୍ପର୍କରେ ଅବଗତ ହୋଇଥିଲେ। ଏ ନେଇ ଶିଶୁ ସୁରକ୍ଷା ଅଧିକାରୀ କୁଆଖିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣାରେ ଜଣେ ନାବାଳକ ସମ୍ପୃକ୍ତ ଥିବା ନେଇ ଜଣାପଡ଼ିବା ପରେ ସମ୍ପୃକ୍ତ ନାବାଳକକୁ କୁଆଖିଆ ଥାନାରେ ଅଟକ ରଖି ପଚରାଉଚରା କରାଯାଉଛି। ଅନ୍ୟପଟରେ ଜନ୍ମ ହୋଇଥିବା ଶିଶୁ କନ୍ୟାର ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ନିମନ୍ତେ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଏ ସମ୍ପର୍କରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କରଙ୍କୁ ପଚାରିବାରୁ ଘଟଣା ଜାଣିଲା ପରେ ସମ୍ପୃକ୍ତ ନାବାଳକ ନାମରେ କୁଆଖିଆ ଥାନାରେ ଅଭିଯୋଗ କରାଯିବା ସହ ଘଟଣା ଉପରେ ତୀକ୍ଷ୍ଣ ନଜର ରଖାଯାଇଥିବା କହିଛନ୍ତି।

## ହାବିଲଦାର ଓ ସୁରକ୍ଷା କର୍ମୀଙ୍କ ବିରୋଧରେ ଯାଜପୁର ଥାନାରେ ଅଭିଯୋଗ

**ଯାଜପୁର, ୨୦।୧୧(ସମିସ):** ହାବିଲଦାର ଓ ସୁରକ୍ଷାକର୍ମୀଙ୍କ ବିରୁଦ୍ଧରେ ଯାଜପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ୧୦୮ ଆମ୍ବୁଲାନ୍ସର କାର୍ଯ୍ୟରତ ଡ୍ରାଇଭର। ଯାଜପୁର ମେଡିକାଲରୁ କଟକକୁ ରୋଗୀ ନେବାକୁ ଯାଇଥିବା ସମୟରେ ଗାଡ଼ି ପାର୍କିଂକୁ କେନ୍ଦ୍ର କରି ୧୦୮ ଆମ୍ବୁଲାନସ ଡ୍ରାଇଭରଙ୍କୁ ମେଡିକାଲ ସୁରକ୍ଷା କର୍ମୀ ଓ ହାବିଲଦାର ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ଯାଜପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ୧୦୮ ଆମ୍ବୁଲାନ୍ସର କାର୍ଯ୍ୟରତ ପାଇଲଟ ପ୍ରଭାକର ଜେନା। ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଗତକାଲି ଅପରାହ୍ନରେ ଜଣେ ଗୁରୁତର ରୋଗୀଙ୍କୁ କଟକ ଏସସିବି ମେଡିକାଲ ନେବାକୁ ଆସିଥିବା ସମୟରେ ଗାଡ଼ି ପାର୍କିଂକୁ ନେଇ ଆମ୍ବୁଲାନ୍ସ ଡ୍ରାଇଭର ପ୍ରଭାକର ଓ ସୁରକ୍ଷା କର୍ମୀଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ସୁରକ୍ଷା କର୍ମୀ ସଦଳବଳେ ପ୍ରଭାକରଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ।



## ଧର୍ମଶାଳା ବ୍ଲକ୍ ଅଧ୍ୟକ୍ଷା ହେଲେ ସୁଚିସ୍ମିତା

**ଧର୍ମଶାଳା, ୨୦।୧୧(ସମିସ):** ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପାଇଁ ଆଜି ଅନୁଷ୍ଠିତ ଉପନିର୍ବାଚନରେ ଅପ୍ରତିଦ୍ୱନ୍ଦ୍ୱୀ ଭାବେ କ୍ଷେତ୍ରପାଳ ପଞ୍ଚାୟତ ସମିତି ସଭ୍ୟା ସୁଚିସ୍ମିତା ଦାସ ବିଜୟୀ ହୋଇଛନ୍ତି। ଗତ ସାଧାରଣ ନିର୍ବାଚନ ପରେ ବ୍ୟକ୍ତିଗତ କାରଣ ଦର୍ଶାଇ ବ୍ଲକ ଅଧ୍ୟକ୍ଷ ପଦବୀରୁ ଇସ୍ତଫା ଦେଇଥିଲେ ପ୍ରଭାତ ବଳବନ୍ତରାୟ। ଶ୍ରୀ ବଳବନ୍ତରାୟ ନିଜ ପଦବୀରୁ ହଟିବା ପରେ ଉପାଧ୍ୟକ୍ଷା ବିଶ୍ୱବିଜୟିନୀ ମିଶ୍ର ଅଧ୍ୟକ୍ଷ ଦାୟିତ୍ୱରେ ରହିଥିଲେ। ଏହାର ତିନିମାସ ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏଠାରେ ଅଧ୍ୟକ୍ଷ ପଦ ନିର୍ବାଚନ ତାରିଖ ଘୋଷଣା କରାଯାଇଥିଲା। ଅଧ୍ୟକ୍ଷ ପଦବୀ ପାଇଁ ଆଜି କଡ଼ା ସୁରକ୍ଷା ବଳୟ ମଧ୍ୟରେ ବ୍ଲକ ପ୍ରଶାସନ ପକ୍ଷରୁ ଶାନ୍ତିଶୃଙ୍ଖଳାର ସହ ଏହି ନିର୍ବାଚନ ପରିଚାଳନା କରାଯାଇଥିଲା। ଧର୍ମଶାଳା ତହସିଲଦାର ସମୀର ଦାସ ନିର୍ବାଚନ ଅଧିକାରୀ ଭାବେ ଅତିରିକ୍ତ ତହସିଲଦାର ଭବେଶ ମାଝୀ ମାଜିଷ୍ଟ୍ରେଟ୍ ଦାୟିତ୍ୱ ତୁଲାଇଥିଲେ। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପୁଲିସ ମୁଖ୍ୟାଳୟରୁ ୩ ସେକସନ ପୁଲିସ ଫୋର୍ସ ସହ ଯାଜପୁର ରୋଡ୍ ଏସ୍‌ଡିପିଓ ଲକ୍ଷ୍ମୀଧର ସ୍ୱାଇଁ, ଧର୍ମଶାଳା ଥାନାର ଭାରପ୍ରାପ୍ତ ଥାନାଧିକାରୀ ରମାକାନ୍ତ ନାୟକ, ଜାରକା ବିଟ ହାଉସ ପୁଲିସ ଅଧିକାରୀ ବିଜୟ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଆଜି କ୍ଷେତ୍ରପାଳର ସମିତି ସଭ୍ୟା ସୁଚିସ୍ମିତ ଦାସ ନିଜ ସମର୍ଥକଙ୍କ ସହ ବ୍ଲକ କାର୍ଯ୍ୟାଳୟକୁ ଆସି ନିଜର ନାମାଙ୍କନ ପତ୍ର ଦାଖଲ କରିଥିଲେ। ସୁଚିସ୍ମିତା ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିବାରୁ ନିର୍ଦ୍ଧାରିତ ସମୟ ପରେ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ଶ୍ରୀମତୀ ଦାସଙ୍କୁ ଧର୍ମଶାଳା ବ୍ଲକର ଅଧ୍ୟକ୍ଷ ଭାବେ ରିଟର୍ଣ୍ଣିଂ ଅଫିସର ଘୋଷଣା କରିଥିଲେ। ବିଜୟ ହାସଲ ପରେ ନୂତନ ଅଧ୍ୟକ୍ଷା ଶ୍ରୀମତୀ ଦାସ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କୁ ଏଥିପାଇଁ ଧନ୍ୟବାଦ ଦେଇଥିଲେ। ପରେ ତାଙ୍କୁ ଏକ ବିରାଟ ଶୋଭାଯାତ୍ରାରେ ଧର୍ମଶାଳା ବ୍ଲକ ପରିକ୍ରମା କରାଯାଇଥିଲା।



## ରାଜ୍ୟ ସୂଚନା କମିଶନରଙ୍କ କାର୍ଯ୍ୟକଳାପ ପ୍ରତିବାଦରେ ଧାରଣା



**ଯାଜପୁର, ୨୦।୧୧(ସମିସ):** ରାଜ୍ୟରେ ସୂଚନା କମିଶନର ଠିକଣା ଭାବେ କାର୍ଯ୍ୟ କରୁ ନ ଥିବା ଅଭିଯୋଗ କରି ଆଜି ଯାଜପୁର ଜିଲ୍ଲାପାଳ ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ ସୂଚନା ଅଧିକାର କର୍ମୀ। କମିଶନରଙ୍କ ନିକଟକୁ ଆସୁଥିବା କେଶଗୁଡ଼ିକୁ ବେଆଇନ ଭାବେ ଧାଡ଼ିକିଆ ଅର୍ଡର ପାସ୍ କରାଯାଉଛି, ସରକାରୀ ବିଭାଗରେ ଯେଉଁ ଜନ ସୂଚନା ଅଧିକାରୀ ଓ ପ୍ରଥମ ଅପିଲ କର୍ତ୍ତୃପକ୍ଷ ଅଛନ୍ତି ସେମାନଙ୍କୁ ସୁହାଇଲା ଭଳି ଅର୍ଡର ପାସ୍ କରାଯିବା ଫଳରେ ରାଜ୍ୟରେ ସୂଚନା ଅଧିକାର ଆଇନ ନଷ୍ଟ ହେବାକୁ ବସିଲାଣି ବୋଲି ଅଭିଯୋଗ କରାଯାଇଥିଲା। ଏଥିପାଇଁ ସେହି ସୂଚନା କମିଶନରଙ୍କୁ ତୁରନ୍ତ ରାଜ୍ୟ ସରକାର ବହିଷ୍କାର କରିବା ପାଇଁ ଦାବି କରିଥିଲେ।

## ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ — ସୁକିନ୍ଦାରେ ଏକତା ପଦଯାତ୍ରା

**ସୁକିନ୍ଦା, ୨୦।୧୧(ସମିସ):** ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ପରିପ୍ରେକ୍ଷୀରେ ଆଜି ଏକତା ପଦଯାତ୍ରା ଆୟୋଜିତ ହୋଇଯାଇଛି। ଯାଜପୁର ଜିଲ୍ଲାରେ ଏକତା ଓ ଦେଶପ୍ରେମର ବାର୍ତ୍ତା ବାଣ୍ଟିବାକୁ ଆୟୋଜିତ ଏହି ପଦଯାତ୍ରା ସୁକିନ୍ଦା ପୁଲିସ ଷ୍ଟେସନଠାରୁ ଅତ୍ୟନ୍ତ ଉତ୍ସାହର ସହିତ ଆରମ୍ଭ ହୋଇ ଲକ୍ଷ୍ମୀନାରାୟଣ ଉଚ୍ଚ ବିଦ୍ୟାଳୟଠାରେ ଶେଷ ହୋଇଥିଲା। ମୁଖ୍ୟଅତିଥି ଭାବେ ରାଜ୍ୟ ସମବାୟ ଓ ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗଦେଇ ଭାରତର ସ୍ୱାଧୀନତା ଆନ୍ଦୋଳନର କର୍ଣ୍ଣଧାର ଜଣେ ପ୍ରକୃତ ଦେଶପ୍ରେମୀ ଓ ସ୍ୱାଧୀନତା ସଂଗ୍ରାମୀ ଭାରତର ଏକତ୍ରିକରଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା କହିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯାଜପୁର ସାଂସଦ ଡା. ରବୀନ୍ଦ୍ର ନାରାୟଣ ବେହେରା, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ ଯୋଗଦେଇ ଶ୍ରୀ ପଟେଲଙ୍କ ତ୍ୟାଗ ଓ ଆଦର୍ଶକୁ ସ୍ମରଣ କରିବାର ଏକ ପବିତ୍ର ପ୍ରୟାସ ବୋଲି ମତ ଦେଇଥିଲେ। ଏହ ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଭିନ୍ନ ବିଭାଗ ପକ୍ଷରୁ ପ୍ରଦର୍ଶନୀ ଷ୍ଟଲ ଖୋଲାଯାଇଥିଲା। ଏହି ଏକତା ଦୌଡ ପଦଯାତ୍ରା ଦିବସ ଅବସରରେ ବିଜେପି ସଭାପତି ଦେବଯାନୀ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ସପନ ନନ୍ଦ, ଅତିରିକ୍ତ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ, ବିଡିଓ ଦାନଗଦି, ବିଡିଓ ସୁକିନ୍ଦା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ, ସୁକିନ୍ଦା ବ୍ଲକର ସମସ୍ତ ଅଧିକାରୀ ଓ କର୍ମଚାରୀ, ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ, ବୁଦ୍ଧିଜୀବୀ, ସ୍ୱୟଂସହାୟିକା ଗୋଷ୍ଠୀ ସଦସ୍ୟା, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



**ସିଂହପୁର, ୨୦।୧୧(ସମିସ):** ବିଂଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଖରସ୍ରୋତା ମହାବିଦ୍ୟାଳୟରେ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଆରଟିଓଙ୍କ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ବ୍ରଜକିଶୋର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ ସଭା ପରିଚାଳନା କରିଥିଲେ। ଅତିଥି ଭାବେ ସଡ଼କ ସୁରକ୍ଷା ଉପରେ ଆରଟିଅର୍ ଏମଭିଆଇ ପ୍ରଦୀପ ବେହେରା, ପ୍ରତିଶ୍ରୁତି ମଲ୍ଲିକ, ଅଶୋକ କୁମାର ବଳ ପ୍ରମୁଖ ଯୋଗଦେଇ ଉପସ୍ଥିତ ଥିବା ଛାତ୍ରଛାତ୍ରୀଙ୍କୁ ବକ୍ତବ୍ୟ ପ୍ରଦାନ କରିଥିଲେ। ରେଡ୍‌କ୍ରସର ମାଷ୍ଟର ଟ୍ରେନର ଶୈଳଜ ବାରିକ ଛାତ୍ରଛାତ୍ରୀଙ୍କୁ ସଡ଼କ ସୁରକ୍ଷା ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅଧ୍ୟାପିକା ମମତାମୟୀ ସାମଲ, ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର୍ ଅଧ୍ୟାପକ ଜଳଧର ସାହୁ, ଯୁବ ରେଡ୍‌କ୍ରସ କାଉନସିଲର ନୀଳମଣି ମଲ୍ଲିକ, ଅଧ୍ୟାପକ ବିଜୟ ପତି, ମୀନକେତନ ତ୍ରିପାଠୀ, ସୁରେନ୍ଦ୍ର ସାମଲ, ଗଗନ ବିହାରୀ ବେହେରା, ଅରୁଣ ସାମଲ, ଦୀପ୍ତିରଞ୍ଜନ ସେନାପତି, କୈଳାସ ମିଶ୍ର, ବୈଭବ ନାୟକ, ରଜତ ସାହୁ, ଯୋଗେନ୍ଦ୍ର ସୂତାର, ସତ୍ୟନାରାୟଣ ଗୁପ୍ତା, ଅଧ୍ୟାପିକା ଗାୟତ୍ରୀ ଧଳ, ପୁଷ୍ପଲତା ଜେନା, ରୂପାଲି ମହାରଣା, ରୋଜାଲିନ କୁଅଁର, ଅର୍ପିତା ସ୍ୱାଇଁ, ପ୍ରୀତିଲତା ଭୂୟାଁ, ସୁଚିସ୍ମିତା ନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ୮୮ତମ କାର୍ତ୍ତିକେଶ୍ୱର ବାର୍ଷିକ ପୂଜା ମହୋତ୍ସବ

**ବ୍ୟାସନଗର, ୨୦।୧୧(ସମିସ):** ଯାଜପୁର ରୋଡ୍ ମାଲଗୋଦାମ ବଜାରର କାର୍ତ୍ତିକେଶ୍ୱର ପୂଜା ଡୋଲିପୁରରେ ପ୍ରଥମେ ୧୯୩୮ ମସିହାରେ ସାହୁ ବଜାରରେ ଆରମ୍ଭ ହୋଇଥିଲା। ଚଳିତ ବର୍ଷ ଏହି କମିଟି ୮୮ତମ ବାର୍ଷିକ ଉତ୍ସବ ତାରିଣୀ ମନ୍ଦିର ନିକଟ ମଣ୍ଡପରେ ପାଳନ ହେଉଛି। ମଙ୍ଗଳବାର ବାଣୀରତ୍ନ ମୁରଲୀ ମନୋହର ସାହୁ ଯାଜପୁର ପ୍ରବଚନ ଦେଇଥବାବେଳେ ବୁଧବାର ଗୁରୁ ରବୀନ୍ଦ୍ର କୁମାର ମିଶ୍ରଙ୍କ ଦ୍ୱାରା ଭଜନ ସନ୍ଧ୍ୟାରେ ଭଜନ ସଙ୍ଗୀତ ପରିବେଷଣ କରିଥିଲେ। ଏହି ମଞ୍ଚରେ ଯାଜପୁର କେନ୍ଦୁଝର ରୋଡ଼ ଷ୍ଟେସନର ଷ୍ଟେସନ ମ୍ୟାନେଜର ସୁଧୀର ସୁଭଦର୍ଶୀ ମହାପାତ୍ର ଓ କୋରାଇ ଥାନା ଭାରପ୍ରାପ୍ତ ଅଧିକାରୀ ରାକେଶ କୁମାର ତ୍ରିପାଠୀଙ୍କୁ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଛି। ପୂର୍ବତନ ସଭାପତି ସ୍ୱର୍ଗତ କାହ୍ନୁଚରଣ ସାମଲଙ୍କ ଭାଇ ବେଣୁଧର ସାମଲ, ପୂର୍ବତନ ସମ୍ପାଦକ ସ୍ୱର୍ଗତ ନୀଳମଣି ସାମଲଙ୍କ ପୁତ୍ର ନିତ୍ୟାନନ୍ଦ ସାମଲ, ପୂର୍ବତନ ଯୁଗ୍ମସମ୍ପାଦକ, ପୂର୍ବତନ କୋଷାଧ୍ୟକ୍ଷ ଭଗବାନ ରାଉତ, ପୂର୍ବତନ ସଭାପତି ଦେବେନ୍ଦ୍ର ପତି, ପୂର୍ବତନ ସଭାପତି ଜ୍ଞାନେନ୍ଦ୍ର ପତି, ପୂର୍ବତନ ସଭାପତି ଉମେଶ ପୃଷ୍ଟି, ପୂର୍ବତନ ସମ୍ପାଦକ ସ୍ୱର୍ଗତ ଲମ୍ବୋଦର ଦାଶ, ତାଙ୍କ ପୁତ୍ର ପୂର୍ବତନ ସମ୍ପାଦକ ତଥା ବର୍ତ୍ତମାନର ସଭାପତି ସଦାଶିବ ଦାଶ, ସମ୍ପାଦକ ସନ୍ତୋଷ ସାହୁ, କୋଷାଧ୍ୟକ୍ଷ ନିରଞ୍ଜନ ସାହୁ, ବରିଷ୍ଠ ସଭ୍ୟ ରବୀନ୍ଦ୍ର ନାୟକ, ନିରଞ୍ଜନ ଗୁଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚ ପରିଚାଳନା କରିଥିଲେ ବ୍ୟଙ୍ଗ କବି ବାଇଧର ମାଝୀ, କାର୍ତ୍ତିକେଶ୍ୱର ପୂଜା କମିଟି ସଭାପତି ସଦାଶିବ ଦାଶ, ସମ୍ପାଦକ ସନ୍ତୋଷ ସାହୁ, କୋଷାଧ୍ୟକ୍ଷ ନିରଞ୍ଜନ ସାହୁ, ଉପସଭାପତି ଉମେଶ ପୃଷ୍ଟି, ଜ୍ଞାନେନ୍ଦ୍ର ପତି, ଘନଶ୍ୟାମ ସାହୁ, ଜିତେନ୍ଦ୍ର ସୁବୁଦ୍ଧି, ସହସମ୍ପାଦକ ନିରଞ୍ଜନ ଗୁଇଁ, ଅନିରୁଦ୍ଧ ମହାନ୍ତି, ଧନେଶ୍ୱର ସାହୁ, ଜୟକୃଷ୍ଣ ନାୟକ, ପ୍ରଫୁଲ୍ଲ ରାଉତ, ମହେଶ୍ୱର କର, ସୁଦର୍ଶନ ଦ୍ୱିବେଦୀ, ବିନୋଦ ପାତ୍ର, ରବୀନ୍ଦ୍ର ସାହୁ, ପ୍ରଦୀପ ମସ୍କରା ପ୍ରମୁଖ ବହୁ ଯୁବ ବ୍ୟବସାୟୀ ଉପସ୍ଥିତ ଥିଲେ। ଆସନ୍ତା ୨୨ ତାରିଖ ଶନିବାର ଭସାଣି ଉତ୍ସବ ଅନୁଷ୍ଠିତ ହେବ।

## ରାଜ୍ୟସ୍ତରୀୟ ଦୃଷ୍ଟିବାଧିତ କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ଧର୍ମଶାଳା, ୨୦।୧୧( ସମିସ):** ଧର୍ମଶାଳା ବ୍ଲକ ଜାରକାସ୍ଥ ଧର୍ମଶାଳା ଷ୍ଟାଡ଼ିୟମରେ ଚାଲିଥିବା ଦଶମ ଦୃଷ୍ଟିବାଧିତ ପୁରୁଷ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଅଜି ଦ୍ୱିତୀୟ ଦିବସରେ ସନ୍ଧ୍ୟା ୭ ଘଟିକା ପର୍ଯ୍ୟନ୍ତ ୪ଟି ଲିଗ ମ୍ୟାଚ ଅନୁଷ୍ଠିତ ହୋଇଛି। ଓଡ଼ିଶା ଦୃଷ୍ଟିହିନ କ୍ରିକେଟ ସଙ୍ଘ, କ୍ରୀଡ଼ା ଓ ଯୁବ ସେବା ବିଭାଗ ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ଓ ସକ୍ଷମ ଓଡ଼ିଶା ପୂର୍ବ ସହଯୋଗରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ଆଜିର ଖେଳରେ ଯାଜପୁରକୁ ୩ ୱିକେଟରେ ପରାସ୍ତ କରି ବାଲେଶ୍ୱର ଟିମ ବିଜୟୀ ହୋଇଛି। ଦ୍ୱିତୀୟ ମ୍ୟାଚ୍‌ରେ ଅନୁଗୋଳକୁ ୨ ରନରେ ପରାସ୍ତ କରିକନ୍ଧମାଳ ବିଜୟୀ ହୋଇଛି।



ସେହିଭଳି ତୃତୀୟ ମ୍ୟାଚରେ ଭଦ୍ରକକୁ ୭ ୱିକେଟରେ ପରାସ୍ତ କରି ବରଗଡ଼ ବିଜୟୀ ହୋଇଛି। ଚତୁର୍ଥ ମ୍ୟାଚ୍‌ରେ କଟକକୁ ବିନା ୱିକେଟରେ ପରାସ୍ତ କରି ବାଲେଶ୍ୱର ୱାରିୟର ଟିମ ବିଜୟୀ ହୋଇଛି। ଏହି ମ୍ୟାଚ୍‌କୁ ଅସିତ ପଟେଲ, ରାନଜିତ ମହାରଣା, ରିୟାସତ ଅଲ୍ଲୀ ଓ ପ୍ରମୋଦ ନାୟକ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ବ୍ୟାସନଗର କେନ୍ଦ୍ରୀୟ ବିଦ୍ୟାଳୟର ଶିକ୍ଷକ ସବ୍ୟସାଚୀ ଦେବାଶିଷ ପଟେଲ ଓ ବିରଞ୍ଚି ନାରାୟଣ ସାହୁ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳ କ୍ୟାପଟେନ୍‌ଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଆସନ୍ତା ୨୩ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ରାଜ୍ୟ ଦୃଷ୍ଟିହିନ କ୍ରିକେଟ ସଙ୍ଘର ସଭାପତି ମହମ୍ମଦ ଜାଫର ଇକବାଲ ସୂଚନା ଦେଇଛନ୍ତି।

# ଅଧାରେ ଆଣ୍ଠେଇଛି ପଣ୍ଡୁଆ ସେତୁ; ତେଜୁଛି ଅସନ୍ତୋଷ

**ଯାଜପୁର, ୨୦।୧୧(ସମିସ)**





ଅଧାରେ ଆଣ୍ଠେଇଛି ପଣ୍ଡୁଆ ସେତୁ। ନିର୍ମାଣରେ ଅହେତୁକ ବିଳମ୍ବ ଓ ଜମି ଅଧିଗ୍ରହଣ ତୁରନ୍ତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲା ଅଧିନସ୍ଥ ବରୀ, ବିଞ୍ଝାରପୁର, ଆଳି, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ାର ୫ଟି ବ୍ଲକ ଓ ଦୁଇଟି ଜିଲ୍ଲା ଲୋକଙ୍କ ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ ଓ ବ୍ୟବସାୟିକ କାର୍ଯ୍ୟ ପାଇଁ ବିରଜା କ୍ଷେତ୍ରରୁ ତୁଳସୀକ୍ଷେତ୍ର ଯୋଗାଯୋଗ ନିମନ୍ତେ କଳାମାଟିଆ ବିଞ୍ଝାରପୁର ରାସ୍ତାର ପଣ୍ଡୁଆ ନଦୀ ଉଚ୍ଚ ସେତୁ ନିର୍ମାଣ ଅଧାପନ୍ତରିଆ ହୋଇ ପଡ଼ିରହିଛି। ଏହି ସେତୁ ଦେଇ କଟକ ବଡ଼ ମେଡ଼ିକାଲ ଓ ରାଜଧାନୀ ଭୁବନେଶ୍ୱର, ପାରାଦୀପ ବନ୍ଦର ଯିବା ପାଇଁ ଅଞ୍ଚଳବାସୀଙ୍କୁ ୨୦ରୁ ୨୫ କିମି ରାସ୍ତା କମିଯିବ। ରାଜ୍ୟ ସରକାର ୨୦୧୮-୧୯ରେ ପୂର୍ତ୍ତ ବିଭାଗ ଦ୍ୱାରା ପଣ୍ଡୁଆ ନଦୀ ଉପରେ ଉଚ୍ଚ ସେତୁ ନିର୍ମାଣ ପାଇଁ ଅଟକଳ ରାଶି ୨୬ କୋଟି ୬୫ ଲକ୍ଷ ବ୍ୟୟରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏ ପର୍ଯ୍ୟନ୍ତ ୬ ବର୍ଷ ବିତିଯାଇଥିଲେ ମଧ ସେତୁ ନିର୍ମାଣର ଅଟକଳ ରାଶି ବୃଦ୍ଧି ହୋଇ ୫୪ କୋଟିରୁ ଊର୍ଦ୍ଧ୍ୱରେ ପହଞ୍ଚିଲାଣି। ହେଲେ କାର୍ଯ୍ୟ ଶେଷ ହୋଇ ପାରିଲା ନାହିଁ। ଯେତିକି ବି କାର୍ଯ୍ୟ ହୋଇଛି ସେତୁର ଦୁଇ ପାର୍ଶ୍ୱରେ ଥିବା ପ୍ରବେଶ ପଥ ନିମନ୍ତେ ଏ ପର୍ଯ୍ୟନ୍ତ ଜମି ଅଧିଗ୍ରହଣ କରାଯାଇନାହିଁ। ଏ ସମ୍ପର୍କରେ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଉପରୋକ୍ତ ଅଞ୍ଚଳବାସୀ ଅଧପନ୍ତରିଆ ସେତୁ ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ।

ଜିଲ୍ଲାପାଳ ଘଟଣା ସମ୍ପର୍କରେ ଅବଗତ ହୋଇ ପାଣିକୋଇଲିସ୍ଥ ପୂର୍ତ୍ତ ବିଭାଗ ସହିତ ଯୋଗାଯୋଗ କରିଥିଲେ। କିନ୍ତୁ ଅଦ୍ୟାବଧି ତାହାର କୌଣସି ସୁଫଳ ଅଞ୍ଚଳବାସୀ ପାଇପାରିନାହାଁନ୍ତି। ବିପଦସଂକୁଳ ଅବସ୍ଥାରେ ଜନସାଧାରଣ ଡଙ୍ଗା ଦ୍ୱାରା ନଦୀ ପାର ହେଉଛନ୍ତି। ପ୍ରଶାସନ ସୁରକ୍ଷା ବ୍ୟବସ୍ଥାରେ କୌଣସି ପଦକ୍ଷେପ କରୁନାହାନ୍ତି। ଏଣୁ ଏହାର ସଠିକ୍ ତଦନ୍ତ କରି ଉକ୍ତ ସେତୁ କାମ ଯଥାଶୀଘ୍ର ଶେଷ କରି ଗମନାଗମନର ସୁଗମ କରାଇପାରିଲେ ବିଶେଷ କରି ବରୀ, ବିଞ୍ଝାରପୁର ବ୍ଲକର ଧୋୟା ଅଞ୍ଚଳ ସହ ଦୁଇଟି ଜିଲାର ୫ଟି ବ୍ଲକର ଅଧିବାସୀ ଉପକୃତ ହେବେ ବୋଲି ଜିଲ୍ଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

## ବିଦ୍ୟାଳୟରେ ମଦ୍ୟପ ଯୁବକର ଉନ୍ମତ୍ତକାଣ୍ଡ

**କୟାଁଗୋଲା, ୨୦।୧୧(ସମିସ):** ମଙ୍ଗଳପୁର ଥାନା ଦୁବକଣ ଗ୍ରାମର ରାଜେଶ ନାୟକ ନାମକ ଜଣେ ଯୁବକ ଆଜି ଜୟଚଣ୍ଡି ସରକାରୀ ଉଚ୍ଚବିଦ୍ୟାଳୟରେ ପଶି ଗାଳିଗୁଲଜ ଓ ହୋହାଲ୍ଲା କରି ପାଠପଢ଼ାରେ ବ୍ୟାଘାତ ସୃଷ୍ଟି କରିଥିଲେ। ପ୍ରଧାନଶିକ୍ଷକ ଓ ଅନ୍ୟ ଶିକ୍ଷକମାନେ ଯେତେ ବୁଝାଇଲେ ମଧ ସେ କାହାରି କଥା ଶୁଣି ନ ଥିଲେ। ଅନ୍ୟ ଉପାୟ ନ ପାଇ ପ୍ରଧାନଶିକ୍ଷକ ରଞ୍ଜନ କାଣ୍ଡି ମଙ୍ଗଳପୁର ଥାନାକୁ ଫୋନ କରି ଜଣାଇଥିଲେ। ଏସଆଇ ଜଟାଧାରୀ ଦାସ, ସଂଯୁକ୍ତା ପଣ୍ଡା ବିଦ୍ୟାଳୟରେ ପହଞ୍ଚି ମଦ ନିଶାରେ ଚୁର ରାଜେଶକୁ କାବୁ କରି ଥାନାକୁ ଆଣିଥିଲେ। ପରେ ପୁଲିସ ତାଙ୍କର ଡାକ୍ତରୀ ପରୀକ୍ଷା କରିବା ସହ ୩୩୧/୨୫ରେ ମାମଲା ରୁଜୁ କରିଛି। ରାଜେଶଙ୍କ ଏଭଳି ଆଚରଣକୁ ସାଧାରଣରେ ନିନ୍ଦା କରାଯାଇଛି।

# ସମ୍ପାଦକୀୟ



ଶିକ୍ଷା ଯଦି ଚରିତ୍ର ନିର୍ମାଣରେ ସହାୟ ନହୁଏ, ତେବେ ତାହା ସମ୍ପୂର୍ଣ୍ଣ ବୃଥା !
-ମହାତ୍ମା ଗାନ୍ଧୀ

ସକାଳ
THE SAKALA

## ତଥ୍ୟ ସୁରକ୍ଷା ସର୍ବୋପରି

ବହୁଳ ବ୍ୟବହୃତ ସାମାଜିକ ଗଣମାଧ୍ୟମ ମଞ୍ଚ ହ୍ୱାଟ୍‌ସ୍‌ଆପ୍‌ରେ କେତେକ ବୈଷୟିକ ତ୍ରୁଟି ଯୋଗୁଁ ଏହାର ବ୍ୟବହାରକାରୀଙ୍କ ଗୋପନୀୟ ଓ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଘଟ ହେବାର ଆଶଙ୍କା ସୃଷ୍ଟି ହୋଇଛି। ସମଗ୍ର ବିଶ୍ୱରେ ପ୍ରାୟ ୩୫୦ କୋଟି ହ୍ୱାଟ୍‌ସ୍‌ଆପ୍ ବ୍ୟବହାରକାରୀଙ୍କ ମଧ୍ୟରୁ ଭାରତର ସର୍ବାଧିକ ୭୪.୯ କୋଟି ବା ୨୧% ଥିବାରୁ ହ୍ୟାକରଙ୍କ ହାତକୁ ଏହି ତଥ୍ୟ ଚାଲିଗଲେ ଭାରତୀୟ ଓ ଭାରତର ବଜାର ସର୍ବାଧିକ କ୍ଷତିଗ୍ରସ୍ତ ହୋଇପାରେ।

ଅଧୁନା ସାମାଜିକ ଗଣମାଧ୍ୟମର ବିଭିନ୍ନ ମଞ୍ଚ ଉପରେ ଲୋକମାନଙ୍କର ନିର୍ଭରଶୀଳତା ବଢ଼ିବା ସହିତ ଗୋପନୀୟତାକୁ ନେଇ ବିପଦ ଆଶଙ୍କା ମଧ୍ୟ ବଢ଼ିବାରେ ଲାଗିଛି। ଏହା ସହିତ ଯୋଡ଼ି ହୋଇଯାଇଛି ଆଧାର। ଅତୀତରେ ଆଧାରରେ ଥିବା ଭାରତୀୟଙ୍କ ତଥ୍ୟ ବିଦେଶର ତୃତୀୟ ପକ୍ଷ ସଂସ୍ଥା ହାତରେ ପଡ଼ିଥିବା ଅଭିଯୋଗ ଆସିବା ପରେ ଏହା ଆଉ ସୁରକ୍ଷିତ ନୁହେଁ ବୋଲି ଧାରଣା ସୃଷ୍ଟି ହୋଇଥିଲା। କିନ୍ତୁ ଭାରତୀୟ ନାଗରିକଙ୍କ ତଥ୍ୟ ସୁରକ୍ଷା ଏ ପର୍ଯ୍ୟନ୍ତ ଭରସାଯୋଗ୍ୟ ହୋଇପାରିନାହିଁ। ଦେଶର ସର୍ବୋଚ୍ଚ ନ୍ୟାୟାଳୟଙ୍କ କଟକଣା ସତ୍ତ୍ୱେ ଆଧାରକୁ ବିଭିନ୍ନ ସେବା ପାଇଁ ଏକ ଅପରିହାର୍ଯ୍ୟ ଦସ୍ତାବେଜ୍ ଓ ପ୍ରମାଣପତ୍ର ରୂପେ ବ୍ୟବହାର କରାଯାଉଛି। ଯେମିତି ଏବେ ବିନା ଇଣ୍ଟରନେଟ୍ ଓ ସ୍ମାର୍ଟଫୋନ୍‌ରେ ଜୀବନଯାତ୍ରା ଏକପ୍ରକାର ଅଚଳ, ଆଧାର ବିନା ସେବା ସେଭଳି ଅସମ୍ଭବ ଓ ଅସମ୍ପୂର୍ଣ୍ଣ। ଆଧାର ସଂଲଗ୍ନ ଇ-କେୱାଇସି ନଥିବାରୁ ସାଧାରଣ ବଣ୍ଟନ ବ୍ୟବସ୍ଥା ଓ ଖାଦ୍ୟ ନିରାପତ୍ତା ଆଇନରୁ ବାଦ୍ ପଡ଼ି ଜୀବନ ହାରିବା ଭଳି ଉଦାହରଣ ମଧ୍ୟ ଦେଖିବାକୁ ମିଳୁଛି। ବୋଧହୁଏ ଆଉ କିଛିଦିନ ପରେ ବିନା ଆଧାରରେ ହାଟ ବଜାରରୁ ପରିବା ମଧ୍ୟ ମିଳିବ ନାହିଁ। ଏଭଳି ପରିସ୍ଥିତିରେ ତଥ୍ୟ ଚୋରି ହେବା ସ୍ୱାଭାବିକ।

ବିଳମ୍ବରେ ହେଲେ ମଧ୍ୟ ସରକାର ଏ ଦିଗରେ ଚେତିଛନ୍ତି ଏବଂ ଆଧାର କାର୍ଡରୁ ନାମ, ଠିକଣା, ଫଟୋ ଆଦି ବାଦ୍ ଦେଇ କେବଳ କ୍ୟୁଆର କୋଡ୍ ପ୍ରଚଳନ ପାଇଁ ଯୋଜନା କରୁଛନ୍ତି। କିନ୍ତୁ ଏହା ଯଥେଷ୍ଟ ନୁହେଁ। ଆଧାର ନମ୍ବରର ଆବଶ୍ୟକତାକୁ କାଣ୍ଟଛାଣ୍ଟ, ବିଶେଷକରି ଘରୋଇ ସେବା କ୍ଷେତ୍ରରେ ନିଷିଦ୍ଧ ନ କରିବା ଯାଏଁ ନାଗରିକଙ୍କ ତଥ୍ୟ ଚୋରି ଆଶଙ୍କା ସବୁବେଳେ ଲାଗି ରହିଥିବ। ଦେଶର ପ୍ରତିରକ୍ଷା ସହିତ ଆଧାରକୁ ଯୋଡ଼ା ଯାଉଛି; କିନ୍ତୁ ନିକଟରେ କାର ବୋମା ବିସ୍ଫୋରଣରେ ଜଡ଼ିତ ଏବଂ ତା'ପୂର୍ବରୁ ଗିରଫ ଆତଙ୍କବାଦୀ ଡାକ୍ତରମାନେ ମଧ୍ୟ ଭାରତୀୟ ଆଧାର କାର୍ଡଧାରୀ ଥିଲେ। ଆତଙ୍କବାଦୀମାନେ ଏକାଧିକ ଆଧାର କାର୍ଡ ପ୍ରସ୍ତୁତି ଓ ବ୍ୟବହାର କରି ନିଶ୍ଚିନ୍ତରେ ରହିଆସୁଥିବା ବେଳେ ବିଚରା ଗରିବ ସାଧାସିଧା ଜନତା ଅଧିକ ହଇରାଣ ହରକତ ହେଉଛନ୍ତି। ତଥ୍ୟ ଚୋରିକୁ ପ୍ରତିହତ କରିବା ପାଇଁ ସରକାର ଯେଉଁ କେତେକ ପଦକ୍ଷେପ ନେଉଛନ୍ତି ତାହା ପ୍ରଭାବଶାଳୀ କିମ୍ବା ସମୟୋପଯୋଗୀ ନ ହେବାରୁ ଦାନ୍ତ ଓ ନଖ ନଥିବା ବାଘ ଭଳି ହେଉଛି। କୋଟି କୋଟି ଭାରତୀୟଙ୍କ ଆଧାର କାର୍ଡ କିମ୍ବା ଅନ୍ୟ ବ୍ୟକ୍ତିଗତ ତଥ୍ୟ ପ୍ରଘଟ ହେଲେ କେବଳ ସେହି ବ୍ୟକ୍ତିବିଶେଷ କ୍ଷତିଗ୍ରସ୍ତ ହେବେ ନାହିଁ, ସମଗ୍ର ଦେଶର ଅର୍ଥ ବ୍ୟବସ୍ଥା ଉପରେ ଏହାର ପ୍ରଭାବ ପଡ଼ିବ। ତେଣୁ ତଥ୍ୟ ସୁରକ୍ଷା ଆଇନ ଓ ନିୟମାବଳୀକୁ ଅଧିକ କଠୋର ଓ ପ୍ରଭାବଶାଳୀ କରିବା ଆଜିର ଆହ୍ୱାନ। ●

## ସମ୍ବିଧାନର ଗରିମାକୁ ସମ୍ମାନ

ରାଜ୍ୟ ବିଧାନସଭା ଦ୍ୱାରା ପାରିତ ଏବଂ ସମ୍ପୃକ୍ତ ରାଜ୍ୟପାଳମାନଙ୍କ ଦ୍ୱାରା ପ୍ରେରିତ ବିଧେୟକଗୁଡ଼ିକୁ ରାଷ୍ଟ୍ରପତି ନିର୍ଦ୍ଦିଷ୍ଟ କେତେ ଦିନ ମଧ୍ୟରେ ଅନୁମୋଦନ କରିବେ ସେଥିପାଇଁ କୌଣସି ସମୟସୀମା ନିର୍ଦ୍ଧାରଣ କରାଯାଇପାରିବ ନାହିଁ। ଏହା ସମ୍ପୂର୍ଣ୍ଣ ରୂପେ ରାଷ୍ଟ୍ରପତିଙ୍କ ବ୍ୟକ୍ତିଗତ ବ୍ୟାପାର। ସର୍ବୋଚ୍ଚ ନ୍ୟାୟାଳୟଙ୍କ ୫ ଜଣିଆ ସମ୍ବିଧାନ ଖଣ୍ଡପୀଠ ଉପରୋକ୍ତ ରାୟ ଦେବା ପରେ ଦୀର୍ଘଦିନ ଧରି ଲାଗି ରହିଥିବା ସାମ୍ବିଧାନିକ ସଙ୍କଟ ଓ ବିବାଦର ଅବସାନ ଘଟିଛି। ଏଥିସହିତ ସାମ୍ବିଧାନିକ ଗରିମା ଏବଂ ରାଷ୍ଟ୍ରପତିଙ୍କ ପଦମର୍ଯ୍ୟାଦା ଅତୁଟ ରହିଛି। ଏକ ସାର୍ବଭୌମ ରାଷ୍ଟ୍ରରେ ରାଷ୍ଟ୍ରପତି ସର୍ବୋଚ୍ଚ ଶାସନକର୍ତ୍ତା ହୋଇଥିବାରୁ ତାଙ୍କ ଉପରେ ଶୃଙ୍ଖଳା ବା କଟକଣା ଲଦି ଦେବା ଅଶୋଭନୀୟ ଏବଂ ସମ୍ବିଧାନର ମୂଲ୍ୟବୋଧ ପ୍ରତି ଅସମ୍ମାନ ଭଳି। ଖଣ୍ଡପୀଠଙ୍କ ରାୟ ଏ ଦୃଷ୍ଟିରୁ ସ୍ୱାଗତଯୋଗ୍ୟ।

ଭାରତୀୟ ସଂଘୀୟ ଶାସନ ବ୍ୟବସ୍ଥାରେ ରାଜ୍ୟପାଳମାନେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସେତୁ ସଦୃଶ। ସେମାନେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ହେଲେ ମଧ୍ୟ ରାଜ୍ୟ ଶାସନରେ ଅଯଥା ହସ୍ତକ୍ଷେପ କରିପାରିବେ ନାହିଁ। କେବଳ ପରାମର୍ଶ ଦେଇପାରିବେ। ରାଜ୍ୟ ବିଧାନସଭାରେ ପାରିତ ବିଧେୟକଗୁଡ଼ିକୁ ଅନୁମୋଦନ କରିପାରିବେ, ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ପଠାଇପାରିବେ କିମ୍ବା ଅନୁପଯୁକ୍ତ ମନେ ହେଲେ ବିଧାନସଭାକୁ ଫେରାଇ ପାରିବେ। ଯଦି ଦ୍ୱିତୀୟ ବାର ସମାନ ବିଧେୟକ ପାରିତ ହୁଏ ତେବେ ରାଜ୍ୟପାଳ ତାହାକୁ ଅନୁମୋଦନ କରିବାକୁ କିମ୍ବା ରାଷ୍ଟ୍ରପତିଙ୍କ ପାଖକୁ ପଠାଇବାକୁ ସାମ୍ବିଧାନିକ ବ୍ୟବସ୍ଥାରେ ବାଧ୍ୟ। କିନ୍ତୁ ରାଜନୈତିକ ଅସୂୟାର ବଶବର୍ତ୍ତୀ ହୋଇ କେତେକ ରଜ୍ୟର ରାଜ୍ୟପାଳ ଜାଣିଶୁଣି ବିଧେୟକଗୁଡ଼ିକୁ ପକେଇ ରଖୁଛନ୍ତି। ଏଥିରେ ରାଜ୍ୟ ଶାସନ ପ୍ରକ୍ରିୟାରେ ବାଧା ସୃଷ୍ଟି ହେଉଛି। ରାଜ୍ୟପାଳମାନଙ୍କର ଏଭଳି ଉଦ୍ଦେଶ୍ୟମୂଳକ ବାଛବିଚାର ନିଷ୍ପତ୍ତିର ସର୍ବାଧିକ କ୍ଷତିଗ୍ରସ୍ତ ରାଜ୍ୟ ମଧ୍ୟରେ ତାମିଲନାଡ଼ୁ, କେରଳ ଓ ପଞ୍ଜାବ ରହିଛନ୍ତି। ରାଜ୍ୟପାଳଙ୍କ ଏଭଳି ମନମୁଖି କାର୍ଯ୍ୟ ବିରୋଧରେ ତାମିଲ୍‌ନାଡ଼ୁ ସରକାର ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବା ପରେ ଦୁଇଜଣିଆ ଖଣ୍ଡପୀଠ ବିଧେୟକଗୁଡ଼ିକୁ ଅନୁମୋଦନ କରିବା ସହିତ ରାଜ୍ୟପାଳମାନେ ସର୍ବାଧିକ କେତେ ସମୟ ମଧ୍ୟରେ ନିଷ୍ପତ୍ତି ନେବେ ତାହା ଧାର୍ଯ୍ୟ କରିଥିଲେ। ଏଥିସହିତ ରାଷ୍ଟ୍ରପତିଙ୍କୁ ମଧ୍ୟ ପ୍ରସଙ୍ଗକୁ ଆଣି ସେ ସର୍ବାଧିକ ତିନିମାସ ଭିତରେ ବିଧେୟକଗୁଡ଼ିକୁ ଅନୁମୋଦନ କରିବାକୁ ବାଧ୍ୟ ବୋଲି ରାୟ ଦେଇଥିଲେ। ଏହା ସାମ୍ବିଧାନିକ ଅଧିକାରଗତ ଜଟିଳତା ସୃଷ୍ଟି କରିବାରୁ ମାମଲା ୫ ଜଣିଆ ସମ୍ବିଧାନ ଖଣ୍ଡପୀଠକୁ ଯାଇଥିଲା।

ମାମଲାର ବିଚାର କରି ଖଣ୍ଡପୀଠ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦୁଇଜଣିଆ ଖଣ୍ଡପୀଠ ଦେଇଥିବା ସମୟସୀମା ହଟାଇ ଦେବା ସହିତ ସାମ୍ବିଧାନିକ ପଦରେ ଅଧିଷ୍ଠିତ ବ୍ୟକ୍ତିବିଶେଷଙ୍କ କାର୍ଯ୍ୟଧାରାରେ ସମୟସୀମା କିମ୍ବା ଶୃଙ୍ଖଳା ଲାଗୁ କରିବାର ଅଧିକାର ନ୍ୟାୟାଳୟଙ୍କର ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଏଥିସହିତ ରାଜ୍ୟପାଳମାନେ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ବିଧେୟକଗୁଡ଼ିକୁ ପକେଇ ରଖିବା ଅନୁଚିତ ବୋଲି ଯଥୋଚିତ ରାୟ ଦେଇଛନ୍ତି। ସାମ୍ବିଧାନିକ ଗରିମାର ସୁରକ୍ଷା ଓ ଲକ୍ଷ୍ମଣରେଖାର ମାନ୍ୟତା ବଜାୟ ରଖିବାକୁ ଯାଇ ଖଣ୍ଡପୀଠଙ୍କ ଏହି ସଂଶୋଧିତ ରାୟକୁ ଯଦି ସକାରାତ୍ମକ ରୂପେ ରାଜ୍ୟପାଳମାନେ ଗ୍ରହଣ କରନ୍ତି ତେବେ ଗଣତନ୍ତ୍ର ପାଇଁ ଶୁଭଙ୍କର ହେବ। ●

# ବୟୋବୃଦ୍ଧ: ଆଇନରେ ସୁରକ୍ଷିତ, ସମାଜରେ ଅବହେଳିତ

ଡକ୍ଟର ଅବଶ ପରିଡ଼ା

ବୟୋବୃଦ୍ଧଙ୍କ ଭରଣପୋଷଣ କରୁନାହାନ୍ତି, କିନ୍ତୁ ପିଲାମାନେ ସମ୍ପତ୍ତି ପାଇଁ ନ୍ୟାୟାଳୟର ଦ୍ୱାରସ୍ଥ ହେଉଛନ୍ତି। ପିଲାମାନଙ୍କ ଦ୍ୱାରା ବାପାଙ୍କ ସମ୍ପତ୍ତିରେ ଅଧିକାରୀ ଜାହିର କରିବା ପାଇଁ ମାମଲା କରିବା ବୟସ୍କଙ୍କ ପ୍ରତି ଏକ ଅତ୍ୟାଚାର। ଚଳିତ ମାସରେ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟ ଏହି ଐତିହାସିକ ରାୟ ଦେଇଛନ୍ତି। ସେହିପରି ପିତାମାତାଙ୍କର ଭରଣପୋଷଣରେ ଅବହେଳା କରୁଥିବା ପିଲାଙ୍କୁ ସମ୍ପତ୍ତିରୁ ବେଦଖଲ ମାମଲାର ସଂଖ୍ୟା ଭାରତରେ ଏବେ ବୃଦ୍ଧି ପାଉଛି। ଉଭୟ ଭରଣପୋଷଣ ଏବଂ ତେଜ୍ୟ ପାଇଁ ହେଉଥିବା ଆବେଦନ କେବଳ ପିଲାମାନଙ୍କର ବ୍ୟକ୍ତିଗତ ଅବହେଳାର ପ୍ରତିଫଳନ ନୁହେଁ, ବରଂ ଏକ ସାମାଜିକ ପରିବର୍ତ୍ତନର ଆଭାସ। ବୟୋବୃଦ୍ଧ ପିତାମାତାଙ୍କ ସେବା ପିଲାମାନଙ୍କ ପାଇଁ ଏକଦା ନୈତିକ କର୍ତ୍ତବ୍ୟ ଥିଲା; କିନ୍ତୁ ତାହା ଏବେ ଆଇନଗତ ବାଧ୍ୟବାଧକତା ପାଲଟିଛି।

ରାଷ୍ଟ୍ରୀୟସ୍ତରର ଅନେକ ସମୀକ୍ଷା ଓ ତଥ୍ୟ ଅନୁଯାୟୀ ଭାରତର ଜନସଂଖ୍ୟାରେ ତିନୋଟି ପରିବର୍ତ୍ତନ ଦେଖାଯାଉଛି। ପ୍ରଥମ ଦୁଇଟି ହେଉଛି, ବୟୋବୃଦ୍ଧଙ୍କ ସଂଖ୍ୟା ଏବଂ ଯୁବବର୍ଗଙ୍କ ଭୌଗୋଳିକ ଗତିଶୀଳତା ବଢ଼ୁଛି। ଶେଷଟି ହେଉଛି ପିଲାମାନଙ୍କ ଉପରେ ଆର୍ଥିକ ଭାବରେ ନିର୍ଭର କରୁଥିବା ବୟସ୍କଙ୍କ ସଂଖ୍ୟା ମଧ୍ୟ ସେହି ଅନୁପାତରେ ବୃଦ୍ଧି ପାଉଛି। 'ଇଣ୍ଡିଆ ଏଜିଂ ରିପୋର୍ଟ' ଏହାକୁ ନେଇ ଏକ ଆହ୍ୱାନ କଥା ଉଲ୍ଲେଖ କରିଛି। ତାହା ହେଉଛି, ନୂତନ ଜୀବନଶୈଳୀ ଏବଂ ସମ୍ବଳର ଅଭାବ ଯୋଗୁଁ ଆଧୁନିକ ପରିବାରଗୁଡ଼ିକ ନିଜ ଭାବପ୍ରବଣ ଦାୟିତ୍ୱ ମୁଖ୍ୟତଃ ବୃଦ୍ଧ ପିତାମାତାଙ୍କ ଭରଣପୋଷଣ, ଚିକିତ୍ସା ଓ ସେବାକୁ ନେଇ ଚାପରେ ଅଛନ୍ତି। ବୟସ୍କଙ୍କ ସେବା ଏକ ବୋଝ, ଏକ ଆଇନଗତ ଭୟ ଓ ଦାୟିତ୍ୱର ଚାପ ଭଳି ଧାରଣା ଏବେ ବିଶ୍ୱବ୍ୟାପୀ ବ୍ୟାପକ ହେବାରେ ଲାଗିଛି।

ପାରମ୍ପରିକ ଭାରତୀୟ ସମାଜରେ ପିତାମାତାଙ୍କ ଯତ୍ନ, ସେବା, ଶ୍ରଦ୍ଧା ଓ ସମ୍ମାନ ହେଉଛି ମୂଲ୍ୟବୋଧ ସନ୍ନିହିତ। କିନ୍ତୁ ଦ୍ରୁତ ସହରୀକରଣ, ପ୍ରବାସ ଏବଂ ଅଣୁ ପରିବାରର ଉତ୍ଥାନ ଇତ୍ୟାଦି ଆମ ନୈତିକ କର୍ତ୍ତବ୍ୟଗୁଡ଼ିକୁ ଏକପ୍ରକାରର ଅସ୍ପଷ୍ଟ ଦାୟିତ୍ୱରେ ପରିଣତ କରିଛି। ସମ୍ଭବତଃ, ସେଥିପାଇଁ ବୟୋବୃଦ୍ଧମାନେ ନିର୍ଯାତନା, ହିଂସା, ଅବହେଳାର ଶିକାର ହେଉଛନ୍ତି। ସମାଜଶାସ୍ତ୍ରରେ ଏହାକୁ 'ନୈତିକ ନିରନ୍ତରତାର ସଙ୍କଟ' ବୋଲି କୁହାଯାଏ। ସରଳରେ କହିଲେ, ବ୍ୟକ୍ତିଗତ କିମ୍ବା ସାମାଜିକ ନୈତିକ ଢାଞ୍ଚାର ଅଧୋପତନ ଏବଂ ଠିକ୍ କିମ୍ବା ଭୁଲକୁ ନେଇ ଆମ ଭିତରେ ବ୍ୟାପକ ଅନିଶ୍ଚିତତାର ଏହା ହେଉଛି ଏକ ପରିସ୍ଥିତି। କ୍ରମାଗତ ଭାବେ ଏହା ଯୋଗୁଁ ପରିବାର ଏକ ଆବେଗପୂର୍ଣ୍ଣ ଅନୁଷ୍ଠାନରୁ ପାରସ୍ପରିକ ଲାଭ ଚାଳିତ ପ୍ରତିଷ୍ଠାନ ଏବଂ ଆଇନଗତ ଚୁକ୍ତିରେ ପରିବର୍ତ୍ତନ ହୋଇସାରିଛି। ଅନେକ ପିଲାଙ୍କ ପାଇଁ ବୃଦ୍ଧ ପିତାମାତାଙ୍କ ଯତ୍ନ ନେବା ଆଉ ଏକ ଆନ୍ତରିକ ଆଚରଣ ନୁହେଁ। ସମାଜବିଜ୍ଞାନୀ ୱେବରଙ୍କ ତତ୍ତ୍ୱ ଅନୁସାରେ ଆମର ସାମାଜିକ ଜୀବନ ଏକ ପ୍ରକ୍ରିୟାରେ ପାରମ୍ପରିକ ଢାଞ୍ଚାରୁ ଆଇନଗତ-ଯୌକ୍ତିକ କର୍ତ୍ତୃପକ୍ଷକୁ ଆଡ଼କୁ ଗତି କରେ। ଉଦାହରଣ ସ୍ୱରୂପ, ସନ୍ତାନର ଧର୍ମ, କର୍ତ୍ତବ୍ୟ ଏବଂ ନୈତିକ କ୍ରମକୁ ଅମଲାତାନ୍ତ୍ରିକ ପ୍ରକ୍ରିୟା, ଯେପରିକି ଆଧିକାରିକ ସୂଚନା, ଟ୍ରିବ୍ୟୁନାଲ୍ ଶୁଣାଣି, ବହିଷ୍କାର ଆଦେଶ ଦ୍ୱାରା ଆକାର ଦିଆଯାଉଛି। ତେଣୁ ଅବହେଳିତ ପିତାମାତାମାନେ ଆଉ ସ୍ନେହ ବନ୍ଧନ ଆଶା କରୁନାହାନ୍ତି। ପ୍ରତିବାଦରେ ଦୁଃଖ ଓ ନିର୍ଯାତନାର ଆଇନଗତ ସ୍ୱୀକୃତି ପାଇଁ ସେମାନେ ଅଦାଲତର ଆଶ୍ରୟ ନେଉଛନ୍ତି।

ବୃଦ୍ଧ ପିତାମାତାଙ୍କୁ ନିଃସହାୟ ନ କରିବା ପାଇଁ 'ପିତାମାତା ଓ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଏବଂ କଲ୍ୟାଣ ଆଇନ'- ୨୦୦୭ ପ୍ରଣୟନ କରାଯାଇଥିଲା। ବୃଦ୍ଧ ପିତାମାତାଙ୍କ ମୌଳିକ ଆବଶ୍ୟକତା, ଆଶ୍ରୟ ଓ ମାସିକ ଭତ୍ତା ପ୍ରଦାନ କରିବାକୁ ଏହା ପିଲାମାନଙ୍କୁ କିମ୍ବା ଉତ୍ତରାଧିକାରୀମାନଙ୍କୁ ଆଦେଶ କରିଥାଏ। ଏଥିରେ ନିୟମ ଅଛି ଯେ ଯଦି ଅବହେଳିତ ହୁଅନ୍ତି ତେବେ ପିତାମାତାମାନେ ଏକ ଭରଣପୋଷଣ ଟ୍ରିବ୍ୟୁନାଲରେ ଏହା ବିରୁଦ୍ଧରେ ଆବେଦନ ଦାଖଲ କରିପାରିବେ। ଟ୍ରିବ୍ୟୁନାଲ ମାସିକ ଭରଣପୋଷଣ ୧୦, ୦୦୦ ଟଙ୍କା ପର୍ଯ୍ୟନ୍ତ ଦେବାକୁ ନିର୍ଦ୍ଦେଶ ଦେଇପାରିବେ କିମ୍ବା ପିଲାମାନଙ୍କୁ ପିତାମାତାଙ୍କ ସମ୍ପତ୍ତିର ଅଧିକାରରୁ ବାଦ୍ ଦେଇପାରିବେ।

ମିଳିତ ଜାତିସଂଘର ଏକ ରିପୋର୍ଟ ଅନୁଯାୟୀ ଭାରତୀୟ ବୟସ୍କମାନେ ନିଜ ଭରଣପୋଷଣ ପାଇଁ ପିଲାମାନଙ୍କ ମଧ୍ୟରେ ବାଣ୍ଟି ହୋଇଯାଇଛନ୍ତି। ପିତାମାତାଙ୍କୁ ପିଲାମାନେ ଭାଗରେ ରଖିବାକୁ କିଛି ଆଧାର ଅଛି। ଯଥା ପିଲାମାନଙ୍କ ରହୁଥିବା ସ୍ଥାନ, ଚାକିରି ଓ ଆର୍ଥିକ କ୍ଷମତା ଇତ୍ୟାଦି। ଏକ ଘରୋଇ ଗବେଷଣାର ତଥ୍ୟ ଅନୁଯାୟୀ ବୟସ୍କଙ୍କ ଦ୍ୱାରା ନ୍ୟାୟାଳୟରେ ଆବେଦନର ସଂଖ୍ୟା ବଢ଼ିବାର ଦୁଇଟି କାରଣ ଅଛି। ପ୍ରଥମଟି, କେଉଁ ପିଲା ସେମାନଙ୍କୁ କେତେଦିନ ଭାଗରେ ରଖିବେ ଏବଂ ଦ୍ୱିତୀୟ, ପିଲାମାନଙ୍କ ମଧ୍ୟରେ ଜରୁରିକାଳୀନ ଖର୍ଚ୍ଚ ବହନର ଦ୍ୱନ୍ଦ୍ୱ। ଦିଲ୍ଲୀ ବରିଷ୍ଠ ନାଗରିକ ଟ୍ରିବ୍ୟୁନାଲ୍‌ର ଏକ ଆବେଦନର ଉଦାହରଣ ଏଠାରେ ନେବା। ୮୨ ବର୍ଷୀୟ ଦମ୍ପତି ତାଙ୍କ ପୁଅ ଓ ବୋହୂଙ୍କୁ ସମ୍ପତ୍ତିରୁ ବାସନ୍ଦ କରିବା ପାଇଁ ଏକ ଆବେଦନ ଦାଖଲ କରିଥିଲେ। ଯୁକ୍ତି ଥିଲା ଯେ ପୁଅ-ବୋହୂ ରକ୍ଷଣାବେକ୍ଷଣ ଓ ଭରଣପୋଷଣ କରୁନାହାନ୍ତି, ବରଂ ସମ୍ପତ୍ତି ଉପଭୋଗ ଓ ଦଖଲ କରି ରଖିଛନ୍ତି। ଦିଲ୍ଲୀ ଟ୍ରିବ୍ୟୁନାଲ୍ ଏମ୍‌ଡବ୍ଲୁପିଏସ୍‌ସି ଆଇନ ଅନୁଯାୟୀ ପୁଅକୁ ସମ୍ପତ୍ତିରୁ ବେଦଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅପରପକ୍ଷରେ ପୁଅର ଯୁକ୍ତି ଥିଲା ଯେ ତାଙ୍କ ଭାଇ ମଧ୍ୟ ସମାନ ଦାୟିତ୍ୱ ବାଣ୍ଟିବା ଉଚିତ। ବିଡ଼ମ୍ବନା ଯେ ଦୁଇ ଭାଇ ମିଳିତ ଯତ୍ନ ଗ୍ରହଣ କରିବାକୁ ମନା କରିଥିଲେ। ସୂଚାଇ ଦେବାକୁ ଚାହେଁ ଯେ ପିଲାମାନଙ୍କ ଏହି ନିଷ୍ପତ୍ତିରେ ଟ୍ରିବ୍ୟୁନାଲ୍ ବିଶେଷ କିଛି ସାହାଯ୍ୟ କରିପାରିବେ ନାହିଁ।

ଟ୍ରିବ୍ୟୁନାଲ୍ ଦେଉଥିବା ରାୟ ମଧ୍ୟ ସମାନ ପ୍ରକାରର ନୁହେଁ। ବୟସ୍କଙ୍କ ଭରଣପୋଷଣ ଆଇନର ନ୍ୟାୟିକ ବ୍ୟାଖ୍ୟା ବିବାଦୀୟ ବୋଲି ସଦ୍ୟ ପ୍ରକାଶିତ ଏକ ଅଧ୍ୟୟନ ପ୍ରକାଶ କରିଛି। ଏହା ଅନୁଯାୟୀ ପିତାମାତାଙ୍କ ସମ୍ପତ୍ତିରୁ ପିଲାଙ୍କୁ ବେଦଖଲ କରିବାର ପ୍ରଶାସନିକ କର୍ତ୍ତୃପକ୍ଷଙ୍କ କ୍ଷମତାକୁ କିଛି ଖଣ୍ଡପୀଠ ସୀମିତ ରଖିଛନ୍ତି। କେଉଁଠି ବେଦଖଲ ମଧ୍ୟ କରିଛନ୍ତି। ଅନ୍ୟ କିଛି ପରିସ୍ଥିତିରେ ଟ୍ରିବ୍ୟୁନାଲ୍ ବେଦଖଲ ନିର୍ଦ୍ଦେଶ ଜାରି କରିଛନ୍ତି କିନ୍ତୁ ଅପବ୍ୟବହାର କିମ୍ବା ଦଖଲ ପ୍ରମାଣିତ ହୋଇନାହିଁ। ତେଣୁ ଏହା ଦର୍ଶାଉଛି ଯେ ବୟସ୍କ ବ୍ୟକ୍ତିଙ୍କ ପାଇଁ ଆଇନକୁ ଉଭୟ ଢାଲ ଭାବରେ ଏବଂ ପରିବାର ମଧ୍ୟରେ ଦ୍ୱନ୍ଦ୍ୱର ଏକ ବିବାଦୀୟ ଉପକରଣ ଭାବରେ ବ୍ୟବହାର କରାଯିବାର ସମ୍ଭବନା ଅଛି। କିଛିଦିନ ତଳେ ଆଲ୍ଲାହାବାଦ ହାଇକୋର୍ଟର ଲକ୍ଷ୍ନୌ ଖଣ୍ଡପୀଠ କହିଛନ୍ତି ଯେ ଭରଣପୋଷଣ ଟ୍ରିବ୍ୟୁନାଲ୍, ଆପିଲେଟ୍ ଟ୍ରିବ୍ୟୁନାଲ୍ କିମ୍ବା ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କର ପିତାମାତା ଓ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଏବଂ କଲ୍ୟାଣ ଆଇନ ୨୦୦୭ ଅନୁଯାୟୀ ଆବେଦନ ଉପରେ କୌଣସି ସନ୍ତାନ କିମ୍ବା ସମ୍ପର୍କୀୟଙ୍କୁ ବାହାର କରିବା ପାଇଁ କୌଣସି ବହିଷ୍କାର ଆଦେଶ ପ୍ରଦାନ କରିବାର କ୍ଷମତା ନାହିଁ। ସେହିପରି ଚଳିତ ବର୍ଷର ଏକ ମିଡିଆ ରିପୋର୍ଟ କୁହେ ଯେ ବୃଦ୍ଧ ପିତାମାତା ଉପହାର କିମ୍ବା ଉତ୍ତରାଧିକାର ପ୍ରତିଶ୍ରୁତି ମାଧ୍ୟମରେ ସମ୍ପତ୍ତି ହସ୍ତାନ୍ତର ପରେ ମଧ୍ୟ ସେମାନେ ଅବହେଳାର ଶିକାର ହେଉଛନ୍ତି। ତେଣୁ ମାସିକ ଅନେକ ଆବେଦନ ଆସୁଛି। ବିହାର, ଛତିଶଗଡ଼ର ଟ୍ରିବ୍ୟୁନାଲ୍ ଏବଂ କିଛି ପ୍ରଶାସନିକ ନିର୍ଦ୍ଦେଶ ଦ୍ୱାରା ବହୁତ ସମ୍ପତ୍ତି ସ୍ଥାନାନ୍ତରକୁ ବାତିଲ କରାଯାଇଛି।

ତେଣୁ ଏଥିରୁ ଗୋଟିଏ କଥା ସ୍ପଷ୍ଟ ହେଉଛି ଯେ ଆଇନ କିମ୍ବା ସ୍ୱେଚ୍ଛାକୃତ ସମ୍ପତ୍ତି ସ୍ଥାନାନ୍ତର ବୟସ୍କମାନଙ୍କୁ ଆଶ୍ୱସ୍ତି ଦେଇପାରିବ ନାହିଁ। ପିତାମାତା ଓ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଏବଂ କଲ୍ୟାଣ ଆଇନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। କିନ୍ତୁ ଏହି ଆଇନ ପୂର୍ଣ୍ଣ ସୁରକ୍ଷା ପ୍ରଦାନ କରିବାରେ ଅସମର୍ଥ ବୋଲି ଅନେକ ଯୁକ୍ତି ବାଢ଼ୁଛନ୍ତି। ପ୍ରଥମ କାରଣ ହେଉଛି ଏହା କଲ୍ୟାଣ ଉପରେ ନୁହେଁ, ଭରଣପୋଷଣ ଉପରେ ଧ୍ୟାନ ଦେଉଛି। ଚିକିତ୍ସା ଖର୍ଚ୍ଚ, ଔଷଧ, ସହାୟକ ଉପକରଣ, ପରିବହନ ଓ ବର୍ଦ୍ଧିତ ସହରାଞ୍ଚଳ ଜୀବନଯାପନ ଖର୍ଚ୍ଚ ପାଇଁ ଏହା ପର୍ଯ୍ୟାପ୍ତ ନୁହେଁ। ଦ୍ୱିତୀୟଟି ହେଉଛି ଆଦେଶ କାର୍ଯ୍ୟକାରିତା କରିବାରେ ସମସ୍ୟା। ଯଦି ପିଲାମାନେ ଦେୟ ଦେବାକୁ ମନା କରନ୍ତି, ତେବେ ଟ୍ରିବ୍ୟୁନାଲ୍‌ର ଅନୁପାଳନକୁ ବଳବତ୍ତର କରିବା ପାଇଁ ସେମିତି କିଛି ଶକ୍ତ ଉପାୟ ନାହିଁ। ଅବଶ୍ୟ ଏକମାତ୍ର ଯତ୍ନ ନେଉଥିବା ପିଲା ବା ଆର୍ଥିକ ଦୁର୍ବଳ ପିଲାମାନଙ୍କ ଉପରେ ଚାପ ହ୍ରାସ କରିବା ପାଇଁ ରାଷ୍ଟ୍ର ଦ୍ୱାରା ପେନସନ, ସମ୍ପ୍ରଦାୟ-ଭିତ୍ତିକ ବୃଦ୍ଧାଶ୍ରମ ଏବଂ ସୁଲଭ ବାର୍ଦ୍ଧକ୍ୟ ସେବାକୁ ବିସ୍ତାର କରାଯାଉଛି।

ପିଲାମାନଙ୍କ ଦ୍ୱାରା ଅବହେଳିତ କିମ୍ବା କୌଣସି ଭରଣପୋଷଣ ପାଉ ନଥିବା ବୃଦ୍ଧମାନଙ୍କ ଉପରେ ଆର୍ଥିକ ଚାପ ପର୍ଯ୍ୟବସିତ ନିଜସ୍ୱ ଗବେଷଣାରୁ ଜଣାପଡ଼ିଛି ଯେ ବୟୋବୃଦ୍ଧମାନେ ଆର୍ଥିକ ସାହାଯ୍ୟ ବିନା ଆଶ୍ରୟ, ସ୍ୱାସ୍ଥ୍ୟସେବା ଓ ଦୈନନ୍ଦିନ ଖର୍ଚ୍ଚ ଭଳି ମୌଳିକ ଆବଶ୍ୟକତା ଠାରୁ ଖୁବ ଦୂରରେ। ଯାହା ଫଳରେ ତୀବ୍ର ଦାରିଦ୍ର୍ୟ ଓ ସ୍ୱାସ୍ଥ୍ୟର ଅବନତି ଘଟୁଛି। ପୁରୁଷଙ୍କ ଅପେକ୍ଷା ଭାରତୀୟ ବୃଦ୍ଧା ମହିଳା, ମୁଖ୍ୟତଃ ବୃଦ୍ଧା ବିଧବା ମହିଳାମାନେ ଆର୍ଥିକ ଚାପ ଓ କମ୍ ଆର୍ଥିକ ସୁରକ୍ଷା ଦ୍ୱାରା ଅଧିକ ପ୍ରଭାବିତ ହେଉଛନ୍ତି। ରାଷ୍ଟ୍ର କିମ୍ବା ଆଇନ ଦ୍ୱାରା ଶ୍ରଦ୍ଧା, ସେବା ଓ ସମ୍ମାନ ଥିବା ସମ୍ପର୍କକୁ ପୁନଃ ସୃଷ୍ଟି କରିବା ଅସମ୍ଭବ। ତେଣୁ ଏକ ସ୍ଥାୟୀ ଆଇନଗତ ସୁରକ୍ଷା ଓ ସୁସ୍ଥ ସାମାଜିକ ନୀତି ସହିତ ଆନ୍ତଃପିଢ଼ିଗତ ଦାୟିତ୍ୱକୁ ପୁନଃପରିଭାଷିତ କରିବାର ଆବଶ୍ୟକତା ଅଛି। ●

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

# ବିଜ୍ଞାନ ଅଧ୍ୟୟନ ଓ ବୈଜ୍ଞାନିକ ମନୋଭାବ

ପ୍ରଶାନ୍ତ ମିଶ୍ର

ମଣିଷ ଚିରକାଳ ଏକ ଜିଜ୍ଞାସୁ, କୌତୂହଳୀ ଓ ଅନୁସନ୍ଧିତ୍ସୁ ସତ୍ତା। ଅନ୍ଧ ଭାବେ ସେ କୌଣସି କଥାକୁ ମାନି ନିଏ ନାହିଁ। ପ୍ରଶ୍ନ କରେ, ତର୍କ ରଖେ, ପ୍ରମାଣ ଲୋଡ଼େ ଓ ଯଥାର୍ଥତା ଉପରେ ଗୁରୁତ୍ୱ ଦିଏ। ମହାଜନମାନଙ୍କ ଦ୍ୱାରା ନିର୍ଦ୍ଦେଶିତ ପନ୍ଥାରେ ନିରପେକ୍ଷତାର ଉପାଦାନ ଖୋଜେ। ନୋବେଲ ବିଜେତା ଅମର୍ତ୍ତ୍ୟ ସେନଙ୍କ 'ଯୁକ୍ତିପ୍ରିୟ ଭାରତୀୟ' ଅନୁଯାୟୀ ବୈଜ୍ଞାନିକ ମନୋଭାବ (ସାଇଣ୍ଟିଫିକ୍ ଟେମ୍ପର) ଆମ ଆଦର୍ଶବାଦର ଏକ ଅବିଚ୍ଛେଦ୍ୟ ଅଂଶ। ଉପନିଷଦ ରଚନା କାଳରୁ ଏହା ଭାରତରେ ରହି ଆସିଛି। ବୌଦ୍ଧ ସୂତ୍ରସାହିତ୍ୟରୁ ବି ଜଣାପଡ଼େ ଯେ ବୁଦ୍ଧ କୌଣସି କଥାକୁ ଅନ୍ଧ ଭାବେ ମାନିନେବା ସପକ୍ଷରେ ନଥିଲେ। କେବଳ ଗୁରୁଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ଗୁରୁ ଯାହା କହିଛନ୍ତି, ତାହା ସତ୍ୟ ଓ ଅକାଟ୍ୟ ବୋଲି ବିଶ୍ୱାସ କରିଯିବା ତାଙ୍କ ପାଇଁ ଗ୍ରହଣୀୟ ନଥିଲା।

ପାଶ୍ଚାତ୍ୟରେ ଊନବିଂଶ ଶତାବ୍ଦୀର ପ୍ରାୟ ମଧ୍ୟଭାଗରୁ 'ବୈଜ୍ଞାନିକ ମନୋଭାବ' ବାକ୍ୟାଂଶଟିର ବ୍ୟବହାର ବଢ଼ିଥିବା ଜଣାପଡ଼େ। ଏକଦା ଜଣେ ଖ୍ରୀଷ୍ଟୀୟ କ୍ୟାଥୋଲିକ୍ ବିଦ୍ୱାନ ଥୋମାସ୍ ଏ ହଗ୍ସ ଏହାର ବିଶ୍ଳେଷଣ କରି କହିଥିଲେ - ବୈଜ୍ଞାନିକ ମନୋଭାବ ଏକ ତ୍ରୁଟି-ବିରୋଧୀ ଯତ୍ନଶୀଳତା ଓ ଅନମନୀୟ ସଠିକତା। ବର୍ଟାଣ୍ଡ ରସେଲ୍ 'ଫ୍ରି ଥଟ୍ ଆଣ୍ଡ ଅଫିସିଆଲ୍ ପ୍ରୋପାଗଣ୍ଡା' ଶୀର୍ଷକ 'କନୱେ ମେମୋରିଆଲ୍ ଲେକ୍‌ଚର୍' ଅବସରରେ ଆଇନଷ୍ଟାଇନଙ୍କ 'ଥିଓରି ଅଫ୍ ରିଲେଟିଭିଟି' ବିଶ୍ୱସ୍ତରରେ ଗୃହୀତ ହେବା ବୈଜ୍ଞାନିକ ମନୋଭାବର ଏକ ଉଜ୍ଜ୍ୱଳ ଉଦାହରଣ ବୋଲି ମତ ଦେଇଥିଲେ। ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ନେହେରୁଙ୍କ ବୈଜ୍ଞାନିକ ମନୋଭାବ ପ୍ରତି ଗଭୀର ଶ୍ରଦ୍ଧା ଓ ସମ୍ମାନ ଥିଲା। ତାଙ୍କ 'ଭାରତ ଆବିଷ୍କାର' (ଡିସ୍କଭରି ଅଫ୍ ଇଣ୍ଡିଆ) ଜରିଆରେ ସେ ବୈଜ୍ଞାନିକ ମନୋଭାବକୁ ଜନପ୍ରିୟ କରାଇବା ପାଇଁ ଉଦ୍ୟମ କରିଥିଲେ।

ଧର୍ମ ସ୍ୱତଃପ୍ରବୃତ୍ତ ଆବେଗ, ଉତ୍କଣ୍ଠା ଓ ସ୍ୱତଃସ୍ଫୂର୍ତ୍ତ ଅବବୋଧ ଉପରେ ଆସ୍ଥା ରଖେ ଏବଂ ଜୀବନର ପ୍ରତ୍ୟେକ କ୍ଷେତ୍ର ସକାଶେ ଏହାର ବ୍ୟବହାରଯୋଗ୍ୟତା ରହିଛି ବୋଲି ନିଶ୍ଚିତ ଥାଏ। ଏପରିକି ବୌଦ୍ଧିକ ପର୍ଯ୍ୟବେକ୍ଷଣ ଓ ଅନୁସନ୍ଧାନ ପାଇଁ ଯେଉଁ କ୍ଷେତ୍ରଗୁଡ଼ିକ ଅନୁକୂଳ, ସେହି କ୍ଷେତ୍ରଗୁଡ଼ିକୁ ବି ବାଦ ଦେବାକୁ ଚାହେଁନାହିଁ। ମନ ମସ୍ତିଷ୍କର ବାତାୟନକୁ ବନ୍ଦ ରଖି ଅନ୍ଧତ୍ୱ, ଅସହନଶୀଳତା, ଅସଙ୍ଗତି ଓ ଅଯୌକ୍ତିକତା ପ୍ରଭୃତିକୁ ଉତ୍ସାହିତ କରେ। ତେଣୁ କୁହାଯାଇପାରେ ଧର୍ମ ନିର୍ଭରଶୀଳ ଓ ଅମୁକ୍ତ ମଣିଷର ବିଶ୍ୱାସପ୍ରବଣତା-ଆଧାରିତ ଏକ ମନୋଭାବ। ଅନ୍ୟପକ୍ଷରେ ବିଜ୍ଞାନ ଓ ବୈଜ୍ଞାନିକ ମନୋଭାବ କ୍ଷୁଧା, ଦାରିଦ୍ର୍ୟ, ଅସ୍ୱାସ୍ଥ୍ୟକର ପରିବେଶ ଓ ନିରକ୍ଷରତା, ଅନ୍ଧବିଶ୍ୱାସ ଓ ନିଶ୍ଚେତକ ପ୍ରଥା ପରମ୍ପରା ଏବଂ ଅଯଥାର୍ଥ ସମ୍ବଳକ୍ଷୟ ଜନିତ ସମସ୍ୟାସବୁର ସମାଧାନ ପାଇଁ ସାମର୍ଥ୍ୟ ରଖେ। ଆମ ସମ୍ବିଧାନ ଅନୁଯାୟୀ ବି ବୈଜ୍ଞାନିକ ମନୋଭାବ, ମାନବତାବାଦ ଓ ଅନିସନ୍ଧିତ୍ସୁ ଚିତ୍ତବୃତ୍ତିର ବିକାଶ ଘଟାଇବା ନାଗରିକର ଅନ୍ୟତମ ମୌଳିକ କର୍ତ୍ତବ୍ୟ।

ତୃଣମୂଳ ସ୍ତରରେ ବୈଜ୍ଞାନିକ ମନୋଭାବକୁ ଆଦୃତ କରାଇବା ପାଇଁ ୧୯୫୨ -୫୩ ରେ ଭାରତ ସରକାରଙ୍କ ଦ୍ୱାରା ପ୍ରଥମ ବଳିଷ୍ଠ ପଦକ୍ଷେପ ନିଆ ଯାଇଥିଲା। ତତ୍କାଳୀନ 'କାଉନ୍‌ସିଲ୍ ଅଫ୍ ସାଇଣ୍ଟିଫିକ୍ ଆଣ୍ଡ ଇଣ୍ଡଷ୍ଟ୍ରିଆଲ୍ ରିସର୍ଚ୍ଚ'(ସିଏସ୍‌ଆଇଆର୍) ମୁଖ୍ୟ ତଥା 'ଫାଦର୍ ଅଫ୍ ରିସର୍ଚ୍ଚ ଲାବୋରଟାରିଜ୍' ନାମରେ ପରିଚିତ ଶାନ୍ତି ସ୍ୱରୂପ ଭଟ୍ଟନାଗର ଏହାର ନେତୃତ୍ୱ ନେବା ସହ ବିଜ୍ଞାନ, ଟେକ୍ନୋଲୋଜି ଭିତ୍ତିଭୂମିର ବିକାଶ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ହୋମି ଜାହାଙ୍ଗୀର ଭାବା, ବିକ୍ରମ ସାରାଭାଇ ଓ ସମଶ୍ରେଣୀୟ ଅନ୍ୟ ବୈଜ୍ଞାନିକମାନଙ୍କର ବି ସ୍ୱାଧୀନତାପ୍ରାପ୍ତି ପରବର୍ତ୍ତୀ ଭାରତର ବିକାଶ ପାଇଁ ଉଲ୍ଲେଖନୀୟ ଅବଦାନ ରହିଥିଲା।

ଅନ୍ୟପକ୍ଷରେ ବୈଜ୍ଞାନିକ ମନୋଭାବର ବିକାଶକୁ ପ୍ରତିହତ କରିବା ପାଇଁ ସେତେବେଳେ ଉଦ୍ୟମ ଚାଲିଥିଲା ଏବଂ ଏବେ ବି ଉଦ୍ୟମ ଜାରି ରହିଛି। ନିଜକୁ ସ୍ୱାମୀ, ବାବା, ମାତା, ଗୁରୁ, ତାନ୍ତ୍ରିକ, ଫକୀର ପ୍ରଭୃତି ରୂପେ ପରିଚିତ କରାଇ ବହୁ ଭଣ୍ଡ ଏ ଦିଗରେ କାର୍ଯ୍ୟ କରିଚାଲିଛନ୍ତି। ବିଜ୍ଞାପନ ଜରିଆରେ ଲୋକଙ୍କୁ ଆକର୍ଷିତ କରି ବିଭିନ୍ନ ବ୍ୟକ୍ତିଗତ ସମସ୍ୟାର ସମାଧାନ ଓ ବ୍ୟାଧି ନିବାରଣ ପାଇଁ କର୍ମକାଣ୍ଡୀୟ ଉପଦେଶ ଦେଉଛନ୍ତି ଓ ଉତ୍ପାଦ ବିକ୍ରି କରୁଛନ୍ତି। ସେମାନଙ୍କ ଜାଲରେ ଧରା ଦେବାକୁ ଦୌଡ଼ୁଛନ୍ତି ତଥାକଥିତ ଶିକ୍ଷିତ ଓ ପ୍ରଭାବଶାଳୀ ଲୋକ। ରାଜନୈତିକ ପୃଷ୍ଠପୋଷକତା ବି ସେମାନଙ୍କୁ ମିଳୁଛି।

ବିଜ୍ଞାନ ଅଧ୍ୟୟନ ସହିତ ବୈଜ୍ଞାନିକ ମନୋଭାବର ବିଶେଷ ସମ୍ପର୍କ ନାହିଁ। ଯଦି ଥା'ନ୍ତା, ତେବେ ବୈଜ୍ଞାନିକ ମହାକାଶକୁ ଯାନ ପଠାଇବା ପୂର୍ବରୁ ସଫଳତା ପାଇବା ଆଶାରେ ଉପାସନା ସ୍ଥଳକୁ ଯାଇ ପୂଜାର୍ଚ୍ଚନା କରନ୍ତେ ନାହିଁ କି ଧର୍ମଗୁରୁମାନଙ୍କ ଆଶୀର୍ବାଦ ଲୋଡ଼ନ୍ତେ ନାହିଁ। ବୈଜ୍ଞାନିକ ମନୋଭାବର ଅଗ୍ରଗାମୀତ୍ୱକୁ ବଜାୟ ରଖିବା ପାଇଁ ତେଣୁ ବିଜ୍ଞାନ ପଢ଼ିବା ଅପେକ୍ଷା ଅଧିକ ଜରୁରୀ, ହେଲା ନିଷ୍କପଟ ସନ୍ଦେହ ପୋଷଣ, ପକ୍ଷପାତିତା ଓ ଘୃଣା ବିଦ୍ୱେଷରୁ ମୁକ୍ତି, ବାସ୍ତବତା ଉପରେ ଗୁରୁତ୍ୱ ଆରୋପ, ଅପ୍ରମାଣ-ଆଧାରିତ ନିଷ୍ପତ୍ତି ବା ସିଦ୍ଧାନ୍ତକୁ ନାକଚ କରିବାର ସାମର୍ଥ୍ୟ। ●

କାଶୀନଗର(ଗଜପତି),ମୋ: ୭୮୭୩୫୭୩୫୬୯

# ଶକୁନି ମନ୍ଦିର

ଓଜସ୍ୱିନୀ

### ବିଚିତ୍ର ବିଶ୍ୱାସ

ମହାଭାରତର ମୁଖ୍ୟ ଖଳନାୟକ ଶକୁନିଙ୍କ ଚତୁରତା ଓ ଚକ୍ରାନ୍ତ ଅତୁଳନୀୟ। ଆଜି ମଧ୍ୟ କୌଣସି କୁବୁଦ୍ଧି ବା କୁଚକ୍ରାନ୍ତକାରୀଙ୍କୁ ଶକୁନିଙ୍କ ସହ ତୁଳନା ଓ ଭର୍ତ୍ସନା କରାଯାଏ। ଶକୁନି ଖଳ ଓ ଦୁରାଚାରୀ ଚରିତ୍ରଯୁକ୍ତ ହୋଇଥିଲେ ମଧ୍ୟ ଦକ୍ଷିଣ ଭାରତରେ ତାଙ୍କର ଏକ ମନ୍ଦିର ଅଛି। ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ କେତେକ ପୌରାଣିକ କଥାବସ୍ତୁକୁ ଆଧାର କରି ଶକୁନିଙ୍କୁ ଦେବତୁଲ୍ୟ ବିଚାର କରାଯାଇଛି। ଯଥା - ଅଧର୍ମର ବିନାଶ ଓ ଧର୍ମର ସଂସ୍ଥାପନ ପାଇଁ ଦେବତାଙ୍କ କ୍ରୋଧରୁ ସୃଷ୍ଟି ଶକୁନି ଦ୍ୱାପର ଯୁଗରେ ଧରାପୃଷ୍ଠରେ ଜନ୍ମ ନେଇଥିଲେ। କାଳକ୍ରମେ ସେ ପାଣ୍ଡବ ଓ କୌରବଙ୍କ ମଧ୍ୟରେ ବିଭାଜନ କରାଇ ଯୁଦ୍ଧର ତାଣ୍ଡବ ରଚନା କଲେ। ମହାଭାରତ ଯୁଦ୍ଧ ଦ୍ୱାରା ଅଧର୍ମର ବିନାଶ ଓ ଧର୍ମର ଜୟଗାନ ହେଲା।

କେରଳର କୋଲ୍ଲମ ଜିଲ୍ଲାରେ ଶକୁନିଙ୍କୁ ସମର୍ପିତ ଏହି ମନ୍ଦିରକୁ 'ମଲନାଡ ମନ୍ଦିର' କୁହାଯାଉଛି। ଏହି ମନ୍ଦିର 'ମାୟମକୋଟ୍ଟୁ ମଲଂଚାରୁବୁ ମଲନାଡ ମନ୍ଦିର' ଭାବେ ମଧ୍ୟ ଜଣାଶୁଣା। ଯେଉଁଠାରେ ଶକୁନି ମହାଦେବଙ୍କୁ ତପସ୍ୟା କରି ପ୍ରସନ୍ନ କରିଥିଲେ ସେଠାରେ ଏହି ମନ୍ଦିର ନିର୍ମାଣ କରାଯାଇଛି। ସ୍ଥାନୀୟ ଜନଶ୍ରୁତି ଅନୁସାରେ ଏଠାରେ ମହାଦେବ ଶକୁନିଙ୍କୁ ସାକ୍ଷାତ ଦର୍ଶନ ଦେଇ ମୁକ୍ତି ପ୍ରଦାନ କରିଥିଲେ। ଯେଉଁ ଶିଳା ଉପରେ ଶକୁନି ତପସ୍ୟାରତ ଥିଲେ, ତାହା ଆଜି ମଧ୍ୟ ବିଦ୍ୟମାନ ଅଛି, ଯାହା 'ପବିତ୍ରେଶ୍ୱରମ୍' ଭାବେ ପରିଚିତ। ତେଣୁ ଏହି ମନ୍ଦିର ଶକୁନିଙ୍କର ପଶ୍ଚାତାପ ଏବଂ ମହାଦେବଙ୍କ ଆଶୀର୍ବାଦର ପ୍ରତୀକ ଭାବେ ରହିଛି। ଭକ୍ତମାନଙ୍କର ଅତୁଟ ବିଶ୍ୱାସ ରହିଆସିଛି ଯେ, ଏହି ମନ୍ଦିରରେ ବିଧିବିଧାନର ସହ ଶକୁନିଙ୍କ ପୂଜା କଲେ ସମସ୍ତ ମନସ୍କାମନା ପୂର୍ଣ୍ଣ ହୋଇଥାଏ। ଏହି ମନ୍ଦିରକୁ ଗୋଟିଏ ତନ୍ତ୍ରପୀଠ ଭାବରେ ମଧ୍ୟ ଖ୍ୟାତି ମିଳିଛି। ଗୁପ୍ତ ସିଦ୍ଧି ପ୍ରାପ୍ତ କରିବା ପାଇଁ ଏଠାରେ ତାନ୍ତ୍ରିକମାନଙ୍କର ଭିଡ଼ ଅନେକ ସମୟରେ ଦେଖିବାକୁ ମିଳେ। ଏଠାରେ ଶକୁନିଙ୍କ ସହିତ ମା' ନାଗଦେବୀ, କିରାତମୂର୍ତ୍ତି ଓ ନାଗରାଜଙ୍କୁ ମଧ୍ୟ ପୂଜା କରାଯାଉଛି। ପ୍ରତିବର୍ଷ ଏଠାରେ 'ମଲକୁଡ୍ଡା ମହୋଲସବମ' ନାମକ ଉତ୍ସବ ପାଳନ କରାଯାଏ। ଏହି ଉତ୍ସବରେ ପାରମ୍ପରିକ ରୀତିନୀତି ଅନୁସାରେ ଶକୁନିଙ୍କର ବିଶେଷ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥାଏ ଏବଂ ହଜାର ହଜାର ଶ୍ରଦ୍ଧାଳୁ ଉକ୍ତ ପୂଜାରେ ଯୋଗ ଦେଇଥା'ନ୍ତି। ସ୍ଥାନୀୟ ଲୋକଙ୍କ ବ୍ୟତୀତ ଭାରତର ଅନେକ ସ୍ଥାନରୁ ମଧ୍ୟ ଭକ୍ତମାନେ ଏହି ଭବ୍ୟ ଉତ୍ସବରେ ଯୋଗ ଦେଇ ଶକୁନିଙ୍କ ସହିତ ମା' ନାଗଦେବୀ, କିରାତମୂର୍ତ୍ତି ଓ ନାଗରାଜଙ୍କୁ ପୂଜା କରି ଆଶିଷ ଭିକ୍ଷା କରିଥା'ନ୍ତି।

କେବଳ କେରଳରେ ଶକୁନି ମନ୍ଦିର କାହିଁକି ପ୍ରତିଷ୍ଠା ହେଲା, ସେ ସମ୍ପର୍କରେ ଗୋଟିଏ ଲୋକକଥା ଅଛି। କଥା ଅନୁସାରେ, ଯୁଦ୍ଧଭୂମିରେ ଆତ୍ମୀୟସ୍ୱଜନଙ୍କ ମୃତ୍ୟୁ, ଅଗଣିତ ସୈନିକଙ୍କର ରକ୍ତରଞ୍ଜିତ ମୃତ ଶରୀର, ରାଜ୍ୟଗୁଡ଼ିକର ବିଭାଜନ, ହାହାକାର ଓ ଶିଶୁଙ୍କ ଆର୍ତ୍ତନାଦ ଦେଖିବା ପରେ ଶକୁନି ପଶ୍ଚାତାପର ଅଗ୍ନିରେ ଜଳିବାକୁ ଲାଗିଲେ। ନିଜକୁ ବହୁବାର ଧିକ୍କାର କରିବା ପରେ ସେ ପଶ୍ଚାତାପ ମନସ୍କ ହୋଇ ବାନପ୍ରସ୍ଥରେ ବାହାରିଲେ। ତପସ୍ୟା କରିବା ପାଇଁ ଶାନ୍ତିର ସନ୍ଧାନରେ ସେ ଆସି ପହଞ୍ଚିଲେ କେରଳର କୋଲ୍ଲମଠାରେ। ଏଠାରେ ସେ ମହାଦେବଙ୍କୁ ତପସ୍ୟା କରି ପ୍ରାୟଶ୍ଚିତ କରିବା ପାଇଁ ସ୍ଥିର କଲେ ଏବଂ ଶତାଧିକ ବର୍ଷ ତପସ୍ୟା କରିବା ପରେ ମହାଦେବ ସ୍ୱୟଂ ଶକୁନିଙ୍କୁ ଦର୍ଶନ ଦେଇ ତାଙ୍କର ମନସ୍କାମନା ପୂର୍ଣ୍ଣ କରିବା ସହ ତାଙ୍କୁ ମୁକ୍ତି ପ୍ରଦାନ କଲେ। ତେଣୁ ସମୟକ୍ରମେ ଏହି ସ୍ଥାନରେ ଶକୁନିଙ୍କ ମନ୍ଦିର ନିର୍ମାଣ ହେଲା ଏବଂ ଉକ୍ତ ତପସ୍ୟା ଶିଳା ମହାଦେବଙ୍କ ଆଶିଷପ୍ରାପ୍ତ ହୋଇ 'ପବିତ୍ରେଶ୍ୱରମ୍' ନାମରେ ଖ୍ୟାତ ହେଲା।

କୋଲ୍ଲମଠାରେ କେବଳ ଶକୁନିଙ୍କ ମନ୍ଦିର ସହିତ ଦୁର୍ଯ୍ୟୋଧନ ଓ କୌରବ ୧୦୦ ଭାଇ ଓ ଭଗ୍ନୀ ଦୁଶାଳାଙ୍କ ମନ୍ଦିର ମଧ୍ୟ ୫୦ ମିଟର ବ୍ୟବଧାନ ଭିତରେ ରହିଛି। କେରଳର ରହୁଥିବା 'କୁରାଭାର' ନାମକ ପ୍ରାଚୀନ ସମୁଦାୟର ଲୋକମାନେ ନିଜକୁ କୌରବଙ୍କ ବଂଶଧର ବୋଲି କହିଥା'ନ୍ତି। ତେଣୁ ଏହି ସମୁଦାୟର ଲୋକମାନେ ଶକୁନି ମନ୍ଦିର, ଦୁର୍ଯ୍ୟୋଧନ ମନ୍ଦିର ଓ ଅନ୍ୟ କୌରବ ମନ୍ଦିରଗୁଡ଼ିକରେ ପୂଜାର୍ଚ୍ଚନା କରିଥା'ନ୍ତି। ଏହି ମନ୍ଦିରଗୁଡ଼ିକରେ ବୈଦିକ ପୂଜାର୍ଚ୍ଚନା ପରିବର୍ତ୍ତେ ଲୋକଗୀତ, ଲୋକପ୍ରଥା, ଆଦିବାସୀ ପରମ୍ପରାର ଝଲକ ଅଧିକ ଦେଖିବାକୁ ମିଳେ। ତଥାପି ଶକୁନି ମନ୍ଦିରରେ ହେଉଥିବା ବାର୍ଷିକ ମେଳାରେ ଜାତିଧର୍ମବର୍ଣ୍ଣ ନିର୍ବିଶେଷରେ ଲୋକମାନେ ଅଂଶଗ୍ରହଣ କରିଥା'ନ୍ତି। ଶ୍ରଦ୍ଧାଳୁଙ୍କର ଅତୁଟ ବିଶ୍ୱାସ ଏହିସବୁ ମନ୍ଦିର ସହିତ ଜଡ଼ିତ ହୋଇ ରହିଛି ଏବଂ ଏହି ବିଶ୍ୱାସ ଯୋଗୁଁ ସେମାନଙ୍କ ମନୋସ୍କାମନା ଅବିଳମ୍ବେ ପୂର୍ଣ୍ଣ ହୋଇଛି ବୋଲି ଶୁଣିବାକୁ ମିଳେ। ●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରାଷ୍ଟ୍ରପତି, ରାଜ୍ୟପାଳଙ୍କ...

ତେବେ ବିଲ୍ କାହିଁକି ଫେରାଇଲେ ତାହାର କାରଣ ଦର୍ଶାଇବାକୁ ପଡ଼ିବ। ବିଲ ଉପରେ ରାଜ୍ୟପାଳ ଅନିର୍ଦ୍ଦିଷ୍ଟ କାଳ ପାଇଁ କୌଣସି ପଦକ୍ଷେପ ନନେଲେ ଏହା ସଂଘୀୟ ବ୍ୟବସ୍ଥାର ଉଲ୍ଲଂଘନ ହେବ। ଏଭଳି କ୍ଷେତ୍ରରେ ଅଦାଲତ ହସ୍ତକ୍ଷେପ କରିପାରିବେ ଏବଂ ଯୁକ୍ତିଯୁକ୍ତ ସମୟ ମଧ୍ୟରେ ନିଷ୍ପତ୍ତି ନେବା ନିମନ୍ତେ ରାଜ୍ୟପାଳଙ୍କୁ ନିର୍ଦ୍ଦେଶ ଦେଇପାରିବେ। କୋର୍ଟ କହିଲେ ଯେ ରାଷ୍ଟ୍ରପତି/ରାଜ୍ୟପାଳଙ୍କ କ୍ଷମତାକୁ ସଙ୍କୁଚିତ କରାଯିବା ହେଉଛି ସମ୍ବିଧାନ-ବିରୋଧୀ। ତେବେ ବିନା କାରଣରେ ବିଲ୍ ଉପରେ ନିଷ୍ପତ୍ତିରେ ଅହେତୁକ ବିଳମ୍ବ ହେଲେ କୋର୍ଟ ହସ୍ତକ୍ଷେପ କରିପାରିବେ। ସେହିଭଳି ଆଉ ଏକ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ସୁପ୍ରିମ କୋର୍ଟ କହିଛନ୍ତି ଯେ ରାଷ୍ଟ୍ରପତି/ରାଜ୍ୟପାଳ ଅନୁମୋଦନ ନଦେଲେ ବିଧାନସଭା ଦ୍ୱାରା ପାରିତ ବିଲ୍ ଅନୁମୋଦିତ ହେଲା ବୋଲି ଧରି ନିଆଯିବା ଭଳି ସମ୍ବିଧାନରେ ବ୍ୟବସ୍ଥା ନାହିଁ କି ସମ୍ବିଧାନ ଏଥିପାଇଁ ଅନୁମତି ମଧ୍ୟ ଦେଉନାହିଁ। ସୂଚନାଯୋଗ୍ୟ ଗତ ଏପ୍ରିଲ ମାସରେ ସୁପ୍ରିମ କୋର୍ଟଙ୍କ ଦୁଇ ଜଣିଆ ବେଞ୍ଚ ତାମିଲନାଡୁ ରାଜ୍ୟପାଳ ଆରଏନ୍ ରବି ବନାମ ତାମିଲନାଡୁ ସରକାର ମାମଲାରେ ଐତିହାସିକ ରାୟ ଦେଇ ବିଲ୍ ଉପରେ ନିଷ୍ପତ୍ତି ନେବାଲାଗି ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ଲାଗି ୬ ମାସର ସମୟସୀମା ଧାର୍ଯ୍ୟ କରିଥିଲେ। ଏହି ପ୍ରଶ୍ନ ଉପରେ ଗତ ମେ ମାସରେ ରାଷ୍ଟ୍ରପତି ଶ୍ରମତୀ ମୁର୍ମୁ ପ୍ରେସିଡେନସିଆଲ ରେଫେରେନ୍ସ ଜରିଆରେ ସୁପ୍ରିମ କୋର୍ଟଙ୍କ ମତାମତ ଲୋଡ଼ିଥିଲେ। ତେବେ ମାମଲାର ଶୁଣାଣି ଚାଲିଥିବା ବେଳେ ସମ୍ବିଧାନ ବେଞ୍ଚ ସ୍ପଷ୍ଟ କରିଦେଇଥିଲେ ଯେ ଏହି ମାମଲାରେ କୋର୍ଟ କେବଳ ତାଙ୍କର ମତାମତ ଦେବେ । ଏପ୍ରିଲ ମାସରେ ସୁପ୍ରିମ କୋର୍ଟ ଦେଇଥିବା ରାୟ ଉପରେ ଏହାକୁ ପୁନର୍ବିଚାର ବୋଲି କୁହାଯାଇପାରିବ ନାହିଁ। ସେହି ରାୟକୁ ରଦ୍ଦ କରିବା ଲାଗି ବେଞ୍ଚ ମନା କରିଦେଇଥିଲେ। ଶୁଣାଣି ବେ।।ଳେ ପ୍ରଧାନ ବିଚାରପତି ଆହୁରି ସ୍ପଷ୍ଟ କରିଦେଇଥିଲେ ଯେ ସାମ୍ବିଧାନିକ କର୍ତ୍ତୃପକ୍ଷ ନିଜ ଦାୟିତ୍ୱ ତୁଲାଇବାରେ ବିଫଳ ହେଲେ ସୁପ୍ରିମ କୋର୍ଟ ଚୁପ ହୋଇ ବସିପାରି।।ବେ ନାହିଁ।

### ହିତାଧିକାରୀଙ୍କୁ ରାସନ କାର୍ଡ...

ଅଞ୍ଚଳ ପାଇଁ ୩୬ ହଜାର ହିତାଧକାରୀଙ୍କ ନାମରେ ଥିବା ରାସନ କାଡର୍ କଟାଯିବା ଲକ୍ଷ୍ୟ ରଖାଯାଇଛି। ସେହିପରି ଆଠଗଡ଼ ବ୍ଲକ୍ ପାଇଁ ପ୍ରାୟ ୫ ହଜାରରୁ ଅଧିକ, ଭଦ୍ରକ ବ୍ଲକରେ ୨୭ ହଜାର ୯୭୦ ଟି କାର୍ଡ କଟାଯିବ। ସେହିପରି ଯାଜପୁର ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ପ୍ରାୟ ୪୨ ହଜାର, ନୟାଗଡ଼ ଜିଲ୍ଲାରୁ ୩୫ ହଜାର, ସମ୍ବଲପୁର ଜିଲ୍ଲାରୁ ୫୧ ହଜାର ହିତାଧିକାରୀଙ୍କ ନାମ ସନ୍ଦିଗ୍ଧ ସୂଚୀରେ ରହିଛି ଏବଂ ଏମାନଙ୍କ ରାସନ କାଡର୍ ରଦ୍ଦ ହୋଇପାରେ ବୋଲି କୁହାଯାଉଛି। ଯଦିଓ ରାଜ୍ୟସ୍ତରରେ ଯୋଗାଣ ବିଭାଗଏ ସମ୍ପର୍କରେ ମୁହଁ ବନ୍ଦ ରଖିଛି, ତଥାପି ସାରା ରାଜ୍ୟରେ ରାସନ୍ କାର୍ଡ କଟିବାକୁ ନେଇ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଅନ୍ୟପକ୍ଷରେ ଯେଉଁମାନେ ଅନେକ ଦିନ ପର୍ଯ୍ୟନ୍ତ କାର୍ଡରେ ଚାଉଳ ନେଇ ନାହାନ୍ତି ସେମାନଙ୍କ ନାମ ମଧ୍ୟ ରାସନକାଡର୍ ସୂଚୀରୁ ବାଦ ପଡ଼ିବ । ରାଜ୍ୟରେ ଜାରି ରହିଥିବା ଇ-କେୱାଇସି ପ୍ରକ୍ରିୟାରେ ପ୍ରାୟ ୧୫ ଲକ୍ଷ ହିତାଧିକାରୀ ଏଯାଏଁ କେୱାଇସି କରି ନାହାନ୍ତି। ଏମାନଙ୍କ ମଧ୍ୟରେ ଅନେକ ଯୋଗ୍ୟ ହିତାଧିକାରୀ ଇ-କେୱାଇସି କରି ପାରି ନ ଥିବା ଅଭିଯୋଗ ହୋଇ ଆସୁଛି। ଏମିତି କି ଇ କେୱାଇସି ଯୋଗୁଁ ଯାଜପୁରରେ ଜଣେ ମାଙ୍କିଡିଆ ସମ୍ପ୍ରଦାୟର ଲୋକଙ୍କୁ ଚାଉଳ ନ ମିଳିବ ହେତୁ ଅନାହାରରେ ତାଙ୍କର ମୃତ୍ୟୁ ହୋଇଥିଭା ଭଳି ଘଟଣା ମଧ୍ୟ ଘଟିଛି। ଏହି ସ୍ଥିତିରେ ପୁଣି ରାସ୍‌ନ କାର୍ଡ କାଟିବାକୁ ନେଇ ଯୋଜନା ହେବା ପରେ ରାଜ୍ୟରେ ଥିବା ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କ ପାଇଁ ଚିନ୍ତା ବଢ଼ିଛି। ଜିଲ୍ଲା ଓ ବ୍ଲକ୍ ସ୍ତରରେ ଯୋଗାଣ ବିଭାଗ ଅଧିକାରୀମାନେ ଏବେ ହାତରେ ସନ୍ଦିଗ୍ଧ (ସସ୍‌ପେକ୍ଟ) ତାଲିକା ଧରି କ୍ଷେତ୍ରସ୍ତରରେ ଯାଞ୍ଚ ଆରମ୍ଭ କରିଛନ୍ତି। ଇ-କେୱାସି ପରେ ପରେ ଏଭଳି ଯାଞ୍ଚ ଆରମ୍ଭ ହୋଇଥିବାରୁ ଅନେକ ହିତାଧିକାରୀଙ୍କୁ କାର୍ଡ କଟିଯିବାର ଭୟ ଘାରିଛି।

### ବିହାର ମୁଖ୍ୟମନ୍ତ୍ରୀ...

ବ୍ୟକ୍ତି ସାମିଲ ଅଛନ୍ତି। ଜେଡିୟୁ ପୁଣିଥରେ ଜମା ଖାନ୍‌ଙ୍କୁ ମନ୍ତ୍ରୀ କରିଛି। ସମ୍ରାଟ ଚୌଧୁରୀ ଏବଂ ବିଜୟ ସିହ୍ନା ପୁଣି ଉପ-ମୁଖ୍ୟମନ୍ତ୍ରୀ ହେବେ ବୋଲି ଆଶା କରାଯାଉଛି। ନୀତୀଶଙ୍କ ଏହି ନୂଆ କ୍ୟାବିନେଟରେ କ୍ରୀଡ଼ାରୁ ରାଜନୀତିକୁ ଆସିଥିବା ଶ୍ରେୟସି ସିଂହଙ୍କ ସମେତ ୧୩ ନୂଆ ମୁହଁ ସାମିଲ ହୋଇଛନ୍ତି। ନିଜର ୮ ମନ୍ତ୍ରୀଙ୍କୁ ନୀତୀଶ ପୁଣି ସୁଯୋଗ ଦେଇଛନ୍ତି। ତେବେ ବିଜେପିରୁ ୭ ଜଣ ନୂଆ କରି ମନ୍ତ୍ରୀ ହୋଇଛନ୍ତି। ଶପଥ ଗ୍ରହଣ ପରେ ପ୍ରଧାନମନ୍ତ୍ରୀ ମୋଦୀ ଗାମୁଛା ହଲାଇ ଲୋକଙ୍କୁ ଅଭିବାଦନ ଜଣାଇ ଥିଲେ। ଏହି ଶପଥ ଗ୍ରହଣ ସମାରୋହରେ ହରିୟାଣା, ଆସାମ, ଗୁଜରାଟ, ମେଘାଳୟ, ଉତ୍ତର ପ୍ରଦେଶ, ନାଗାଲାଣ୍ଡ, ଓଡ଼ିଶା, ଦିଲ୍ଲୀ, ମଧ୍ୟପ୍ରଦେଶ ଏବଂ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ସାମିଲ ହୋଇଥିଲେ। ଏହି ମଞ୍ଚରେ କେନ୍ଦ୍ରମନ୍ତ୍ରୀ ଚିରାଗ ହାମ୍ ମୁଖ୍ୟ ଜିତନ ରାମ ମାନ୍‌ଝୀ ଏବଂ ଜେପି ନଡ୍ଡାଙ୍କ ପାଦଛୁଇଁ ଆଶୀର୍ବାଦ ନେଇଥିଲେ।

### ସରକାରଙ୍କୁ ଘେରିବାକୁ...

ବିଜେଡିର ହଟ୍ଟଗୋଳ କାରଣରୁ ଅଧିବେଶନଟି ଏକପ୍ରକାର ଧୋଇ ଯାଇଥିଲା। କଂଗ୍ରେସର ଅନାସ୍ଥା ପ୍ରସ୍ତାବ ସେତେବେଳେ ରାଜ୍ୟ ରାଜନୀତିକୁ ସରଗରମ କରିଥିବାବେଳେ ଏକାଧିକ ପ୍ରସଙ୍ଗକୁ ନେଇ ସରକାରଙ୍କୁ ଅଡୁଆରେ ପକାଇଥିଲା ବିଜେଡି। ଆସନ୍ତା ଅଧିବେଶନରେ ସମାନ ଢଙ୍ଗରେ ସରକାରଙ୍କୁ ଘେରଉ କରାଯିବ ବୋଲି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ସୂଚନା ଦେଇଛନ୍ତି। ରାଜ୍ୟ ସରକାରଙ୍କ ବିରୋଧରେ ପୁଳାପୁଳା ପ୍ରସଙ୍ଗ ରହିଛି। ଆସନ୍ତା ୨୬ ତାରିଖରେ ଆମର ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ। ବୈଠକରେ ବିଧାନସଭାରେ କେଉଁ ପ୍ରସଙ୍ଗ ଉତ୍ଥାପନ କରାଯିବ, ତାହା ସ୍ଥିର କରାଯିବ ବୋଲି ସେ କହିଛନ୍ତି। ସେହିପରି ବିଜେଡିର ବରିଷ୍ଠ ବିଧାୟକ ଡ. ଅରୁଣ କୁମାର ସାହୁ କହିଛନ୍ତି ଯେ ଲୋକଙ୍କ ମତକୁ ଯେ କୌଣସି ଉପାୟରେ ବିଜେପି ଯେମିତି ନେଇପାରିଛି, ସେହିପରି ଭାବେ ପ୍ରତିଦାନ କିନ୍ତୁ ଦେଇପାରୁ ନାହିଁ। ଯାହାଫଳରେ ରାଜ୍ୟରେ ବେକାରୀ, ଦରଦାମ, ଦାଦନ, ମହିଳା ଅତ୍ୟାଚାର ବୃଦ୍ଧି ପାଇବାରେ ଲାଗିଛି। ଚାଷୀକୁଳ ହତାଦାର, ପ୍ରତାରିତ ହେଉଥିବା ବେଳେ ଶିକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ କ୍ରମାଗତ ଭାବେ ଅବନତି ଦେଖା ଦେଇଛି। ଯେଉଁ ପ୍ରସଙ୍ଗ ଛୁଇଁବ, ସେହି ପ୍ରସଙ୍ଗରେ ସରକାର ବିଫଳ ବୋଲି କ୍ଷୋଭ ପ୍ରକାଶ କରିଛନ୍ତି ଅରୁଣ। ଉପରୋକ୍ତ ପ୍ରସଙ୍ଗଗୁଡ଼ିକୁ ନେଇ ଆମେ ସରକାରଙ୍କୁ ଜବାବ୍ ମାଗିବୁ ବୋଲି ସେ କହିଛନ୍ତି। ଏତଦ୍ ବ୍ୟତୀତ ମହାନଦୀଠାରୁ ଆରମ୍ଭ କରି ପୋଲାଭରମ୍ ପର୍ଯ୍ୟନ୍ତ ସମସ୍ତ ରାଜ୍ୟସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗକୁ ବିଜେଡି ଦୃଢ଼ଭାବେ ବିଧାନସଭାରେ ଉତ୍ଥାପନ କରିବ ବୋଲି ସେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଡିସେମ୍ବର ୩୧ ତାରିଖ ଯାଏଁ ଚାଲିବାକୁ ସ୍ଥିର ହୋଇଛିଏବଂ ଅଧିବେଶନରେ ମୋଟ ୨୯ ଟି କାର୍ଯ୍ୟ ଦିବସ ରହିଛି। ପ୍ରମୁଖ କାର୍ଯ୍ୟଦିବସ ମଧ୍ୟରେ ପ୍ରଥମ ଦିନରେ ଅପରାହ୍ନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମ୍ବୋଧନ ସହ ୨୮ ତାରିଖରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ପ୍ରଥମ ଅତିରିକ୍ତ ବଜେଟ ଆଗତ ହେବାକୁ କାର୍ଯ୍ୟ ଧାର୍ଯ୍ୟ କରାଯାଇଛି। ଡିସେମ୍ବର ୪, ୫ ଓ ୬ ତାରିଖ ତିନିଦିନ ଧରି ଅତିରିକ୍ତ ଖର୍ଚ୍ଚଦାବୀ ଆଲୋଚନା ହେବା ପରେ ୮ ତାରିଖରେ ବ୍ୟୟମଞ୍ଜୁରୀ ବିଧେୟକ ଆଗତ ହେବ।

### ୨୨ରେ ଲଘୁଚାପ...

ବାତ୍ୟାରେ ପରିଣତ ହୁଏ, ତେବେ ପବନର ବେଗ ମଧ୍ୟ ବୃଦ୍ଧି ପାଇବାର ଆଶଙ୍କା ରହିଛି। ଏହି ଘୂର୍ଣ୍ଣିବଳୟ ଓ ଲଘୁଚାପ ଯୋଗୁଁ ରାଜ୍ୟରେ ବର୍ଷା ପରିମାଣ କେତେ ରହିବ ସେ ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୌଣସି ସୂଚନା ଜାରି କରାଯାଇନାହିଁ। ତେବେ ଲଘୁଚାପ ପ୍ରଭାବରେ ଉପକୂଳ ଓଡ଼ିଶା ସହ ଏହାର ଆଖପାଖ ଜିଲ୍ଲାଗୁଡ଼ିକରେ ବର୍ଷା ହେବାର ସମ୍ଭାବନା ରହିଛି। ସମ୍ଭବତଃ ୨୭ ତାରିଖରୁ ରାଜ୍ୟରେ ପାଗରେ ପରିବର୍ତ୍ତନ ଆସିବା ସହ ବର୍ଷାର ପରିମାଣ ବଢ଼ିବାର ଆଶଙ୍କା କରାଯାଇଛି। ବର୍ଷାକୁ ପ୍ରାଥମିକ ଭାବେ ଆଇଏମ୍‌ଡି ବିସ୍ତାରିତ ପରିସର ଆକଳନ ଜାରି କରିଛି। ଏଥିରେ ୨୮ ତାରିଖରୁ ଡିସେମ୍ବର ୪ ତାରିଖ ମଧ୍ୟରେ ଆନ୍ଧ୍ର ପ୍ରଦେଶ ଓ ଓଡ଼ିଶାରେ ସର୍ବାଧିକ ପରିମାଣର ବର୍ଷା ହୋଇପାରେ ବୋଲି ବିଭାଗ ଆକଳନ କରିଛି। ଅନ୍ୟପଟେ ସମ୍ଭାବ୍ୟ ଲଘୁଚାପ ଯୋଗୁଁ ରାଜ୍ୟରେ ଶୀତର ପରିମାଣ କମିବାରେ ଲାଗିଛି। ସାରା ରାଜ୍ୟରେ ତାପମାତ୍ରା ରାତିର ତାପମାତ୍ରାରେ କିଛି କିଛି ବଢ଼ିଛି। ଗତ ୨୪ ଘଣ୍ଟାରେ ସର୍ବନିମ୍ନ ତାପମାତ୍ରା ଫୁଲବାଣୀରେ ୧୧.୫ ଡିଗ୍ରୀ ରେକର୍ଡ ହୋଇଛି। ଏହା ସହିତ ଦାରିଙ୍ଗିବାଡ଼ିରେ ମଧ୍ୟ ତାପମାତ୍ରା ୧୧.୫ ଡିଗ୍ରୀ ସେଲ୍‌ସିୟସ୍ ରହିଛି। ୧୨ ଡିଗ୍ରୀ କିମ୍ବା ଏହାଠାରୁ କମ୍ ତାପମାତ୍ରା ଓଡ଼ିଶାର ୪ଟି ଜାଗାରେ ରେକଡର୍ କରାଯାଇଥିବା ବେଳେ ୧୫ ଡିଗ୍ରୀ କିମ୍ବା ଏହାଠାରୁ କମ୍ ତାପମାତ୍ରା ୧୫ଟି ଜାଗାରେ ରେକର୍ଡ କରାଯାଇଛି। ବର୍ତ୍ତମାନ ପବନ ପ୍ରବାହର ଦିଗ ବଦଳିଛି। ରାଜ୍ୟରେ ଏବେ ବଙ୍ଗୋପସାଗରରୁ ଜଳୀୟବାଷ୍ପ ପୂର୍ଣ୍ଣ ବାୟୁ ପ୍ରବାହିତ ହେଉଛି। ଫଳରେ ରାଜ୍ୟରେ ତାପମାତ୍ରା ବଢିବାରେ ଲାଗିଛି। ଆଗକୁ ତାପମାତ୍ରାରେ ବୃଦ୍ଧି ଯୋଗୁଁ ଶୀତର ମାତ୍ରା କମିବା ନେଇ ସମ୍ଭାବନା ରହିଛି।

### ବାଲି ପଟ୍ଟାଦାରଙ୍କ...

ଉତ୍ତୋଳନ ଓ ପରିବହନକୁ ନେଇ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନଜିଟି) ଇଷ୍ଟର୍ଣ୍ଣ ବେଞ୍ଚ କୋଲକାତା ପକ୍ଷରୁ ମାମଲାର ଶୁଣାଣି ଚାଲିଥିଲା। ଗତ ୨୦୨୨ ସେପ୍ଟେମ୍ବର ୧ତାରିଖରେ ଏନ୍‌ଜିଟି ଏହାର ରାୟ ପ୍ରକାଶ କରିଥିଲେ। ଲିଜ୍‌ଧାରୀ ପ୍ରଦୀପଙ୍କୁ ୩୦ କୋଟି ୫୦ଲକ୍ଷ ୪୪ ହଜାର ୨୭୨ଟଙ୍କା କ୍ଷତିଭରଣା ପାଇଁ ରାୟ ଦେଇଥିଲେ। ଉଭୟ ସୈରାତରୁ ବହୁ ଗୁଣା ଅଧିକ ବାଲି ଉତ୍ତୋଳନ ପାଇଁ ପରିବେଶ ଓ ଜୈବ ବିବିଧତାରେ କ୍ଷତି ପହଞ୍ଚିବା ବାବଦରେ ୪ କୋଟି ୭୧ ଲକ୍ଷ ୩୮ ହଜାର ୮୬୮ ଟଙ୍କା ଓ ପରିବେଶ କ୍ଷତି ପାଇଁ ୨୧ଲକ୍ଷ ଟଙ୍କା ଓ ରାଜସ୍ୱ ହାନି ବାବଦରେ ୧କୋଟି ୯୧ଲକ୍ଷ ୯୦ହଜାର ଟଙ୍କାର କ୍ଷତିପୂରଣକୁ ମିଶାଇ ମୋଟ ୬କୋଟି ୮୪ଲକ୍ଷ ୨୮ ହଜାର ୮୬୮ ଟଙ୍କା ଜରିମାନା ଦେବାକୁ ରାୟରେ ନିର୍ଦ୍ଦେଶ ଥିଲା। ସେହିପରି ଡିଙ୍ଗିରା ସଇରାତ ବାବଦରେ ୧୧କୋଟି ୮୯ଲକ୍ଷ ୭୭ହଜାର ୪୦୪ଟଙ୍କା ଓ ପରିବେଶ କ୍ଷତି ପାଇଁ ୨୧ଲକ୍ଷ ଓ ରାଜସ୍ୱ ହାନୀ ବାବଦରେ ୧୧ କୋଟି ୫୫ଲକ୍ଷ ୩୮ ହଜାର ଟଙ୍କାର କ୍ଷତିପୂରଣକୁ ମିଶାଇ ମୋଟ ୨୩ କୋଟି ୬୬ଲକ୍ଷ ୧୫ହଜାର ୪୦୪ଟଙ୍କା ଜରିମାନା ଦେବାକୁ ତାଙ୍କୁ ନିର୍ଦ୍ଦେଶ ଥିଲା। ଉଭୟ ସୈରାତରୁ ୩୦କୋଟି ୫୦ଲକ୍ଷ ୪୪ହଜାର ୨୭୨ଟଙ୍କା ପୈଠ କରିବାକୁ ଲିଜଧାରୀ ଶ୍ରୀ ବିନ୍ଧାଣୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ପରେ ତାଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାତ୍ର ଲିଜଧାରୀ ଏହି ରାୟକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟରେ ଦ୍ୱାରସ୍ଥ ହେବା ପରେ ମଧ୍ୟ ରାୟକୁ ବଳବତ୍ତର ରଖାଯାଇଥିଲା। ଏହି ଜରିମାନା ଭରଣା କରିବା ପାଇଁ କୋର୍ଟଙ୍କ ଆଦେଶକୁ ଅବମାନନା କରିଥିବାରୁ ଇଡି ପକ୍ଷରୁ ନୋଟିସ କରାଯାଇଥିଲା।

### ଶଙ୍କର, ସୁରେଶ...

ଅଭିଯୁକ୍ତ ଶଙ୍କର ପୃଷ୍ଟି, ସୁରେଶ ଓ ସାଗରଙ୍କ ଜାମିନ ଆବେଦନକୁ ଖାରଜ କରି ଦେଇଥିବା ଗଞ୍ଜାମ ଜିଲ୍ଲା ପିପି ବିଶ୍ୱଜିତ ବରାଳ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଗିରଫ ଅଭିଯୁକ୍ତ ଅରବିନ୍ଦ ଦାସଙ୍କ ଜାମିନ ଆବେଦନକୁ ତାଙ୍କ ଓକିଲ ପ୍ରତ୍ୟାହାର କରିନେଇଥିବା ଜଣାପଡିଛି। ଅଭିଯୁକ୍ତମାନେ ବାହାରକୁ ଆସିଲେ ସାକ୍ଷୀଙ୍କୁ ପ୍ରଭାବିତ କରିବା ଓ ପ୍ରମାଣ ନଷ୍ଟ କରିବାର ଆଶଙ୍କା ଥିବା ସିବିଆଇ ପକ୍ଷରୁ ଦର୍ଶାଯାଇଥିଲା। ଅଢ଼େଇ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଏହାକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ଯୁକ୍ତି ହୋଇଥିଲା। ପରେ ଅଦାଲତ ମାମଲାର ଶୁଣାଣି କରି ଶଙ୍କର, ସୁରେଶ ଓ ସାଗରଙ୍କ ଜାମିନ ଆବେଦନକୁ ଖାରଜ କରିଥିଲେ। ପୁଲିସ ଏସ୍‌ଆଇ କେଲେଙ୍କାରୀ ମାମଲାରେ ବ୍ରହ୍ମପୁର ପୁଲିସ ପ୍ରଥମେ ଗୋଳନ୍ଥରା ଥାନାରେ ମାମଲା ରୁଜୁ କରିଥିଲା। ବିଜୟନଗରମ୍ ଯିବା ରାସ୍ତାରୁ ୧୧୪ଜଣ ଚାକିରି ଆଶାୟୀଙ୍କ ସହ ୩ଦଲାଲଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ପରେ ମାମଲାର ତଦନ୍ତଭାର କ୍ରାଇମ୍‌ବ୍ରାଞ୍ଚ ହାତରେ ନ୍ୟସ୍ତ ଥିଲା। କ୍ରାଇମ୍‌ବ୍ରାଞ୍ଚ ବିଭିନ୍ନ ପର୍ଯ୍ୟାୟରେ ଅରବିନ୍ଦ ଦାସ, ବିଶ୍ୱରଂଜନ ବେହେରା, ଅଭିମନ୍ୟୁ ଦୋରା, ପ୍ରିୟଦର୍ଶିନୀ ସାମଲ, ମୁନା ମହାନ୍ତି, ଶ୍ରୀକାନ୍ତ ମହାରଣା, ଶଙ୍କର ପୃଷ୍ଟି, ସୁରେଶ ନାୟକ ଓ ସାଗର ଗୌଡଙ୍କୁ ଗିରଫ କରିଥିଲା।

## ଟ୍ରେନ ଆଗକୁ ଡେଇଁ ଯୁବକଙ୍କ ଆତ୍ମହତ୍ୟା

ବାରିପଦା/କୁଳିଅଣା, ୨୦।୧୧(ସମିସ): ପାରିବାରିକ କଳହକୁ କେନ୍ଦ୍ରକରି ଜଣେ ଯୁବକ ଟ୍ରେନ ସମ୍ମୁଖକୁ ଡେଇଁ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ବୁଧବାର ରାତି ସାଢେ ୧୦ଟା ସମୟରେ ପୁରୀରୁ ବାଙ୍ଗିରିପୋଷି ଫେରୁଥିବା ସୁପରଫାଷ୍ଟ ଟ୍ରେନ ବାଲିପାଳ ଗ୍ରାମ ଅତିକ୍ରମ କରୁଥିବାବେଳେ ଯୁବକ ଜଣଙ୍କ ଆଗକୁ ଡେଇଁ ଆତ୍ମହତ୍ୟା କରିଥିଲେ। ମୃତକ ଜଣଙ୍କ ହେଉଛନ୍ତି ଚାନ୍ଦୁଆ ଥାନା ଅଧୀନ ମାରାଙ୍ଗତାଣ୍ଡି ଗ୍ରାମର ଦୁଃଖିଆ ବେସ୍ରା(୪୨)। ଏହି ଖବର ପାଇ ରେଳବାଇ ପୁଲିସ ପହଞ୍ଚି ମୁଣ୍ଡଗଣ୍ଡି ଅଲଗା ହୋଇଥିବା ମୃତଦେହକୁ ଉଦ୍ଧାର କରି ପିଆରଏମ ମେଡିକାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ ଜାରି ରଖିଛି।


**ODISHA CONSTRUCTION CORPORATION LTD.** CAD-2393
(A Govt. of Odisha Undertaking)
**CENTRAL WORKSHOP, RASULGARH,**
Bhubaneswar-751010 (Odisha)
Tel- 0674 : 2580107,
Email : smppmcws@gmail.com
(GSTIN-21AAACO2571K2ZM)

**Tender call Notice No. OCC/CWS/PROC/KIP-17(V-II)/60/2025-26 dtd.20.11.2025.**

Type of work : Supply of labour for assembly of fabricated Hoist bridge of 130T rope drum hoist of Kanupur Irrigation Project at Kanupur site.
Total No. of work : 01(One).
Period of supply : 1 (One) month.

| Procurement Officer | Tender Call Notice No. | Cost of Tender document (Including GST) | Sale of tender document | Submission of tender document (as per TCN) |
|---|---|---|---|---|
| Senior Manager (Mech.), OCC Ltd., Central Workshop, Rasulgarh, Bhubaneswar | OCC/ CWS/ PROC/KIP-17(V-II) /60 / 2025-26 dtd.20.11.2025 | Rs.4720/- (Non-refundable) | 20.11.2025 10.00AM to 01.12.2025 1.00 PM | 20.11.2025 10.00AM to 01.12.2025 3.30 PM |

Date of opening of the Tender : 01.12.2025 at 4.00 P.M.
Further details can be seen from the website (www.odishaconstruction.com)
Amendment/corrigendum/cancellation, if any shall be posted on-line only (OCCL website).
Sd/-
Senior Manager (Mech.)-I
OCC Ltd., Bhubaneswar
OIPR-

**GOVERNMENT OF ODISHA**
**PANCHAYAT SAMITI: NARAYANPATNA**
**PR & DW DEPARTMENT, ODISHA**
EMAIL ID- ori-narayanpatna@nic.in
Letter No. 3938 / 2025/TCN.08/2025-26, Dated 18.11.2025
**NOTICE INVITING TENDER**
**Bid Identification No. 08 of 2025-26 of B.D.O , Narayanpatna**

1. Bid documents consisting of specification the Bill of Quality and the Tender Call Notice can be seen in the Govt. website http://tendersorissa.gov.in/nicgep/app.

| Sl. No | Name of the Work | Amount put to Tender (Approx. In Lakhs) | Class of Contractor | Cost of Tender Paper | E.M.D. (Bid Security) in Rs | Period of completion (Calendar Month) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Additional Classroom at Bari PS | 7,88,971.00 | "C" & "D" | 6000/- | 7900/- | 06 Months |
| 2 | Construction of Additional Classroom at Kondaborigi PS | 8,91,723.00 | "C" & "D" | 6000/- | 9000/- | 06 Months |

03 (Three) No. of works only

| | |
|---|---|
| Tender documents are available on website | Can be downloaded from Website (http://www.tendersodisha.gov.in) |
| Bid documents available date and time | From 24.11.2025 at 11.00 Hours to 08.12.2025 up to 17.30 Hours |
| Bid clarification start date & closing date | 24.11.2025 to 08.12.2025 during office hours |
| Offline documents received through Speed Post/ Registered Post | From 24.11.2025 at 17.30Hours to 12.12.2025 at 11.00 Hours |
| Date, time and venue of opening of bid online | (12.12.2025 at 11.00 Hours), Office of the Block Development Officer, Panchayat Samiti, Narayanpatna |
| Offline documents shall be opened in presence of participate, bidders in chamber of BDO Narayanpatna | 12.12.2025 at 11.00 Hours onwords. |
| If stipulation arises the tender will be decided through Lottery System | (12.12.2025 at 02.30 Hours) Office of the Block Development Officer, Panchayat Samiti, Narayanpatna |

Block Development Officer
Narayanpatna

यूनियन बैंक Union Bank of India
**କ୍ଷେତ୍ରୀୟ କାର୍ଯ୍ୟାଳୟ: ବାଲେଶ୍ୱର**
ମାଣିଖମ୍ଭ, ଓଟି ରୋଡ୍, ପୋଲିସ୍ ଲାଇନ୍, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧, ମୋ.: ୮୯୨୮୯୧୭୪୧୧/୯୬୮୭୬୯୭୫୪୮
**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାଁନ୍ତି। ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହା ହେଲେ **ଆମର ସମ୍ପୃକ୍ତ ଶାଖା ପରିସରରେ ତା.୨୮.୧୧.୨୦୨୫ରିଖ ଅପରାହ୍ନ ୧୨.୩୦ ଘଟିକା** ସମୟରେ ସେମାନଙ୍କଦ୍ୱାରା ବନ୍ଧକଥିବା ସୁନା ଅଳଙ୍କାରଗୁଡିକୁ ନିଲାମ କରାଯିବ। ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତରେ ଆଶ୍ରୟ ନେବ। ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡିକ ନେଇପାରିବେ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ସୁନା ଋଣ ଆକାଉଣ୍ଟ ନଂ. | ବକେୟା ରାଶି | ନେଟ୍ ଓଜନ (ଗ୍ରାମରେ) | ମୋଟ ଓଜନ (ଗ୍ରାମରେ) |
|---|---|---|---|---|
| **ଉଦଳା ଶାଖା, ୱାର୍ଡ ନଂ. ୫, ସିନେମା ହଲ୍ ରୋଡ୍, ଉଦଳା, ମୟୂରଭଞ୍ଜ-୭୫୭୦୪୧, ମୋ.: ୮୪୫୬୮୮୧୦୯୫, ୮୬୩୭୨୬୧୮୪୪** | | | | |
| ୧. | **ଶ୍ରୀ କୃଷ୍ଣ ଚନ୍ଦ୍ର ମହାନ୍ତ,** ଦୁଗୁଧା, ଉଦଳା, ମୟୂରଭଞ୍ଜ-୭୫୭୦୪୧ / ୨୫୫୪୧୬୬୩୦୦୦୦୨୦୪ | ଟ.୧,୨୫,୬୪୭.୦୦ | ୨୧.୭ | ୨୭.୪୬ |
| ୨. | **ଶ୍ରୀ ସଞ୍ଜୟ ଦେହୁରୀ,** କାଲାଡାହି, ଭାଲୁବସା, ଉଦଳା, ମୟୂରଭଞ୍ଜ-୭୫୭୦୪୦ / ୨୫୫୪୧୬୫୪୦୦୦୦୫୫୭ | ଟ.୨୩,୦୨୨.୧୬ | ୪.୯୬ | ୭.୮୫ |
| ୩. | **ଶ୍ରୀ ସଞ୍ଜୟ ଦେହୁରୀ,** କାଲାଡାହି, ଭାଲୁବସା, ଉଦଳା, ମୟୂରଭଞ୍ଜ-୭୫୭୦୪୦ / ୨୫୫୪୧୬୫୪୦୦୦୦୬୮୧ | ଟ.୩୪,୦୭୫.୦୦ | ୬.୦୭ | ୭.୪୩ |
| ୪. | **ଶ୍ରୀ ପୁରସ୍ତମ ମାଝୀ,** ମାର୍ଫତ: ରମେଶ ଚନ୍ଦ୍ର ମାଝୀ, ସା: ବଡ଼ବିଶୋଳ, ପୋ: ସାନବିଶୋଳ, ଥାନା: କପ୍ତିପଦା, ମୟୂରଭଞ୍ଜ-୭୫୭୦୪୦ / ୨୫୫୪୧୬୫୪୦୦୦୦୨୫୬ | ଟ.୫୯,୯୬୩.୦୦ | ୧୨.୮ | ୧୩.୯୮ |
| **ଯାଜପୁର ମୁଖ୍ୟ ଶାଖା, ସା: ୟୁନିଟ୍ ନଂ. ୮, ୧ମ ମହଲା, ଯଯାତିନଗର, ଯାଜପୁର ଟାଉନ୍, ଯାଜପୁର-୭୫୫୦୦୧, ମୋ.: ୯୮୫୧୩୦୧୬୬୧** | | | | |
| ୧. | **ଶ୍ରୀ ରାକେଶ କୁମାର ଓଝା,** ସା: ଇଞ୍ଜନପୁର, ପୋ: ଗୁହାଳି, ଯାଜପୁର, ପିନ୍-୭୫୫୦୨୭/ ୩୭୦୮୦୬୫୪୦୦୦୦୮୧୬ | ଟ.୧୮,୫୫୧.୦୦ | ୩.୪ | ୩.୯ |
| ୨. | **ଶ୍ରୀ ରାକେଶ କୁମାର ଓଝା,** ସା: ଇଞ୍ଜନପୁର, ପୋ: ଗୁହାଳି, ଯାଜପୁର, ପିନ୍-୭୫୫୦୨୭/ ୩୭୦୮୦୬୫୪୦୦୦୦୮୧୭ | ଟ.୫୧,୬୭୨.୬୬ | ୯.୯୯ | ୧୧.୧ |
| **ମାଷ୍ଟର ବାବୁ କମ୍ପ୍ଲେକ୍ସ ଶାଖା, ପ୍ଲଟ୍ ନଂ.: ୧୯୧/୩୭୮୬ ଏବଂ ୧୯୨, ମୌଜା: କୁଆଁଶ, ଭଦ୍ରକ ବାଏପାସ୍ ରୋଡ୍, ଭଦ୍ରକ, ପିନ୍-୭୫୬୧୦୦, ମୋ.: ୯୯୧୦୧୧୦୬୯୬** | | | | |
| ୧. | **ଶ୍ରୀମତୀ ଅରୁଣା ରାଣୀ ବେହେରା,** ସ୍ୱାମୀ: ରତନ କୁମାର ବେହେରା, ସା: ସାଳନ୍ଦୀ କଲୋନୀ ବାଏପାସ୍, ଭଦ୍ରକ-୭୫୬୧୦୦ / ୩୩୫୬୨୬୫୪୦୦୦୧୧୧୧ | ଟ.୨,୦୮,୮୯୯.୪୨ | ୪୦.୪ | ୮୩.୧ |
| **ରକ୍ସି ରୋଡ୍ ଶାଖା, ହୋଲ୍ଡିଂ ନଂ. ୫୩୩, ରକ୍ସି ମେନ୍ ରୋଡ୍, ବାରିପଦା-୭୫୭୦୦୧, ମୋ.: ୭୦୦୪୮୭୯୦୯୩** | | | | |
| ୧. | **ଶ୍ରୀ ସିଦ୍ଧାର୍ଥ କୁମାର ନାଏକ,** ମାର୍ଫତ: ଶୁକଦେବ ନାଏକ, ପ୍ଲଟ୍ ନଂ.: ୪୫୯/୩୭୨୬, ନୂଆସାହି, ବରଜୁପୁର, ମୟୂରଭଞ୍ଜ-୭୫୭୦୩୩ / ୩୪୭୯୨୬୫୪୦୦୦୦୩୯୯ | ଟ.୧,୪୬,୨୦୧.୬୬ | ୨୭.୭୨ | ୨୯.୧୮ |
| **ବଡବିଲ-୧ ଶାଖା, ଷ୍ଟେସନ୍ ରୋଡ୍, ବଡବିଲ, କେନ୍ଦୁଝର, ପିନ୍-୭୫୮୦୩୫, ମୋ.: ୯୧୭୮୬୫୪୮୬୪** | | | | |
| ୧. | **ଶ୍ରୀ ଶ୍ରୀବତ୍ସ କୁମାର ବିଦ୍ୟାଧର,** ସା/ପୋ: ବଡ଼ନୂଆଗାଁ, ଥାନା: ହରିଚନ୍ଦନପୁର, ବଡବିଲ-୭୫୮୦୨୮ / ୫୫୪୧୦୬୫୪୦୦୦୦୧୮୦ | ଟ.୧,୦୭,୧୦୦.୮୯ | ୧୯.୮୨ | ୨୨.୭୮ |
| **ଦାମୋଦରପୁର ଶାଖା, ସା/ପୋ: ଦାମୋଦରପୁର, ମେନ୍ ରୋଡ୍, ମୟୂରଭଞ୍ଜ, ପିନ୍-୭୫୭୦୦୩, ମୋ.: ୯୯୮୭୧୯୩୮୪୬** | | | | |
| ୧. | **ଶ୍ରୀ ଟୁଲୁ ଦିଗାର,** ବିପିଡ଼ି, ଇନ୍ଦପାହି, ଦାମୋଦରପୁର-୭୫୭୧୦୭ / ୬୫୩୨୦୬୫୪୦୦୦୦୧୮୧ | ଟ.୭୩,୩୬୬.୦୦ | ୧୪.୨ | ୧୫.୪୭ |
| **ରେମୁଣା-ଜାନୁଗଞ୍ଜ ଶାଖା, ଗଣେଶ୍ୱରପୁର, ଜାନୁଗଞ୍ଜ, ରେମୁଣା ଗୋଲେଇ, ବାଲେଶ୍ୱର, ପିନ୍-୭୫୬୦୧୯, ମୋ.: ୯୯୭୩୨୬୧୦୩୩** | | | | |
| ୧. | **ଶ୍ରୀ ପ୍ରକାଶ ସାହୁ,** ପିତା: ହରେକୃଷ୍ଣ ସାହୁ, ଜାନୁଗଞ୍ଜ, ରେମୁଣା, ଗୋଲେଇ ରେମୁଣା, ବାଲେଶ୍ୱର-୭୫୬୦୧୯ / ୭୨୩୭୦୬୫୪୦୦୦୦୭୩୨ | ଟ.୭୨,୬୨୦.୦୦ | ୧୨.୭୮ | ୧୪.୨ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ।**

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ **ଟ.୫,୦୦୦/-** ଅମାନତ ଆକାରରେ ଜମା ଏବଂ ବୈଧ କେୱାଇସି (KYC) ଦେବାକୁ ହେବ।
୨) ଅମାନତ ଦାଖଲ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡିକୁ ଯାଞ୍ଚ କରିପାରିବେ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ସମ୍ପୂର୍ଣ୍ଣ ରାଶି ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ। ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ସମ୍ପୂର୍ଣ୍ଣ ରାଶି ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢ଼ୀକରଣ ହେବା ସୂଚନା ପାଇବା ପରେ ସମ୍ପୂର୍ଣ୍ଣ ନିଲାମ ରାଶି ସଙ୍ଗେସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ବାଧ୍ୟ ହେବେ। ନଚେତ୍ ପୂର୍ବରୁ ଜମା ଦେଇଥିବା ଅମାନତ ରାଶି ବାଜ୍ୟାପ୍ତ ହେବ।
୭) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ କରନ୍ତି / ସ୍ଥଗିତ ରଖନ୍ତି, ତେବେ ଜମା ହୋଇଥିବା ଅମାନତ ରାଶି ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ।
୮) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବେ ନାହିଁ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରିବ।

**ସ୍ଥାନ : ବାଲେଶ୍ୱର, ତାରିଖ : ୨୦.୧୧.୨୦୨୫** — **ଶାଖା ପ୍ରବନ୍ଧକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

**AFFIDAVIT**
I, **Basanti Majhi**, W/o.: Bulu Majhi, Permanent resident of At/PO.: Nuahata, P.S.: Banarpal, Dist.: Angul, Odisha-759128 declare by this Affidavit No.: 6060, sworn before Executive Magistrate, Angul on Dt.19.11.2025 that from now onwards my name Basnti Majhi will be known as **Basanti Majhi** for all future legal purposes.

**AFFIDAVIT**
By virtue of an affidavit sworn before the Executive Magistrate Jharbandh of District Bargarh dated 17th November 2025, CF No.- 01, I Hitanjali Kushal aged about 27 years, W/o- Abhilas Kushal, resident of Village-Loharsingh, Po.- Bhainsadarha PS./Block- Jharbandh, Dist.- Bargarh, Pin-768042 hereby declares that, for myself I have changed my name from **Hitanjali Luhar** to **Hitanjali Kushal**. Hence I will be known as **Hitanjali Kushal** for all future purposes.

**NOTICE**
**(above 18 years of age)**
By virtue of an affidavit sworn before Executive Magistrate, Garadpur, dated 17th November 2025. I, Shrabani Mohanty, Village- Solpat, PO–Bedari, PS- Patkora, Dist.- Kendrapara, Pin- 754233, declare that I have changed my name from Shrabani Ray to Shrabani Mohanty. Henceforth, I shall be known as **Shrabani Mohanty** for all purposes.
**Sd/- Shrabani Mohanty**

**AFFIDAVIT**
By virtue of an affidavit before the Executive Magistrate : Sambalpur, I, Dipti Nanda, resident of Nandapada, Baulunkeswar Lane, Near Bariha Temple, PO Jharupada, PS Town, Dist. Sambalpur – 768001, do hereby state My maiden name was Sunanda Panda, as recorded in my HSE Certificate. After my marriage on 09-03-1985, I have been known as Dipti Nanda. My correct date of birth is 04-06-1964 as per HSE Certificate and PPO records. In my Aadhaar (No. 4532 6471 2582), my date of birth has been wrongly mentioned as 04-06-1959. I declare that both names refer to me.
**Sd/- Dipti Nanda**

**AFFIDAVIT**
By virtue of an affidavit sworn before Notary Public, Bhubaneswar, on dated 17.11.2025, I Mini Parida W/o-Sudarsan Parida, resident at/ po- Siruli, Sub-Dist-Chandanpur, Dist- Puri, Odisha, PIN- 752012, declare that I have changed my son's name from Bishal Nayak to Bishal Parida. Henceforth, He shall be known as BISHAL PARIDA for all future purposes.

**LOST**
By Virtue of an Affidavit sworn before the Executive Magistrate, Bhubaneswar **Dtd. 15/11/2025**, I, **Sitaram Satapathy** S/o: Santanu Kumar Satapathy, have lost my Matric Certificate and Mark sheet (Roll No. 17PB328), +2 Certificate and Mark sheet (Roll No. 321EA265), B.Tech Certificate and Grade sheet (Regd. No. 1101109050), and M.Tech Certificate and Grade sheet (Regd. No. 1607106100) somewhere near Tamando on **17th August 2025**. If found, kindly Contact: **7381654085**.

**AFFIDAVIT**
By virtue of an affidavit before the Tahasildar & Executive Magistrate, Boudh, on 19th November 2025, I, Shobhagini Padhi, Vill- Sanabutupali, PO-Butupali, PS/Dist.: Boudh-762014 have changed my name from Sobhagini Padhi to Shobhagini Padhi. Henceforth I shall be known as **Shobhagini Padhi** for all purposes.
**Sd/- Shobhagini Padhi**

**NAME CHANGE**
By virtue of an affidavit sworn before Notary Public, Bhubaneswar on 22/09/2025, it is declared and informed that my name has been changed from '**SANJAY KUMAR MOHAPATRA**' to "**DEVETANANDA**" as I voluntarily renounced to the mundane world to join Ramakrishna Mission Sevashrama as a brahmachari. After rigorous test and training ordained as sanyasi (monk) I have been christened as "**Swami Devetananda**" son of **Swami Gahanananda** and henceforth known as "**SWAMI DEVETANANDA**"
Furthermore, it declared that Sri Sanjay Kumar Mohapatra and Devetananda is one and same person.

**PUBLIC NOTICE**
This notice is hereby given that my client Mr. Balakrushna Paikaray, S/O Brundaban Paikaray has Original ROR bearing Khata No-81, Mouza-Ranasinghpur, Tahsil-Chilika, Dist-Khurda, State-Odisha in favour of Brundaban Paikaray and an FIR (Complaint No-24483001072500020) for the same has been lodged at Balugaon Police Station on 16th Nov. 2025. All person/persons are hereby informed to put their claims or interest of objection about the said property or any part thereof, within a period of 15 days along with the sufficient evidence from appearance of this notice. If ROR not found within 15 days, then certified copy of the document obtained from the registry office will be considered as the original document.
Samir Kumar Paikaray (Advocate)
Bhubanrswar Court, Mob:7008005419

**AFFIDAVIT**
By virtue of an affidavit (CF No. 3217) sworn before The Executive Magistrate, Sambalpur on dated-06/11/2025. I, **Kshirodra Suna,** S/o Late Parsuram Suna, permanent resident of At/Po/Ps- Baraipali, Dist- Sambalpur, PIN- 768006, Odisha declare that I have changed my minor daughter's name from **Sukruti Suna** to **C S Sukriti**. Henceforth, she shall be known as **C S Sukriti** (new name) for all purposes.
**Kshirodra Suna**

**" ଆପଣଙ୍କ ପୁଞ୍ଜି ଆପଣଙ୍କ ଅଧିକାର"**
**ସଚେତନତା ଶିବିର**
କେନ୍ଦ୍ର ସରକାରଙ୍କ ଆର୍ଥିକ ସେବା ବିଭାଗର ନିର୍ଦ୍ଦେଶ କ୍ରମେ ଲିଡ଼ ବ୍ୟାଙ୍କ ବଲାଙ୍ଗୀର ଆନୁକୂଲ୍ୟରେ " ଆପଣଙ୍କ ପୁଞ୍ଜି ଆପଣଙ୍କ ଅଧିକାର" ଶୀର୍ଷକ ଏକ ସଚେତନତା ଶିବିର ଆଜି ୨୧ ନଭେମ୍ବର ୨୦୨୫ ପୂର୍ବାହ୍ନ ୧୦.୩୦ ସମୟରେ ଅନୁଷ୍ଠିତ ହେବ। ଏହି ଶିବିରରେ ଦାବିହୀନ ଖାତାର ଅର୍ଥରାଶି ପ୍ରଦାନ ସହିତ ବ୍ୟାଙ୍କ ଗୁଡିକରେ ଦାବିହୀନ ଖାତା ସମ୍ବନ୍ଧୀୟ ସବିଶେଷ ସୂଚନା ଜନସାଧାରଣଙ୍କୁ ପ୍ରଦାନ କରାଯିବ। ଏଥିରେ ବହୁ ସଂଖ୍ୟାରେ ଯୋଗ ଦେବାକୁ ଲିଡ଼ ବ୍ୟାଙ୍କ ବଲାଙ୍ଗୀର ତରଫରୁ ଅନୁରୋଧ କରାଯାଇଛି।
**ସ୍ଥାନ: ପ୍ରତିମା ମଣ୍ଡପ, ପ୍ୟାଲେସ ଲାଇନ, ବଲାଙ୍ଗୀର**

Leadership and beyond
दि न्यू इंडिया एश्योरन्स कंपनी लिमिटेड
The New India Assurance Co. Ltd
India's Premier Multinational General Insurance Company
ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ (୫୫୦୦୦୦)
ପ୍ରଥମ ମହଲା, ଆଲୋକ ଭାରତୀ ଟାୱାର, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଫୋନ୍:୦୬୭୪-୨୫୪୫୪୬୭

**ଲିଜ୍ ସୂତ୍ରରେ ବ୍ୟବସାୟିକ ଗୃହ ଆବଶ୍ୟକ**

**ଟେଣ୍ଡର ରେଫ. ସଂ: ବିବିଏସ୍‌ଆରଓ/କଟକ ଡିଓ୨ ସ୍ଥାନାନ୍ତର/ସନ୍ଧାନ/ଚୟନ/୫୫୦୪୦୦/୦୦୧**
ଦି ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍, କ୍ଷେତ୍ରୀୟ କାର୍ଯ୍ୟାଳୟ, ଏହାର କଟକ ଡିଓ୨ ଅପରେଟିଂ କାର୍ଯ୍ୟାଳୟ ନିମନ୍ତେ ନିମ୍ନଲିଖିତ ସ୍ଥାନରେ ୧୦୦୦-୧୩୦୦ ବର୍ଗଫୁଟ କାର୍ପେଟ ଏରିଆ ବିଶିଷ୍ଟ ତଳ କିମ୍ବା ପ୍ରଥମ ମହଲାରେ ଥିବା ବ୍ୟବସାୟିକ ଗୃହ ଲିଜ୍ ଭିତ୍ତିରେ ଜଉମୁଦ ଦିଆ ଲଫାପାରେ (ବୈଷୟିକ ବିଡ୍ ଏବଂ ଆର୍ଥିକ ବିଡ୍ ନିମନ୍ତେ ପୃଥକ) ପ୍ରସ୍ତାବମାନ ଆମନ୍ତ୍ରିତ କରୁଛି।
**ଅବସ୍ଥିତି:** ଆବଶ୍ୟକୀୟ ପାର୍କିଂ ଏରିଆ ସହିତ ଏହି ଗୃହ ମୁଖ୍ୟତଃ ସିଡିଏ ସେକ୍ଟର-୫ ରୁ ସିଡିଏ ସେକ୍ଟର-୮, କଟକରେ ହୋଇଥିବା ଆବଶ୍ୟକ।
ଟେଣ୍ଡର କାଗଜପତ୍ର (କଟକ ଡିଓ୨ ଅପରେଟିଂ କାର୍ଯ୍ୟାଳୟ, ୧ମ ମହଲା, ମହାଶ୍ରମଣ, କ୍ୟାଣ୍ଟନ୍‌ମେଣ୍ଟ ରୋଡ, କଟକ) କାର୍ଯ୍ୟାଳୟରୁ ପୂର୍ବାହ୍ନ ୧୦.୦୦ ରୁ ଅପରାହ୍ନ ୫.୩୦ ମଧ୍ୟରେ ସୋମବାରରୁ ଶୁକ୍ରବାର ସମସ୍ତ କାର୍ଯ୍ୟ ଦିବସରେ ସଂଗ୍ରହ କରିପାରିବେ। ଏହି ଟେଣ୍ଡର ସୂଚନା କଂପାନୀର ୱେବସାଇଟ୍: **www.newindia.co.in (public notice section)**ରୁ ମଧ୍ୟ ଡାଉନ୍‌ଲୋଡ୍ କରାଯାଇପାରିବ।
**ଟେଣ୍ଡର ଦାଖଲ କରିବାର ଅନ୍ତିମ ତାରିଖ: ୧୦.୧୨.୨୦୨୫ ଅପରାହ୍ନ ୫.୦୦ ଘଟିକା** ପର୍ଯ୍ୟନ୍ତ।
ସ୍ୱା/- ଉପ ମହା-ପ୍ରବନ୍ଧକ

**ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ**
ସା/ପୋ.: ଘଟଗାଁ, ଜିଲ୍ଲା- କେନ୍ଦୁଝର-୭୫୮୦୨୭ (ଓଡ଼ିଶା)
ନୋଟିସ୍ ନଂ. ୩୧୩ — ତା. ୧୯.୧୧.୨୦୨୫
**ଟେଣ୍ଡର ବିଜ୍ଞାପନ**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ୨୦୨୫-୨୬ ବର୍ଷ (ତା.୨୧.୧୨.୨୦୨୫ରିଖ ଠାରୁ ତା. ୨୦.୧୨.୨୦୨୬ରିଖ ପର୍ଯ୍ୟନ୍ତ) ପାଇଁ ନିମ୍ନଲିଖିତ ଜଉମୁଦ ଟେଣ୍ଡର ପ୍ରକ୍ରିୟା ତିନୋଟି ପର୍ଯ୍ୟାୟରେ କରାଯିବ। ଏଣୁ ଇଚ୍ଛୁକ ବ୍ୟକ୍ତି, ମନ୍ଦିର ଟ୍ରଷ୍ଟ କାର୍ଯ୍ୟାଳୟରୁ ନିୟମାବଳୀ ଯୁକ୍ତ ଆବେଦନ ଫର୍ମ କ୍ରୟ ବାବଦକୁ **ଟ.୧୫୦୦/- (ଏକ ହଜାର ପାଞ୍ଚ ଶହ)** ଟଙ୍କା ନଗଦ ଦାଖଲ କରି ନିୟମାବଳୀ ଅନୁଯାୟୀ ନିର୍ଦ୍ଧାରିତ ତାରିଖ ସୁଦ୍ଧା ଏହି ଟେଣ୍ଡରରେ ଅଂଶ ଗ୍ରହଣ କରିପାରିବେ। ସମସ୍ତ କାର୍ଯ୍ୟଦିବସରେ ପ୍ରଥମ ପର୍ଯ୍ୟାୟ ପାଇଁ **ଦିବା ୧୧ ଘ. ଠାରୁ ଦିବା ୧ଘ. ଓ ଦିବା ୫ଘ. ଠାରୁ ସନ୍ଧ୍ୟା ୬ଘ. ମଧ୍ୟରେ ତା.୧୩.୧୧.୨୦୨୫ରିଖ ଠାରୁ ତା.୩୦.୧୧.୨୦୨୫ରିଖ** ସୁଦ୍ଧା ଟେଣ୍ଡର ଫର୍ମ କ୍ରୟ କରିପାରିବେ । ଟେଣ୍ଡର ସମ୍ବନ୍ଧୀୟ ନିୟମାବଳୀ ଓ ଅନ୍ୟାନ୍ୟ ତଥ୍ୟ ମନ୍ଦିର ଟ୍ରଷ୍ଟ କାର୍ଯ୍ୟାଳୟକୁ ଆସି ବୁଝିପାରିବେ । ହେବାକୁ ଥିବା ଟେଣ୍ଡର ମଧ୍ୟରୁ ଯେଉଁ ଟେଣ୍ଡର ପାଇଁ ପ୍ରଥମ ପର୍ଯ୍ୟାୟରେ ଆବେଦନ ହୋଇନଥିବ ବା ଆବେଦନ ହୋଇଥିବା ଟେଣ୍ଡର ନାକଚ ହୋଇଥିବ ସେହି ଟେଣ୍ଡର ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ଆବେଦନ କରିପାରିବେ । ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଆବେଦନ ହୋଇନଥିବ ବା ଆବେଦନ ହୋଇଥିବା ଟେଣ୍ଡର ନାକଚ କରାଯାଇଥିବ ସେହି ଟେଣ୍ଡର ପାଇଁ ତୃତୀୟ ପର୍ଯ୍ୟାୟରେ ଆବେଦନ କରିପାରିବେ। ପରିଚାଳନା କମିଟି ଚାହିଁଲେ ବିନା କାରଣରେ ଏହି ଟେଣ୍ଡର ନାକଚ ବା ପରିବର୍ତ୍ତନ କରିପାରିବେ। ପ୍ରଥମ ପର୍ଯ୍ୟାୟ ପାଇଁ କ୍ରୟ କରିଥିବା ଟେଣ୍ଡର ଫର୍ମ ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ଏବଂ ଦ୍ୱିତୀୟ ପର୍ଯ୍ୟାୟ ପାଇଁ କ୍ରୟ କରିଥିବା ଟେଣ୍ଡର ଫର୍ମ ତୃତୀୟ ପର୍ଯ୍ୟାୟରେ ଗ୍ରହଣ ଯୋଗ୍ୟ ନୁହେଁ । ଏହି ଟେଣ୍ଡର ସମ୍ବନ୍ଧୀୟ ନୋଟିସ୍ www.maatarini.co.in ୱେବସାଇଟରେ ଦେଖିପାରିବେ।

| ଟେଣ୍ଡର ପର୍ଯ୍ୟାୟ | ଟେଣ୍ଡର ଗ୍ରହଣ ତାରିଖ ଓ ସମୟ | ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ |
|---|---|---|
| ପ୍ରଥମ ପର୍ଯ୍ୟାୟ | ତା.୦୧.୧୨.୨୦୨୫ରିଖ ୧୧ ଘଟିକା | ତା.୦୧.୧୨.୨୦୨୫ରିଖ ୧୨.୦୦ ଘଟିକା |
| ଦ୍ୱିତୀୟ ପର୍ଯ୍ୟାୟ | ତା.୦୮.୧୨.୨୦୨୫ରିଖ ୧୧ ଘଟିକା | ତା.୦୮.୧୨.୨୦୨୫ରିଖ ୧୨.୦୦ ଘଟିକା |
| ତୃତୀୟ ପର୍ଯ୍ୟାୟ | ତା.୧୫.୧୨.୨୦୨୫ରିଖ ୧୧ ଘଟିକା | ତା.୧୫.୧୨.୨୦୨୫ରିଖ ୧୨.୦୦ ଘଟିକା |

| କ୍ର.ନଂ. | ଟେଣ୍ଡରର ନାମ | ଧାର୍ଯ୍ୟ ମୂଲ୍ୟ | ଅମାନତ ଦେୟ |
|---|---|---|---|
| ୧ | ପୂଜା ସାମଗ୍ରୀ ଦୋକାନ ନଂ.୧ (ସ୍ଥାନ- ମୁଖଶାଳା ଡାହାଣ ପାର୍ଶ୍ୱ) | ଟ.୨୯,୨୫,୫୫୪/- | ଟ.୨,୯୨,୫୫୫/- |
| ୨ | ପୂଜା ସାମଗ୍ରୀ ଦୋକାନ ନଂ.୨ (ସ୍ଥାନ- ଚୂଳ ପକା ମଣ୍ଡପ ପାର୍ଶ୍ୱ) | ଟ.୨୨,୫୬,୭୧୦/- | ଟ.୨,୨୫,୬୭୧/- |
| ୩ | ପୂଜା ସାମଗ୍ରୀ ଦୋକାନ ନଂ.୩ (ସ୍ଥାନ- ଗାଡି ପୂଜା) | ଟ.୨୫,୯୪,୮୮୮/- | ଟ.୨,୫୯,୪୮୮/- |
| ୪ | ଚୂଳ ପକା | ଟ.୪୮,୬୮,୧୪୩/- | ଟ.୪,୮୬,୮୧୪/- |
| ୫ | ତେଜରାତି ସାମଗ୍ରୀ ଯୋଗାଇବା | | ଟ.୧,୯୯,୬୫୦/- |
| ୬ | ସିକ୍ୟୁରିଟି ଗାର୍ଡ ଯୋଗାଇବା | | ଟ.୧,୭୬,୦୦୦/- |

ସା/- କାର୍ଯ୍ୟନିର୍ବାହୀ ଅଧିକାରୀ
ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ
ଘଟଗାଁ, କେନ୍ଦୁଝର

**AFFIDAVIT**
I, Ambika Malla, aged about 44 years, W/o- Bipin Bihari Bhuyan, resident of At- Nahan, Po- Haripur, Ps- Bari Ramachandrapur, Dist- Jajpur, Odisha, PIN- 755005 declare by this affidavit No. 2353, dtd- 20/11/2025, that now onwards I shall be known as **AMBIKA BHUYAN** for all future purposes.

**AFFIDAVIT**
By virtue of an affidavit sworn before The Executive Magistrate, Kendrapara on Dt.24.10.2025 I Dhruba Charan Das, S/o-Gangadhar Das of Vill-Artamul, P.O.-Chandol, P.S./Dist-Kendrapara declare that my actual name is Dhruba Charan Das mentioned in my Adhar and Voter ID. But my name has been entered in my Driving License as Ramesh Das. Both the names Dhruba Charan Das and Ramesh Das one and same person. Hence forth I shall be known as Dhruba Charan Das for all purpose.

**AFFIDAVIT**
I, Rajanikanta Paramanik , Age-55 , S/o- Gouranga Paramanik, of permanent resident ,vill/Post-Chandakusumi Ps-Kamarda, Dist-Balasore, Odisha, declared by affidavit before In the Court of Executive Magistrate , Bhograi No.5699, dtd-14/11/2025. That, all the valuable records of my self Aadhar card No-6015xxx5740 & qualification certificate, Bank a/c, etc prepare my surname as Paramanik but in SBI, Dehurda vide a/c No-35866285673 prepared my surname as Barik . Hence this affidavit I shall be known as Rajanikanta Paramanik S/o-Gouranga Paramanik & Rajanikanta Barik ,S/o- Gouranga Barik same and one person for all future purposes.

## ଦିଗଛିଆ-ବାଂଶଡ଼ା ରାସ୍ତା ନିର୍ମାଣରେ ଅନିୟମିତତା

# ନିମ୍ନମାନର କାମ ନେଇ ଲୋକେ ତାତିଲେ

ଭଦ୍ରକ, ୨୦।୧୧(ସମିସ)

ଭଦ୍ରକ ଜିଲ୍ଲା ଦିଗଛିଆ-ବାଂଶଡା ରାସ୍ତା ନିର୍ମାଣରେ ଅନିୟମିତତା ହୋଇଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଫଳରେ ଏହି ରାସ୍ତା ସମ୍ପୂର୍ଣ୍ଣ ନେଇ ଅନିଶ୍ଚିତତା ଦେଖାଦେଇଛି। ଅଭିଯୋଗ ଅନୁଯାୟୀ, ଦିଗଛିଆ- ବାଂଶଡା ୧୦କି.ମି ଦୀର୍ଘ ବିଶିଷ୍ଟ ରାସ୍ତାକୁ ଭଦ୍ରକ(ରାସ୍ତା ଓ କୋଠାବାଡି ବିଭାଜନ) ପ୍ରଥମେ କେବିଏମ କନଷ୍ଟ୍ରକସନ କମ୍ପାନୀକୁ କାର୍ଯ୍ୟ କରିବାକୁ କାର୍ଯ୍ୟାଦେଶ ଦେଇଥିଲେ ସମ୍ପୃକ୍ତ କମ୍ପାନୀ କର୍ତ୍ତୃପକ୍ଷ ଏହି କାର୍ଯ୍ୟ ଗତ୨୨ ଫେବୃଆରୀ ୨୦୨୩ ମସିହାରେ ଆରମ୍ଭ କରିଥିବା ବେଳେ ଏହାର ପୂର୍ଣ୍ଣାଙ୍ଗ ୨୧ ମାର୍ଚ୍ଚ ୨୦୨୪ରେ ହେବ ବୋଲି ସୂଚନା ଦେଇଥିଲା। ଏହି ରାସ୍ତା କାର୍ଯ୍ୟ ଆକଳନ ମୂଲ୍ୟ ପ୍ରଥମେ ୨୫ କୋଟି ୨୭ ଲକ୍ଷ ଟଙ୍କାରେ ସୀମିତ ଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଏହା ୩୪ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ଆକଳନ ମୂଲ୍ୟ ପ୍ରଥମେ ଏକ କି.ମି ପିଛା ୨.୫କୋଟି ଟଙ୍କା ଆକଳନ କରାଯାଇ ଏବଂ ପୁନଶ୍ଚ ସେହି ରାସ୍ତା କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ତାହା ପୁନଶ୍ଚ କି.ମି ପିଛା ୩.୪କୋଟି ଟଙ୍କାକୁ ବୃଦ୍ଧି



ଗୋଟିଏ ପଟରେ କାମ ଚାଲିଥିବା ବେଳେ ଅନ୍ୟ ପଟରେ ପିଚୁ ଉଠି ଗଲାଣି

କଲେ। ପ୍ରଥମ ସୂଚନା ଫଳକରେ ଏହି କାର୍ଯ୍ୟ ମାର୍ଚ୍ଚ ୨୦୨୪ରେ ଶେଷ ହେବ ବୋଲି ଲିପିବଦ୍ଧ ହୋଇଥିବା ବେଳେ ଦ୍ୱିତୀୟ ସୂଚନା ଫଳକରେ ଏହି କାର୍ଯ୍ୟ ଡିସେମ୍ବର ୨୦୨୪ରେ ଶେଷ ହେବ ବୋଲି ସୂଚନା ମଧ୍ୟ ଦିଆଯାଇଥିଲା। ମାତ୍ର ସମୟ ଅବଧି ଶେଷ ହୋଇଥିବା ବେଳେ ଏହି ରାସ୍ତା କାର୍ଯ୍ୟ କେବେ ଶେଷ ହେବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରଥମେ ଏହି କାର୍ଯ୍ୟ ନେଇଥିବା ଠିକାଦାର ଏହି କାର୍ଯ୍ୟ ଠିକ ଭାବେ କରୁ ନ ଥିବା ନେଇ ଅଭିଯୋଗ ହେବା ପରେ ପୁନଶ୍ଚ ଏହି କାର୍ଯ୍ୟକୁ ଅନ୍ୟ ଏକ ଠିକା ସଂସ୍ଥାକୁ ଦିଆଯାଇଥିଲା। ମାତ୍ର ସମ୍ପୃକ୍ତ ଠିକାଦାର ମଧ୍ୟ ଏହି ରାସ୍ତାକୁ ଠିକ ଭାବେ ନିର୍ମାଣ କରୁ ନଥିବା ନେଇ ବହୁବାର ରାସ୍ତା ଏବଂ ଗୃହ ନିର୍ମାଣ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଏବଂ ଭଦ୍ରକ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ମଧ୍ୟ ହୋଇଥିଲା। ସମ୍ପୃକ୍ତ ଠିକାଦାର ରାସ୍ତା କାର୍ଯ୍ୟ କରୁଥିବା ବେଳେ କେଉଁଠି ରାସ୍ତା ଫାଟି ଯାଉଥିବା ବେଳେ କେଉଁଠି ପିଚୁର ମୋଟେଇ ଠିକ ନାହିଁ ବୋଲି ଅଭିଯୋଗ ହୋଇଥିଲା। ବୁଧବାର ସମ୍ପୃକ୍ତ ଠିକାଦାର ଦିଗଛିଆ ବଜାରଠାରେ ପିଚୁ କାର୍ଯ୍ୟ କରୁଥିବା ବେଳେ ସ୍ଥାନୀୟ ଅଞ୍ଚଳବାସୀ କେତେ ପରିମାଣରେ ପିଚୁ ଦିଆଯାଉଛି ଏବଂ ମୋଟେଇ କେତେ ରହିବା ଦରକାର ସେଥିପାଇଁ ଏଷ୍ଟିମେଟ ଦେଖାଇବାକୁ କହିଥିଲେ। ମାତ୍ର ସମ୍ପୃକ୍ତ ଠିକାଦାର ପିଚୁ କାର୍ଯ୍ୟର ମୋଟେଇ କମ କରୁଥିବା ନେଇ ଅଞ୍ଚଳବାସୀ କାର୍ଯ୍ୟ ବନ୍ଦ କରି ଦେଇଥିଲେ। ପରେ ବିଭାଗୀୟ କନିଷ୍ଠଯନ୍ତ୍ରୀ ଆଲୋକ ମଲ୍ଲିକ ସେଠାରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ପିଚୁର ମୋଟେଇ ଠିକ ହେବା ଦରକାର ନଚେତ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ କରି ଦେବାକୁ ଧମକ ଦେଇଥିଲେ ଗ୍ରାମବାସୀ। ଖବର ଲେଖା ହେବା ବେଳକୁ ସମ୍ପୃକ୍ତ କନିଷ୍ଠଯନ୍ତ୍ରୀ ସେହି ସ୍ଥାନରେ ଥିବା ବେଳେ ରାସ୍ତାର ପିଚୁ କାର୍ଯ୍ୟ ସ୍ଥାନୀୟ ଲୋକଙ୍କ ଦ୍ୱାରା ବନ୍ଦ କରାଯାଇଥିଲା। ଏ ନେଇ କନିଷ୍ଠଯନ୍ତ୍ରୀଙ୍କ ମତାମତ ନେବାରୁ ସେ ସମ୍ପୃକ୍ତ ଠିକାସଂସ୍ଥା ଏଷ୍ଟିମେଟ ଅନୁଯାୟୀ କାର୍ଯ୍ୟ କରୁ ନ ଥିବା କହିଥିଲେ। ମାତ୍ର ଗୋଟିଏ ପଟରେ କାର୍ଯ୍ୟ ଆରମ୍ଭ ହୋଇ ନଥିବା ବେଳେ ଅନ୍ୟ ପଟରେ ଶେଷ ହୋଇଥିବା ଅଂଶରୁ ମଧ୍ୟ ପିଚୁ ଉଠିଗଲାଣି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କଲେ ବି କୌଣସି ଫଳ ମିଳୁନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

# ପରିବା ଦର ଆକାଶ ଛୁଆଁ; ୫୦୦ ଟଙ୍କାରେ ପୂରୁନି ବ୍ୟାଗ୍



ଧାମନଗର, ୨୦।୧୧(ସମିସ): ଧାମନଗର ସହରାଞ୍ଚଳରେ ପ୍ରତ୍ୟେକ ଦିନ ହାଟ ବଜାରରେ ପନିପରିବା ବିକ୍ରି ହେଉଥିବା ବେଳେ ସପ୍ତାହରେ ରବିବାର ଓ ବୁଧବାର ଦୁଇଥରପରିବାହାଟବସିଥାଏ।ହେଲେ ଦିନକୁ ଦିନ ଯେପରି ଭାବରେ ଦରଦାମ ବୃଦ୍ଧି ପାଇବାରେ ଲାଗିଛି ତାକୁ ନେଇ ଗରିବ ଓ ମଧ୍ୟମ ଶ୍ରେଣୀର ଲୋକମାନେ ଚଳିବା କଷ୍ଟକର ହୋଇପଡ଼ିଛି। ଅତ୍ୟଧିକ ଦରଦାମ ବୃଦ୍ଧି ପାଇବା ଯୋଗୁଁ ରାସନ ସାମଗ୍ରୀ ଓ ପନିପରିବା କିଣିବା ସେମାନଙ୍କ ପାଇଁ ଚିନ୍ତା ବଢ଼ାଇ ଦେଇଛି। ଚାଉଳ, ଡାଲି, ତେଲ ଭଳି ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ସାମଗ୍ରୀର ଦର ଅହେତୁକ ବୃଦ୍ଧି ପାଇଥିବା ବେଳେ ପନିପରିବା ଦର ନକହିଲେ ଭଲ। ତେବେ ଭର୍ତ୍ତି ହେଉନାହିଁ ଖାଉଟି ବିଚାରା। ଶୀତଦିନେ ପରିବା ଶସ୍ତାରେ ମିଳେ ବୋଲି ପିଲାବେଳେ ଶୁଣୁଥିଲେ। କିନ୍ତୁ ଆଜି ହାଟରେ ଫୁଲ କୋବି ୮୦, କ୍ୟାପ୍ସିକମ ୧୦୦, ଓଲକୋବି ୮୦, ପୋଟଳ ୮୦, କାକଡ଼ ୧୪୦, ଟମାଟୋ ୫୦, କଞ୍ଚା କଦଳୀ ବଡ଼ ଗୋଟା ୧୦, ବାଇଗଣ ୮୦, ବିନ୍ସ ୧୦୦, ଲଙ୍କା ୧୫୦, କାକୁଡ଼ି ୭୦, ବିଟ ୬୦, ଗାଜର ୮୦, ଦେଶୀ ଆଳୁ ୭୦, ଭେଣ୍ଡି ୩୦, ପତ୍ର କୋବି ୪୦, ସାରୁ ୫୦, ପିଆଜ ୩୦, ଆଳୁ ୨୫, କଲରା ୭୦, ଭେଣ୍ଡି ୯୦, କନ୍ଦମୂଳ ୬୦, କୁନ୍ଦୁରି ୪୦, କଖାରୁ ୩୦, ସିମ୍ବ ୮୦, ଜହ୍ନି ୮୦, ସଜନା ଛୁଇଁ ୧୬୦, ଧନିଆ ପତ୍ର ବିଡା ୧୦, କୋଶଳା ଶାଗ ବିଡା ୧୦, ମୂଳା ଗୋଟା ୧୦ ଟଙ୍କା ହୋଇଥିବାରୁ ସାଧାରଣ ଲୋକଙ୍କ ଚଳିବା କଷ୍ଟକର ହୋଇଛି। ସେପଟେ କେନ୍ଦ୍ର ଓ ରାଜ୍ୟ ସରକାର ଦ୍ୱାରା ଦରଦାମ ନିୟନ୍ତ୍ରଣ ପ୍ରତି ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଫଳରେ ଖାଉଟିଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

# ବିଶ୍ୱ ମହିଳା ଦିବସ ପାଳିତ



ବାରିକପୁର, ୨୦।୧୧(ସମିସ): ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀରୋଡ଼ ଶ୍ରୀ ସତ୍ୟସାଇ ମନ୍ଦିରରେ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। ପ୍ରାତଃରେ ଓଁକାର, ସୁପ୍ରଭାତମ ଓ ନଗର ସଂକୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ଭଜନ ମଣ୍ଡଳୀର ସଦସ୍ୟା ମହିଳତା ସାହୁଙ୍କ ସଂଯୋଜନାରେ ଏକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଲେଶ୍ୱର ସାଇ ଜିଲ୍ଲା ମନିଟରିଂ କମିଟିର ସଦସ୍ୟା ସୁମତୀ ଜେନା ଉପସ୍ଥିତ ରହି ପିଲା ଓ ପରିବାର ପ୍ରତି ନାରୀମାନଙ୍କ ବିଭିନ୍ନ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଏହାଛଡା ମନ୍ଦିର ପରିସରରେ ନୂତନ ଭାବେ ଏକ ଗଣେଶ ମୂର୍ତ୍ତିର ପ୍ରତିଷ୍ଠା କରାଯାଇଥିଲା। ଏଥିରେ ସଂକଳ୍ପ କର୍ତ୍ତା ଭାବେ ଗଣେଶ ପ୍ରସାଦ ଗୁଡ଼ି ଓ ଜୟା ଗୁଡ଼ି ଦାୟିତ୍ୱ ତୁଲାଇଥିଲେ। ଦିବସ ଭରି କାର୍ଯ୍ୟକ୍ରମକୁ ସତ୍ୟସାଇ ଭଜନ ମଣ୍ଡଳୀର ଆବାହକ ବ୍ୟୋମକେଶ ସେଠୀ, ଛବିରାଣୀ ଗୁଡ଼ି, ଗଙ୍ଗାଧର ଚନ୍ଦ, ଶରତ ଚନ୍ଦ୍ର ସେଠୀ, ରତନ କୁମାର ରାଉତ, ଶ୍ରୀକାନ୍ତ ପ୍ରସାଦ ବେହେରା, ମାନସ ନାୟକ, ଲକ୍ଷ୍ମୀଧର ବେହେରା, ତୁଷାରକାନ୍ତ ବାରିକ, ଦେବାନନ୍ଦ ସେଠୀ, ଶୁଭ୍ରାଂଶୁ ରଞ୍ଜନ ସେଠୀ, ବଟକୃଷ୍ଣ ଜେନା, ରାଜେଶ ସେଠୀଙ୍କ ସମେତ ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

# ଭଗ୍ନ ଅବସ୍ଥାରେ ନଳକୂପ



ବାରିକପୁର, ୨୦।୧୧(ସମିସ): ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଖନନ ହେଉଥିବା ନଳକୂପଗୁଡିକ ମଧ୍ୟରୁ ପରବର୍ତ୍ତୀ ସମୟରେ କେତେକ ମରାମତି ହେଉନଥିବା ଜଣାପଡ଼ିଛି। ଫଳରେ ଲୋକେ ନଳକୂପରୁ ପାଣି ଟୋପେ ପାଇବାରୁ ବଞ୍ଚିତ ହେଉଛନ୍ତି। ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି ବ୍ଲକର ମାଳଦା ପଞ୍ଚାୟତ କଲ୍ୟାଣପୁର ଗାଁରେ। ଗ୍ରାମର ସାମଲ ସାହି ଛକ ଉପରେ ଏକ ବକ୍ସ ନଳକୂପ ଦୀର୍ଘ ବର୍ଷ ହେବ ଭଗ୍ନ ଅବସ୍ଥାରେ ପଡ଼ି ରହିଛି। ଉକ୍ତ ନଳକୂପଟି ଖନନ ପରେ ସ୍ଥାନୀୟ ବାସିନ୍ଦା ମାନେ ଏଠାରୁ ପାନୀୟ ଜଳ ନେଉଥିଲେ। ଏହାଛଡା ରାସ୍ତା ପାର୍ଶ୍ୱରେ ନଳକୂପଟି ଖନନ ହୋଇଥିବା ଯୋଗୁଁ ଅନେକ ବାଟୋଇ ମଧ୍ୟ ଏହାଦ୍ୱାରା ଉପକୃତ ହେଉଥିଲେ। ପରିତାପର ବିଷୟ ଅନେକ ବର୍ଷ ହେବ ବନ୍ୟା ପାଣି ପ୍ରଭାବ ହେଉ କିମ୍ବା ଅନ୍ୟ କୌଣସି କାରଣ ହେଉ ଯେଉଁଥିପାଇଁ ନଳକୂପଟି ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି। ଏହାର ପ୍ଲାଟଫର୍ମଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ଅଧାରୁ ଅଧିକ ମାଟି ଆଡକୁ ଶୋଇଯାଇଛି। ତେଣୁ ଆବଶ୍ୟକ ଥାଇ ସୁଦ୍ଧା ସ୍ଥାନୀୟ ଲୋକେ ଏହି ନଳକୂପରୁ ବହୁ ବର୍ଷ ଧରି ପାଣି ମୁନ୍ଦାଏ ପାଉନାହାନ୍ତି। ଏହାକୁ ମରାମତି ପାଇଁ କେହି ନଜର ଦେଉ ନ ଥିବାରୁ ଅସନ୍ତୋଷ ଦେଖାଦେଇଛି। ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ଓଲଟିଲା ପିକ୍‌ଅପ୍ ଭ୍ୟାନ୍; ୧୨ ଗୋରୁ ମୃତ

ଭଦ୍ରକ, ୨୦।୧୧(ସମିସ): ବିଳମ୍ବିତ ରାତିରେ ଓଲଟିଲା ଗୋରୁ ବୋଝେଇ ପିକଅପ ଭ୍ୟାନ। ଫଳରେ ଏହି ଦୁର୍ଘଟଣାରେ ୧୨ଟି ଗୋରୁଙ୍କ ମୃତ୍ୟୁ ଘଟିଛି। ସୂଚନାଯୋଗ୍ୟ ଯେ, ବୁଧବାର ବିଳମ୍ବିତ ରାତ୍ରିରେ ବେଆଇନ ଗୋଚାଲାଣ ବେଳେ ଗ୍ରାମାଞ୍ଚଳ ଥାନା ଅଧୀନ ଗେଲଟୁଆ - ଭଦ୍ରକ ରାସ୍ତାର ବାରମୁଣ୍ଡା ଛକ



ନିକଟରେ ପିକଅପ ଭ୍ୟାନଟି ଓଲଟି ପଡ଼ିଛି। ଫଳରେ ଗାଡିରେ ଥିବା ୧୨ଟି ଗୋରୁର ମୃତ୍ୟୁ ଘଟିଥିବାବେଳେ ୮ଟି ଗୋରୁଙ୍କୁ ଜୀବନ୍ତ ଉଦ୍ଧାର କରାଯାଇଛି। ବରଦା ଅଞ୍ଚଳରୁ ଏହି ବେଆଇନ ଗୋଚାଲାଣ କରାଯାଉଥିବା ସୂଚନା ମିଳିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଦେଇଛି। ଉତ୍ୟକ୍ତ ଲୋକେ ଗାଡିକୁ ଜାଳି ଦେଇଥିବା ସନ୍ଦେହ କରାଯାଉଛି। ପୁଲିସ ଗାଡିକୁ ଉଦ୍ଧାର କରିବା ସହିତ କେତେକ ଗୋରୁକୁ ଜବତ କରି ଗୋଶାଳାକୁ ସ୍ଥାନାନ୍ତର କରିଛି।

## ହରିଶ୍ଚନ୍ଦ୍ର ସହାୟତା ଯୋଜନା ଦିଗହରା

# ୬ ମାସ ହେଲା ୨୯୬ ଗରିବ ପରିବାର ଉପେକ୍ଷିତ

ଧାମନଗର, ୨୦।୧୧(ସମିସ): ଧାମନଗର ବ୍ଲକ ଅଞ୍ଚଳରେ ହରିଶ୍ଚନ୍ଦ୍ର ସହାୟତା ଯୋଜନା ଦିଗହରା ହୋଇଛି। ପ୍ରିୟଜନଙ୍କୁ ହରାଇଥିବା ଗରିବ ପରିବାର ପାଇଁ ଅନ୍ତିମ ସଂସ୍କାର ଉଦ୍ଦେଶ୍ୟରେ ସରକାର ହରିଶ୍ଚନ୍ଦ୍ର ସହାୟତା ଯୋଜନାରେ ପୂର୍ବରୁ ୨୦୦୦ ଟଙ୍କା ଓ ୧୩ ଏପ୍ରିଲ ୨୦୨୩ରୁ ୩୦୦୦ ଟଙ୍କା ପ୍ରଦାନ କରି ଆସୁଛନ୍ତି। କିନ୍ତୁ ଧାମନଗର



ବ୍ଲକ ଅଧିନରେ ଥିବା ୩୧ ପଞ୍ଚାୟତର ପାଖାପାଖି ପ୍ରାୟ ୩୦୦ ଗରିବ ପରିବାର ଏହି ସହାୟତା ଟଙ୍କା ପାଇନାହାନ୍ତି। ଏହି ଯୋଜନାରୁ ସହାୟତା ପାଇବାକୁ ମୃତକଙ୍କ ପରିବାର ଗତ ୬ ମାସ ହେଲା ଆବେଦନ କରିଥିଲେ ମଧ୍ୟ ତାହା ମିଳିନାହିଁ। ସେମାନେ ଅନେକଥର ପଞ୍ଚାୟତ କାର୍ଯ୍ୟାଳୟକୁ ଦୌଡି ଦୌଡି ନିରାଶ ହେଲେଣି। ଏ କ୍ଷେତ୍ରରେ ଜନପ୍ରତିନିଧି କିନ୍ତୁ ଚୁପ୍। ବ୍ଲକର ୩୧ଟି ପଞ୍ଚାୟତରେ ପାଣ୍ଠି ସମ୍ପୂର୍ଣ୍ଣ ଶୂନ ରହିଛି। 'ହରିଶ୍ଚନ୍ଦ୍ର ସହାୟତା ଯୋଜନା'ରୁ ୩୦୦୦ ଟଙ୍କା ଲେଖାଏଁ ପାଇବାକୁ ୩୧ ପଞ୍ଚାୟତରୁ ୨୯୬ ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ପକ୍ଷରୁ ଆବେଦନ କରାଯାଇଥିଲା। କିନ୍ତୁ ୬ ମାସହେଲା ଉକ୍ତ ଆବେଦନ ଫାଇଲ ତଳେ ଚାପି ହୋଇଯାଇଛି। ଏହା ଧାମନଗର ବ୍ଲକର ଏକ ଦୁଃଖଦ ଚିତ୍ର ଏବଂ ପ୍ରଶାସନିକ ବିଫଳତାକୁ ଦର୍ଶାଉଛି। ଅବଶ୍ୟ କିଛି ପଞ୍ଚାୟତରୁ କୌଣସି ଆବେଦନ ନାହିଁ। ଏହି ଯୋଜନାରେ ଆବେଦନ କରିଥିବା ୨୯୬ ଜଣ ଆବେଦନକାରୀଙ୍କ ମଧ୍ୟରୁ ୫୩ ଜଣଙ୍କ ପାଇଁ ଅର୍ଥ ନଥିବା କାରଣରୁ ପେମେଣ୍ଟ ପେଣ୍ଡିଙ୍ଗ ଥିବା ବେଳେ ମୋବାଇଲ ନମ୍ବର ଅମେଳ ଓ କିଛି ଅନ୍ୟ କାରଣରୁ ୨୪୩ ଜଣଙ୍କର ପେମେଣ୍ଟ ଫେଲ ହୋଇଛି ବୋଲି ବ୍ଲକ ପକ୍ଷରୁ ସୂଚନା ମିଳିଛି। ଫଳରେ ଆବେଦନକାରୀଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ଗୋଟିଏ ପଟେ ପ୍ରିୟଜନ ହରାଇବାର ଦୁଃଖ, ଅନ୍ୟପଟେ ଶୁଦ୍ଧିକ୍ରିୟା ପାଇଁ ଟଙ୍କାଟିଏ ନ ମିଳିବା ଦୁଃଖର ବିଷୟ। ସେପଟେ ଦୀର୍ଘ ଦିନ ଧରି ଫଣ୍ଡ ନ ଥିବାରୁ ସରପଞ୍ଚ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ କେବଳ ଟଙ୍କା ଆସିଲେ ଦିଆଯିବ କହି ଆବେଦନକାରୀଙ୍କୁ ଫେରାଇ ଦେଉଛନ୍ତି। ଏହି ପ୍ରତିଶ୍ରୁତି ଶୁଣି ଶୁଣି ଗରିବଲୋକଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଦେଇଛି। ଏହି ଯୋଜନାର ମୂଳଲକ୍ଷ୍ୟ ହେଉଛି ମୃତ୍ୟୁର ୧୨ ଦିନ ମଧ୍ୟରେ ଗରିବ ପରିବାରକୁ ତୁରନ୍ତ ସହାୟତା ରାଶି ଯୋଗାଇ ଦିଆଯିବ। କିଛି ସରପଞ୍ଚ ସରକାରୀ ସହାୟତା ଆସି ନ ଥିବା ବେଳେ ନିଜ ହାତରୁ ଗରିବ ପରିବାରଙ୍କୁ ଏହି ରାଶି ପ୍ରଦାନ କରୁଛନ୍ତି। ଏ ଦିଗରେ ଜିଲ୍ଲା ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ଯଥାଶୀଘ୍ର ବ୍ଲକକୁ ଆବଶ୍ୟକ ପାଣ୍ଠି ଯୋଗାଇ ଦେଲେ ଦୁଃଖରେ ଥିବା ଗରିବ ପରିବାରଙ୍କୁ ଶୀଘ୍ର ସହାୟତା ମିଳିପାରିବ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ସରକାର ବଦଳିବା ପରେ ସମିତିର ପ୍ରଶାସନିକ ଅଚଳାବସ୍ଥା ଯୋଗୁଁ ଏହି ଯୋଜନା ଦିଗହରା ହୋଇଛି ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

# କର୍କଟ ରୋଗୀଙ୍କୁ ବାସଗୃହ ଯୋଗାଇବାକୁ ଦାବି

ବାରିକପୁର, ୨୦।୧୧(ସମିସ): ସରକାର ପ୍ରଣୟନ କରୁଥିବା ଜନହିତକାରୀ ଯୋଜନା ଗୁଡିକ ଅନେକ ସମୟରେ ଠିକ୍ ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ। ଏପରିକି ପ୍ରଶାସନ ନିକଟରେ ବାରମ୍ବାର ଆବେଦନ କରି ମଧ୍ୟ ହିତାଧିକାରୀ ଥକି ଯାଉଛନ୍ତି। ଯାହାର ଏକ ଚିତ୍ର ଦେଖିବାକୁ ମିଳିଛି ଭଣ୍ଡାରିପୋଖରୀ ବ୍ଲକ କେସିଙ୍ଗା ପଞ୍ଚାୟତ କୁଳଣା ଗ୍ରାମରେ। ଗ୍ରାମର ପ୍ରଶାନ୍ତ



କୁମାର ପାତ୍ର ଦୀର୍ଘ ଦିନ ହେବ କର୍କଟ ରୋଗରେ ପୀଡ଼ିତ ଅଛନ୍ତି। ଡାକ୍ତରୀ ଚିକିତ୍ସା ପରେ ଯଦି ଓ ଏବେ ସେ ସୁସ୍ଥ ଅଛନ୍ତି କିନ୍ତୁ ନିୟମିତ ଔଷଧ ସେବନ କରୁଛନ୍ତି। ସେ ଆର୍ôଥକ ଭାବେ ସେତଟା ସ୍ୱଚ୍ଛଳ ନଥିବାରୁ ଦୁରାରୋଗ୍ୟ ବ୍ୟାଧିରୁ ମୁକ୍ତି ପାଇଁ ଅନେକ ଖର୍ଚ୍ଚାନ୍ତ ମଧ୍ୟ ହେଉଛନ୍ତି। ତେଣୁ ଏପରି ସ୍ଥଳେ ପକ୍କା ଘର ଖଣ୍ଡେ ନିର୍ମାଣ କରିବା ତାଙ୍କ ପକ୍ଷେ ସମ୍ଭବ ନୁହେଁ। ଯେଉଁଥିପାଇଁ ପ୍ରଶାନ୍ତ ଅନ୍ତ୍ୟୋଦୟ ଯୋଜନାରେ ସରକାରୀ ବାସଗୃହ ଖଣ୍ଡିଏ ପାଇବା ପାଇଁ ପ୍ରଶାସନକୁ ଆବେଦନ କରିଛନ୍ତି। ଗତ ସୋମବାର ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିରରେ ସେ ପକ୍କା ଘର ପାଇଁ ଲିଖିତ ଭାବେ ନିବେଦନ କରିଛନ୍ତି। ଏହା ପୂର୍ବରୁ ମଧ୍ୟ ବ୍ଲକ ପ୍ରଶାସନକୁ ଜଣାଇଥିଲେ ମଧ୍ୟ କୌଣସି ଫଳ ମିଳିନାହିଁ। ଏବେ ଜିଲ୍ଲାପାଳଙ୍କୁ ଦାବି କରିଥିବା ହେତୁ ଘର ଖଣ୍ଡେ ପାଇବେ ବୋଲି ମନରେ ଆଶା ସଞ୍ଚାର ହୋଇଛି।

# ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଶେଷ; ୨୪ରୁ ତ୍ୟାଗଭୂମି ମହୋତ୍ସବ



ଭଦ୍ରକ, ୨୦।୧(ସମିସ): ମଠସାହି ଗୋପାଳ ଜୀଉ ପଡ଼ିଆରେ ୯ ଦିନ ବ୍ୟାପୀ ଅନୁଷ୍ଠିତ ହେବ ତ୍ୟାଗଭୂମି ମହୋତ୍ସବ। ଏ ନେଇ ଗୁରୁବାର ଏକ ଚୂଡାନ୍ତ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଅଜୟ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ୫୦ରୁ ଊର୍ଦ୍ଧ୍ୱ ତ୍ୟାଗଭୂମି ପରିବାରର ସଦସ୍ୟ ଯୋଗ ଦେଇଥିଲେ। ପ୍ରତି ବର୍ଷ ପରି ସହିଦ ସ୍ମୃତିପିଠ ଇରମ ଓ ସହିଦ ନଗରରୁ ପାରମ୍ପରିକ ବାଦ୍ୟ ନୃତ୍ୟ ଓ ଜାତୀୟ ସଙ୍ଗୀତ ଦ୍ୱାରା ସହିଦ ସ୍ମୃତି ମଶାଲକୁ କଚେରୀ ବଜାର ମହତାବଙ୍କ ମୂର୍ତ୍ତିଠାରୁ ଜିଲ୍ଲାପାଳ ଓ ଏସ୍‌ପି ଏହାକୁ ଗ୍ରହଣ କରିବେ। ପରେ ଏକ ବର୍ଣ୍ଣାଢ୍ୟ ରାଲି ସହ ସଭା ସ୍ଥଳ ମଠ ସାହି ଗୋପାଳ ଜୀଉ ପଡ଼ିଆକୁ ନିଆଯାଇ ସ୍ଥାପନ କରାଯିବ। ସାହିତ୍ୟ, କଳା, ସଂସ୍କୃତି, ରାଜନୀତି କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବିଶିଷ୍ଟ ବ୍ୟକ୍ତିମାନେ ପ୍ରତିଦିନ ଅତିଥି ଭାବରେ ଅତିଥିଭାବେ ଯୋଗଦାନ କରିବେ। ସେହିପରି ଓଡ଼ିଶାର ବିଭିନ୍ନ ସ୍ଥାନରୁ ପ୍ରଖ୍ୟାତ କଣ୍ଠଶିଳ୍ପୀ ପହଞ୍ଚି କଳା ନୈପୁଣ୍ୟ ପ୍ରଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ମିନା ବଜାର ରାମଦୋଳି ତଥା ଗରମ ଗରମ ସୁଖାଦ୍ୟ ଷ୍ଟଲ ମାନ ବସିବ। ପ୍ରସ୍ତୁତି ବୈଠକରେ ତ୍ୟାଗଭୂମିର ସମ୍ପାଦକ ଗଦାଧର ବଳ ପ୍ରାରମ୍ଭିକ ବିବରଣୀ ଦେବା ପରେ ସଂଗଠନ ସମ୍ପାଦକ ଇଂ ଅମ୍ବିକା ବଲ୍ଲଭ ସ୍ୱାଇଁ, ସୁଧାକର ରାଉତ, ସଂସ୍କୃତିକ ସମ୍ପାଦକ ବସନ୍ତ ମହାନ୍ତି, ଗୌରାଙ୍ଗ ବାରିକ, ବରିଷ୍ଠ ଅଧିବକ୍ତା ପର୍ଶୁରାମ ଦ୍ୱିବେଦୀ, ଲଲାଟେନ୍ଦୁ ମହାନ୍ତି, ଶାନ୍ତନୁ ନାୟକ, ଅଶୋକ କୁମାର ମହାନ୍ତି, ଇଂ ବସନ୍ତ ପାଣିଗ୍ରାହୀ, ଜଗନ୍ନାଥପୁର କାଉନ୍ସିଲର ପ୍ରତିନିଧି ପଙ୍କଜ ବଳ, ମୋହରିର ସଂଘ ସମ୍ପାଦକ ରାମଚନ୍ଦ୍ର ନାୟକ, ମହିଳା କଲେଜ ଅଧ୍ୟକ୍ଷ ଡଃ ଅଭୟ କୁମାର ଦାସ, ବିଜୟ ବାହାଲି, ଅଶୋକ କୁମାର ଦାସ, ପ୍ରଣବ କୁମାର ସାହୁ, ବାବୁଲାଲ ଦାସ, ଚର୍ଚ୍ଚିକା ମହାପାତ୍ର, କୈଳାସ ଚନ୍ଦ୍ର ପଣ୍ଡା, କବି ଋତୁରାଜ ଅକ୍ଷୟ ମଦନ ମୋହନ ନାୟକ, ଗୋବର୍ଦ୍ଧନ ସାମଲ, ବିଚିତ୍ରାନନ୍ଦ ମହାନ୍ତି, କୈଳାସ ମହାପାତ୍ର, ସେକ ନାସୀର ବକ୍ସ ପ୍ରଭାତ କୁମାର ପାଢ଼ି, ପଦ୍ମନ ମନୋରଞ୍ଜନ ଦାସ, ଲକ୍ଷ୍ମଣ ମହାନ୍ତି ପ୍ରମୁଖ ଶତାଧିକ ସଭ୍ୟ ଉପସ୍ଥିତ ଥିଲେ। ଶେଷରେ କବି କାଳନ୍ଦୀ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## କାଗଜକଲମରେ ସୀମିତ 'ଶୂନ୍ୟ ମୃତ୍ୟୁ' ନିରୀକ୍ଷଣ କାର୍ଯ୍ୟକ୍ରମ

# ଅମାନିଆ ନାବାଳକଙ୍କ ହାତରେ ବାଇକ୍; କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା

ବନ୍ତ/ଆଗରପଡ଼ା, ୨୦।୧୧(ସମିସ):

ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଗତ ୧୬ରୁ ୩୦ ତାରିଖ ଯାଏ 'ଶୂନ୍ୟ ମୃତ୍ୟୁ' ନିରୀକ୍ଷଣ କାର୍ଯ୍ୟକ୍ରମ ପାଳନ କରିବା ସହ ନାବାଳକଙ୍କୁ ବେପରୁଆ ବାଇକ୍ ଚଳାଇବାରେ ପତିବନ୍ଧକ ଲଗାଇବାପାଇଁ ନିର୍ଦ୍ଦେଶ ରହିଛି। ଉକ୍ତ ନିର୍ଦ୍ଦେଶକୁ ପାଳନ କରିବା ନିମନ୍ତେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପତ୍ର ଯୋଗେ ଅବଗତ ମଧ୍ୟ କରାଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାକୁ ଉକ୍ତ ପତ୍ର ବିଷୟରେ ଅବଗତ ମଧ୍ୟ କରାଇଥିବା ଜଣାପଡ଼ିଛି। ୧୫ଦିନ ବ୍ୟାପୀ ପାଳିତ ହେବାକୁ ଯାଉଥିବା ଉକ୍ତ କାର୍ଯ୍ୟକ୍ରମରେ ସେମାନଙ୍କ ପୂର୍ଣ୍ଣ ସହଯୋଗ କାମନା କରିବା ସହ ସଚେତନତା ବାର୍ତ୍ତା ପ୍ରଦାନ ପାଇଁ ନିବେଦନ କରାଯାଇଛି। ଏଥିସହିତ ନାବାଳକଙ୍କୁ ଶିକ୍ଷାନୁଷ୍ଠାନକୁ ବାଇକ୍ ଧରି ଆସିବାରୁ ନିବୃତ୍ତ ରହିବା ପାଇଁ ଆଦେଶ ଦେବାକୁ କୁହାଯାଇଛି। ଯଦି କେହି ବି ନାବାଳକ ଆଦେଶକୁ ନ ମାନନ୍ତି ତେବେ ଯାନବାହାନ ଚଳାଚଳ ନିୟମ-୧୯୮୮ ସେକ୍ସନ୍ ୧୯୯ରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। କିନ୍ତୁ ଇତି



ମଧ୍ୟରେ ଉକ୍ତ କାର୍ଯ୍ୟକ୍ରମକୁ ୫ଦିନ ବିତିବାକୁ ବସିଥିଲେ ମଧ୍ୟ ସରକାରଙ୍କ ନିର୍ଦ୍ଦେଶକୁ କେହି ବି (କୌଣସି ଶିକ୍ଷାନୁଷ୍ଠାନ) ମାନୁନାହାନ୍ତି। ଉକ୍ତ ନିର୍ଦ୍ଦେଶନାମା କାଗଜକଲମରେ ସୀମିତ ରହିଯିବା ପରି ଜଣାପଡୁଛି। ତେଣୁ କାଗଜକଲମରେ ଉକ୍ତ ନିର୍ଦ୍ଦେଶନାମା ସୀମିତ ରହିଯିବା ଆଗରୁ ପ୍ରଶାସନ ଏଥିପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି। ଦିନକୁ ଦିନ ବେପରୁଆ ଗାଡି ଚାଳନା ବୃଦ୍ଧି ପାଇବାରେ ଲାଗିଛି। କାହାରିକୁ ନ ମାନି ବେପରୁଆ ଭାବେ ଦ୍ରୁତଗତିରେ ଗାଡ଼ି ଚଳାଇବାରେ ମୁଖ୍ୟତଃ ପିଲାଙ୍କୁ ଦେଖିବାକୁ ମିଳୁଛି। ପିଲାଙ୍କ ହାତରେ ଅଭିଭାବକମାନେ ବାଇକ୍ ଚାବି ଧରାଇଦେବା ପରେ ସେମାନେ ଆଉ କାହାରିକୁ ମାନୁନାହାନ୍ତି। ନିୟମିତ ଏଭଳି ବାଇକ୍ ଚାଳନା ପାଇଁ ଅନ୍ୟ ପଥଚାରୀ ଦୁର୍ଘଟଣାର ଶିକାର ହେଉଛନ୍ତି। ସଡ଼କ ଦୁର୍ଘଟଣା ସବୁଠି ଚିନ୍ତାର କାରଣ ହୋଇଛି ଓ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକରେ ବହୁ ବ୍ୟକ୍ତିଙ୍କ ଜୀବନ ମଧ୍ୟ ଏହି କାରଣରୁ ଯାଇଛି। ଖାସ୍ କରି ଦୁଇ ଚକିଆ ଯାନ ଯୋଗୁଁ ଅଧିକ ଦୁର୍ଘଟଣା ଘଟୁଛି। ଏହା ପଛରେ ନାବାଳକଙ୍କ ହାତରେ ବାଇକ୍ ଏକ ପ୍ରମୁଖ କାରଣ ହୋଇଥିବାର ଜଣାପଡ଼ିଛି। ସ୍କୁଲ୍ ଓ କଲେଜ ଯାଉଥିବା ଛାତ୍ରଛାତ୍ରୀ ବାଇକ୍ ଓ ସ୍କୁଟି ଚଳାଉଥିଲାବେଳେ ଏଥିପ୍ରତି କାହାରି ନିଘା ରହୁ ନଥିବା ଅଭିଯୋଗ ହେଉଛି। ବନ୍ତ ବ୍ଲକର ବିଭିନ୍ନ ରାସ୍ତା ଘାଟ ସହ ଗାଁ ଗଣ୍ଡା ସବୁଠି ପିଲାଙ୍କ ହାତରେ ବାଇକ୍। କିଏ ବାଇକ୍ ଚଳାଉଛି ତ କାହା ହାତରେ ସ୍କୁଟି। ସ୍କୁଲ୍ ଓ କଲେଜ ସହିତ ଟ୍ୟୁସନ୍ ଯାଉଥିବା ପିଲାମାନେ ଏସବୁକୁ ଚଳାଉଥିବା ଦେଖିବାକୁ ମିଳୁଛି। ଗୋଟିଏ ଗୋଟିଏ ଗାଡ଼ିରେ ୨ରୁ ୩ ଜଣ ଲେଖାଏଁ ବସି ଅତି ବେପରୁଆ ଭାବେ ଅତି ଦ୍ରୁତଗତିରେ ତାହା ଚାଳନା କରୁଛନ୍ତି। ଫଳରେ ଦୁର୍ଘଟଣା ଚଢ଼ିବାରେ ଲାଗିଛି। ସରକାରୀ ନିୟମ ଅନୁସାରେ ନାବାଳକ ଓ ନାବାଳିକାଙ୍କୁ ଗାଡ଼ି ଚଳାଇବା ପାଇଁ ଲାଇସେନ୍ସ ପ୍ରଦାନ କରାଯାଇପାରିବ ନାହିଁ। ସେମାନେ ବାଇକ୍ ଓ ଗାଡ଼ି ଚଳାଇବା ବେଆଇନ୍ କିନ୍ତୁ ଅଭିଭାବକଙ୍କ ଠାରୁ ଆରମ୍ଭ କରି ପୋଲିସ ଓ ପ୍ରଶାସନ ଯାଏଁ କାହାରି ଏଥିପ୍ରତି ଦୃଷ୍ଟି ପଡୁନାହିଁ।୧୮ ବର୍ଷରୁ କମ୍ ବୟସର ଯେ କୌଣସି ଭାରତୀୟ ନାଗରିକ ଗାଡ଼ି ଚଳାଇବା ଦଣ୍ଡନୀୟ ଅପରାଧ ସତ୍ୱେ ବିନା ଲାଇସେନ୍ସ ଓ ବିନା ହେଲ୍‌ମେଟରେ ଶତାଧିକ ପିଲା ଗାଡ଼ି ଚଳାଉଛନ୍ତି। ଭଦ୍ରକ ଜିଲ୍ଲାର ବନ୍ତ ବ୍ଲକରେ ଏହାର କୌଣସି ପ୍ରଭାବ ପଡୁ ନଥିବା ଦେଖିବାକୁ ମିଳୁଛି। ତେଣୁ ପ୍ରଶାସନ ଉକ୍ତ ସମସ୍ୟାକୁ ଗମ୍ଭୀରତାର ସହ ନେଇ ସରକାରୀ ନିୟମକୁ କଡ଼ାକଡ଼ି ପାଳନ କରିବା ସହ ସଚେତନାର ବାର୍ତ୍ତା ପ୍ରଦାନ ପାଇଁ ପ୍ରୟାସ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# ପୋଖରୀରେ ପଡ଼ି ୪ ବର୍ଷର ଶିଶୁ ମୃତ

ଦୋଲସାହି,୨୦।୧୧(ସମିସ): ପୀରାହାଟ ଥାନା ଅନ୍ତର୍ଗତ ମଙ୍ଗଳପୁର ପଂଚାୟତରେ ଜଣେ ୪ ଶିଶୁପୁତ୍ର ପୋଖରୀ ପଡ଼ିଯିବାରୁ ମୃତ୍ୟୁ ଘଟିଛି। ପ୍ରକାଶ ଯେ, ମଙ୍ଗଳପୁର ପଂଚାୟତର ମଙ୍ଗଳପୁର ଗାଁରେ ଥିବା ମା'ମଙ୍ଗଳା ପୋଖରୀରେ ସୁଜୟ ମହାଳିକଙ୍କ ୪ବର୍ଷର ପୁତ୍ର ପ୍ରସାଦ ଖେଳୁଥିବାବେଳେ ପୂର୍ବାହ୍ନ ପ୍ରାୟ ୧୦ଟାରେ ପଡ଼ି ଯାଇଥିଲା। ପୋଖରୀରୁ ଉଦ୍ଧାର କରି ତାଙ୍କୁ ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୀରହାଟ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଭଦ୍ରକ ନିଆଯାଇଛି।

# ସ୍ନାନ ପାଇଁ ଯାଇ ପୋଖରୀରେ ବୁଡ଼ିଗଲେ ବୃଦ୍ଧ

ଅସୁରାଳି,୨୦।୧୧(ସମିସ): ଧୂଷୁରୀ ଥାନା ଅନ୍ତର୍ଗତ ପଣ୍ଡା ପାଟଣା ଗାଁର ହୃଷୀକେଶ ପଣ୍ଡା (୮୫) ବୁଧବାର ପୋଖରୀକୁ ସ୍ନାନ ପାଇ ଯାଇ ବୁଡ଼ି ଯାଇଥିଲେ। ଦୀର୍ଘସମୟ ପର୍ଯ୍ୟନ୍ତ ନ ଫେରିବାରୁ ପରିବାର ଲୋକେ ଯାଇ ଖୋଜାଖୋଜି କରିଥିଲେ। ମାତ୍ର କୋ÷ଣସି ସନ୍ଧାନ ନପାଇବାରୁ ଧାମନଗର ଅଗ୍ନିଶମ ବାହିନୀକୁ ଅବଗତ କରାଯାଇଥିଲା। ପରେ ବୃଦ୍ଧଙ୍କ ମରଶରୀର ମିଳିଥିଲା। ଧୂଷୁରୀ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ଲାଗି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

# ବିଦ୍ୟାଳୟ ସ୍ତରୀୟ ବିଜ୍ଞାନମେଳା



ବନ୍ତ/ଆଗରପଡ଼ା,୨୦।୧୧(ସମିସ): ବନ୍ତ ଶିକ୍ଷାଧିକାରୀଙ୍କ ଅଧିନସ୍ଥ ଗୋପିନାଥପୁର କ୍ଲଷ୍ଟର ଅନ୍ତର୍ଗତ କାଣ୍ଡବା ନୋଡ଼ାଲ ଉପ୍ରା ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷକ ସୁଧାଂଶୁ ଶେଖର ଜେନାଙ୍କ ତତ୍ତ୍ୱାବଧାନରେ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରଛାତ୍ରୀ ୬୪ ଗୋଟି ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ସିନିୟର ବିଭାଗରୁ ପ୍ରତିଜ୍ଞା ପ୍ରତି ପ୍ରଥମ, ଦିବ୍ୟାଞ୍ଜଳୀ ମାଝୀ ୨ୟ, ଆକାଶ ବେହେରା ୩ୟ ସ୍ଥାନ ଅଧିକାର କରିଥିବାବେଳେ ଜୁନିୟର ବିଭାଗରୁ ଶୁଭସଂକେତ ଜେନା ପ୍ରଥମ, ପରିଣିତା ବେହେରା ୨ୟ ଓ ପ୍ରଜ୍ଞାଞ୍ଜଳି ମାଝୀ ୩ୟ ସ୍ଥାନ ଅଧିକାର କରିଛନ୍ତି। ବନ୍ତଲା ନୋଡ଼ାଲ ଉପ୍ରା ବିଦ୍ୟାଳୟ ଶିକ୍ଷକ ମନୋଜ ରାଉଳ, ଟିକିରା ଉପ୍ରା ବିଦ୍ୟାଳୟ ଶିକ୍ଷକ ଅମରେନ୍ଦ୍ର ଦାଶ ଓ ସୁବର୍ଣ୍ଣେଶ୍ୱର ଉପ୍ରା ବିଦ୍ୟାଳୟ ଶିକ୍ଷକ ସୁଧାକର ବଳ ପ୍ରମୁଖ ବିଚାରକ ଦାୟିତ୍ୱ ତୁଲାଇଥିଲେ। ସଭାରେ ଉପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ରିତାରାଣୀ ପରିଡ଼ା, ସଭାପତି ନାରାୟଣ ଚନ୍ଦ୍ର ଉଦ୍‌ଗାତା, ସିଆରସିସି ପ୍ରଫୁଲ୍ଲ ସାହୁ, ପ୍ରାକ୍ତନ ପ୍ରଧାନଶିକ୍ଷୟିତ୍ରୀ ପଙ୍କଜିନୀ ଶତପଥୀ, ଆମନ୍ତ୍ରିତ ବିଚାରକ ମଣ୍ଡଳୀ ଓ ଏସ୍‌ଏମ୍‌ସି ସଭାପତି ଯୋଗ ଦେଇ ବକ୍ତବ୍ୟ ପ୍ରଦାନ ରଖିଥିଲେ।

# ଝାନ୍ସୀରାଣୀ ଲକ୍ଷ୍ମୀବାଈ ଜୟନ୍ତୀ



ଭଦ୍ରକ,୨୦।୧୧(ସମିସ): ଆଜି ବାଉଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମହାନ୍ ସ୍ୱାଧୀନତା ସଂଗ୍ରାମୀ କ୍ରାନ୍ତି ଝାନ୍ସିରାଣୀ ଲକ୍ଷ୍ମୀବାଈଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଲକ୍ଷ୍ମୀବାଈଙ୍କ ଜୀବନୀ ଲେଖକ ସମାଜସେବୀ ରମେଶ ଚନ୍ଦ୍ର ଜେନା ସଭାପତିତ୍ୱ କରିଥିବାବେଳେ ଭଗବାନ ଚନ୍ଦ୍ର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସୂର୍ଯ୍ୟପ୍ରଭା ଦାସ, ଅସୀମା କବି, ମନସ୍ୱିନୀ କବି, ରାଧାରାଣୀ ପଣ୍ଡା, ପ୍ରଭାତ ସାହୁ, ଅମୀୟ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ଝାନ୍ସୀରାଣୀ ଲକ୍ଷ୍ମୀବାଈଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ତାଙ୍କ ଜୀବନୀ ସମ୍ପର୍କରେ କହିଥିଲେ। ନାରୀ ସମାଜ ନିଜର ସମ୍ମାନ ଓ ସୁରକ୍ଷା ପାଇଁ ନିଜେ ହିଁ ଲଢିବାର ଆବଶ୍ୟକତା ରହିଛି ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଶେଷରେ ଅସୀମା କବି ଧନ୍ୟବାଦ ଅର୍ପଣ କରିଥିଲେ।

# ଶହେ ଲିଟର ଦେଶୀମଦ ଜବତ,୨ ଗିରଫ



କବାଟବନ୍ଧ,୨୦।୧୧(ସମିସ): ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ମର୍ଜିତାପୁର ଓ ରାଇଛନ୍ଦାରେ ଚଢ଼ଉ କରି ଶହେ ଲିଟର ଦେଶୀ ମଦ ଜବତ କରିବା ସହ ୨ ଜଣ ମଦ ବେପାରୀଙ୍କୁ ଗିରଫ କରିଛି ଜେନାପୁର ପୁଲିସ। ଗିରଫ ଦୁଇଜଣ ଦେଶୀମଦ ବେପାରୀ ଜେନାପୁର ଥାନା ଅଞ୍ଚଳର ବୋଲି ଜଣାପଡିଛି। ମର୍ଜିତାପୁର ପଞ୍ଚାୟତ ନାଥ ସାହିର ସ୍ୱର୍ଗତ ଯୁଧିଷ୍ଠିର ନାଥଙ୍କ ପୁଅ ଜୟଦେବ ନାଥ(୨୫) ଓ ଅନ୍ୟ ଜଣେ ରାଇଛନ୍ଦା ପଞ୍ଚାୟତ ଅଧୀନ ରାଇଛନ୍ଦା ଗ୍ରାମର ପାଗଳ ମଲ୍ଲିକଙ୍କ ପୁଅ ବିପିନ ମଲ୍ଲିକ(୨୭)। ଉଭୟ ଦୀର୍ଘଦିନ ଧରି ସ୍ଥାନୀୟ ଅଞ୍ଚଳରେ ଚୋରା ଦେଶୀ ମଦ ବ୍ୟବସାୟ କରି ଆସୁଥିଲେ। ଗୁରୁବାର ଜେନାପୁର ପୁଲିସ ଉଭୟଙ୍କୁ ଧରିବା ପାଇଁ ଚଢ଼ଉ କରିଥିଲା। ଚଢ଼ଉ ବେଳେ ଉଭୟଙ୍କ ନିକଟରୁ ୫୦ ଲିଟର ଲେଖାଏଁ ଦେଶୀ ମଦ ଜବତ କରାଯାଇଥିଲା।

## ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ଏକାଦଶ ସନ୍ଧ୍ୟା

# 'ଐତିହାସିକ, ତ୍ୟାଗଭୂମି ଭଦ୍ରକର ସର୍ବାଙ୍ଗୀନ ବିକାଶ ଜରୁରୀ'

ଭଦ୍ରକ,୨୦।୧୧(ସମିସ)




ମା' ଭଦ୍ରକାଳୀଙ୍କ ନାମରେ ନାମିତ ଭଦ୍ରକ ଭୂମିରେ ବହୁ ଧର୍ମ ପ୍ରଚାରକ, ସନ୍ଥ, ମହାପୁରୁଷ, ମନିଷୀ, ରାଜନେତା ପଦାର୍ପଣ କରିଥିବା ବେଳେ ଏହି ପବିତ୍ର ଭୂମି ସ୍ୱାଧୀନତା ସଂଗ୍ରାମ, ଧର୍ମୀୟଧାରା, ସାହିତ୍ୟ, କଳା, ସଂସ୍କୃତି, ଐତିହ୍ୟ, ପରମ୍ପରା, ନୌବାଣିଜ୍ୟ, ବିଜ୍ଞାନ ଆଦି କ୍ଷେତ୍ରରେ ଐତିହାସିକ ପଦଚିହ୍ନ ରଖିଯାଇଛି। କିନ୍ତୁ ୧୯୯୩ ମସିହାରୁ ଭଦ୍ରକ ଉପଖଣ୍ଡ ଜିଲ୍ଲାର ମାନ୍ୟତା ପାଇଥିଲେ ବି ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଶିଳ୍ପ, ସଡ଼କ ପରିବହନ ଆଦି ବହୁ କ୍ଷେତ୍ରରେ ଆଖିଦୃଶିଆ ବିକାଶ ହୋଇପାରିନାହିଁ। ଏଣୁ ଏହି ଐତିହାସିକ ତ୍ୟାଗଭୂମିଭଦ୍ରକରସର୍ବାଙ୍ଗୀନବିକାଶନିତାନ୍ତ ଜରୁରୀ ବୋଲି ଉତ୍କଳ ଅବନ୍ତିକା ଆବାସିକ ମହାବିଦ୍ୟାଳୟ, ଚରମ୍ପା ପ୍ରାୟୋଜିତ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଟ୍ରଷ୍ଟ ଆନୁକୁଲ୍ୟରେ ଭଦ୍ରକ ସହର ମନମୋହନ ସଂଗୀତ ପରିଷଦ ପଡ଼ିଆଠାରେ ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଏକାଦଶ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ମହୋତ୍ସବର ଏକାଦଶ ସନ୍ଧ୍ୟାକୁ ଭଦ୍ରକର ପୂର୍ବତନ ସାଂସଦ ଅର୍ଜୁନ ଚରଣ ସେଠୀଙ୍କ ସ୍ମୃତିରେ ଉତ୍ସର୍ଗୀକୃତ କରାଯାଇଥିଲା ଏବଂ "ବିକାଶ ଧାରାରେ ଭଦ୍ରକ' ଶୀର୍ଷକରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ମହୋତ୍ସବର ସମ୍ପାଦକ ରବିନାରାୟଣ ଖିଲାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲ। ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ ବିଶିଷ୍ଟ ଅତିଥି, ସାମ୍ୟବାଦୀ ନେତା ଆଡଭୋକେଟ୍ ଦିବ୍ୟସିଂହ ନାୟକ ବରେଣ୍ୟ ଅତିଥି, ସେବାନିବୃତ୍ତ ଅଧକ୍ଷ ତଥା ବିଶିଷ୍ଟ କଥାକାର ପବିତ୍ର ପାଣିଗ୍ରାହୀ ମୁଖ୍ୟବକ୍ତା, ପୂର୍ବତନ ବ୍ଲକ ଅଧକ୍ଷା ବିଦ୍ୟୁତ୍‌ଲତା ନାୟକ, ଭଦ୍ରକ ଜିଲ୍ଲା କଂଗ୍ରେସ ସଭାପତି ନଳିନୀକାନ୍ତ ମହାନ୍ତି, ଧାମରା ସାହିତ୍ୟ ସଂସଦ, ରାଉରକେଲା ସମ୍ପାଦକ ସୁଶାନ୍ତ କୁମାର ନାୟକ, କଂଗ୍ରେସର ରାଜ୍ୟ ଦଳିତ ସଂଘ ସାଧାରଣ ସମ୍ପାଦକ ରାଜେନ୍ଦ୍ରପ୍ରସାଦ ଜେନା, ପୂର୍ବତନ ଭଦ୍ରକ ଜିଲ୍ଲା ବିଜେପି ମହିଳା ସଭାନେତ୍ରୀ କଳ୍ପନା ଜେନା ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। କବି ନାରାୟଣ ପାଢ଼ୀ ଅତିଥିମାନଙ୍କୁ ଅତିଥିମାନଙ୍କୁ ମଂଚ ନିମନ୍ତ୍ରଣ କରିଥିବା ବେଳେ ଟ୍ରଷ୍ଟର ସଭାପତି ଙ୍କ .ଅଭୟ ସୂତାର ଅତିଥି ପରିଚୟ ପ୍ରଦାନ କରିଥିଲେ। ଆବାହକ ଅଧ୍ୟାପକ ନୀହାର ରଞ୍ଜନ କର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ ଏବଂ ମହୋତ୍ସବ ଉପଦେଷ୍ଟା ବାବୁଲାଲ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସନ୍ଧ୍ୟାରେ ଏମ୍. ଏମ୍. ଡ୍ୟାନ୍ସ ଗ୍ରୁପ ଚରମ୍ପା କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଭଦ୍ରକ ଆର୍‌ଟିଓ: ୨୩ ବର୍ଷରେ ୩.୪୫ ଲକ୍ଷରୁ ଊର୍ଦ୍ଧ୍ୱ ଗାଡ଼ି ପଞ୍ଜୀକରଣ

ଭଦ୍ରକ,୨୦।୧୧(ସମିସ): ଭଦ୍ରକ ଜିଲ୍ଲା ଆଂଚଳିକ ପରିବହନ କାର୍ଯ୍ୟାଳୟ(ଆରଟିଓ)ଗତ ୨୩ବର୍ଷ ମଧ୍ୟରେ ୩ଲକ୍ଷ ୪୫ହଜାର ୭୦ଗାଡି ପଞ୍ଜୀକରଣ ହୋଇଛି। ଏଥିମଧ୍ୟରେ ୨ଚକିଆ, ୩ଚକିଆ, ୪ଚକିଆ ଯାନ ବାହାନ ସହ ବିଭିନ୍ନ ଯାତ୍ରୀବାହୀ ବସ୍, ଟ୍ରକ ଓ ଭାରୀଯାନ ରହିଛି। ସୂଚନାନୁଯାୟୀ, ଭଦ୍ରକ ଜିଲ୍ଲାରେ ସ୍ୱତନ୍ତ୍ର ଭାବେ ବାଲେଶ୍ୱର ଜିଲ୍ଲାରୁ ପୃଥକ ହୋଇ ଗତ ୨୦୦୨ମସିହାରେ ଆଂଚଳିକ ପରିବହନ କାର୍ଯ୍ୟାଳୟ ଆରମ୍ଭ ହୋଇଥିଲା। ଆଉ ସେବେଠାରୁ ଜିଲ୍ଲାରେ ଉପରୋକ୍ତ ସଂଖ୍ୟକ ଯାନବାହାନ ଓଡ଼ି-୨୨ ନମ୍ବରରେ ପଞ୍ଜୀକରଣ ହୋଇଛି। ତଥ୍ୟାନୁଯାୟୀ, ଜିଲ୍ଲାରେ ୩୪ହଜାର ୮୩୨ଟି କମର୍ସିଆଲ ଗାଡ଼ି ପଞ୍ଜୀକରଣ କରାଯାଇଛି।

> ▶ ସର୍ବାଧିକ ୨ଲକ୍ଷ ୮୬ହଜାର ୯୫୮ ଦୁଇ ଚକିଆ
>
> ▶ ୯,୯୪୭ଟି ଟ୍ରକ; ୫୫୬ ଯାତ୍ରୀବାହୀ ବସ୍
>
> ▶ ୮୭୪୨ଟି ଚାରିଚକିଆ, ୬୩୯୧ ଅଟୋ ଓ ୩୮୭୫ ଟି ମାଲବାହୀ ଅଟୋ

ଏଥିରେ ଛୋଟବଡ଼ ୫୫୬ଟି ଯାତ୍ରୀବାହୀ ବସ୍, ୯ହଜାର ୯୪୭ଟି ଟ୍ରକ, ୬୩୯୧ଟି ପାସେଞ୍ଜର ଅଟୋ ଓ ୩୮୭୫ଟି ମାଲବାହୀ(ଗୁଡ୍‌ସ) ଅଟୋ ପଞ୍ଜୀକରଣ ହୋଇଥିବା ଜଣାଯାଇଛି। ସେହିଭଳି ୮୭୪୨ଟି ଘରୋଇ କାର୍ ମଧ୍ୟ ପଞ୍ଜୀକରଣ କରାଯାଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଭଦ୍ରକ ଆଂଚଳିକ ପରିବହନ କାଯ୍ୟାଳୟ ଅଧିନରେ ସର୍ବାଧିକ ୨ଲକ୍ଷ ୮୬ହଜାର ୯୫୮ଟି ଦୁଇ ଚକିଆ (ବାଇକ୍ ଓ ସ୍କୁଟି ଆଦି) ପଞ୍ଜୀକରଣ ହୋଇଥିବା ଜଣାଯାଇଛି। ଏସବୁ ଯାନବାହନ ଗୁଡିକ ଗତ ୨୦୦୨ରୁ ଚଳିତ ନଭେମ୍ବର ମାସ ସୁଦ୍ଧା ପଞ୍ଜୀକରଣ କରାଯାଇଥିବା ଜଣାଯାଇଛି।

# ନିସ୍ୱାର୍ଥପର ସ୍ୱାସ୍ଥ୍ୟସେବାରେ ବ୍ରତୀ ଥିଲେ ଦେବବ୍ରତ




ଭଦ୍ରକ,୨୦।୧୧(ସମିସ): ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କର ନିସ୍ୱାର୍ଥପର ସ୍ୱାସ୍ଥ୍ୟସେବା ତଥା ମଠ ମନ୍ଦିର ସେବାରେ ଦେବବ୍ରତ ନାୟକ(କାଳିଆ) ଶେଷ ସମୟ ପର୍ଯ୍ୟନ୍ତ ବ୍ରତୀ ଥିଲେ ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି। ସ୍ୱାସ୍ଥ୍ୟ କର୍ମଚାରୀ ତଥା ଯୁବ ସମାଜସେବୀ ସ୍ୱର୍ଗତ ଦେବବ୍ରତ(କାଳିଆ)ଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ସଭା ଜନ୍ମସ୍ଥାନ ଭଦ୍ରକ ସହର ନରିପୁର ଅସ୍ଥଳ ଗ୍ରାମ ଠାକୁର ଅନନ୍ତ ନାରାୟଣ ମାର୍ଗଠାରେ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ଘନଶ୍ୟାମ ଲେଙ୍କା ବେଦ ଓ ଗୀତା ପାଠ କରିଥିବା ବେଳେ ଗରଦପୁର ଗାନ୍ଧି ଓଡ଼ିଶା ବାଳାଶ୍ରମର ଅନ୍ତେବାସୀମାନେ ଶୋକ ଶ୍ରଦ୍ଧାଞ୍ଜଳି ଭଜନ ଗାନ କରିଥିଲେ। ପ୍ରଫେସର ଡକ୍ଟର ଅଟଳ ବିହାରୀ ନାୟକଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, "ଆଜିକାଲି"ର ସମ୍ପାଦକ ନିର୍ମାଲ୍ୟ ମହାନ୍ତି, ସମ୍ଭାବନା ସମ୍ପାଦକ କବି ରୁତୁରାଜ ଅକ୍ଷୟ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ, ଅତିରିକ୍ତ ଏସ୍‌ପି ସମ୍ବିତ୍ ମାଝି, ସିଡିଏମ୍‌ଓ ଡା. ସୁଧିରଞ୍ଜନ ନାୟକ, ଡ. ରାମଚନ୍ଦ୍ର ପଣ୍ଡା, ପ୍ରାଧ୍ୟାପକ ଶିବଚରଣ ଖାମୁରାଇ, ସମାଜସେବୀ କିଶୋର ମହାପାତ୍ର, ସମାଜସେବୀ ଏସ୍. ଏମ୍. ଫାରୁକ, ୧୧ ନଂ ୱାଡ଼ର୍ କାଉନ୍ସିଲରଙ୍କ ପ୍ରତିନିଧି ସୂର୍ଯ୍ୟ କୁମାର ଦାସ, ପୂର୍ବତନ କାଉନ୍ସିଲର ଗଜେନ୍ଦ୍ର ପଣ୍ଡା, ବରିଷ୍ଠ ସାମ୍ବାଦିକ ଜ୍ଞାନ ପ୍ରକାଶ ପାଣି, ଓକିଲ ଅତିଶ ବେହେରା, ସମାଜସେବୀ ବଦ୍ରୀନାରାୟଣ ଧଳ, ଅକ୍ଷୟ ସାହୁ, ବସନ୍ତ ରାଉତ, ଶିକ୍ଷାବିତ୍ ରବିନ୍ଦ୍ର ଦାଶ, କାର୍ତିକ ଚନ୍ଦ୍ର ସ୍ୱାଇଁ, ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅଧକ୍ଷ ଡ. ଦୁର୍ଗାଚରଣ ଦାସ, ପ୍ରଧାପକ ପଦ୍ମନାଭ ପତ୍ରୀ, ଓକିଲ ଅତିଶ ବେହେରା, ଜିଲ୍ଲା ବରିଷ୍ଠ ନାଗରିକ ସଂଘ ସଭାପତି ଲଲାଟେନ୍ଦୁ ମହାନ୍ତି, ସମ୍ପାଦକ କୈଳାଶ ଚନ୍ଦ୍ର ମହାପାତ୍ର ଯୋଗଦେଇ ସ୍ୱର୍ଗତ କାଳିଆଙ୍କ ସମାଜସେବା ତଥା ଭଗବତ ପ୍ରେମ ଉପରେ ସ୍ମୃତି ଚାରଣ ଓ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଶେଷରେ କାଳିଆଙ୍କ ଏକମାତ୍ର କନ୍ୟା ମୋନାଲିସା ନାୟକ ଓ ପୁତ୍ର ଜ୍ୟୋତି ରଞ୍ଜନ ନାୟକ କୃତଜ୍ଞତା ଜ୍ଞାପନ କରିଥିଲେ।

# ସରିବ ଶିକ୍ଷାବର୍ଷ; ଛାତ୍ରଛାତ୍ରୀଙ୍କୁ ମିଳୁନି ପୋଷାକ

ବାରିକପୁର, ୨୦।୧୧(ସମିସ): ଶିକ୍ଷା ବର୍ଷ ଶେଷ ହେବାକୁ ଆଉ ମାସ କେତଟା ବାକି ଥିବାବେଳେ ଏଯାଏ ସମସ୍ତ ଛାତ୍ରଛାତ୍ରୀଙ୍କୁ ପୋଷାକ ମିଳିନାହିଁ। ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି ଭଣ୍ଡାରିପୋଖରୀ ଶିକ୍ଷା ବିଭାଗରେ। ଚଳିତବର୍ଷ ପ୍ରାୟ ୫୦ରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀକୁ ପୋଷାକ ଯୋଗାଇ ଦେବାକୁ ଚୟନ କରାଯାଇଥିଲା। ବିଦାୟୀ ବିଇଓ ଓ ଅବସରପ୍ରାପ୍ତ ବିଆରସି ପ୍ରାଥମିକ ପର୍ଯ୍ୟାୟରେ ଉକ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକୁ ଚୟନ କରିଥିଲେ। ଇତିମଧ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ ଥିବା ୧୩୧ ଗୋଟି ବିଦ୍ୟାଳୟ ଗୁଡିକ ମଧ୍ୟରୁ ପାଖାପାଖି ୭୦ ଭାଗ ବିଦ୍ୟାର୍ଥୀଙ୍କୁ ଡ୍ରେସ ଦିଆଯାଇଛି। ଆହୁରି ୩୦ ଭାଗ ଛାତ୍ରଛାତ୍ରୀ ପୋଷାକ ପାଇ ନାହାଁନ୍ତି। ଏହାଛଡା ୩୪ ଗୋଟି ଉଚ୍ଚ ବିଦ୍ୟାଳୟକୁ ଆଦୌ ପୋଷାକ ଦିଆଯାଇନାହିଁ। ଏହା ଉପରେ ବିଭାଗୀୟ ଅଧିକାରୀ ଓ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଜିଲ୍ଲା ମହତାବ ଜୟନ୍ତୀ ମହୋତ୍ସବ ଉଦ୍‌ଘାଟିତ




ବନ୍ତ/ଆଗରପଡ଼ା,୨୦।୧୧(ସମିସ): ଭଦ୍ରକ ଜିଲ୍ଲାସ୍ତରୀୟ ଡ. ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ମହୋତ୍ସବ ଆଜି ଉଦ୍‌ଘାଟିତ ହୋଇଯାଇଛି। ଆଗରପଡ଼ା ସ୍ଥିତ ହେମପଦ୍ମ ଗାଲ୍ଲାକ୍ସି ମହତାବ ମଂଚରେ ଆୟୋଜିତ ଏହି ଉତ୍ସବରେ ପୂର୍ବତନ ବିଧାୟକ ପଂଚାନନ ମଣ୍ଡଳ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଜୟନ୍ତୀ କମିଟିର ଉପସଭାପତି ତଥା ରାଜ୍ୟ ମାନବାଧିକାର କମିଶନ ସଂପାଦକ ନିରୋଜ ଆଇଚଙ୍କ ସଭାପତିତ୍ୱ ଓ ସଂପାଦକ ସାମ୍ବାଦିକ ପ୍ରଦ୍ୟୁମ୍ନ ପୁହାଣଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ମୁଖ୍ୟବକ୍ତା ଭାବେ ଅବସର ପ୍ରାପ୍ତ ଅଧକ୍ଷ ଚିନ୍ତାମଣି ପାଣିଗ୍ରାହୀ, ସମ୍ମାନୀତ ଅତିଥି ଭାବେ ପୁରୁଷଣ୍ଡ ସରପଞ୍ଚ ପ୍ରକାଶ ବିଶ୍ୱାଳ, ସରକାରୀ ବାଳିକା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଚିତରଞ୍ଜନ ମହାନ୍ତି, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ହରମୋହନ ପଣ୍ଡା, ସମାଜସେବୀକା କମଳା ମିଶ୍ର, ଆଗରପଡ଼ା ବରିଷ୍ଠ ନାଗରୀକ ସୁରକ୍ଷା ମଂଚ ସଭାପତି କୈଳାସ ଚନ୍ଦ୍ର ଧଳ ପ୍ରମୁଖ ମଞ୍ଚାସୀନ ହୋଇ ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଡ. ମହତାବଙ୍କ ଫଟୋ ଚିତ୍ରରେ ଅତିଥିମାନେ ପୁଷ୍ପମାଲ୍ୟ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। କମିଟିର ଉପସଭାପତି ଶିକ୍ଷାବିତ ପ୍ରଫୁଲ୍ଲ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ ଓ କୋଷାଧକ୍ଷ ତପନ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୃତ୍ୟ, ସଂଗୀତ, ପ୍ରବନ୍ଧ, ସମ୍ଭାଷଣ, ଏକକ ଅଭିନୟ ଓ ସମବେତ ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବରେ ଶିକ୍ଷକ ଗୌରାଙ୍ଗ ବିଶ୍ୱାଳ, କବି ଅକ୍ଷୟ ରାଉତ ସାହିତ୍ୟିକ ଜୈନୁଲ ଆବେଦିନ, ଅଧ୍ୟାପକ ଡ. ହରିହର ଦାସ, ଶିକ୍ଷକ ଅମରେନ୍ଦ୍ର ଦାଶ ପ୍ରମୁଖ କାର୍ଯ୍ୟ ସଂପାଦନ କରିଥିଲେ। ୨୧ ତାରିଖ ଉଦ୍‌ଯାପନ ଦିବସରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲୀପ ରାଉତରାଏ, ଏସ୍‌ପି ମନୋଜ ରାଉତ, ନାଟ୍ୟକାର ଡ. ସୁଧାଂଶୁ ଶେଖର ନାୟକ, ଡା ଦାମୋଦର ପଣ୍ଡା, ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡ଼ା ପୃଥିରାଜ ପଣ୍ଡା, ସମାଜସେବୀ ରବିନାରାୟଣ ପଣ୍ଡା, ଅଭିନେତା ତଥା ପୂର୍ବତନ ସାଂସଦ ଅନୁଭବ ମହାନ୍ତି।

# ବ୍ୟବସାୟୀ ସାଇବର ଠକେଇର ଶିକାର

ସୁକିନ୍ଦା,୨୦।୧୧(ସମିସ): ସାଇବର ଠକେଇର ଶିକାର ହୋଇ ୩୪ ହଜାର ଟଙ୍କା ହରାଛନ୍ତି ସୁକିନ୍ଦା ଅଞ୍ଚଳର ଯୁବ ବ୍ୟବସାୟୀ। ସୁକିନ୍ଦା ଥାନା ଅନ୍ତର୍ଗତ ଆମ୍ବଲବା ପଞ୍ଚାୟତ ଅଧୀନସ୍ଥ ସାନ୍ତରାପୁର ଗ୍ରାମର ଜ୍ୟୋତିର୍ମୟ ରଣା ଓରଫ ଜିତୁ ଏଭଳି ଠକାମୀର ଶିକାର ହୋଇ ଘଟଣା ସମ୍ପର୍କରେ ସୁକିନ୍ଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବୁଧବାର ଦିନ ମଧ୍ୟାହ୍ନରେ ଜିତୁଙ୍କ ନିକଟକୁ ଏକ ଫୋନ କଲ୍ ଆସିଥିଲା। ସେ ଠକ ନିଜକୁ ସୁକିନ୍ଦା ବଜାରର ଜଣେ ମୋବାଇଲ ବ୍ୟବସାୟୀଙ୍କ ପରିଚୟ ଦେଇ କଥା ହୋଇଥିଲା। ସାମସଙ୍ଗ ମୋବାଇଲ ବିକ୍ରି କରି ତାଙ୍କୁ ୩ଟି ଏସି ମିଳିଛି, ସେମଧ୍ୟରୁ ଦୁଇଟି ଦେବାକୁ କହି ଜିତୁଠାରୁ ୩୪ହଜାର ଟଙ୍କା ଏକ ଫୋନପେ ମାଧ୍ୟମରେ ନେଇଥିଲେ। କିଛି ସମୟ ପରେ ଜିତୁ ସେହି ନମ୍ବରକୁ କଲ୍ କରିବା ପରେ ସ୍ୱିଚ ଅଫ କହିବାରୁ ସେ ଠକାମୀର ଶିକାର ହୋଇଥିବା ଜାଣି ସୁକିନ୍ଦା ପୁଲିସ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଆଜି ସେହି ନମ୍ବରରୁ ସୁକିନ୍ଦାଗଡର କିଛି ଲୋକଙ୍କ ନିକଟକୁ କଲ ଆସିଛି। ସଂପୃକ୍ତ ଠକ ସମସ୍ତଙ୍କୁ ୧୭ ହଜାର ଟଙ୍କାରେ ଏସି ଦେବାକୁ କହି ଟଙ୍କା ମାଗୁଛି। ଏହି ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

# ଅବ୍ୟବସ୍ଥାରେ କୋଠାର ସରକାରୀ ଉଚ୍ଚବିଦ୍ୟାଳୟ

ଅସୁରାଳି,୨୦।୧୧(ସମିସ)



୧୯୪୭ ମସିହାରେ ସ୍ଥାପିତ ଧାମନଗର ବ୍ଲକ୍ ଅଧିନ କୋଠାର ସରକାରୀ ଉଚ୍ଚବିଦ୍ୟାଳୟ ବର୍ତ୍ତମାନ ଅବହେଳା ଲାଗି ରହିଥିବାରୁ ଅଭିଭାବକ ଓ ସ୍ଥାନୀୟ ଅଂଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

## ଅଭିଭାବକ ମହଲରେ ଅସନ୍ତୋଷ

ଶ୍ରେଣୀଗୃହର ଦୂରବସ୍ଥା କହିଲେ ନସରେ। ବର୍ଷା ହେଲେ ଭଙ୍ଗାଦଦରା ଓ ଟିଣ ଛାତରୁ ପାଣି ଝରି ପାଠପଢ଼ାରେ ବାଧା ସୃଷ୍ଟି କରୁଛି। ରୋଷେଇ ଘର ଭିଜିଯାଉଥିବାରୁ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତିରେ ବି ଅସୁବିଧା ହେଉଛି। କେବଳ ଏତିକି ନୁହେଁ ଶିକ୍ଷକ ଅଭାବ ମଧ୍ୟ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି କରୁଛି। ଷଷ୍ଠରୁ ୧୦ମ ପର୍ଯ୍ୟନ୍ତ ୨୫୦ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ୧୪ ଜଣ ଶିକ୍ଷକ ଆବଶ୍ୟକ ରହିଛି। ମାତ୍ର ୯ଜଣ ଶିକ୍ଷକଙ୍କ ଦ୍ୱାରା ଶିକ୍ଷାଦାନ ଚାଲିଛି। ପୁଣି ସ୍ଥାୟୀ ପ୍ରଧାନଶିକ୍ଷକ ମଧ୍ୟ ନାହାନ୍ତି। ୨୦୧୭ରୁ ପ୍ରଧାନଶିକ୍ଷକ ନିଯୁକ୍ତି ହୋଇ ନଥିବାରୁ ବର୍ତ୍ତମାନ ଶିକ୍ଷୟିତ୍ରୀ ସାରଳାବାଳା ପାଢ଼ୀ ଭାରପ୍ରାପ୍ତ ଭାବେ ଦାୟିତ୍ୱ ତୁଲାଉଛନ୍ତି। ଏତିକିରେ ସରିନାହିଁ ଅବ୍ୟବସ୍ଥାର ଚିଠା। ୩ ଜଣ ପିଅନ ଆବଶ୍ୟକ ଥିବା ବେଳେ ମାତ୍ର ଜଣେ ଥିବାବେଳେ ରାତି ଜଗୁଆଳି ବି ନାହାନ୍ତି। ଏହି ପରିପ୍ରେକ୍ଷୀରେ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସାରଳାବାଳା ପାଢ଼ୀ କହିଛନ୍ତି, 'ସ୍କୁଲର ଅବ୍ୟବସ୍ଥା ବାବଦରେ ଉପରିସ୍ଥ ଅଧିକାରୀଙ୍କୁ ବାରମ୍ବାର ଅବଗତ କରାଯାଇଛି, କିନ୍ତୁ କୌଣସି ପଦକ୍ଷେପ ନେଉ ନଥିବାରୁ ଶିକ୍ଷାଦାନରେ ଆମେ କଲବଲ ହେଉଛୁ।'

ସର୍ବ ପୁରାତନ ଏହି ବିଦ୍ୟାଳୟ ପ୍ରତି ସରକାରୀ ଉଦାସୀନତାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ତେଜୁଥିବାବେଳେ ସ୍ଥାନୀୟ ଜନନେତା ଓ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ ତୁରନ୍ତ ବିଦ୍ୟାଳୟର ସମସ୍ୟା ସମାଧାନ କରିବାକୁ ଦାବି ହେଉଛି।

# ଏକତା ପଦଯାତ୍ରା ଓ 'ଏକ ଭାରତ ଆତ୍ମ ନିର୍ଭର ଭାରତ' କାର୍ଯ୍ୟକ୍ରମ



ଭଦ୍ରକ,୨୦।୧୧(ସମିସ): ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଏକତା ପଦଯାତ୍ରା ଏବଂ 'ଏକ ଭାରତ ଆତ୍ମନିର୍ଭର ଭାରତ' କାର୍ଯ୍ୟକ୍ରମ ଭଦ୍ରକ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ସଭାରେ ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ଜିଲ୍ଲାପାଳ ଦିଲୀପ ରାଉତରାଏ, ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ସରୋଜ ଦତ୍ତ, ଡେପୁଟୀ କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଜିଲ୍ଲା ବିଜେପି ସଭାପତି ଭଗବାନ ପଣ୍ଡା ପ୍ରମୁଖ ଯୋଗ ଦେଇ ସର୍ଦ୍ଦାର ପଟେଲଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ସମସ୍ତ ଅତିଥି ପତାକା ଦେଖାଇ ଶୁଭାରମ୍ଭ କରିବା ପରେ ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବ ଛକରୁ ଏକତା ପଦଯାତ୍ରା ବାହାରି ନଗର ପରିକ୍ରମା କରି ପୁରୁଣା ବଜାର ସ୍ଥିତ ମଲିକ ମଇଦାନ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଭଦ୍ରକ ମୁସଲିମ ଜମାତ୍ ତରଫରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଦ୍ରୌପଦୀ ସିନେମା ଛକ, ଗୋଶାଳା ଛକ ଓ ହରିହାଟ ଛକରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଟ୍ରକ୍ ଛିଡ଼ା କରି ଦେଖୁଥିଲେ; ଦୁର୍ଘଟଣାରେ ଚାଳକ ମୃତ

କେନ୍ଦୁଝର,୨୦।୧୧(ସମିସ): କେନ୍ଦୁଝର ସଦର ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥ ଟାଙ୍ଗରାଣୀ ଛକ ନିକଟରେ ଦୁର୍ଘଟଣାରେ ଜଣେ ଟ୍ରକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଚାଳକ ହେଲେ ଯାଜପୁର ଜିଲ୍ଲା ମଙ୍ଗଳପୁର ଅଞ୍ଚଳର ରବୀନ୍ଦ୍ର କୁମାର ସାହୁ (୩୫)। ଗୁରୁବାର ସକାଳ ୭ଟା ବେଳେ ୧୨ ଚକିଆ ଟ୍ରକ ଧରି ଯୋଡା ପଟୁ ରବୀନ୍ଦ୍ର କେନ୍ଦୁଝର ଅଭିମୁଖେ ଯାଉଥିଲେ। ଟାଙ୍ଗରାଣୀ ନିକଟରେ ଗାଡ଼ିଟି ଯାନ୍ତ୍ରିକ ତ୍ରୁଟି ହେବା ଯୋଗୁଁ ଗାଡିକୁ ରାସ୍ତା କଡ଼ରେ ଛିଡା କରି ସେ ତଳ ଭାଗକୁ ଚେକ୍ କରୁଥିବା ବେଳେ ସମାନ ଦିଗରୁ ଆଉ ଏକ ବାର ଚକିଆ ଗାଡି ପଛରୁ ଧକ୍କା ଦେଇଥିଲା। ଫଳରେ ତାଙ୍କ ଉପରେ ନିଜ ଗାଡି ମାଡ଼ିଯିବାରୁ ଘଟଣାସ୍ଥଳରେ ରବୀନ୍ଦ୍ରଙ୍କ ମୃତ୍ୟୁ ଘଟିଛି। ପଳାଶପଙ୍ଗା ଫାଣ୍ଡି ଅଧିକାରୀ ମାନସ ରଞ୍ଜନ ପଣ୍ଡା ଦୁର୍ଘଟଣାଗ୍ରସ୍ତ ଗାଡିଦ୍ୱୟ କୁ ଜବତ କରିଛନ୍ତି। ଶବ ବ୍ୟବଛେଦ ପରେ ମୃତଦେହ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

## ୧୮ ଦଫା ଦାବି: ଡାକ୍ତର ଆନ୍ଦୋଳନ ଆଜିଠୁ

ଆନନ୍ଦପୁର, ୨୦।୧୧ (ସମିସ): ସରକାରୀ ଡାକ୍ତରଖାନାରେ କାର୍ଯ୍ୟରତ ଡାକ୍ତରଙ୍କ ୧୮ ଦଫା ଦାବି ପୂରଣ ହେଉ ନଥିବା ପ୍ରତିବାଦରେ ଶୁକ୍ରବାରଠାରୁ ଡାକ୍ତରମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଆଜି ଓମସା ଆନନ୍ଦପୁର ଶାଖା ପକ୍ଷରୁ ସୂଚନା ମିଳିଛି। ଓମସା ରାଜ୍ୟ ମହାସଂଘ ଆହ୍ୱାନକ୍ରମେ ସମସ୍ତ ଡାକ୍ତର କଳାବ୍ୟାଜ ପରିଧାନ କରି ସରକାରଙ୍କ ଖାମଖିଆଲି ନୀତିର ପ୍ରତିବାଦ ଜଣାଇବେ। ଏନେଇ ଆଜି ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନା ପରିସରରେ ଅଧୀକ୍ଷକ ଡାକ୍ତର କୃଷ୍ଣଚନ୍ଦ୍ର ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ସମସ୍ତ ଡାକ୍ତର ପୂର୍ବପରି ନିଜ ଡିଉଟି କରିବେ ହେଲେ କଳାବ୍ୟାଜ ପରିଧାନ କରି କାର୍ଯ୍ୟ କରିବେ ବୋଲି ନିଷ୍ପତ୍ତି ହୋଇଛି। ଏଣୁ ରାଜ୍ୟ ସରକାର ଯଥାଶୀଘ୍ର ଡାକ୍ତରଙ୍କ ୧୮ ଦଫା ଦାବି ଉପରେ ବିଚାର ବିମର୍ଶ କରି ସମାଧାନ ନକଲେ କାର୍ଯ୍ୟ ବନ୍ଦ ଆନ୍ଦୋଳନ ହେବାର ଆଶଙ୍କାକୁ ଏଡ଼ାଯାଇ ନପାରେ।

## ହୋମଗାର୍ଡଙ୍କ ମୃତ୍ୟୁରେ ଥାନାରେ ଶୋକ

ଆନନ୍ଦପୁର,୨୦।୧୧ (ସମିସ): ଆନନ୍ଦପୁର ବ୍ଲକ ଅନ୍ତର୍ଗତ କଣ୍ଟିପାଳ ପଞ୍ଚାୟତ ବିରିଡ଼ାହା ଗ୍ରାମର ଭାଗିରଥ ଜେନା (୫୪)ଙ୍କ ମୃତ୍ୟୁ ଘଟିଛି। ସେ ହୋମଗାର୍ଡ ଭାବେ କାର୍ଯ୍ୟରତ ଥିବା ବେଳେ ଚାନ୍ଦିପୁରସ୍ଥିତ କ୍ଷେପଣାସ୍ତ୍ର ଘାଟିରେ ନିୟୋଜିତ ଥିଲେ। ନିମୋନିଆରେ ଆକ୍ରାନ୍ତ ହୋଇ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିବା ବେଳେ ଆଇସିୟୁ ନ ମିଳିବାରୁ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥଲେ। ତାଙ୍କ ମରଶରୀରକୁ ଆନନ୍ଦପୁର ଥାନାକୁ ଅଣାଯାଇଥିଲା। ଥାନାଧିକାରୀ ଫନୀନ୍ଦ୍ର ଭୂଷଣ ନାୟକ, ଏସଆଇ ଯଶୋଦା ବେହେରାଙ୍କ ସମେତ ଗୃହରକ୍ଷୀ ସୁରେଶ ନାୟକ, ଦୀପକ ଧଡ଼ା, ବିନୋଦ ବିହାରୀ ସେଠୀ, ଅକ୍ଷୟ ପଲେଇ, ଅଜିତ ସାହୁ, ଚିତ୍ତରଂଜନ ପାତ୍ର, ପ୍ରସନ୍ନ ପଟ୍ଟନାୟକ, ଚିନ୍ମୟ ସାହୁ, ପ୍ରଶାନ୍ତ ଜେନା, ରଘୁନାଥ କବି ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ତାଙ୍କର ପୁତ୍ର ଜଣେ ହୃଦରୋଗୀ। ପରିବାରରେ ପତ୍ନୀ, ବୃଦ୍ଧ ବାପା ଥିବାବେଳେ ସେ ଅତ୍ୟନ୍ତ ଗରିବ ଶ୍ରେଣୀର ଲୋକ ହୋଇଥିବାରୁ କେନ୍ଦୁଝର ଏସପି ଏଥିପ୍ରତି ଦୃଷ୍ଟି ଦେଇ ପରିବାରର ଜଣକୁ ଚାକିରି କରାଇଦେବାକୁ ନିବେଦନ କରାଯାଇଛି।

## ସାରିଆ ଓ ଡୁମାପଦାରେ ଅବକାରୀ ବିଭାଗର ଚଢଉ

ବେତନଟୀ,୨୦।୧୧(ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଅବକାରୀ ବିଭାଗ ପକ୍ଷରୁ ବେତନଟୀ ଥାନା ଅଧୀନ ସାରିଆ ଓ ଡୁମାପଦା ଠାରେ ଚଢ଼ଉ କରାଯାଇ ଦେଶୀ ମଦ ଓ ମହୁଲ ପୋଚ, ମଦ ତିଆରି ସାମଗ୍ରୀ ଜବତ କରାଯାଇ ନଷ୍ଟ କରାଯାଇଛି। ବେତନଟୀ ଅବକାରୀ ଇନ୍ସପେକ୍ଟର ପ୍ରଦୀପ କୁମାର ବେହେରା ଓ ଉଦଳା ଅବକାରୀ ଇନ୍ସପେକ୍ଟର ସୂର୍ଯ୍ୟକାନ୍ତ ମଲ୍ଲିକ, ଖୁଣ୍ଟା ଅବକାରୀ ଇନ୍ସପେକ୍ଟର କୃଷ୍ଣଚନ୍ଦ୍ର ସେଠୀ ମିଳିତ ଭାବେ ନିଜ ଟିମ ସହ ଦୁଇଟି ପୃଥକ ପୃଥକ ସ୍ଥାନ ସାରିଆ ଓ ଡୁମାପଦା ଜଙ୍ଗଲରେ ଚଢ଼ଉ କରିଛି। ଘଟଣା ସ୍ଥଳରୁ ୩୮୦୦ କେଜି ମହୁଲ ପୋଚ ଓ ୩୮୫ ଲିଟର ଦେଶୀ ମଦ ଜବତ କରିବା ସହ ସେଠାରୁ ବାହାରିଥିବା ବିଭିନ୍ନ ପ୍ରକାର ମଦ ତିଆରି ସାମଗ୍ରୀକୁ ନଷ୍ଟ କରାଯାଇଛି। ଜବତ ସମୟରେ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି।

## ବାଲି ବୋଝେଇ ଟ୍ରାକ୍ଟର ଜବତ

ରାଇରଙ୍ଗପୁର,୨୦।୧୧(ସମିସ): ବେଆଇନ ଭାବେ ବାଲି ଚୋରା ଚାଲାଣ ବେଳେ ରରୁଆଁ ପୁଲିସ ଏକ ଟ୍ରାକ୍ଟର ଜବତ ସହ ଚାଳକଙ୍କୁ ଗିରଫ କରିଛି। ଚାଳକ ଜଣକ ହେଲେ ରରୁଆଁ ଅଞ୍ଚଳର ଗୁରା ହେମ୍ବ୍ରମ (୨୦)। ଖଇରି ଭଣ୍ଡନ ନଦୀରୁ ବେଆଇନ ଭାବେ ବାଲି ଉତ୍ତୋଳନ ହେଉଥିବା ନେଇ ପୁଲିସ ଖବର ପାଇ ଏହି ଚଢଉ କରିଥିଲା। ପରେ ଦ୍ରୁତଗତିରେ ଆସୁଥିବା ଏକ ବାଲି ବୋଝେଇ ଟ୍ରାକ୍ଟରକୁ ଅଟକାଇ ପଚରାଉଚରା କରିଥିଲା। ମାଲିକ ଯୁଧିଷ୍ଠିର ମହାନ୍ତଙ୍କ ନିର୍ଦ୍ଦେଶକ୍ରମେ ବେଆଇନ ଭାବେ ବାଲି ଚୋରା ଚାଲାଣ କରୁଥିବା ଜଣାପଡିବା ପରେ ଗାଡିକୁ ଜବତ କରାଯାଇଛି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଦେଶୀ ମଦ ଓ ମହୁଲ ପୋଚ ଜବତ; ଜଣେ ଗିରଫ

ବାରିପଦା, ୨୦।୧୧(ସମିସ): ଅବକାରୀ ବିଭାଗ ପକ୍ଷରୁ ବିପୁଳ ପରିମାଣର ମଦ ଓ ପୋଚ ଜବତ କରାଯାଇଛି। ବାରିପଦା ସଦର ଅବକାରୀ ଥାନା ଟିମ ବାରିପଦା ସଦର ଥାନା ଅନ୍ତର୍ଗତ ଗୋବର୍ଦ୍ଧନଷୋଳ ଅଞ୍ଚଳରେ ଚଢ଼ଉ କରିଥିଲେ। ଘଟଣାସ୍ଥଳରୁ ୬୦ ଲିଟର ଦେଶୀ ରନ୍ଧା ମଦ ଓ ୧୦୫୦ ଲିଟର ମହୁଲ ପୋଚ ଜବତ କରାଯାଇଛି। ଗୋବର୍ଦ୍ଧନଷୋଳ ଗ୍ରାମର ବାସନ୍ତି ଦେହୁରୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଉକ୍ତ ଚଢ଼ଉରେ ଦେଉଳି ଅବକାରୀ ଥାନା ଅଧିକାରୀ ପ୍ରକାଶ ଚନ୍ଦ୍ର ସାହୁ, ବାରିପଦା ସଦର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହଲ୍ଲାଦ ବିଶ୍ୱାଳ, ଦେବରାଜ ସାହୁ, ସବିତା ମହାନ୍ତ, ହେମନ୍ତ କୁମାର ପାତ୍ର, ସଞ୍ଜୀବ କୁମାର ମହାପାତ୍ର ସାମିଲ ଥିଲେ।

### ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ଦେବ ଦୀପାବଳି

# ପିତୃପୁରୁଷଙ୍କୁ ଦୀପଦାନ କଲେ ମହାପ୍ରଭୁ







ବାରିପଦା, ୨୦।୧୧(ସମିସ)

ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଶ୍ରୀ ଶ୍ରୀ ହରିବଳ ଦେବ ଜୀଉଙ୍କ ମନ୍ଦିରରେ ଦେବ ଦୀପାବଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗୁରୁବାର ସନ୍ଧ୍ୟାରେ ସେବାୟତଙ୍କ ଦ୍ୱାରା ଉକ୍ତ ନୀତିକ୍ରାନ୍ତି ଅନୁଷ୍ଠିତ ହୋଇଛି। ୩ଦିନ ଧରି ଏହା ଆୟୋଜନ ହେଉଥିବା ବେଳେ ଗୁରୁବାର ଦ୍ୱିତୀୟ ଦିନରେ ନୀତିକ୍ରାନ୍ତି ଅନୁଷ୍ଠିତ ହୋଇଛି। ମହାପ୍ରଭୁ ତାଙ୍କ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ୩ଦିନ ଧରି ଶ୍ରାଦ୍ଧ କାର୍ଯ୍ୟ କରି ଦୀପଦାନ କରିଥାନ୍ତି। ଏହି ଅବସରରେ ମନ୍ଦିର ପରିସରରେ ଶ୍ରାଦ୍ଧ ନୀତି ମଧ୍ୟ ଅନୁଷ୍ଠିତ ହୋଇଛି। ଚତୁର୍ଦ୍ଦଶୀ, ଅମାବାସ୍ୟା ଓ ପ୍ରତିପଦା ତିନିଦିନ ଧରି ଏହି ନୀତି ବିଧି ଅନୁସାରେ ପାଳନ ହୋଇଥାଏ। ସନ୍ଧ୍ୟାଧୂପ ନୀତି ସରିବା ପରେ ଗମ୍ଭୀରା ପରିସରରେ ରତ୍ନସିଂହାସନ ଆଗରେ ଅରୁଆ ଚାଉଳ ଚୁନାରେ ଗଛ ଚିତ୍ର ଅଙ୍କାଯାଇ ଦୀପ ପ୍ରଜ୍ୱଳନ କରାଯାଇଛି। ଦୀପଦାନ କରିବା ସହ ଶ୍ରାଦ୍ଧବେଶରେ ବିଭୂଷିତ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି ମହାପ୍ରଭୁ। ମାର୍ଗଶୀର କୃଷ୍ଣ ଚତୁର୍ଦ୍ଦଶୀ ତିଥିରେ ମହାପ୍ରଭୁ ଅଦିତି-କଶ୍ୟପଙ୍କ ଉଦ୍ଦେଶ୍ୟରେ, ଅମାବାସ୍ୟା ଦିନ ଦଶରଥ-କୌଶଲ୍ୟାଙ୍କ ଉଦ୍ଦେଶ୍ୟରେ ଓ ପ୍ରତିପଦା ଦିନ ବାସୁଦେବ-ଦେବକୀ, ନନ୍ଦ-ଯଶୋଦା, ରାଜା ଇନ୍ଦ୍ରଦ୍ୟୁମ୍ନ ଓ ରାଣୀ ଗୁଣ୍ଡିଚା ଦେବୀଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଓ ଦୀପଦାନ କରିବେ। ମହାପ୍ରଭୁ ଶ୍ରାଦ୍ଧ ବେଶରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ତର୍ପଣ କରିଛନ୍ତି। ଏହା ସହିତ ମହାଦୀପ ମଧ୍ୟ ପ୍ରଜ୍ୱଳିତ ହୋଇଥାଏ। ତେଣୁ ଏହାକୁ ଦେବ ଦୀପାବଳି କୁହାଯାଇଥାଏ। ଏହି ଅବସରରେ ସେବାୟତ ଓ ଭକ୍ତମାନେ ଦିଅଁ ଦର୍ଶନ କରି ଦୀପଦାନ କରିଛନ୍ତି।

### ଖବର ପ୍ରକାଶ ପରେ ତେଣ୍ଡାରେ ପହଞ୍ଚିଲା ପ୍ରଶାସନ

## ବିଦ୍ୟୁତ, ରାସ୍ତା ନିର୍ମାଣ ଓ ଜଳ ଯୋଗାଣ ପ୍ରତିଶ୍ରୁତି



ଶରତ,୨୦।୧୧(ସମିସ): ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଅନ୍ତର୍ଗତ ସରଢିହା ଗ୍ରାମ ପଞ୍ଚାୟତ ଅଧୀନ ତେଣ୍ଡା ଗ୍ରାମରେ ୩୩ ଜନଜାତି ପରିବାର ବିଦ୍ୟୁତ ଏବଂ ମୌଳିକ ସେବାରୁ ବଞ୍ଚିତ ହୋଇଥିବା ନେଇ ଗତ ୧୫ ତାରିଖରେ ଦୈନିକ 'ସକାଳ'ରେ ଏକ ଖବର ପ୍ରକାଶ ପାଇଥିଲା। ପରେ ଗ୍ରାମବାସୀ ଗ୍ରାମବାସୀମାନେ ନଭେମ୍ବର ୨୬ ତାରିଖରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହିତ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରିବା ପାଇଁ ଚେତାବନୀ ଦେଇଥିଲେ। ଆଜି ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ କପ୍ତିପଦା ବ୍ଲକର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଣି ବିଦ୍ୟାଭାରତୀ ନାୟକ, କନିଷ୍ଠ ଯନ୍ତ୍ରୀ ବିକାଶ ପରିଡା ଏବଂ ବ୍ଲକର ଅନ୍ୟାନ୍ୟ ଅଧିକାରୀ ତଥା ବିଦ୍ୟୁତ ବିଭାଗର ଅଧିକାରୀ ଗ୍ରାମରେ ପହଞ୍ଚିଥିଲେ। ଅଧିକାରୀମାନେ ଗ୍ରାମବାସୀଙ୍କୁ ଉନ୍ନତିମୂଳକ କାର୍ଯ୍ୟ କରିବା ନିମନ୍ତେ ପ୍ରତିଶ୍ରୁତି ଦେଇ ଫେରିଛନ୍ତି। ତେଣୁ ୨୬ ତାରିଖରେ ହେବାକୁ ଥିବା ଆନ୍ଦୋଳନକୁ ଗ୍ରାମବାସୀ ସ୍ଥଗିତ ରଖିଛନ୍ତି। ଯଦି ପ୍ରତିଶ୍ରୁତି ପାଳନ କରା ନ ଯାଏ ତାହାହେଲେ ଡିସେମ୍ବର ତୃତୀୟ ସପ୍ତାହରେ ଜିଲ୍ଲପାଳଙ୍କ କାର୍ଯ୍ୟାଳୟ ଘେରଉ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ଅବସରପ୍ରାପ୍ତ ବ୍ଲକ୍ ଗ୍ରାଣ୍ଟ ଶିକ୍ଷକ ଓ କର୍ମଚାରୀଙ୍କ ବୈଠକ



ବେତନଟୀ,୨୦।୧୧ (ସମିସ): ଅବସରପ୍ରାପ୍ତ ବ୍ଲକଗ୍ରାଣ୍ଟ ଶିକ୍ଷକ ଓ କର୍ମଚାରୀଙ୍କ ଏକ ବୈଠକ ତାରାକୋଠୀ ଶିବମନ୍ଦିର ପରିସରରେ ଶମ୍ଭୁନାଥ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଅବସରପ୍ରାପ୍ତ ବ୍ଲକଗ୍ରାଣ୍ଟ ଶିକ୍ଷକ ସଂଘ, ସମ୍ପାଦକ ଲକ୍ଷ୍ମୀଧର ମହାନ୍ତ, ଉପସଭାପତି ଦୁଷ୍ମନ୍ତ ମହାନ୍ତଙ୍କ ନେତୃତ୍ୱରେ ପେନସନ ଓ ସରକାରୀ ସୁବିଧାରୁ ବଞ୍ଚିତ ଓ ସରକାରଙ୍କ ଟାଳଟୁଳ ନୀତି ବିଷୟରେ ଆଲୋଚନା ହୋଇଥିଲା। ଏଥିରେ ବେତନଟୀ, ବଡ଼ସାହି, ବାରିପଦା, ମୋରଡା, ଶୁଳିଆପଦା, ରାସଗୋବିନ୍ଦପୁର ବ୍ଲକର ଅତୁଲ ମିଶ୍ର, ଗୋବର୍ଦ୍ଧନ ମହାପାତ୍ର, ରାଜକିଶୋର ଦାସ, ଉପେନ୍ଦ୍ର ମହାନ୍ତ, ସନ୍ତୋଷ କୁମାର ପାତ୍ର, ଭକ୍ତହରି ବେହେରା, ପ୍ରଦୀପ ପାତ୍ର, ରସାନନ୍ଦ ଲେଙ୍କା, ସୃଷ୍ଟିଧର ପରିଡା, ଗାୟତ୍ରୀ ବାରିକ୍, ଦମୟନ୍ତୀ ମହାନ୍ତ ପ୍ରମୁଖ ୫୦ରୁ ଊର୍ଦ୍ଧ୍ୱ ଶିକ୍ଷକ ଯୋଗଦେଇଥିଲେ। ବୈଠକରେ ଆଗାମୀ ବିଧାନସଭା ଅଧିବେଶନରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ସର୍ବସମ୍ମତି କ୍ରମେ ସ୍ଥିର ହୋଇଛି।

## ୨୨ରେ ଏକତା ପଦଯାତ୍ରା

ରାଇରଙ୍ଗପୁର,୨୦।୧୧(ସମିସ): ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମ ବାର୍ଷିକୀ ପାଳନ ଅବସରରେ ଆସନ୍ତା ୨୨ ତାରିଖରେ ରାଇରଙ୍ଗପୁରରେ ଏକତା ପଦଯାତ୍ରା ଆୟୋଜିତ ହେବ। ଏହି ପଦଯାତ୍ରା ସକାଳ ୭ଟାରେ ରାଇରଙ୍ଗପୁର ସ୍ଥିତ ବିର୍ସା ମୁଣ୍ଡା ପାର୍କରୁ ବାହାରି ଦୁର୍ଗା ମଣ୍ଡପ, ଗୋଲେଇ ଛକ, ମହତାବ ଭବନ (ଟାଉନ ହଲ), ଲିଙ୍କ ରୋଡ଼ ଦେଇ ସହର ପରିକ୍ରମା କରି କଚେରୀ ପଡିଆରେ ଶେଷ ହେବ। ଉକ୍ତ ପଦଯାତ୍ରାରେ ସମସ୍ତ ଜନସାଧାରଣ ଅଂଶ ଗ୍ରହଣ କରି ସଫଳ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି।

## ବ୍ଲକ ପିଅନ ସଙ୍ଘର ବୈଠକ

ବାଲିବନ୍ଧ, ୨୦।୧୧ (ସମିସ): ଝୁମ୍ପୁରା ବ୍ଲକ ସଦର ପଞ୍ଚାୟତର ରାଜୀବଗାନ୍ଧୀ ସେବାଗୃହରେ ଓଡ଼ିଶା ଗ୍ରାମପଞ୍ଚାୟତ କର୍ମଚାରୀ ପିଅନ ସଙ୍ଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ରଙ୍ଗାଧର ନାୟକଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ବୈଠକରେ ୨୨ଟି ପଞ୍ଚାୟତର କାର୍ଯ୍ୟରତ ପିଅନ ଉପସ୍ଥିତ ଥିଲେ। ପିଅନମାନେ ଅତି କମ ଦରମାରେ ପୂର୍ବାହ୍ନ ୧୦ରୁ ଅପରାହ୍ନ ୫ ପର୍ଯ୍ୟନ୍ତ କାମ କରୁଛନ୍ତି। ସ୍ୱଳ୍ପ ଦରମାରେ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡୁଛି। ସମାନ କାମକୁ ସମାନ ଦରମା, ନିୟମିତ ଦରମା, ଶ୍ରମ ବିଭାଗ ଦ୍ୱାରା ଧାର୍ଯ୍ୟ ସର୍ବନିମ୍ନ ମଜୁରୀ ଦରମା ହିସାବରେ ଦେବା ଆଦି ପ୍ରସଙ୍ଗଗୁଡିକୁ ସରକାରଙ୍କ ନିକଟରେ ଲିଖିତ ଆକାରରେ ଜଣାଇବା ପାଇଁ ନିଷ୍ପତ୍ତି ହୋଇଛି। ନରସିଂହ ନାଏକ, ନିର୍ମଳ କୁମାର ପ୍ରଧାନ, ଭାଗବତ ମହାନ୍ତ, ଗୋପାଳ ମୁଣ୍ଡା, କଣ୍ଢେଇ କରୁଆ, ମୁକୁନ୍ଦ ମହାକୁଡ଼, ଦୁର୍ଯ୍ୟୋଧନ ନାଏକ ପ୍ରମୁଖ ସହଯୋଗ କରିଥିଲେ।

## ଶ୍ରୀଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ବାର୍ଷିକ ଉତ୍ସବ



ବେତନଟୀ, ୨୦।୧୧(ସମିସ): ବେତନଟୀ ଶ୍ରୀଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ମଣ୍ଡପ ସଂସ୍କାର, ଅଙ୍କୁରାରୋପଣ, ମଣ୍ଡଳି କରଣ ବିଧି ସମ୍ପାଦନ କରାଯାଇଥିବାବେଳେ ବୁଧବାର ସକାଳେ ଜଳଯାତ୍ରା, ସୂର୍ଯ୍ୟପୂଜା, ବ୍ରାହ୍ମଣ ବରଣ ପରେ ଯଜ୍ଞ ମଣ୍ଡପରେ ପୂଜାର୍ଚ୍ଚନା, ଅଗ୍ନି ସଂସ୍କାର, ଆଳତି, ପୁଷ୍ପାଞ୍ଜଳି ଏବଂ ଶାନ୍ତିପାଠ ଆଦି ପୂଜାବିଧି ସମାପିତ ହୋଇଥିଲା। ବୁଧବାର ସକାଳେ ଆୟୋଜିତ ଜଳଯାତ୍ରା ଅର୍ଥାତ କଳସ ଯାତ୍ରାରେ ୧୦୮ ମହିଳାଙ୍କ ସମେତ ଯଜ୍ଞ କର୍ତ୍ତା ଏବଂ ଶ୍ରଦ୍ଧାଳୁଗଣ ସାମିଲ ହୋଇଥିଲେ। ଦ୍ୱିତୀୟ ଦିନରେ ଅନୁରୂପ ଭାବେ ଗୁରୁବାର ସକାଳେ ସୂର୍ଯ୍ୟପୂଜାରୁ ତୃତୀୟ ଦିନର କର୍ମାରମ୍ଭ କରାଯିବା ସହିତ ଗୋ-ପୂଜା, ମଣ୍ଡପରେ ପୂଜାର୍ଚ୍ଚନ,ଚତୁର୍ଦ୍ଧାମୂର୍ତ୍ତିଙ୍କ ଷୋଡଶ ଉପଚାର ପୂଜା, ମହାଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା, ରୁଦ୍ରାଭିଷେକ, ଚଣ୍ଡୀପାଠ, ଜପ, ଯଜ୍ଞ, ଆଳତି, ପୁଷ୍ପାଞ୍ଜଳି ଏବଂ ଶାନ୍ତି ପାଠରେ ପୂଜାବିଧି ସମାପାନ ହେବ। ପଣ୍ଡିତ ପର୍ଶୁରାମ ମିଶ୍ରଙ୍କ ତତ୍ତ୍ୱାବଧାନାରେ ବୈଦିକ ବିଧି ବିଧାନ ଅନୁସାରେ ପୂଜାକାର୍ଯ୍ୟ ହୋଇଥିଲା। ଏଥିରେ ବେତନଟୀ ସମେତ ଆଖପାଖ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଛି।

## ଡକାୟତି ଉଦ୍ୟମ ଫଣ୍ଡ; ଗୃହକର୍ତ୍ତାଙ୍କ ପୁଅ ଆହତ

ବିଶୋଇ,୨୦।୧୧(ସମିସ): ଗୁରୁବାର ମଧ୍ୟାହ୍ନରେ ବିଶୋଇ ଥାନା ଠାରୁ ମାତ୍ର ଅଧକିମି ଦୂରରେ ଥିବା ଶିକ୍ଷକ କାଳୀଚରଣ ଶର୍ମାଙ୍କ ଘରୁ ଡକାୟତି କରିବା ଉଦ୍ୟମ ଫଣ୍ଡ ହୋଇଛି। ଡକାୟତଙ୍କୁ ତାଙ୍କ ପୁତ୍ର ସାମ୍ବାଦିକ ଶାଶ୍ୱତ ଶର୍ମା ପ୍ରତିରୋଧ କରିବାରୁ ୪ଜଣ ଡ଼କାୟତଙ୍କ ଆକ୍ରମଣରେ ସେ ଆହତ ହୋଇଛନ୍ତି। ଘଟଣାରୁ ପ୍ରକାଶ ଯେ, ବିଶୋଇ ବଜାର ନିକଟରେ ଥିବା କାଳୀଚରଣ ଶର୍ମାଙ୍କ ଘରେ କେହି ନଥିବା ଜାଣି ଏକ କାରରେ ୪ଜଣ ମୁଖା ପିନ୍ଧା ଡକାୟତ ଆସି ପ୍ରବେଶ କରିଥିଲେ। ଜଣେ ଡ଼କାୟତ ଡ୍ରାଇଭର ସିଟରେ ବସିଥିବାବେଳେ ଅନ୍ୟ ଦୁଇଜଣ ବିଭିନ୍ନ ଦିଗକୁ ମୁହଁ କରି ଲୋକଙ୍କ ଯିବା ଆସିବାକୁ ଲକ୍ଷ୍ୟ ରଖିଥିଲେ। ଚତୁର୍ଥ ଲୋକଟି ଘରର ମୁଖ୍ୟ ଦ୍ୱାରରେ ତାଲା କାଟିବା ପାଇଁ ଆରମ୍ଭ କରିବା ବେଳେ ହିଁ କାଳୀଚରଣଙ୍କ ସାନପୁଅ ଶାଶ୍ୱତ ସେଠାରେ ବାଇକରେ ଆସି ପହଞ୍ଚିଥିଲେ। ତାଙ୍କ ଗାଡି ଦେଖି ପଇଁତରା ମାରୁଥିବା ମୁଖାପିନ୍ଧା ଡକାୟତ ଭାଗଭାଗ ରହି ଚିତ୍କାର କରିବାରେ ସମସ୍ତେ କାର ଆଡକୁ ଦୌଡିଥିଲେ। ଏହି ସମୟରେ ସେମାନେ କାର ଷ୍ଟାର୍ଟ କରି ପଳାଇ ଯିବାପାଇଁ ଉଦ୍ୟମ କଲାବେଳେ ଶ୍ରୀ ଶର୍ମା ପ୍ରତିରୋଧ କରିଥିଲେ; ହେଲେ ଡକାୟତମାନେ ତାଙ୍କୁ ମାରପିଟ କରିଥିଲେ। ଏଥିରେ ସେ ଆହତ ହୋଇ ତଳେ ପଡିଯିବା ସମୟରେ ଡକାୟତମାନେ ଚମ୍ପଟ କରିଥିଲେ। ଡକାୟତମାନେ ରାଇରଙ୍ଗପୁର ଆଡ଼କୁ ପଳାଇଥିଲେ। ପରେ ଏ ନେଇ ଏସଡିପିଓ ରାଇରଙ୍ଗପୁରକୁ ଟେଲିଫୋନ ଯୋଗେ ଖବର ଦିଆଯାଇଥିଲା। ମାତ୍ର ଅଧକିଲୋମିଟର ଦୂରରେ ଘଟିଥିବା ଘଟଣା ଖବର ଦିଆଯିବା ସତ୍ତ୍ୱେ ୪ଘଣ୍ଟା ବିଳମ୍ବରେ ପୁଲିସ ପହଞ୍ଚି କରିଛି; ହେଲେ କୌଣସି ସୁରାକ ପାଇନାହିଁ ପୁଲିସ।

## ଜିଲ୍ଲାପାଳଙ୍କ ଅଫିସ ଆଗରେ ସୂଚନା କର୍ମୀଙ୍କ ଧାରଣା



ବାରିପଦା, ୨୦।୧୧(ସମିସ): ଗୁରୁବାର ମୟୂରଭଞ୍ଜ ଜିଲ୍ଲାର ସୂଚନା କର୍ମୀମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଛନ୍ତି। ଏ ନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ମୁଖ୍ୟ ସୂଚନା କମିଶନର ମନୋଜ ପରିଡା ସମେତ ଅନ୍ୟାନ୍ୟ ସୂଚନା କମିଶନର ପବିତ୍ର ମଣ୍ଡଳ, ଜଗନ୍ନାଥ ରଥ ଓ କଳ୍ପନା ପଟ୍ଟନାୟକଙ୍କ ଦ୍ୱାରା ସୂଚନା ଅଧିକାର କର୍ମୀଙ୍କ ମାମଲାରେ ସୂଚନା ଅଧିକାର ଆଇନକୁ ଅମାନ୍ୟ କରିବା ଓ ସରକାରୀ କାର୍ଯ୍ୟାଳୟର ଦୁର୍ନୀତିଗ୍ରସ୍ତ ଜନସୂଚନା ଅଧିକାରୀଙ୍କ ସପକ୍ଷରେ ରାୟ ଦେବା ବିରୋଧରେ ସେମାନେ ପ୍ରତିବାଦ କରୁଛନ୍ତି। ସ୍ୱଚ୍ଛତାର ଡିଣ୍ଡିମ ପିଟୁଥିବା ସରକାରୀ ଅଫିସରେ ଦୁର୍ନୀତି ବଢ଼ି ଚାଲିଛି। ତେଣୁ ମୁଖ୍ୟ ସୂଚନା କମିଶନର ସହିତ ଅନ୍ୟ ତିନିଜଣ, ସୂଚନା ଅଧିକାର କର୍ମୀ ମହେଶ୍ୱର ମହାନ୍ତି, ସନ୍ତୋଷ ମହାନ୍ତି, ମଦନ ବିନ୍ଧାଣି ଓ ପ୍ରତାପ ମହାନ୍ତଙ୍କୁ ଦେଇଥିବା ୧୩ଟି ଜନବିରୋଧୀ ରାୟକୁ ପୋଡି କମିଶନରଙ୍କୁ ବିରୋଧ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସନ୍ତୋଷ ମହାନ୍ତି, ମହେଶ୍ୱର ମହାନ୍ତି, ଆଶିଷ ବଶା, ସନ୍ତୋଷ ବେହେରା, ଦୟାନିଧି ମହାନ୍ତ, ଉତ୍ତମପାତ୍ର, ଗୋପାଳ ସାହୁ, ସମୀର ମହାନ୍ତ ପ୍ରମୁଖ ଥିଲେ କ୍ଷ କାର୍ଯ୍ୟକ୍ରମରେ ପ୍ରଦୀପ ଭକ୍ତା, ରବିନ୍ଦ୍ର ଦେହୁରୀ, ଦିଲ୍ଲୀପ ଗିରି, ମଦନ ବିନ୍ଧାଣି, ଶୁକଦେବ ଦେହୁରୀ, ରାଜକୁମାର ଅଗ୍ରୱାଲା, ରାଉଳମାଝି, ଦେବକୁମାର ନାଥ, ପ୍ରତାପ ମହାନ୍ତ, ଚୈତନ୍ୟ ଟୁଡୁ ତୃଣ ମହାନ୍ତି, ରାମକୁଣ୍ଡିଆ ମୁର୍ମୁ ମୁନସୀ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ।

### ଅବ୍ୟବସ୍ଥା ଘେରରେ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# ମିଳୁନି 'ନିରାମୟ' ଔଷଧ, ବନ୍ଦ ପଡ଼ିଛି ଶବ ବ୍ୟବଚ୍ଛେଦ କେନ୍ଦ୍ର

ତେଲକୋଇ, ୨୦।୧୧(ସମିସ)




ସରକାରଙ୍କ କୋଟି କୋଟି ଟଙ୍କାର ମାଳ ମାଳ ଯୋଜନା ଏବଂ ସ୍ୱାସ୍ଥ୍ୟନୀତି ସତ୍ତ୍ୱେ, ତାହା ଗ୍ରାମାଞ୍ଚଳରେ ଏବେ ବି ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ମିଳିବାରେ ସହାୟକ ହୋଇପାରୁନାହିଁ। ଅସଜଡ଼ା ଭିତ୍ତିଭୂମି ସହ ଡାକ୍ତର ଏବଂ କର୍ମଚାରୀଙ୍କ ଅଭାବ ପାଇଁ ରୋଗୀ ଡାକ୍ତରଖାନାକୁ ଆସି ହନ୍ତସନ୍ତ ହେଉଛନ୍ତି। ବର୍ତ୍ତମାନ କେନ୍ଦୁଝର ଜିଲ୍ଲା ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଟି ଏଭଳି ଅବହେଳାର ଶିକାର ହେଉଛି। ସ୍ୱାସ୍ଥ୍ୟକେନ୍ଦ୍ରର ଛାତରୁ ବର୍ଷା ହେଲେ ପାଣି ଗଳୁଥିବା ବେଳେ ପରିମଳ ବ୍ୟବସ୍ଥା ମଧ୍ୟ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଡ଼ାକ୍ତରମାନେ ରହୁଥିବା ଘରଗୁଡ଼ିକରୁ ମଧ୍ୟ ପାଣି ଗଳୁଛି। ଡାକ୍ତର, ନର୍ସ ଏବଂ କର୍ମଚାରୀ ଆବଶ୍ୟକ ସଂଖ୍ୟାରେ ନାହାନ୍ତି। ଫଳରେ ସ୍ୱାସ୍ଥ୍ୟସେବା ଏଠାରେ ବାଟବଣା ହୋଇପଡ଼ିଛି।

ତେଲକୋଇ ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଏଠାରେ ବସବାସ କରୁଥିବା ୧ ଲକ୍ଷ ୨୦ ହଜାରରୁ ଅଧିକ ପରିବାର ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। ଉକ୍ତ ମେଡିକାଲକୁ ଦୈନିକ ୪ଶହରୁ ୫ ଶହ ରୋଗୀ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପାଇଁ ଆସୁଥିବା ବେଳେ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଅଭାବ ଯୋଗୁଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରକ୍ତ, ମଳମୂତ୍ର, ଡାଇବେଟିସ ଆଉ ଅନ୍ୟାନ୍ୟ ପରୀକ୍ଷା ପାଇଁ କର୍ମଚାରୀଙ୍କ ଅଭାବ ରହିଛି। ଘରୋଇ ଲ୍ୟାବ ଉପରେ ନିର୍ଭର କରି ଖର୍ଚ୍ଚାନ୍ତରେ ପଡୁଛନ୍ତି ଗରିବ ଶ୍ରେଣୀର ଆଦିବାସୀ ମୂଳ ବାସିନ୍ଦା। ଅନ୍ୟପକ୍ଷରେ ଡ଼ାକ୍ତର ଅଭାବ ଯୋଗୁଁ ରୋଗୀ ଲମ୍ବା ଲାଇନରେ ରହି ସ୍ୱାସ୍ଥ୍ୟ ପରୀକ୍ଷା କରିବା ସମ୍ଭବ ହେଉ ନଥିବା ଦେଖିବାକୁ ମିଳିଛି। ଫଳରେ ୫୦ କିଲୋମିଟରର ଦୂରରୁ ଆସୁଥିବା ରୋଗୀ ସମୟ ପୂର୍ବରୁ ସ୍ୱାସ୍ଥ୍ୟ ପରୀକ୍ଷା ନକରି ନିରାଶ ହୋଇ ଫେରିଯିବାକୁ ବାଧ ହେଉଛନ୍ତି। ମେଡିକାଲରେ ଆଡମିଶନ ହୋଇ ରହୁଥିବା ରୋଗୀ ମଧ୍ୟ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆମ୍ବୁଲାନ୍ସ ସେବା ମିଳୁନାହିଁ। ଫଳରେ ଗୁରୁତର ରୋଗୀଙ୍କ ଜୀବନ ଚାଲିଯାଉଥିବା ଅଭିଯୋଗ ହୋଇଛି। ତେଲକୋଇ ମେଡ଼ିକାଲ ଅଧୀନରେ ୪ଟି ୧୦୮ ଆମ୍ବୁଲାନ୍ସ ରହିଛି। ହେଲେ ପରିଚାଳନାଗତ ତ୍ରୁଟି ଯୋଗୁଁ ରୋଗୀଙ୍କ ନିକଟରେ ସଠିକ ସମୟରେ ଆମ୍ବୁଲାନ୍ସ ସେବା ପହଞ୍ଚିପାରୁନାହିଁ। ନିକଟ ଅତୀତରେ ସଠିକ ସମୟରେ ଆମ୍ବୁଲାନ୍ସ ସେବା ନପାଇ ତିନି ଜଣଙ୍କ ଜୀବନ ଅକାଳରେ ଚାଲିଯାଇଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

୯୦ ଦଶକରେ ନିଳାଦ୍ରି ନାୟକ ବିଧାୟକଙ୍କ ଥିବା ସମୟରେ ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ କରାଯାଇଥିଲା। ବର୍ତ୍ତମାନ ଶବ ବ୍ୟବଚ୍ଛେଦ ଗୃହଟି ଭଗ୍ନ ଅବସ୍ଥାରେ ଅଛି। ବିଭିନ୍ନ ସମୟରେ ଦୁର୍ଘଟଣା ମୃତ୍ୟୁ, ହାତୀ ଆକ୍ରମଣ ଭଳି ଘଟଣାରେ ମୃତକଙ୍କ ଶବ ବ୍ୟବଚ୍ଛେଦ ଏଠାରେ ହୋଇପାରୁନାହିଁ। କେନ୍ଦୁଝର ମେଡିକାଲ ଉପରେ ନିର୍ଭର କରିବାକୁ ପଡୁଛି। ଯଥାଶୀଘ୍ର ପୁଣି ଥରେ ତେଲକୋଇ ମେଡ଼ିକାଲ ଅଧୀନରେ ଶବ ବ୍ୟବଚ୍ଛେଦ ପାଇଁ ବ୍ୟବସ୍ଥା ସହ ନିରାମୟ ଯୋଜନାରେ ମାଗଣା ଔଷଧ ପ୍ରଦାନ ପାଇଁ ଦାବି ହେଉଛି।

### ସେମାନଙ୍କ ମତ...



୨୦୨୪ ପର୍ଯ୍ୟନ୍ତ ତେଲକୋଇ ମେଡିକାଲ ଅଧୀନରେ ଶବ ବ୍ୟବଚ୍ଛେଦ କାର୍ଯ୍ୟ ସଠିକ ଢଙ୍ଗରେ ଚାଲୁଥିଲା। ମାଗଣା ଔଷଧ ମଧ୍ୟ ପର୍ଯ୍ୟାପ୍ତ ପରିମାଣର ଲୋକେ ପାଉଥିଲେ। ଲୋକଙ୍କୁ ବାହାରୁ ମେଡିସିନ କିଣୁ ନଥିଲେ। ଏବେ ମୁଁ ଜଣେ ଆଶ୍ରମ ସ୍କୁଲ୍ ଛାତ୍ରୀଙ୍କ ମୃତ୍ୟୁ ଘଟଣାରେ ତେଲକୋଇ ମେଡ଼ିକାଲ ଯାଇଥିଲି। ସେଠି ପଚାରି ବୁଝିଲି ମେଡିକାଲରେ ଶବ ବ୍ୟବଚ୍ଛେଦ ହେଉନାହିଁ। କେନ୍ଦୁଝର ଯିବାକୁ ପଡ଼ିବ। ଆଉ ଜଣେ ଦୁଇଜଣ କହିଲେ, ଏଠି ଆଗଭଳି ମେଡିସିନ ମଧ୍ୟ ମିଳୁନାହିଁ ବୋଲି। ଯଦି ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଏଭଳି ଅବସ୍ଥା ତା'ହେଲେ ସାରା ରାଜ୍ୟରେ ଅବସ୍ଥା କ'ଣ ଥିବ ?

**- ଅକ୍ଷୟ ପ୍ରଧାନ, ପ୍ରଗତିଶୀଳ ନାଗରିକ ମଞ୍ଚ ସଭାପତି, ତେଲକୋଇ**



ତେଲକୋଇ ମେଡିକାଲରେ ଶବ ବ୍ୟବଚ୍ଛେଦ ନହେବା ଦୁର୍ଭାଗ୍ୟଜନକ। ଏଥିପାଇଁ ଲୋକେ ହଇରାଣ ହରକତ ହେବାସହ ଖର୍ଚ୍ଚାନ୍ତ ହେବେ। ଆର୍ଥିକ ଅନଗ୍ରସର ଓ ଗରିବ ଲୋକ କେନ୍ଦୁଝର ଯିବା କଷ୍ଟକର ହୋଇପଡିବ। ସେମାନଙ୍କ ମୌଳିକ ସୁବିଧା ପାଇଁ ଯଥାଶୀଘ୍ର ତେଲକୋଇ ମେଡ଼ିକାଲରେ ଶବ ବ୍ୟବଚ୍ଛେଦର ବ୍ୟବସ୍ଥା କରଯାଉ। ଏହା ନ ହେଲେ ମେଡ଼ିକାଲ ସମ୍ମୁଖରେ ସମାଜସେବୀ ହିସାବରେ ଅନଶନରେ ବସିବାକୁ ବାଧ ହେବି।

**-କୈଳାଶ ପ୍ରଧାନ, ସମାଜସେବୀ, ତେଲକୋଇ**



ତେଲକୋଇ ମେଡିକାଲରେ ବିଭିନ୍ନ ସମସ୍ୟା ରହିଛି। ଲୋକେ ହଇରାଣ ହେଉଛନ୍ତି। ତେଲକୋଇ ଅଞ୍ଚଳ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଲୋକଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନୁହେଁ। ଏଥିପ୍ରତି ନିର୍ବାଚିତ ପ୍ରତିନିଧି, ବିଧାୟକ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି। ଏନେଇ ଆମେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବୁ। ସମସ୍ୟାର ସମାଧାନ ନହେଲେ ଆଗାମୀ ଦିନରେ ପ୍ରତିବାଦ ସ୍ୱରୂପ ଆନ୍ଦୋଳନକୁ ଓହ୍ଲେଇବୁ। ସମସ୍ୟା ସମାଧାନ ଦିଗରେ ଆବଶ୍ୟକ କାର୍ଯ୍ୟ କରାଯିବ।

- ଲକ୍ଷ୍ମୀଧର ପ୍ରଧାନ, ନବନିର୍ମାଣ କୃଷକ ସଂଗଠନ ନେତା, ତେଲକୋଇ

## ଆଜିର ରାଶିଫଳ

**ମେଷ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଯାନବାହନ କିଣିବେ। ନିବେଶରୁ ଦୂରେଇ ରୁହନ୍ତୁ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ଚାକିରିରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଆର୍ଥିକ ମାମଲାରେ ସୁଧାର ଆସିବ। ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିବେ। ଅଫିସ୍ କାମ ପାଇଁ ଦୂରଯାତ୍ରା କରିପାରନ୍ତି। ଦାନଧର୍ମ କରନ୍ତୁ। ମହିଳାମାନେ ଘରକାମରେ ବ୍ୟସ୍ତ ରହିବେ।

## ଆଜିର ଦିନରେ

- ୧୯୦୬-ଚୀନ୍ ଅଫିମ ବ୍ୟବସାୟ ଉପରେ ରୋକ୍ ଲଗାଗଲା।
- ୧୯୪୭-ସ୍ୱାଧୀନତା ପରେ ଦେଶରେ ପ୍ରଥମ ଥର ଡାକଟିକଟ ଜାରି କରାଗଲା।
- ୧୯୭୦- ଭାରତର ପ୍ରସିଦ୍ଧ ବୈଜ୍ଞାନିକ ଚନ୍ଦ୍ରଶେଖର ଭେଙ୍କଟରମଣଙ୍କ ଦେହାନ୍ତ।
- ୧୯୯୯- ଚୀନ୍ ପ୍ରଥମ ମାନବ ରହିତ ମହାକାଶଯାନ 'ଶେନ୍‌ଝୁ'କୁ ପ୍ରକ୍ଷେପଣ କଲା।



## ବିଶ୍ୱ ଟେଲିଭିଜନ ଦିବସ

ଆଜି ବିଶ୍ୱ ଟେଲିଭିଜନ ଦିବସ। କଳାଧଳା ଯୁଗରୁ ଆରମ୍ଭ ହୋଇଥିବା ଟେଲିଭିଜନ ଏବେ ସ୍ମାର୍ଟ ଟିଭିରେ ପହଞ୍ଚିଲାଣି। ମନୋରଞ୍ଜନର ଏକ ପ୍ରମୁଖ ଅଂଶ ଟେଲିଭିଜନର ଗୁରୁତ୍ୱ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିବା ନିମନ୍ତେ ପ୍ରତିବର୍ଷ ନଭେମ୍ବର ୨୧ ତାରିଖକୁ ବିଶ୍ୱ ଟେଲିଭିଜନ ଦିବସ ଭାବେ ପାଳନ କରାଯାଏ। ୧୯୯୬ ମସିହା ନଭେମ୍ବର ୨୧ ଓ ୨୨ ତାରିଖ ଦିନ, ବିଶ୍ୱର ପ୍ରଥମ ଟେଲିଭିଜନ ଫୋରମ୍ ଆୟୋଜନ କରାଯାଇଥିଲା। ପରେ ଜାତିସଂଘ ସାଧାରଣ ପରିଷଦ ସେହି ବର୍ଷ ଡିସେମ୍ବର ୧୭ ତାରିଖରେ, ୨୧ ନଭେମ୍ବରକୁ ବିଶ୍ୱ ଟେଲିଭିଜନ ଦିବସ ଭାବେ ପାଳନ ପାଇଁ ଘୋଷଣା କରିଥିଲା। ଜାତିସଂଘ ଏହାର ସଦସ୍ୟ ରାଷ୍ଟ୍ରଙ୍କୁ ଆମନ୍ତ୍ରଣ କରି ବିଶ୍ୱର ସବୁଦେଶ ମଧ୍ୟରେ ଟେଲିଭିଜନ କାର୍ଯ୍ୟକ୍ରମର ଆଦାନପ୍ରଦାନକୁ ପ୍ରୋତ୍ସାହିତ କରିବା ସହ ଏହା ମାଧ୍ୟମରେ କିପରି ବିଶ୍ୱର ଅର୍ଥନୀତି, ସୁରକ୍ଷା, ସାମାଜିକ ବିକାଶ, ଶାନ୍ତି ଓ ସାଂସ୍କୃତିକ ପରିବର୍ତ୍ତନକୁ ଆଗକୁ ନେଇହେବ, ତା'ଉପରେ ଗୁରୁତ୍ୱାରୋପ କରିଥିଲା। ସେବେଠାରୁ ବିଶ୍ୱ ଟେଲିଭିଜନ ଦିବସ ଅବସରରେ ଏହି ସବୁ ଲକ୍ଷ୍ୟ ପୂରଣ ନିମନ୍ତେ ଟେଲିଭିଜନ କେତେ ସକ୍ଷମ ହୋଇ ପାରିଛି, ତା'ର ସମୀକ୍ଷା କରାଯାଏ। ଟେଲିଭିଜନ ରେଡିଓର ଏକ ବିକଶିତ ରୂପ କହିଲେ କିଛି ଭୁଲ୍ ହେବ ନାହିଁ। ଭାରତରେ ପ୍ରଥମେ ଦୂରଦର୍ଶନ ଆକାଶବାଣୀ ସହିତ ସଂଲଗ୍ନ ଥିଲା, ଅବଶ୍ୟ ପରେ ଏହା ଅଲଗା ହୋଇଯାଇଥିଲା। ଟେଲିଭିଜନ ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ ବିଶ୍ୱରେ ଯେଉଁ ସମସ୍ୟା ଲୋକମାନଙ୍କୁ ବେଶି ପ୍ରଭାବିତ କରୁଛି, ତାହାକୁ ଟେଲିଭିଜନ ଦ୍ୱାରା କିପରି ଦୂର କରାଯାଇପାରିବ, ତାହା ଏହି ଦିବସର ଲକ୍ଷ୍ୟ ଭାବେ ଗ୍ରହଣ କରାଯାଇଛି। ଟେଲିଭିଜନ ଏକ ଗଣମାଧ୍ୟମ, ଯାହା ମନୋରଞ୍ଜନ, ଶିକ୍ଷା, ରାଜନୀତି, ସ୍ୱାସ୍ଥ୍ୟ, ଦେଶ ବିଦେଶର ଘଟଣାବଳୀ ବିଷୟରେ ଲୋକଙ୍କୁ ଅବଗତ କରାଇଥାଏ। ୧୯୨୪ ମସିହାରେ ଜନ୍ ଲୋଜି ବଏଡ୍ ଟେଲିଭିଜନର ଉଦ୍ଭାବନ କରିଥିଲେ। ତାପରେ ଏହାର ବହୁ ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲା। ଆମ ଦେଶରେ ଟେଲିଭିଜନ ବା ଟିଭି ଏକ ଉପକରଣ ନୁହେଁ, ମନୋରଞ୍ଜନର ଏକ ବଳିଷ୍ଠ ମାଧ୍ୟମ। ଯେତେବେଳେ ମୋବାଇଲ୍ ଓ ଇଣ୍ଟରନେଟ୍ ବ୍ୟବସ୍ଥା ନ ଥିଲା, ଯାହା ଘରକୁ ଟିଭି ଆସୁଥିଲା, କେବଳ ପାଖ ପଡ଼ୋଶୀ ନୁହଁନ୍ତି, ଆଖପାଖ ଅଞ୍ଚଳରେ ଲୋକେ ଦେଖିବା ପାଇଁ ପହଞ୍ଚୁଥିଲେ। ଏବେ କିନ୍ତୁ ଘରେ ଘରେ ଟିଭି। ସ୍ମାର୍ଟଫୋନ୍‌ର ଅଭିବୃଦ୍ଧି ଏବେ ଟେଲିଭିଜନର ଲୋକପ୍ରିୟତାକୁ କିଛି ମାତ୍ରାରେ ହ୍ରାସ କରିଛି। ବ୍ୟସ୍ତବହୁଳ ଜୀବନ ଭିତରେ ଲୋକେ ଟିଭି ସାମନାରେ ବସିବାର ସମୟ ପାଉନାହାନ୍ତି। ଏପରିସ୍ଥିତିରେ ଟିଭି ଯୁଗ ଖୁବଶୀଘ୍ର ଶେଷ ହୋଇଯିବ ବୋଲି ଗବେଷକମାନେ ମତ ଦେଇଛନ୍ତି। ଅନ୍ୟପଟେ କରୋନା ସଂକ୍ରମଣ ଏବଂ ଲକ୍‌ଡାଉନ୍‌ରେ ଟିଭି ଦର୍ଶକଙ୍କ ସଂଖ୍ୟା ବଢିଥିବା ଏକ ରିପୋର୍ଟରୁ ଜଣାପଡିଛି। ଆଜି ବି ସାମାଜିକ ଗଣମାଧ୍ୟମର ଭିଡ଼ ମଧ୍ୟରେ ବି ଟିଭି ତାର ଲୋକପ୍ରିୟତା ହରାଇ ନାହିଁ। ଏହି ଦିବସ ପାଳନ ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଗଣମାଧ୍ୟମ ସଂସ୍ଥାଗୁଡ଼ିକରେ ଟେଲିଭିଜନର ବିକାଶ ଯାତ୍ରା ଓ ଡିଜାଟାଲ ଯୁଗରେ ଏହାର ଭବିଷ୍ୟତକୁ ନେଇ କର୍ମଶାଳା ଆୟୋଜନ କରାଯାଏ।



## କାନ୍ଥରେ ଚାଷ

କୃଷି କ୍ଷେତ୍ରରେ ଉନ୍ନତମାନର ଶସ୍ୟ ଉତ୍ପାଦନ ପାଇଁ ଆଧୁନିକ ଶୈଳୀ ସବୁ ଆପଣାଯାଉଛି। ଏହାଦ୍ୱାରା ଅମଳ ଭଲ ହେବା ସହ ଚାଷକାର୍ଯ୍ୟ ସହଜ ହୋଇପାରୁଛି। ଏହି କ୍ରମରେ ଏପରି ଏକ ଦେଶ ରହିଛି, ଯେଉଁଠି ଲୋକେ ଜମି ବଦଳରେ କାନ୍ଥରେ ଚାଷ କରନ୍ତି। ତେବେ ଇସ୍ରାଏଲ୍‌ରେ ଏହି ନିଆରା ଶୈଳୀରେ ଚାଷକାର୍ଯ୍ୟ କରାଯାଉଛି। ଏଠାରେ ଧାନ, ଗହମ ଓ ପନିପରିବା ମଧ୍ୟ ଏହି ପ୍ରକ୍ରିୟାରେ ଚାଷ କରାଯାଉଛି। ଏହି ନିଆରା ଚାଷ ପ୍ରଣାଳୀକୁ ଭର୍ଟିକାଲ ଫାର୍ମି ଅର୍ଥାତ୍ କାନ୍ଥରେ ଚାଷ କରିବା କୁହାଯାଏ। ଏହି ପଦ୍ଧତିରେ ଗଛଗୁଡ଼ିକୁ ଫୁଲକୁଣ୍ଡରେ ଛୋଟ ୟୁନିଟ୍‌ରେ ଲଗାଯାଏ। ଏହାପରେ ଗଛଗୁଡ଼ିକୁ କାନ୍ଥରେ ସେଟ୍ କରାଯାଏ। କାନ୍ଥରୁ ଫୁଲକୁଣ୍ଡଗୁଡ଼ିକ ଯେମିତି ପଡ଼ି ନ ଯାଏ, ସେଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥାଏ। ଅବଶ୍ୟ ଗଛକୁ ଯେମିତି ପାଣି ଓ ଉପଯୁକ୍ତ ପୋଷକତତ୍ତ୍ୱ ମିଳିପାରିବ ସେବ୍ୟବସ୍ଥା ମଧ୍ୟ କରାଯାଇଥାଏ। କିଛି ସମୟ ପାଇଁ ଗଛକୁ କାନ୍ଥରୁ ବାହାର କରାଯାଇଥାଏ ଏବଂ ପୁନର୍ବାର କାନ୍ଥରେ ରଖାଯାଏ। ଇସ୍ରାଏଲରେ ଚାଷଜମିର ଅଭାବ ଦେଖାଯାଏ। ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଲୋକେ ଭର୍ଟିକାଲ ଫାର୍ମି ସାହାଯ୍ୟ ନେଉଛନ୍ତି। ଇସ୍ରାଏଲ୍ ବ୍ୟତୀତ ଏହି ଚାଷ ପଦ୍ଧତି ଆମେରିକା, ଚୀନ୍ ଓ ଇଉରୋପରେ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏହିଭଳି ଉପାୟରେ ଚାଷ କରିବାର ସବୁଠୁ ବଡ଼ ଫାଏଦା ହେଉଛି କାନ୍ଥରେ ଗଛଲତା ରହିବା ଦ୍ୱାରା ଘରର ତାପମାତ୍ରା ବୃଦ୍ଧିପାଏ ନାହିଁ। ଏହାବାଦ୍ ଶବ୍ଦ ପ୍ରଦୂଷଣର ପ୍ରଭାବ ମଧ୍ୟ ହ୍ରାସ ପାଏ। ଏନେଇ ବିଶେଷଜ୍ଞଙ୍କ କହିବାନୁଯାୟୀ, ଆଗାମୀ ଦିନରେ ଚାଷଜମି ନ ଥିବା ଦେଶଗୁଡ଼ିକ ପାଇଁ ଏହା ଗେମ୍ ଚେଞ୍ଜର ସାବ୍ୟସ୍ତ ହେବ।

## ଦୁଇଟି ପାର୍ଟରେ ଆସିବ 'ଧୁରନ୍ଧର'

ବଲିଉଡ୍ ଅଭିନେତା ରଣବୀର ସିଂହଙ୍କ ଫିଲ୍ମ 'ଧୁରନ୍ଧର' ଟ୍ରେଲର୍ ଇତିମଧ୍ୟରେ ରିଲିଜ୍ ହୋଇଛି। ଆଦିତ୍ୟ ଧର ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଫିଲ୍ମର ଟ୍ରେଲର୍ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି। ରଣବୀରଙ୍କର ଜବରଦସ୍ତ ଲୁକ୍ ଓ ଆକ୍ସନ୍ ଦର୍ଶକଙ୍କ ମନ ଜିଣିଛି। ଏହି ଫିଲ୍ମ ପାଇଁ ରଣବୀର ୩୦ରୁ ୪୦ କୋଟି ନେଇଥିବା ଚର୍ଚ୍ଚା ହେଉଛି। ଏଥିରେ ଲିଡ୍ ରୋଲରେ ରଣବୀର ସିଂହ, ସାରା ଅର୍ଜୁନ୍, ସଞ୍ଜୟ ଦତ୍ତ, ଅକ୍ଷୟ ଖାନ୍ନା, ଅର୍ଜୁନ୍ ରାମପାଲ, ଆର୍ ମାଧବନ୍ ଦେଖାଯିବେ। ଏହା ଡିସେମ୍ବର ୫ରେ ମୁକ୍ତିଲାଭ କରିବ। ଫିଲ୍ମର କାହାଣୀ ଏକ ସିକ୍ରେଟ୍ ମିଶନ ଉପରେ ଆଧାରିତ। ଧୂଆଁଧାର ଆକ୍ସନ, ଜବରଦସ୍ତ ସଂଳାପ ସହ ଦମ୍‌ଦାର୍ ସିନ୍ ଏଥିରେ ଦେଖିବାକୁ ମିଳିବ। ଏହା ଦୁଇଟି ପାର୍ଟରେ ରିଲିଜ୍ ହେବ ବୋଲି ଫିଲ୍ମ ନିର୍ମାତା କହିଛନ୍ତି। ପ୍ରଥମ ପାର୍ଟ ଡିସେମ୍ବର ୫ରେ ଆସିବ ଓ ଦ୍ୱିତୀୟ ପାର୍ଟ ଆସନ୍ତା ବର୍ଷ ଆସିବ। ପ୍ରଥମ ପାର୍ଟର ଶେଷରେ ଦ୍ୱିତୀୟ ପାର୍ଟ କଥା ଘୋଷଣା କରାଯାଇପାରେ ବୋଲି କୁହାଯାଉଛି।






### 'ସକାଳ'ର ସ୍ୱାସ୍ଥ୍ୟ

## ଆଲ୍‌ଫା-ଗାଲ୍-ସିଣ୍ଡ୍ରୋମ



**ଆଲ୍‌ଫା –ଗାଲ୍ ସିଣ୍ଡ୍ରୋମ ଏକ ବିରଳ ଆଲର୍ଜି, ଯାହାକି ଏକ ସ୍ୱତନ୍ତ୍ର ଟିଙ୍କ କାମୁଡ଼ିବା ଓ ରେଡମିଟ୍ ଖାଇବା ଯୋଗୁ ହୋଇଥାଏ। ୨୦୨୪ରେ ନ୍ୟୁ ଜର୍ସିର ଜଣେ ୪୭ ବର୍ଷୀୟ ବ୍ୟକ୍ତି ବର୍ଗର ଖାଇବା ଯୋଗୁ ତାଙ୍କର ମୃତ୍ୟୁ ଘଟିଥିଲା। ନାନା ଗବେଷଣା ପରେ ତାଙ୍କ ମୃତ୍ୟୁର କାରଣ ରେଡ ମିଟ୍ ଆଲର୍ଜି ବୋଲି ଜଣାପଡ଼ିଛି। ଏହାକୁ ଆଲଫା-ଗାଲ୍ ସିଣ୍ଡ୍ରୋମ କୁହାଯାଏ। ତେବେ ଏହି ରୋଗର କାରଣ, ଲକ୍ଷଣ ଏବଂ ପ୍ରତିକାର କ'ଣ ଜାଣିବା।**

ଆଲ୍‌ଫା-ଗାଲ୍ ଏକ କାର୍ବୋହାଇଡ୍ରେଟ୍ ଅଣୁ। ଏହା ସ୍ତନ୍ୟପାୟୀ ପ୍ରାଣୀ (ମାନବ ବ୍ୟତୀତ) ଏବଂ ଏକ ଟିଙ୍କର ଲାଳରୁ ମିଳିଥାଏ। ଏହି ଟିଙ୍କ କାମୁଡିବା ଦ୍ୱାରା ଶରୀରରେ ଆଲର୍ଜି ସୃଷ୍ଟି ହୁଏ। ଏହାକୁ ଆଲଫା-ଗାଲ୍ ଆଲର୍ଜି କୁହାଯାଏ। ଏହା ଏକ ପ୍ରକାରର ଖାଦ୍ୟ ଆଲର୍ଜି। ମୁଖ୍ୟତଃ ରେଡ୍‌ମିଟ (ବିଫ୍, ପର୍କ, ମଟନ) ପ୍ରସ୍ତୁତ ଉତ୍ପାଦ ପ୍ରତି ଏହା ଅଧିକ ପ୍ରତିକ୍ରିୟା କରେ। ଆମେରିକାର ଦକ୍ଷିଣ ପୂର୍ବ ଏବଂ କେନ୍ଦ୍ରୀୟ ଅଞ୍ଚଳରେ ଅଧିକାଂଶ ଏହି ରୋଗରେ ଆକ୍ରାନ୍ତ ହୁଅନ୍ତି। 'ଲୋନ ଷ୍ଟାର' ଟିଙ୍କ କାମୁଡିଲେ ଏହାର ଲାଳର ବିଷାକ୍ତ ମନୁଷ୍ୟ ଶରୀରକୁ ପ୍ରବେଶ କରି ରୋଗପ୍ରତିରୋଧକ ପ୍ରଣାଳୀକୁ ପ୍ରଭାବିତ କରେ। ସେହି ସମୟରେ ଜଣେ ଯଦି ରେଡମିଟ୍ ଖାଆନ୍ତି ଆଲର୍ଜି ପ୍ରତିକ୍ରିୟା ଅଧିକ ହୁଏ।

**ପ୍ରଭାବିତ ହୁଏ ପାଚନପ୍ରଣାଳୀ:** ଏହି ରୋଗରେ ପୀଡ଼ିତଙ୍କ ଶରୀରରେ କିଛି ଲକ୍ଷଣ ଯଥା- ଚର୍ମ ପରିବର୍ତ୍ତନ, ଲାଲ୍ ଲାଲ୍ ପଡ଼ିଯିବା, ଓଠ, ଆଖିପତା, ଗଳା, ଜିଭ କିମ୍ବା ମୁହଁ ଫୁଲିଯିବା, ନିଃଶ୍ୱାସପ୍ରଶ୍ୱାସରେ କଷ୍ଟ, ପେଟ ଯନ୍ତ୍ରଣା, ଝାଡ଼ା, ବାନ୍ତି ଏବଂ ମୁଣ୍ଡବୁଲାଇବା ଲକ୍ଷଣ ଆଦି ଦେଖାଯାଏ। ଏହି ଲକ୍ଷଣ ଦେଖି ଡାକ୍ତରଙ୍କ ପରାମର୍ଶ କ୍ରମେ ରକ୍ତପରୀକ୍ଷା କରାଯାଏ।

**ପ୍ରତିକାର:** ରୋଗୀର ଲକ୍ଷଣ ଆଧାରରେ ଡାକ୍ତର ଚିକିତ୍ସା କରନ୍ତି। ତେଣୁ ରୋଗୀ ରେଡ ମିଟ୍‌ଯୁକ୍ତ ଖାଦ୍ୟ ଖାଇବା ଅନୁଚିତ। ଆଲର୍ଜି ଗମ୍ଭୀର ରୂପ ନେଲେ ଡାକ୍ତର ଆଣ୍ଟି ଆଲର୍ଜିକ ଔଷଧ ଉପଯୋଗ କରନ୍ତି। ଏଥିରୁ ବର୍ତ୍ତିବାକୁ ହେଲେ ଜଙ୍ଗଲ ଅଞ୍ଚଳକୁ ଯିବା ଅନୁଚିତ। ବାହାରକୁ ଯିବା ସମୟରେ ଚର୍ମକୁ ଘୋଡାଇ ରଖିବା ଭଲ। ଆଲର୍ଜି ସୃଷ୍ଟି ହେଉଥିବା ଖାଦ୍ୟ ଛାଡ଼ି ପାରିବେ। ଘରେ ଗୃହପାଳିତ ପ୍ରାଣୀ ଥିଲେ, ନିୟମିତ ବ୍ୟବଧାନରେ ତାଙ୍କ ଶରୀରରେ ଟିଙ୍କ ସଫା କରିବା ଆବଶ୍ୟକ।

## ମସ୍ତିଷ୍କ କର୍କଟ ପାଇଁ ଟିକା

ମସ୍ତିଷ୍କ କର୍କଟ ହେଉଛି ମସ୍ତିଷ୍କ ସମ୍ବନ୍ଧୀୟ ଏକ ରୋଗ। ଏହି କର୍କଟରେ ମସ୍ତିଷ୍କ ମଧ୍ୟରେ ଅସ୍ୱାଭାବିକ କୋଷ ବୃଦ୍ଧି ହୋଇଥାଏ। ଏହାଦ୍ୱାରା ମସ୍ତିଷ୍କ କାର୍ଯ୍ୟକ୍ଷମତା ପ୍ରଭାବିତ ହୁଏ। ଏହାଦ୍ୱାରା ପ୍ରବଳ ମୁଣ୍ଡବିନ୍ଧା, ବାନ୍ତି, ଦୃଷ୍ଟିଶକ୍ତି ହ୍ରାସ ଆଦି ଲକ୍ଷଣ ଦେଖାଯାଏ। ଏହା ପକ୍ଷାଘାତର କାରଣ ସାଜିଥାଏ। ଏହି ରୋଗର ସଫଳ ଚିକିତ୍ସା ପାଇଁ ଶୀଘ୍ର ଚିହ୍ନଟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଡାକ୍ତର ରୋଗର ସ୍ଥିତି ଅନୁସାରେ ଚିକିତ୍ସା ଯୋଗାନ୍ତି। ଜାଣି ଖୁସି ହେବେ ଯେ, ଫ୍ଲୋରିଡା ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ମସ୍ତିଷ୍କ କର୍କଟ (ଗ୍ଲାଓବ୍ଲାଷ୍ଟମା) ଚିକିତ୍ସା ପାଇଁ ଏକ ନୂତନ ଏମ୍‌ଆର୍‌ଏନ୍‌ଏ ଟିକା ବିକଶିତ କରିଛନ୍ତି। ଟିକାର ପ୍ରାରମ୍ଭିକ ପରୀକ୍ଷାରୁ ଉତ୍ସାହଜନକ ପରିଣାମ ଦେଖିବାକୁ ମିଳିଥିଲା। ଟିକାଟି ରୋଗୀର ଟ୍ୟୁମର କୋଷିକାରୁ ମିଳିଥିବା ଏମ୍‌ଆରଏନ୍‌ଏକୁ ଉପଯୋଗ କରି ତିଆରି କରାଯାଇଛି। ଏହା ଶରୀରରେ ପ୍ରତିରକ୍ଷା ପ୍ରଣାଳୀକୁ କର୍କଟ କୋଷକୁ ଚିହ୍ନି ତାକୁ ନଷ୍ଟ କରିବାରେ ସାହାଯ୍ୟ କରିବାକୁ ପୁନଃକାର୍ଯ୍ୟକ୍ଷମ କରିଥାଏ। ପ୍ରଥମେ ମୂଷା ଏବଂ କୁକୁରଙ୍କ ଉପରେ ଏହାର ପରୀକ୍ଷା କରାଯାଇଥିଲା। ଏହି ଟିକାଟି ସେମାନଙ୍କ ମସ୍ତିଷ୍କର ଟ୍ୟୁମରକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଦେଇଥିଲା। ନୂତନ କୋଷ ସୃଷ୍ଟି କରିବାକୁ ଦେଇ ନ ଥିଲା। ଏହି ଟିକା ପାରମ୍ପରିକ ଉପଚାର କେମୋଥେରାପି ଏବଂ ବିକିରଣଠାରୁ ଭିନ୍ନ। ଏଥିରେ ପାର୍ଶ୍ୱପ୍ରତିକ୍ରିୟା କମ୍ ହୋଇଥାଏ। ପ୍ରତିରକ୍ଷା ପ୍ରଣାଳୀକୁ ଦୀର୍ଘ ସମୟ କର୍କଟ ସହିତ ଲଢ଼ିବାରେ ଏହା ସାହାଯ୍ୟ କରେ। ତେବେ ଟିକାଟି ସମସ୍ତ ପରୀକ୍ଷଣରେ ସଫଳ ହେଲେ ଏହା ମସ୍ତିଷ୍କ କର୍କଟ ଚିକିତ୍ସାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ। ଅନ୍ୟପଟେ ଋଷ୍‌ର ବୈଜ୍ଞାନିକମାନେ ଏମ୍‌ଆର୍‌ଏନ୍‌ଏ କୌଶଳରେ ନୂଆ ଟିକା 'ଏଣ୍ଟରୋମିକ୍ସ' ବିକଶିତ କରିଛନ୍ତି। ଏହାର ଡାକ୍ତରୀ ପରୀକ୍ଷଣ ସଫଳ ହୋଇଛି। ଏହି ଟିକା କୋଲନ କର୍କଟ ସମେତ ମସ୍ତିଷ୍କ କର୍କଟ, ଚର୍ମ କର୍କଟ ଚିକିତ୍ସାରେ ପ୍ରଭାବୀ ହେବ।



## କଅଁଳ ବୟସରୁ ପରିପକ୍ୱ

**ଆଧୁନିକ ଜୀବନଶୈଳୀ, ଦୀର୍ଘ ସମୟ ଫୋନ୍ ବ୍ୟବହାର ଆଦି ଅଭ୍ୟାସ ଯୋଗୁଁ ଏବେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ହେଉଛି। ସେଥିରୁ ପ୍ରିକୋସିୟସ୍ ପ୍ୟୁବର୍ଟି ଯୋଗୁଁ ପିଲାମାନେ କଅଁଳ ବୟସରୁ ପରିପକ୍ୱ ହେଉଛନ୍ତି। ମାତ୍ର ୭ରୁ ୮ ବର୍ଷରୁ ପୁଅ ଓ ଝିଅଙ୍କ ଶାରୀରିକ ଓ ମାନସିକ ପରିବର୍ତ୍ତନ ହେଉଛି। ଏହା ପ୍ରାୟତଃ ଅଭିଭାବକଙ୍କ ଚିନ୍ତା ବଢ଼ାଇଛି। ତେଣୁ ଏହି ସମସ୍ୟା କାହିଁକି ହେଉଛି, ଏହାର ସମାଧାନ କ'ଣ ତାହାକୁ ନେଇ ଏହି ଆଲେଖ୍ୟ।**



ଋତୁସ୍ରାବ ମହିଳାଙ୍କର ଏକ ସ୍ୱାଭାବିକ ପ୍ରକ୍ରିୟା। ଏହା ୧୨ରୁ ୧୪ବର୍ଷ ବୟସରେ ଆରମ୍ଭ ହୋଇଯାଏ। ଏବେ କିନ୍ତୁ ୮ରୁ ୯ ବର୍ଷୀୟା ଝିଅମାନେ ଋତୁସ୍ରାବକୁ ସାମ୍ନା କରୁଛନ୍ତି। ଝିଅଙ୍କ ପରି ପୁଅମାନଙ୍କର କମ୍ ବୟସରୁ ଯୌନାଙ୍ଗବୃଦ୍ଧି, ସ୍ୱରରେ ପରିବର୍ତ୍ତନ, ନିଶ ଉଠିବା ଆଦି ଲକ୍ଷଣ ଦେଖାଯାଉଛି। ତେବେ କମ୍ ବୟସରୁ ଏହି ପରିପକ୍ୱତା ସେମାନଙ୍କ ଶାରୀରିକ, ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଛି। ଫଳରେ ସେମାନଙ୍କ ସ୍ୱଭାବ ଚିଡ଼ିଚିଡ଼ା ହେଉଛି।

**ଅନିୟନ୍ତ୍ରିତ ଜୀବନଶୈଳୀ**

ରାସାୟନିକଯୁକ୍ତ ଖାଦ୍ୟ, ଗର୍ଭବସ୍ଥାରୁ ଇଞ୍ଜେକସନ୍ ଏବଂ ଔଷଧ ସେବନ ଅଭ୍ୟାସରୁ ପିଲାମାନେ ଶୀଘ୍ର ରାସାୟନିକ ସମ୍ପର୍କରେ ଆସିଯାଉଛନ୍ତି। ଜନ୍ମ ପରେ ଖାଦ୍ୟଠୁ ନେଇ ଶାରୀରିକ ବୃଦ୍ଧି ପାଇଁ ଖାଦ୍ୟରେ ଗ୍ରୋଥ୍ ହରମୋନ୍ ଉପଯୋଗ ଯୋଗୁଁ ହରମୋନ୍ ଅସନ୍ତୁଳନ ହେଉଛି। ଅଧିକ ଜଙ୍କଫୁଡ ସେବନ ଦ୍ୱାରା କମ୍ ବୟସରୁ ପିଲା ପରିପକ୍ୱ ହେଉଛନ୍ତି।

**ମେଦବହୁଳତା ଏବଂ ଚିନ୍ତା:** ପ୍ରିଜରଭେଟିଭ ଖାଦ୍ୟଗ୍ରହଣ, ଶାରୀରିକ ନିଷ୍କ୍ରିୟତା ଯୋଗୁଁ ପିଲାମାନେ ମେଦବହୁଳତାରେ ପୀଡ଼ିତ ହେଉଛନ୍ତି। ଏହା ଦ୍ୱାରା ଚିନ୍ତା ଓ ଓଜନ ବୃଦ୍ଧି ସମସ୍ୟା ଅଧିକ ବଢ଼ୁଛି। ଏହା ମଧ୍ୟ ପ୍ରିକୋସିୟସ୍ ପ୍ୟୁବର୍ଟିର ମୂଳ କାରଣ।

**କାଳ ସାଜୁଛି ମୋବାଇଲ୍ ଫୋନ୍:** ପଢ଼ାକୁ ନେଇ ଅଧିକାଂଶ ପିଲା ଚାପଗ୍ରସ୍ତ ରହୁଛନ୍ତି। ଘଣ୍ଟା ଘଣ୍ଟା ଡିଜିଟାଲ ସ୍କ୍ରିନ୍ ବ୍ୟବହାର ଯୋଗୁଁ ଫୋନ୍‌ର ନୀଳ ଆଲୋକ ମସ୍ତିଷ୍କକୁ ନିଦ ସଙ୍କେତ ଦିଏ ନାହିଁ। ବିଳମ୍ବିତ ରାତିଯାଏଁ ସେମାନେ ଅନିଦ୍ରା ରହୁଥିବାରୁ ହରମୋନ ଅସନ୍ତୁଳନ ହେଉଛି। ଫଳରେ କମ୍ ବୟସରୁ ପରିପକ୍ୱ ହେଉଛନ୍ତି।

**ଖାଦ୍ୟପେୟରେ ସତର୍କତା:** ପିଲାମାନେ ସନ୍ତୁଳିତ ଖାଦ୍ୟ ସେବନ ସହିତ ବ୍ୟାୟାମ କରିବା ନିତାନ୍ତ ଜରୁରି। ଶୋଇବାର ଘଣ୍ଟାକ ପୂର୍ବରୁ ମୋବାଇଲ୍ ବନ୍ଦ କରିବା ଉଚିତ। ୮ରୁ ୯ ବର୍ଷ ବୟସରେ ପୁଅଝିଅ ପରିପକ୍ୱ ହେଲେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶ ନେବା ନିହାତି ଆବଶ୍ୟକ।

## ରକ୍ତଚାପ ନିୟନ୍ତ୍ରଣକାରୀ ଲାଉ ଜୁସ୍

**ଆୟୁର୍ବେଦରେ ଲାଉର ଅନେକ ଔଷଧୀୟ ଗୁଣ ଭରି ରହିଛି। ଲାଉରୁ ପ୍ରସ୍ତୁତ ଜୁସ୍ ପିଇଲେ ଏହା ଶରୀରରୁ ବିଷାକ୍ତ ତତ୍ତ୍ୱ ବାହାର କରିପାରେ। ଲାଉ ଜୁସ୍‌ରେ ଭିଟାମିନ୍, ମିନେରାଲ ଅନେକ ପୋଷକତତ୍ତ୍ୱ ରହିଛି। ତେଣୁ ନିୟମିତ ରୂପେ ସଠିକ ମାତ୍ରାରେ ଏହାକୁ ସେବନ କଲେ, ଶରୀରର ବିଭିନ୍ନ ରୋଗ ଦୂର ହୋଇପାରେ। ଶୀତଦିନେ ଲାଉ ଜୁସ୍ ପିଇବା ଅତ୍ୟନ୍ତ ହିତକର।**

- ଲାଉରେ ଥିବା ପଟାସିୟମ ରକ୍ତଚାପକୁ ନିୟନ୍ତ୍ରିତ ରଖେ। ପାଚନତନ୍ତ୍ରକୁ ସକ୍ରିୟ ରଖିବାରେ ଏହାର ଭୂମିକା ରହିଛି। ସେହିପରି ଲାଉରେ ଭିଟାମିନ-ସି, ପଟାସିୟମ, ମ୍ୟାଗ୍ନେସିୟମ, ଆଣ୍ଟିଅକ୍ସିଡାଣ୍ଟ ଥିବାରୁ ଏହା ହୃଦୟକୁ ସୁସ୍ଥ ରଖେ। ଶରୀରରେ ଜଳୀୟଅଂଶ ସନ୍ତୁଳିତ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ।
- ମୁଣ୍ଡବିନ୍ଧା ସମସ୍ୟାରୁ ରକ୍ଷା ପାଇବାକୁ ପ୍ରତିଦିନ ଲାଉ ଜୁସ୍ ପିଇବା ହିତକର। ଏହା ଶରୀରରେ ରୋଗପ୍ରତିରୋଧକ ଶକ୍ତି ବଢ଼ାଏ। କେବଳ ସେତିକି ନୁହେଁ, ଏହା ଓଜନ ନିୟନ୍ତ୍ରଣ କରିବାରେ ବିଶେଷ ଭୂମିକା ନିଭାଏ। ସକାଳୁ ଖାଲି ପେଟରେ ଏହି ଜୁସ୍ ପିଇପାରିବେ। ନିୟମିତ ରୂପେ ୧୦୦ରୁ ୧୫୦ ମିଲି ଟଟକା ଲାଉ ଜୁସ୍ ପିଇବାକୁ ପରାମର୍ଶ ଦିଆଯାଏ। ଯଦି କାହାର ସ୍ୱାସ୍ଥ୍ୟ ସମସ୍ୟା ରହିଥାଏ, ସେମାନେ ଡାକ୍ତରଙ୍କ ବିନା ପରାମର୍ଶରେ ଲାଉ ଜୁସ୍ ସେବନ କରିବା ଅନୁଚିତ।



### ଶନିବାରରୁ ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟେଷ୍ଟ

# ଭାରତ ସାମ୍ନାରେ ଚୂଡ଼ାନ୍ତ ଏକାଦଶ ଚୟନ ଦ୍ୱନ୍ଦ୍ୱ

ଗୌହାଟୀ,୨୦।୧୧(ଏଜେନ୍ସି): ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ସ୍ଥାନୀୟ ବର୍ଷାପଡ଼ା ଷ୍ଟାଡିୟମ୍‌ରେ ସିରିଜ୍‌ର ଦ୍ୱିତୀୟ ତଥା ଚୂଡ଼ାନ୍ତ ଟେଷ୍ଟ ମ୍ୟାଚ୍ ଖେଳାଯିବ। ଭାରତର ୨୮ତମ ଟେଷ୍ଟ ଭେନ୍ୟୁଭାବେ ଏଠାରେ ପ୍ରଥମ ଟେଷ୍ଟ ଖେଳାଯିବ। ଆଜି ଖୋଲାଯାଇଥିବା ବର୍ଷାପଡ଼ା ପିଚ୍‌ରେ ପ୍ରବଳ ଘାସ ଥିବାର ଦେଖାଯାଇଛି। କିନ୍ତୁ ଆସନ୍ତାକାଲି ଏହା ନ ଥିବ। ଏହା ସତ୍ତ୍ୱେ ପିଚ୍ କିପରି ବ୍ୟବହାର କରିବ, ଭାରତ କେଉଁଭଳି ପିଚ୍ ପସନ୍ଦ କରିବ ଏହା ଉପରେ ସବୁକିଛି ନିର୍ଭର କରୁଛି। କୋଲକାତାର ଅନ୍‌ଇଭିନ ବାଉନ୍ସ ଓ ଟର୍ଣ୍ଣିଂ ପିଚ୍‌ରେ ଦକ୍ଷିଣ ଆଫ୍ରିକା ବୋଲରଙ୍କ ମୁକାବିଲା କରିପାରିଲା ନାହିଁ। ଏଣୁ ପ୍ରଥମଥର ଟେଷ୍ଟ ମ୍ୟାଚ୍ ଖେଳାଯିବାକୁ ଥିବା ବର୍ଷାପଡ଼ା ଷ୍ଟାଡିୟମ୍‌ର ଭେନ୍ୟୁ କିପରି ହେବ ତାହା ଏବେଠାରୁ କହିବା କଷ୍ଟକର।

ପ୍ରଥମ ଟେଷ୍ଟ ହାରିଯିବା ପରେ ଭାରତୀୟ ଶିବିରରେ ମନ୍ଥନ ପରେ ମନ୍ଥନ ଚାଲିଛି। ବିଚାର ବିମର୍ଷ, ଅଭ୍ୟାସ, ଯୋଜନା ଓ ରଣନୀତିକୁ ନେଇ କ୍ରିକେଟ ମହଲ



ବର୍ଷାପଡ଼ା ଷ୍ଟାଡିୟମରେ ଅପରାହ୍ଣ ୪ଟା ୪୦ ମିନିଟରେ ସ୍ଥିତି

ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି। ବିଶେଷ କରି ଗୌତମ ଗମ୍ଭୀରଙ୍କ ପ୍ରଶିକ୍ଷଣରେ ଭାରତ ୨ଟି ଟେଷ୍ଟ ସିରିଜ୍‌ରେ କ୍ଲିନ୍ ସୁଇପ ନ ହେବାକୁ ସମସ୍ତେ ନିଶ୍ଚିତ ଚେଷ୍ଟା କରିବେ। କିନ୍ତୁ ଏଥିଲାଗି କେଉଁ ରଣନୀତି ଗ୍ରହଣ କରାଯିବ, କିଭଳି ପିଚ୍ ରହିବ ଓ କେଉଁ ଖେଳାଳିଙ୍କୁ ଦଳରେ ସାମିଲ କରାଯିବ ଓ କାହାକୁ ବାଦ୍ ଦିଆଯିବ ତାହାକୁ ନେଇ ଟିମ୍ ମ୍ୟାନେଜ୍‌ମେଣ୍ଟ ଦ୍ୱନ୍ଦ୍ୱରେ ପଡ଼ିଛି। ଏହା ସତ ଯେ, ଆହତ ଅଧିନାୟକ ଶୁବମନ ଗିଲଙ୍କ ଖେଳିବା ଉପରେ ଟିମ୍ ମ୍ୟାନେଜମେଣ୍ଟ ଶେଷ ମୁହୂର୍ତ୍ତଯାଏ ଅପେକ୍ଷା କରିବ। ମେଡିକାଲ ଟିମ୍‌ର ସାର୍ଟିଫିକେଟ ଏବଂ ଗିଲ ନିଜେ ସହଜ ଅନୁଭବ କଲେ ଖେଳିବେ କି ନାହିଁ ସ୍ଥିର ହେବ। ଟିମ୍ ମ୍ୟାନେଜମେଣ୍ଟ ବିଶ୍ୱସ୍ତସୂତ୍ରରୁ ଜଣାଯାଇଛି, ଗିଲ୍‌ଙ୍କୁ ଦ୍ୱିତୀୟ ଟେଷ୍ଟରେ ଖେଳିବାକୁ ସୁଯୋଗ ଦିଆଯିବ ନାହିଁ। ଶନିବାର ଖେଳ ଆରମ୍ଭ ହେବା ପରେ ତାଙ୍କୁ ନିଜ ଘରକୁ କିମ୍ବା ବେଙ୍ଗାଲୁରୁ ପଠାଇଦିଆଯିବ। ସେଠାରେ ତାଙ୍କର ଚିକିତ୍ସା ହେବ ଓ ନଭେମ୍ବର ୩୦ ତାରିଖରୁ ଆରମ୍ଭ ହେବାକୁ ଥିବା ଦିନିକିଆ ସିରିଜ୍ ଲାଗି ସେ ଫିଟ୍ ହୁଅନ୍ତୁ ବୋଲି ଟିମ୍ ମ୍ୟାନେଜମେଣ୍ଟ ଆଶା ରଖୁଛି।

ଗିଲଙ୍କ ଯଦି ଦ୍ୱିତୀୟ ଟେଷ୍ଟ ନ ଖେଳିବେ ତେବେ ଉପଅଧିନାୟକ ତଥା ୱିକେଟରକ୍ଷକ ଋଷଭ ପନ୍ତ୍ ଦଳର ନେତୃତ୍ୱନେବେ। କିନ୍ତୁ ତାଙ୍କ ଅନୁପସ୍ଥିତିରେ ଭାରତର ଚୂଡ଼ାନ୍ତ ଏକାଦଶ ଚୟନକୁ ନେଇ ଅଡୁଆ ସ୍ଥିତି ସୃଷ୍ଟି ହୋଇଛି। ବର୍ଷାପଡ଼ାରେ ଭାରତ ତାଙ୍କ ସ୍ଥାନରେ କାହାକୁ ଖେଳାଇବ ତାହାକୁ ନେଇ ମ୍ୟାନେଜମେଣ୍ଟ ଦ୍ୱନ୍ଦ୍ୱରେ। ଗତ କିଛିଦିନ ଯେପରି ସାଇ ସୁଦର୍ଶନଙ୍କୁ ପ୍ରୋଜେକ୍ଟ କରାଯାଉଛି, ସେଥିରୁ ଜଣାଯାଉଛି ଗିଲ୍‌ଙ୍କ ସ୍ଥାନ ସେ ପୂରଣ କରିବେ। ଅର୍ଥାତ୍ ୱାଶିଂଟନ ସୁନ୍ଦର ପୂର୍ବପରି ନଂ-୩ରେ ବ୍ୟାଟିଂ କରିବେ ଓ ତାଙ୍କ ପରେ ସୁଦର୍ଶନ ଆସିବେ। ସେହିପରି କୋଲକାତାରେ ବିଶେଷ ପ୍ରଭାବ ପକାଇପାରି ନ ଥିବା ସ୍ପିନ୍ ଅଲରାଉଣ୍ଡର ଅକ୍ଷର ପଟେଲଙ୍କୁ ଦ୍ୱିତୀୟ ଟେଷ୍ଟରୁ ବାଦ୍ ଦେବାର ଆଶଙ୍କା ରହିଛି। ଏପରି ହେଲେ ପେସ୍ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀଙ୍କୁ ଦଳରେ ସାମିଲ କରାଯିବ। ଦକ୍ଷିଣ ଆଫ୍ରିକା-ଏ’ ବିପକ୍ଷ ଦିନିକିଆ ସିରିଜ୍ ଖେଳୁଥିଲାବେଳେ ନୀତୀଶଙ୍କୁ ଦଳକୁ ଫେରାଇ ଅଣାଯାଇଛି। ତାଙ୍କୁ ଦ୍ୱିତୀୟ ଟେଷ୍ଟରେ ସାମିଲ କରିବାର ଯଥେଷ୍ଟ ସମ୍ଭାବନା ରହିଛି।

**ଦ୍ୱିତୀୟ ଟେଷ୍ଟର ଖେଳ ସମୟ**

| | |
|---|---|
| ପ୍ରଥମ ସେସନ | ସକାଳ ୯ଟାରୁ ୧୧ଟା |
| ଟି (ଚା’ ପାନ) | ୧୧ଟାରୁ ୧୧ଟା ୨୦ମିନିଟ୍ |
| ଦ୍ୱିତୀୟ ସେସନ | ପୂର୍ବାହ୍ଣ ୧୧.୨୦ରୁ ୧.୨୦ |
| ଲଞ୍ଚ୍ (ମଧ୍ୟାହ୍ନ ଭୋଜନ) | ଅପରାହ୍ଣ ୧.୨୦ରୁ ୨ଟା |
| ତୃତୀୟ ସେସନ | ଅପରାହ୍ଣ ୨ଟାରୁ ୪ଟା |

### ଆଜିଠୁ ଆସେସ୍ ସିରିଜ

## ଟ୍ରଫି ବଜାୟ ଲକ୍ଷ୍ୟରେ ଅଷ୍ଟ୍ରେଲିଆ

ପର୍ଥ, ୨୦।୧୧ (ଏଜେନ୍ସି): ଟେଷ୍ଟ କ୍ରିକେଟ୍ ଇତିହାସର ସବୁଠୁ ପୁରୁଣା ଓ ସମ୍ମାନଜନକ ସିରିଜ ‘ଦି ଆସେସ୍’ର ୭୪ତମ ସଂସ୍କରଣ ଶୁକ୍ରବାରଠାରୁ ଘରୋଇ

**ଆଜିଠୁ ପ୍ରଥମ ଟେଷ୍ଟ**
**ଆରମ୍ଭ: ସକାଳ ୭ଟା ୫୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ**

ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ଆରମ୍ଭ ହେବାକୁଯାଉଛି। ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଏହି ଟେଷ୍ଟ ସିରିଜର ପ୍ରଥମ ମୁକାବିଲା ପର୍ଥ ଷ୍ଟାଡିୟମରେ ଖେଳାଯିବ। ଅଭିଜ୍ଞ ଅଲ୍‌ରାଉଣ୍ଡର ବେନ୍ ଷ୍ଟୋକ୍ସ ଭ୍ରମଣକାରୀ ଇଂଲଣ୍ଡ ଦଳର ନେତୃତ୍ୱ ନେଉଛନ୍ତି। ଦଳରେ ଜୋ ରୁଟ୍, ଓଲି ପୋପ୍, ବେନ୍ ଡକେଟ୍, ହ୍ୟାରୀ ବ୍ରୁକ୍, ଜୋଫ୍ରା ଆର୍ଚର, ମାର୍କ ଉଡ୍‌ଙ୍କ ଭଳି ଅଭିଜ୍ଞ ଖେଳାଳି ରହିଛନ୍ତି। ଇଂଲଣ୍ଡ ଦୀର୍ଘ ୧୦ ବର୍ଷର ବ୍ୟବଧାନ ପରେ ଆସେସ୍ ସିରିଜ ବିଜୟୀ ହେବାକୁ ଲକ୍ଷ୍ୟ ରଖିଛି। ଅପରପକ୍ଷରେ ଷ୍ଟିଭ ସ୍ମିଥଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ଘରୋଇ ମାଟିରେ କୌଣସି ସୁଯୋଗ ନ ଦେଇ ସିରିଜ ବଜାୟ ରଖିବା ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇବ। ସ୍ମିଥଙ୍କ ସମେତ ମାର୍ନସ ଲାବୁଶେନ, ଟ୍ରାଭିସ ହେଡ,



ମିଚେଲ ଷ୍ଟାର୍କ, ନାଥନ ଲିୟନଙ୍କ ଭଳି ଅଭିଜ୍ଞ ଖେଳାଳି ଇଂଲଣ୍ଡକୁ କଡ଼ା ଟକ୍କର ଦେବାକୁ ଲକ୍ଷ୍ୟ ରଖିଛନ୍ତି।

**ଆସେସ୍‌ରେ ଆଜିଯାଏ**

| | |
|---|---|
| ପ୍ରଥମ ସିରିଜ: | ୧୮୭୬-୭୭ |
| ମୋଟ୍ ସିରିଜ: | ୭୩ |
| ଅଷ୍ଟ୍ରେଲିଆ ବିଜୟ: | ୩୪ଥର |
| ଇଂଲଣ୍ଡ ବିଜୟ: | ୩୨ଥର |
| ଡ୍ର: | ୭ଥର |
| ମୋଟ୍ ଟେଷ୍ଟ ମ୍ୟାଚ୍: | ୩୪୦ଟି |
| ଅଷ୍ଟ୍ରେଲିଆ ଜିତିଛି: | ୧୪୦ଟି |
| ଇଂଲଣ୍ଡ ଜିତିଛି: | ୧୦୮ଟି |

## ଏଏଫ୍‌ଆଇରେ ଜିଏସ୍ ପଟ୍ଟନାୟକଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦ

ଭୁବନେଶ୍ୱର, ୨୦।୧୧ (ସମିସ): ଓଡ଼ିଶା ଆଥ୍‌ଲେଟିକ୍ସ ଆସୋସିଏସନ (ଓଏଏ)ର ସଭାପତି ଜିଏସ୍ ପଟ୍ଟନାୟକଙ୍କୁ ଜାତୀୟ ସଂଘରେ ଏକ ବଡ଼ ଦାୟିତ୍ୱ ମିଳିଛି। ସେ ଆଥଲେଟିକ୍ସ ଫେଡେରେସନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ)ର ଅଫିସିଏଟିଂ ସେକ୍ରେଟାରୀ (କାର୍ଯ୍ୟାଳୟ ପରିଚାଳନା ସମ୍ପାଦକ) ଭାବେ ମନୋନୀତ ହୋଇଛନ୍ତି। ପୂର୍ବରୁ ସେ ଏଏଫ୍‌ଆଇର ବରିଷ୍ଠ ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇ ଦାୟିତ୍ୱ ତୁଲାଉଥିଲେ। ଓଡ଼ିଶା ଇତିହାସରେ ଶ୍ରୀ ପଟ୍ଟନାୟକ ପ୍ରଥମ ବ୍ୟକ୍ତି ଭାବେ ଏଏଫ୍‌ଆଇର କାର୍ଯ୍ୟନିର୍ବାହୀ ସମ୍ପାଦକ ପଦ ମଣ୍ଡନ କରିଛନ୍ତି। ଏହି ଅବସରରେ ଓଏଏର ଚେୟାରମ୍ୟାନ ଆଶୀର୍ବାଦ ବେହେରା, ସମ୍ପାଦକ ଅଭିଜିତ୍ ପାଲ୍‌ଙ୍କ ସମେତ ଅନ୍ୟ ସମସ୍ତ କର୍ମକର୍ତ୍ତା ଜିଏସ୍ ପଟ୍ଟନାୟକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



### ଅଲ୍‌ଓଡ଼ିଶା ବିଲିୟାର୍ଡ୍ସ ଓ ସ୍ନୁକର

## ବିଶେଷଙ୍କୁ ହ୍ୟାଟ୍ରିକ୍ ଟାଇଟଲ୍

ଭୁବନେଶ୍ୱର,୨୦।୧୧(ସମିସ): ପୂର୍ବତନ ଜାତୀୟ ବିଲିୟାର୍ଡ୍ସ ରନର୍ସ ଅପ୍ କୁନାଲ ଅଗରୱାଲଙ୍କୁ ଗତକାଲି ସିନିଅର ବିଲିୟାର୍ଡସରେ ହରାଇ ୧୫ ବର୍ଷୀୟ ରାଜ୍ୟ ଜୁନିଅର ବିଲିୟାର୍ଡ୍ସ ଚାମ୍ପିଅନ୍ ବିଶେଷ ସିଂଘାଲ ଜୁନିଅର ସ୍ନୁକରରେ ହ୍ୟାଟ୍ରିକ୍ ଟାଇଟଲ ଅର୍ଜନ କରିଛନ୍ତି। ଆଜି ଅନୁଷ୍ଠିତ ଫାଇନାଲରେ ବିଶେଷ ୨-୦ ଫ୍ରେମ୍‌ରେ ସାଇ ସଙ୍କଳ୍ପଙ୍କୁ ପରାସ୍ତ କରି କ୍ରମାଗତ ତୃତୀୟ ଟାଇଟଲ କବ୍‌ଜା କରିଥିଲେ। ସିନିଅର ସ୍ନୁକର ବିଭାଗରେ ସୁବ୍ରତ ଦାସ, ଆଶୁତୋଷ ପାଢ଼ୀ, ଅନୁଜ ପଣ୍ଡା ଓ ସୁଦୀପ୍ତ ଦାଶ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।



## ୱାର୍ଲ୍ଡ ବକ୍ସିଂ କପ୍: ୪ ଭାରତୀୟ ମହିଳାଙ୍କୁ ସ୍ୱର୍ଣ୍ଣ

ନୂଆଦିଲ୍ଲୀ,୨୦।୧୧(ଏଜେନ୍ସି): ୱାର୍ଲ୍ଡ ବକ୍ସିଂ କପ୍‌ରେ ଭାରତୀୟ ମହିଳା ୪ଟି ସ୍ୱର୍ଣ୍ଣ ଓ ପୁରୁଷ ପ୍ରତିଯୋଗୀ ୪ଟି ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଗୁରୁବାର ଅନୁଷ୍ଠିତ ଇଭେଣ୍ଟରେ ମହିଳା ବିଭାଗ ୪୮ କେଜିରେ ମିନାକ୍ଷୀ, ୫୪ କେଜିରେ ପ୍ରୀତି, ୭୦ କେଜିରେ ଅରୁନ୍ଧତି ଓ ୮୦ରୁ ଉର୍ଦ୍ଧ୍ୱ କେଜିରେ ନୁପୁର ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ପୁରୁଷ ବିଭାଗରେ ଯଦୁମଣି ସିଂ, ପୱନ ବାର୍ତ୍ତୱାଲ, ଅବିନାଶ ଜାମୱାଲ୍ ଓ ଅଙ୍କୁଶ ପାଙ୍ଘଲ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଯସ୍ମିନ୍ ଲାମ୍ବୋରିଆ, ନିଖତ ଜରୀନ୍, ହିତେଶ ଗୁଲିଆ ଫାଇନାଲରେ ପ୍ରବେଶ କରିଛନ୍ତି।

## ଡିସେମ୍ବର ୨୮ରୁ ମହିଳା, ଜାନୁଆରୀ ୩ରୁ ପୁରୁଷ ହକି ଇଣ୍ଡିଆ ଲିଗ୍

ନୂଆଦିଲ୍ଲୀ, ୨୦।୧୧ (ଏଜେନ୍ସି): ହକି ଇଣ୍ଡିଆ ଲିଗ୍ ପୁଣିଥରେ ଫେରୁଛି। ହକି ଇଣ୍ଡିଆ ପକ୍ଷରୁ ରାଞ୍ଚିରେ ଡିସେମ୍ବର ୨୮ରୁ ଜାନୁଆରୀ ୧୦ ଯାଏ ମହିଳା ଲିଗ୍ ଏବଂ ଚେନ୍ନଇ, ରାଞ୍ଚି ଓ ଭୁବନେଶ୍ୱରରେ ୨୦୨୬ ଜାନୁଆରୀ ୩ରୁ ୨୬ ଯାଏ ପୁରୁଷ ଲିଗ୍ ଖେଳାଯିବାକୁ ସ୍ଥିର ହୋଇଛି। ବିଗ୍ ଇଜ୍ ବ୍ୟାକ୍ ନାମରେ ହକି ଇଣ୍ଡିଆ ଲିଗ୍‌ର ଅଫିସିଆଲ ପ୍ରୋମୋ ଆଜି ଉନ୍ମୋଚିତ ହୋଇଛି। ଏହି ଲୋକପ୍ରିୟ ପ୍ରତିଯୋଗିତା ଲାଗି ହକି ସମର୍ଥକ ପ୍ରସ୍ତୁତ ହୋଇ ରହିଛନ୍ତି।

## ମହିଳା କବାଡ଼ି ବିଶ୍ୱକପ୍: ସେମିରେ ଭାରତ

ଢାକା, ୨୦।୧୧ (ଏଜେନ୍ସି): ଡିଫେଣ୍ଡିଂ ଚାମ୍ପିଅନ ଭାରତୀୟ ଦଳ ଚଳିତ ମହିଳା କବାଡ଼ି ବିଶ୍ୱକପ୍‌ର ଦ୍ୱିତୀୟ ସଂସ୍କରଣରେ ସେମିଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଭାରତୀୟ ମହିଳା ଦଳ ଏହାର ୩ୟ ଗ୍ରୁପ୍ ମ୍ୟାଚରେ ଜର୍ମାନୀକୁ ୬୩-୨୨ ପଏଣ୍ଟରେ ହରାଇଥିଲା। ବିଶ୍ୱକପ୍‌ରେ ଭାରତର ଏହା ହ୍ୟାଟ୍ରିକ ବିଜୟ ଥିଲା। ନଭେମ୍ବର ୨୩ରେ ସେମିଫାଇନାଲ ଖେଳାଯିବ। ଗ୍ରୁପ୍ ପର୍ଯ୍ୟାୟ ଶେଷ ପରେ ଭାରତ ସେମିଫାଇନାଲରେ କାହାକୁ ଭେଟିବ ତାହା ସ୍ପଷ୍ଟ ହେବ। ୨୦୧୨ରେ ଅନୁଷ୍ଠିତ ମହିଳା ବିଶ୍ୱକପ୍‌ର ପ୍ରଥମ ସଂସ୍କରଣରେ ଭାରତ ଚାମ୍ପିଅନ ହୋଇଥିଲା। ଏଥର ମଧ୍ୟ ଦଳ ଟାଇଟଲ୍ ବଜାୟ ରଖିବା ଲକ୍ଷ୍ୟରେ ରହିଛି।

## ଶତକ ଟେଷ୍ଟରେ ଶତକ: ରହିମଙ୍କ ବିରଳ କୀର୍ତ୍ତିମାନ

ମୀରପୁର, ୨୦।୧୧ (ଏଜେନ୍ସି): ବାଂଲାଦେଶର ବରିଷ୍ଠ କ୍ରିକେଟର୍ ମୁସଫିକର ରହିମ ଏକ ବିରଳ କ୍ଲବରେ ସାମିଲ ହୋଇଛନ୍ତି। ବିଶ୍ୱର ୧୧ତମ ବ୍ୟାଟର୍ ଭାବେ ୩୮ ବର୍ଷୀୟ ରହିମ ନିଜର ୧୦୦ତମ ଟେଷ୍ଟ ମ୍ୟାଚରେ ଶତକୀୟ ପାଳି ଖେଳିବାର ସୌଭାଗ୍ୟ ଲାଭ କରିଛନ୍ତି। ଆୟର୍ଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ବାଂଲାଦେଶର ପ୍ରଥମ ପାଳିରେ ରହିମ ୧୦୬ ରନ ସଂଗ୍ରହ କରିଥିଲେ। ରହିମଙ୍କ ଏହା ୧୦୦ତମ ଟେଷ୍ଟ ମ୍ୟାଚ୍ ଥିଲା। ପୂର୍ବରୁ ବିଶ୍ୱର ୧୦ଜଣ କ୍ରିକେଟର୍ ନିଜର ୧୦୦ତମ ଟେଷ୍ଟ ମ୍ୟାଚରେ ଶତକୀୟ ପାଳି ଖେଳିଛନ୍ତି। ସେମାନେ ହେଲେ ଇଂଲଣ୍ଡର କଲିନ କାଓଡ୍ରେ, ଜାଭେଦ ମିଆଁଦାଦ, ଗର୍ଡନ ଗ୍ରୀନିଜ୍, ଆଲେକ୍ ଷ୍ଟିୱାର୍ଟ, ଇଞ୍ଜାମାମ-ଉଲ୍-ହକ, ରିକି ପଣ୍ଟିଂ, ଗ୍ରାଏମ ସ୍ମିଥ, ହାସିମ ଅମଲା, ଜୋ ରୁଟ୍, ଡେଭିଡ୍ ୱାର୍ଣ୍ଣର। ଏହି ଟେଷ୍ଟରେ ବାଂଲାଦେଶ ପ୍ରଥମ ଇନିଂସରେ ୪୭୬ ରନରେ ସୀମିତ ରହିଥିଲା। ଜବାବରେ ଆୟର୍ଲାଣ୍ଡ ଗୁରୁବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ୫ ୱିକେଟରେ ୯୮ ରନ ସଂଗ୍ରହ କରିଛି।



ସକାଳ THE SAKALA
A Unit of Nandighosha Network Pvt. Ltd.
ନନ୍ଦିଘୋଷ

‘ସକାଳ’ର ପଞ୍ଚମ ସ୍ୱନକ୍ଷତ୍ର ଉପଲକ୍ଷେ ରାଜ୍ୟସ୍ତରୀୟ
ବିତର୍କ ପ୍ରତିଯୋଗିତା ୨୦୨୫
ଭାଷା: ଓଡ଼ିଆ




Presented by:
BHARAT MASALA
The Taste of New India

In Association with:
CBSE-XI & XII SRI VINAYAKA Concept School BHUBANESWAR

ପ୍ରତିଯୋଗିତା ସ୍ଥାନ ଓ ଯୋଗାଯୋଗ ନଂ.

| | | |
|---|---|---|
| ଭୁବନେଶ୍ୱର | ଡ଼ିଏଭି ପବ୍ଲିକ ସ୍କୁଲ୍, ୟୁନିଟ୍-୮, ଭୁବନେଶ୍ୱର | ସୁଧାଂଶୁ ସାହୁ - ୭୩୭୧୬୯୪୧୪୨ |
| ଖୋର୍ଦ୍ଧା | ସିଗମା ପବ୍ଲିକ ସ୍କୁଲ, ଖୋର୍ଦ୍ଧା | ରଞ୍ଜିତ କେଏନ୍ ସାମନ୍ତରାୟ - ୯୪୩୭୪୫୬୫୬୬ |
| ନୟାଗଡ଼ | ସାମ୍ବାଦିକ ଭବନ, ନୟାଗଡ଼ | ଅନିଲ କୁମାର ପଣ୍ଡା - ୭୩୭୭୭୧୦୦୯୭ |
| ଅନୁଗୋଳ | ରୋଟାରୀ ପବ୍ଲିକ ସ୍କୁଲ, ଅନୁଗୋଳ | ସଂଗ୍ରାମ ଦାସ - ୯୪୩୯୦୧୬୦୧୯ |
| ପୁରୀ | କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସଦାଶିବ ପରିସର, ପୁରୀ | ହେମନ୍ତ କୁମାର ନାୟକ - ୯୯୩୭୫୫୧୭୭୯ |
| କଟକ | ସାରଳା ଭବନ ,ବିଜୁ ପଟ୍ଟନାୟକ ଛକ, ତୁଳସିପୁର, କଟକ | ଭକ୍ତି ଭୂଷଣ ମହାନ୍ତି - ୯୩୩୮୧୦୧୦୮୩ |
| ଢେଙ୍କାନାଳ | ଢେଙ୍କାନାଳ, ସିନର୍ଜି ଇଞ୍ଜିନିରିଂ ବୈଷିକ ମହାବିଦ୍ୟାଳୟ | ସୟେଦ ଇମତିଆଜ୍ ହୁସେନ୍ - ୯୪୩୭୦୭୪୦୩୩ |
| ମୟୂରଭଞ୍ଜ | ସାଇଆଦର୍ଶ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ରଘୁନାଥପୁର ବାରିପଦା | ମନୋଜ କୁମାର ପଣ୍ଡା - ୯୪୩୮୨୪୮୪୯୧ |
| ଗଜପତି | ମହେନ୍ଦ୍ରଗିରି ପୌର ସରକାରୀ ଉଚ୍ଚ ବିଦ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି | ରଶ୍ମି ରଞ୍ଜନ ମିଶ୍ର-୯୪୩୭୧୪୦୦୦୨ |
| ଗଞ୍ଜାମ | ସହିଦ ଲକ୍ଷ୍ମଣ ନାୟକ ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ, କୋର୍ଟପେଟା, ବ୍ରହ୍ମପୁର | କ୍ଷୀରସିନ୍ଧୁ ମହାନ୍ତି - ୭୭୪୯୮୧୧୭୦୩ |
| କନ୍ଧମାଳ | ଡିଆଇପିଆରଓ କନଫରେନ୍ସ ହଲ, ଫୁଲବାଣୀ, କନ୍ଧମାଳ | ସଞ୍ଜୟ ପାତ୍ର - ୭୦୦୮୬୨୫୭୧୯ |
| କେନ୍ଦ୍ରାପଡା | ସେଣ୍ଟ ଜାଭିୟର ହାଇସ୍କୁଲ, ଗୋପ, କେନ୍ଦ୍ରାପଡା | ଦେବଦତ୍ତ ଦାଶ - ୯୯୩୭୨୨୨୯୯୪ |
| ଜଗତସିଂହପୁର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତସିଂହପୁର | ଶଶାଙ୍କ ଶେଖର ପଣ୍ଡା - ୯୮୬୧୩୩୭୯୮୨ |
| ଯାଜପୁର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଯାଜପୁର | ସନ୍ଦିପ୍ତ ରାୟ - ୯୪୩୯୪୯୭୬୪୫ |
| ବାଲେଶ୍ୱର | ସକାଳ-ନନ୍ଦିଘୋଷ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ପଢୁଆଁପଦା, ପ୍ରୁଫ ରୋଡ, ବାଲେଶ୍ୱର | ଅସୀମ ମହାପାତ୍ର - ୯୪୩୯୪୫୨୧୮ |
| ଭଦ୍ରକ | ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟ (ପୁରୁଣା ସରକାରୀ ବାଳିକା ବିଦ୍ୟାଳୟ), ଭଦ୍ରକ | ଉମାକଲ୍ୟାଣ ମହାପାତ୍ର - ୯୦୯୦୯୦୪୦୭୭ |
| କେନ୍ଦୁଝର | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦୀର ବଣିଆପାଟ, କେନ୍ଦୁଝର (ଲର୍ଡ଼ ଜଗନ୍ନାଥ ସାଇନ୍ସ କଲେଜ ସମ୍ମୁଖ, କଲେଜ ରୋଡ଼) | ଶରତ ଦାସ - ୬୩୭୧୧୨୨୦୫୫ |

୨୩ ନଭେମ୍ବର ୨୦୨୫ । ରବିବାର

ଜୁନିୟର: ହାଇସ୍କୁଲ ଛାତ୍ରଛାତ୍ରୀ
ସିନିୟର: କଲେଜ / ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ

ପ୍ରାରମ୍ଭିକ ବିତର୍କ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯିବ।
ଭାଗ ନେଉଥିବା ସମସ୍ତ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ୍ ଅଫ୍ ପାର୍ଟିସିପେସନ୍ ପ୍ରଦାନ କରାଯିବ।

ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରର ପ୍ରତିଯୋଗିତା ପାଇଁ ଭୁବନେଶ୍ୱର ଡକାଯିବ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS